DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୫/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 15/2024 Page 16 ₹ 7.00 | BALASORE

୫୦ଶ ଭାଗ ୨୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 292 ମୂଲ୍ୟ ₹୭/-






**ହରମନପ୍ରୀତଙ୍କ ଡବଲ ଗୋଲ୍**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ପାକିସ୍ତାନ ବିପକ୍ଷ ବିଜୟ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଭାରତର ହରମନ୍‌ପ୍ରୀତ୍ ସିଂ। **୧୬**

**୦୨** **ସବୁ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଜରୁରୀ: ଅନନ୍ୟା**

ମଲିଉଡ୍ ପରି ପ୍ରତ୍ୟେକ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଭଳି ପ୍ୟାନେଲ ଆବଶ୍ୟକ ବୋଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ କହିଛନ୍ତି।



ଆଇଏସ୍‌ଏସ୍‌ରୁ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ସହଯାତ୍ରୀ ବୁଚ୍ ୱିଲ୍‌ମୋର ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

# ମହାକାଶରୁ ଭୋଟ ଦେବେ ସୁନୀତା

## ଆଇଏସ୍‌ଏସ୍‌କୁ ସବୁଠୁ ସୁଖଦ ସ୍ଥାନ କହିଲେ

ୱାଶିଂଟନ,୧୪।୯(ପି.ଟି.)

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ରହିବାକୁ ଥିବା ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସହଯାତ୍ରୀ ବୁଚ୍ ୱିଲ୍‌ମୋର ସେଠାରୁ ନଭେମ୍ବର ୫ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାକୁ ଯୋଜନା କରୁଛନ୍ତି। ନାଗରିକ ଭାବେ ଭୋଟ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ତେଣୁ ମହାକାଶରେ ଥାଇ ଭୋଟ ଦେବାକୁ ଆମେ ଚିନ୍ତା କରୁଛୁ ବୋଲି ୫୮ ବର୍ଷୀୟା ସୁନୀତା ଖବରଦାତାମାନଙ୍କୁ କହିଛନ୍ତି।

ଗତ ଜୁନ୍‌ରୁ ଆଇଏସ୍‌ଏସ୍‌ରେ ଅଟକି ରହିଥିବା ସୁନୀତା ଏବଂ ୱିଲ୍‌ମୋର ସେଠାରୁ ଶୁକ୍ରବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀରେ ଭାଗ ନେଇଥିଲେ। ସେମାନଙ୍କୁ ୮ ଦିନିଆ ମିଶନରେ ମହାକାଶ କେନ୍ଦ୍ରକୁ ☞ପୃଷ୍ଠା-୧୧

# ଚାଇନା କମ୍ପାନୀରେ ମାଧବୀଙ୍କ ନିବେଶ

## ସେବି ମୁଖ୍ୟଙ୍କ ବିରୋଧରେ କଂଗ୍ରେସର ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ,୧୪।୯

ଭାରତର ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଓ ତାଙ୍କ ସ୍ୱାମୀ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଜାଲିଆତିରେ ସମ୍ପୃକ୍ତ ଦରିଆପାରି ସଂସ୍ଥାରେ ପୁଞ୍ଜିନିବେଶ କରିଥିବା ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ପ୍ରକାଶ କରିବା ପରେ ତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟେରେଷ୍ଟ ଅଭିଯୋଗ ଆସିବାରେ ଲାଗିଛି। ପଡୋଶୀ ଚାଇନା ସହ ଭାରତର ଭୂରାଜନୈତିକ ଉତ୍ତେଜନା ଲାଗିରହିଥିବାବେଳେ ସେହି ଦେଶର ବିଭିନ୍ନ କମ୍ପାନୀ ସମେତ ଭାରତ ବାହାରେ ମାଧବୀ ବିପୁଳ ପୁଞ୍ଜିନିବେଶ କରିଥିବା କଂଗ୍ରେସ ଶନିବାର ସାନି ଅଭିଯୋଗ ଆଣିଛି। ପ୍ରକାଶିତ ହୋଇ ନ ଥିବା ମୂଲ୍ୟସମ୍ବେଦୀ ସୂଚନା ପାଖରେ ଥାଇ ସେବି ଅଧ୍ୟକ୍ଷା ତାଲିକାଭୁକ୍ତ ସିକ୍ୟୁରିଟିଗୁଡ଼ିକରେ କାରବାର କରୁଥିଲେ ବୋଲି କଂଗ୍ରେସ କହିଛି।

ବରିଷ୍ଠ କଂଗ୍ରେସ ନେତା ପୱନ୍ ଖେରା ଉପରୋକ୍ତ ଅଭିଯୋଗ ଆଣି ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ମାଧବୀ ଭାରତ ବାହାରେ ବିପୁଳ ପୁଞ୍ଜିନିବେଶ କରିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ



ମାଧବୀ ପୁରୀ ବୁଚ୍

ଅବଗତ କି? ଯଦି ହଁ, ତେବେ ନିବେଶ ତାରିଖ ଓ ଏହାକୁ ସର୍ବସାଧାରଣରେ ପ୍ରକାଶ କରିବା ସମୟ କେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଇନା ସହ ଭାରତର ଉତ୍ତେଜନା ଲାଗିରହିଥିବାବେଳେ ସେବି ଅଧ୍ୟକ୍ଷା ସେଠାର କମ୍ପାନୀରେ ପୁଞ୍ଜିନିବେଶ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଅବଗତ କି ବୋଲି ଖେରା ଜାଣିବାକୁ ଚାହିଁଛନ୍ତି।

ସୂଚନାଯୋଗ୍ୟ, ବିରୋଧୀ ଦଳ କ୍ରମାଗତ ଭାବେ ସେବି ଅଧ୍ୟକ୍ଷାଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଆସୁଥିବାବେଳେ ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଆସିଛନ୍ତି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାକୁ ପରାମର୍ଶ ସେବା ଯୋଗାଉଥିବା ଆଗୋରା ଆଡଭାଇଜରି ପ୍ରା. ଲିଃରେ ମାଧବୀଙ୍କର ୯୯ ପ୍ରତିଶତ ଅଂଶଧନ ରହିଥିବା କଂଗ୍ରେସ ଅଭିଯୋଗ କରିଥିବାବେଳେ ☞ପୃଷ୍ଠା-୧୧

# ସୁଭଦ୍ରା: ଆଜି ସୁଦ୍ଧା ଆବେଦନ କରିଥିଲେ ୧୭ରେ ପ୍ରଥମ କିସ୍ତି

ଭୁବନେଶ୍ୱର, ୧୪।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ ଏ ପର୍ଯ୍ୟନ୍ତ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିଥିବାବେଳେ ଆବେଦନକାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆବେଦନ କରିସାରିଥିବା ମହିଳାମାନଙ୍କୁ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** ଏବେ ଅନିଚ୍ଛୁକ







# ମମତାଙ୍କ ଶେଷ ଉଦ୍ୟମ ବିଫଳ

## ବୈଠକର ସିଧା ପ୍ରସାରଣ ଦାବିରେ ଡାକ୍ତର ଅଟଳ



ସ୍ୱାସ୍ଥ୍ୟଭବନ ବାହାରେ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବୋଧନ କରୁଛନ୍ତି।

**କୋଲକାତା,୧୪।୯(ପି.ଟି.)**

ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ମାସେରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାବେଳେ ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ଅପରାହ୍ଣରେ ଅଚାନକ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ଶେଷ ଉଦ୍ୟମ ସ୍ୱରୂପ ମୁଖ୍ୟମନ୍ତ୍ରୀ ସେମାନଙ୍କ ନିକଟରେ ପହଞ୍ଚି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସନ୍ଧ୍ୟାରେ ଡାକ୍ତରମାନଙ୍କର ଏକ ପ୍ରତିନିଧି ଦଳ ଆଲୋଚନା ପାଇଁ ମମତାଙ୍କ କାଳୀଘାଟସ୍ଥିତ ବାସଭବନ ନିକଟରେ ପହଞ୍ଚିଥିଲେ। ତେବେ ସେମାନେ ବୈଠକର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଦାବିରେ ଅଟଳ ରହିବାରୁ ରାତି ୯ଟା ପର୍ଯ୍ୟନ୍ତ ଆଲୋଚନା ଆରମ୍ଭ ହୋଇପାରି ନ ଥିଲା। ତେବେ ଆର୍.ଜି. କର ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ମିଟିଂର ସିଧାପ୍ରସାରଣ ହୋଇପାରିବ ନାହିଁ ବୋଲି ମମତା କହିଥିଲେ।

ଶନିବାର ଆଲୋଚନା ପାଇଁ ଆପଣମାନେ ନିବେଦନ କରିଥିଲେ। ଅନ୍ୟୂନ ଆସି ମୋ ସହ ଚା' ପିଅନ୍ତୁ ବୋଲି ମମତା ଡାକ୍ତରମାନଙ୍କୁ କହିଛନ୍ତି। ସେ ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଡାକ୍ତରମାନେ ଆଲୋଚନା ଚାହୁଁ ନ ଥିବା ଜଣାପଡୁଛି। ରାଜନୀତିକୁ ଭୁଲିଯିବା ପାଇଁ ସେ ଡାକ୍ତରମାନଙ୍କୁ ଅନୁରୋଧ କରିବା ସହ କେବଳ ସୁପ୍ରିମକୋର୍ଟଙ୍କ ଅନୁମତି କ୍ରମେ ବୈଠକର ସିଧା ପ୍ରସାରଣ ହୋଇପାରିବ ବୋଲି ମମତା କହିଛନ୍ତି।

ସଲ୍ଟ ଲେକ୍‌ସ୍ଥିତ ସ୍ୱାସ୍ଥ୍ୟଭବନ ବାହାରେ ଆନ୍ଦୋଳନରତ ଡାକ୍ତରମାନେ 'ଆମେ ନ୍ୟାୟ ଚାହୁଁ' ସ୍ଲୋଗାନ ଦେଉଥିବାବେଳେ ମମତା ଅପରାହ୍ଣରେ ସେମାନଙ୍କ ପାଖରେ ପହଞ୍ଚି କହିଥିଲେ, ମୁଁ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ଆପଣମାନଙ୍କ ଦିଦି ଭାବେ ଏଠାକୁ ଆସିଛି। ଆପଣମାନଙ୍କ ଦାବିକୁ ଅନୁଧ୍ୟାନ କଲା ପରେ ଯଦି କେହି ଦୋଷୀ ହୋଇଥାନ୍ତି, କାର୍ଯ୍ୟାନୁଷ୍ଠାନ ନିଆଯିବ। ଡାକ୍ତରମାନେ କାର୍ଯ୍ୟକୁ ଫେରିବା ପାଇଁ ମମତା ନିବେଦନ କରିବା ସହ ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହେବ ନାହିଁ ବୋଲି କହିଥିଲେ। ଆପଣମାନେ ବର୍ଷା ସତ୍ତ୍ୱେ ରାସ୍ତାରେ ଆନ୍ଦୋଳନରେ ବସିରହିଥିବାରୁ ମୁଁ ରାତିରେ ଶୋଇପାରୁ ନାହିଁ। ସଙ୍କଟର ସମାଧାନ ପାଇଁ ଏହା ତାଙ୍କର ଶେଷ ଉଦ୍ୟମ ବୋଲି ମମତା କହିଥିଲେ। ଗଣତାନ୍ତ୍ରିକ ଆନ୍ଦୋଳନକୁ ଚାପି ଦେବାରେ ବିଶ୍ୱାସ କରୁ ନ ଥିବାରୁ ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଫେରିଯିବା ପରେ ଜୁନିୟର ଡାକ୍ତରମାନେ କହିଛନ୍ତି, ବିନା ଆଲୋଚନାରେ ସେମାନଙ୍କ ଦାବି ଉପରେ କୌଣସି ସାଲିସ୍ ପାଇଁ ସେମାନେ ପ୍ରସ୍ତୁତ ନୁହନ୍ତି। ଡାକ୍ତରମାନେ ମମତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଅଚଳାବସ୍ଥାର ତୁରନ୍ତ ସମାଧାନ ହେବାର କୌଣସି ସୂଚନା ମିଳୁନାହିଁ।

### ସନ୍ଦୀପ୍‌ଙ୍କ ଭିଣୋଇ ଘରୁ ମିଳିଲା ଉତ୍ତର ଖାତା

ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ଜଣେ ସମ୍ପର୍କୀୟଙ୍କ ଘରୁ ମେଡିକାଲ ପରୀକ୍ଷାର ଉତ୍ତର ଖାତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ସନ୍ଦୀପ୍‌ଙ୍କ ଭିଣୋଇ ଘରୁ ଉତ୍ତର ଖାତା ସମେତ ସରକାରୀ ଟେଣ୍ଡରର ନକଲ ଏବଂ ବିଭିନ୍ନ ଦସ୍ତାବିଜ ମିଳିଛି। ଗତ ୬ ତାରିଖରେ ଇଡି ସନ୍ଦୀପ୍‌ଙ୍କ ଭିଣୋଇ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଇ ସେମାନଙ୍କୁ ପରୀକ୍ଷାରେ ଭଲ ଗ୍ରେଡ୍ ଦେଉଥିବା ରାକେଟ୍‌ରେ ସନ୍ଦୀପ୍ ସମ୍ପୃକ୍ତ ବୋଲି ପୂର୍ବରୁ ଜୁନିୟର ଡାକ୍ତରମାନେ ଅଭିଯୋଗ କରିଥିଲେ। ମେଧାବୀ ଛାତ୍ରୀଛାତ୍ର ପରୀକ୍ଷାରେ ବହୁତ ଭଲ କରୁଥିବା ସତ୍ତ୍ୱେ ସେମାନଙ୍କର ମାର୍କ କମ୍ ରହୁଥିଲା। ଟଙ୍କା ନେଇ କଲେଜ କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ଲିକ୍ କରିବା ସହ ଉତ୍ତର ଖାତାରେ ଜାଲିଆତି କରୁଥିଲେ ବୋଲି ସେମାନେ ଅଭିଯୋଗ କରିଥିଲେ। ୬ ତାରିଖରେ ସନ୍ଦୀପ୍‌ଙ୍କ ଚନ୍ଦରନାଗୋରସ୍ଥିତ ଭିଣୋଇ ଘରୁ ଇଡି ଏକ କଳା ଟ୍ରଲି ବ୍ୟାଗ୍ ନେଇଥିଲା, ଯେଉଁଥିରେ ପାଖାପାଖି ୨୦୦ ପୃଷ୍ଠାର ଉତ୍ତର ଖାତା ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

## କେଜ୍‌ରିୱାଲଙ୍କ ଘର ଆଗରେ ବାଣ ଫୁଟାକୁ ନେଇ ଏତଲା

**ନୂଆଦିଲ୍ଲୀ, ୧୪।୯**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନର୍ଥ ଦିଲ୍ଲୀର ସିଭିଲ ଲାଇନ୍ସସ୍ଥିତ ବାସଭବନ ସମ୍ମୁଖରେ ବାଣ ଫୁଟିବା ମାମଲାକୁ ନେଇ ଶନିବାର ପୋଲିସ ନିଜ ଆଡୁ ଏଫ୍‌ଆଇଆର୍ ରୁଜୁ କରିଛି। କେଜରିୱାଲ ତିହାର ଜେଲରୁ ମୁକୁଳିବା ଖୁସିରେ ତାଙ୍କ ବାସଭବନ ସମ୍ମୁଖରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର କାର୍ଯ୍ୟକର୍ତ୍ତା ତଥା କେଜ୍‌ରିୱାଲଙ୍କ ପ୍ରଶଂସକମାନେ ଅନେକ ସମୟ ଧରି ବାଣ ଫୁଟାଇବା ସହ ସେଲିବ୍ରେଶନ କରିଥିଲେ। ତେବେ ଶୀତ ଋତୁରେ ଦେଶର ରାଜଧାନୀର ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବାଣ ବିକ୍ରି, ଉତ୍ପାଦନ ଓ ଏହାର ବ୍ୟବହାର ଉପରେ ସୋମବାର ଦିଲ୍ଲୀ ସରକାର ପ୍ରତିବନ୍ଧକ ଲଗାଇଥିଲେ। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୨୨୩(ପ୍ରଶାସନ ଦ୍ୱାରା ଜାରି ଆଦେଶକୁ ଅବମାନନା)କୁ ଭିତ୍ତି କରି ଏକ ମାମଲା ସିଭିଲ ଲାଇନ୍ସ ଥାନାରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦ୍ୱାରା ଦାଏର ହୋଇଥିବା ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜାମିନ ପ୍ରଦାନ କରିଥିଲେ। ସେ ତିହାର ଜେଲରେ ୫ ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ କରିଥିଲେ।

## ସଂକ୍ଷେପରେ

### ୩ ଏନ୍‌କାଉଣ୍ଟର: ୫ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୪।୯**

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ଶନିବାର ସକାଳେ ସୁରକ୍ଷା ଯବାନଙ୍କ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରୁ ଉତ୍ତର କଶ୍ମୀର ଜିଲାର ଚକ୍ ଟାପେର କ୍ରିରିଠାରେ ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ରହିଥିବା ଗୋଇନ୍ଦା ସୂଚନା ଆଧାରରେ ସେନା ଯବାନ ଏବଂ ପୋଲିସ ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀ ଗୁଳିମାଡ଼ କରିବାରୁ ଏନ୍‌କାଉଣ୍ଟର ହୋଇଥିଲା। ଶୁକ୍ରବାର କଠୁଆରେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଏହା ପୂର୍ବରୁ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଏନ୍‌କାଉଣ୍ଟର ବେଳେ ଆତଙ୍କବାଦୀଙ୍କ ଗୁଳିରେ ୨ ଜଣ ଯବାନ ପ୍ରାଣ ହରାଇବା ସହ ଅନ୍ୟ ୨ ଜଣ ଆହତ ହୋଇଥିଲେ। ମୃତ ଯବାନଦ୍ୱୟ ହେଲେ ନାଏବ ସୁବେଦାର ବିପିନ କୁମାର ଏବଂ ସିପାହି ଅରବିନ୍ଦ ସିଂ।

### କୋଲକାତାରେ ବିସ୍ଫୋରଣ: ଜଣେ ଆହତ

**କୋଲକାତା,୧୪।୯**

କେନ୍ଦ୍ରୀୟ କୋଲକାତାର ବ୍ଲୋଚମାନ୍ ଷ୍ଟ୍ରିଟ୍ ଏବଂ ଏସ୍‌ଏନ୍ ବାନାର୍ଜୀ ରୋଡ୍‌ରେ ଶନିବାର ଅପରାହ୍ଣରେ ବିସ୍ଫୋରଣ ଘଟି ଜଣେ ୫୮ ବର୍ଷୀୟ ଜରି ଗୋଟାଳି ଆହତ ହୋଇଛନ୍ତି। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରାବନ୍ଦୀ କରି ତଦନ୍ତ ଚଳାଇଛି। ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଚଳାଇଥିଲା। ସେଠାରେ ଅଧିକ ବୋମା ନ ଥିବା ଜଣାପଡ଼ିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଫୋରେନ୍‌ସିକ୍ ଟିମ୍ ବିସ୍ଫୋରଣର କାରଣ ଓ କି ପ୍ରକାର ବିସ୍ଫୋରଣ ଥିଲା, ତାହାର ଅନୁଧ୍ୟାନ କରୁଛି। ଜାତୀୟ ତଦନ୍ତକାରୀ ଟିମ୍ (ଏନ୍‌ଆଇଏ) ଘଟଣାର ତଦନ୍ତ କରିବାକୁ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଦାବି କରିଛନ୍ତି।

### ତାର ଚୋରି କରିବାରୁ ଦଳିତ ବାଳକଙ୍କୁ ଉଲଗ୍ନ କରି ନଚାଇଲେ

**କୋଟା, ୧୪।୯**

ରାଜସ୍ଥାନର କୋଟାସ୍ଥିତ ମହାବୀର ନଗର ଅଞ୍ଚଳରୁ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ତାର ଚୋରି କରିବା ଅଭିଯୋଗରେ ଜଣେ ୧୨ ବର୍ଷୀୟ ବାଳକଙ୍କୁ ଉଲଗ୍ନ କରାଇ ୫ରୁ ୭ ଜଣ ଯୁବକ ନାଚିବାକୁ ବାଧ୍ୟ କରିଛନ୍ତି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ କୋଟା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଶନିବାର ପୋଲିସ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଛି। ମହାବୀର ନଗର ଅଞ୍ଚଳରେ ବାଳକଟି ଏକ ଦୋକାନରୁ ତାର ଚୋରି କରିଥିବା ଅଭିଯୋଗରେ ୫ରୁ ୭ ଜଣ ଯୁବକ ତାଙ୍କୁ ପିଟିବା ସହ ଉକ୍ତ କାଣ୍ଡ ଘଟାଇଥିବା ନେଇ କୋଟା ଏସ୍‌ପି ଅମୃତା ଦୁହାନ୍ କହିଛନ୍ତି। ପୀଡ଼ିତଙ୍କ ବାପା କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ବିଏନ୍‌ଏସ୍‌ର ଏସ୍‌ସି ଏବଂ ଏସ୍‌ଟି (ଅତ୍ୟାଚାର ନିବାରଣ) ଆକ୍ଟ ଓ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭, ଲୋକକଲ୍ୟାଣ ମାର୍ଗ ବାସଭବନରେ ଗୋମାତା ଜନ୍ମ ଦେଇଥିବା ବାଛୁରୀର ନାଁ ଦୀପଜ୍ୟୋତି ରଖାଯାଇଛି। ମୋଦି ଉକ୍ତ ବାଛୁରୀ ସହ ସମୟ ବିତାଉଥିବାର ଭିଡିଓ ଶନିବାର ଏକ୍ସ'ରେ ଶେୟାର କରିଛନ୍ତି।


## ହିନ୍ଦୀ, ଅନ୍ୟ ଭାଷା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇପାରିବ ନାହିଁ: ଶାହା

**ନୂଆଦିଲ୍ଲୀ,୧୪।୯(ପି.ଟି.)**

ହିନ୍ଦୀ ଏବଂ ଅନ୍ୟ ଭାରତୀୟ ଭାଷା ମଧ୍ୟରେ କଦାପି ପ୍ରତିଦ୍ୱନ୍ଦ୍ୱିତା ହୋଇପାରିବ ନାହିଁ। କାରଣ ହିନ୍ଦୀ ଭାଷା ଅନ୍ୟ ଭାଷାମାନଙ୍କ ବନ୍ଧୁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ହିନ୍ଦୀ ଦିବସ ଅବସରରେ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ଅନ୍ୟ ସବୁ ଭାଷା ସୁଦୃଢ଼ ନ ହେବା ଯାଏ ସରକାରୀ ଭାଷା ହିନ୍ଦୀର ଉନ୍ନତି ହୋଇପାରିବ ନାହିଁ। ହିନ୍ଦୀ ଏବଂ ସମସ୍ତ ସ୍ଥାନୀୟ ଭାଷା ପରସ୍ପର ସହ ମିଶି ଏକତ୍ର କାର୍ଯ୍ୟ କରିବା ଦ୍ୱାରା ସେଗୁଡ଼ିକ ସୁଦୃଢ଼ ହୋଇପାରିବ ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ ମଜଭୁତ ହେବ ବୋଲି ଶାହା କହିଛନ୍ତି।

## ତାଜମହଲ ମୁଖ୍ୟ ଗମ୍ବୁଜରୁ ପାଣି ଗଳୁଛି

**ଆଗ୍ରା,୧୪।୯**



ଆଗ୍ରାରେ ୩ ଦିନ ହେଲା ଲଗାଣ ବର୍ଷା ଯୋଗୁ ତାଜମହଲର ମୁଖ୍ୟ ଗମ୍ବୁଜରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି। ବର୍ଷାଜଳରେ ତାଜମହଲ ଉଦ୍ୟାନ ସମ୍ପୂର୍ଣ୍ଣ ବୁଡ଼ିଯାଇଥିବାର ଭିଡିଓ ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମୁଖ୍ୟ ଗମ୍ବୁଜରେ ଛିଦ୍ର କାରଣରୁ ପାଣି ଗଳୁଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ବରିଷ୍ଠ ଅଧିକାରୀ କହିଛନ୍ତି। ତାଜମହଲରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସେ ସଫେଇ ଦେଇଛନ୍ତି। ଏଏସ୍‌ଆଇ ଆଗ୍ରା ସର୍କଲରର ସୁପରିଣ୍ଟେଣ୍ଡିଂ ଚିଫ୍ ରାଜକୁମାର ପଟେଲ କହିଛନ୍ତି, ମୁଖ୍ୟ ଡୋମ୍‌ରୁ ପାଣି ଗଳୁଥିବା ଆମେ ଦେଖିବାକୁ ପାଇଛୁ। ଯାଞ୍ଚ କଲା ପରେ ସେଠାରେ ଏକ କ୍ଷୁଦ୍ର ଛିଦ୍ର ହୋଇଥିବା ଜଣାପଡ଼ିଥିଲା। ଡ୍ରୋନ୍ କ୍ୟାମେରା ସହାୟତାରେ ମୁଖ୍ୟ ଗମ୍ବୁଜକୁ ଯାଞ୍ଚ କରାଯାଇଥିବା ସେ କହିଛନ୍ତି।

## କଶ୍ମୀରରେ ମୋଦିଙ୍କ ପ୍ରଥମ ନିର୍ବାଚନୀ ରାଲି

**ଜମ୍ମୁ,୧୪।୯(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ପ୍ରଥମ ନିର୍ବାଚନୀ ରାଲି କରିଛନ୍ତି। ସଭାକୁ ସମ୍ବୋଧିତ କରି ମୋଦି କହିଥିଲେ, ଜମ୍ମୁ-କଶ୍ମୀର ବିଧାନସଭା ନର୍ବାଚନରେ ଉକ୍ତ ଅଞ୍ଚଳର ବିକାଶ ପାଇଁ ନିଜକୁ ସମର୍ପିତ କରିଥିବା ଯୁବ ନେତୃତ୍ୱ ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରି ତଥା ଜନସାଧାରଣଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଥିବା ୩ ବଂଶବାଦୀ ପରିବାର ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଡୋଡା ଜିଲାର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଆତଙ୍କବାଦ ଶେଷ ନିଶ୍ୱାସ ନେଉଛି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବା ମୋଦି ଦୋହରାଇଥିଲେ। ତେବେ ନ୍ୟାଶନାଲ କନ୍‌ଫରେନ୍ସ, କଂଗ୍ରେସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟିକୁ କ୍ଷମତାକୁ ନ ଆଣିବା ପାଇଁ ସେ କଶ୍ମୀର ଜନସାଧାରଣଙ୍କୁ ସତର୍କ କରାଇ ଦେଇଥିଲେ। ଉକ୍ତ ଦଳଗୁଡ଼ିକର ନୀତି ଆତଙ୍କବାଦୀଙ୍କ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ସହ ଯୁବନେତୃତ୍ୱକୁ ବଢ଼ିବାକୁ ଦେଉ ନ ଥିଲା। ବିଦେଶୀ ଶକ୍ତିଙ୍କ ଟାର୍ଗେଟରେ ରହିଆସିଥିବା ଜମ୍ମୁ-କଶ୍ମୀରର ଭବିଷ୍ୟତ ସମ୍ପର୍କରେ ନିର୍ବାଚନ ନିଷ୍ପତ୍ତି ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ସେପ୍ଟେମ୍ବର ୧୮ରୁ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

## ୟୁକ୍ରେନ୍, ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ରୁଷିଆର ଧମକ

**ମସ୍କୋ,୧୪।୯**

ରୁଷୀୟ ଅଞ୍ଚଳ ମଧ୍ୟରେ ଆକ୍ରମଣ ପାଇଁ ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ଅନୁମତି ଦେବାକୁ ଆଲୋଚନା ଚଳାଇଛନ୍ତି। ଏହା ଜାଣିବା ପରେ ରୁଷିଆ ଅଧିକାରୀମାନେ ଶନିବାର ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ପାଶ୍ଚାତ୍ୟ ରାଷ୍ଟ୍ର ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ସାମିଲ ହୁଅନ୍ତି, ତେବେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଇବ, ଯାହା ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ। କିଭ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବ ବୋଲି ରୁଷିଆ କର୍ତ୍ତୃପକ୍ଷ କହିଛନ୍ତି।



ୟୁକ୍ରେନ୍ ଆକ୍ରମଣର ନେତୃତ୍ୱ ନେଉଥିବା ରୁଷୀୟ ସୈନ୍ୟ।

ଯୁଦ୍ଧରେ ୟୁକ୍ରେନ୍‌ର ବିଜୟ ୱାଶିଂଟନର ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ଶୁକ୍ରବାର ଏହାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଥିଲେ। ଏଥିରୁ ଏକ ଦୀର୍ଘମିଆଦୀ ଯୁଦ୍ଧର ସ୍ପଷ୍ଟ ସୂଚନା ମିଳୁଛି। ଯୁଦ୍ଧ ଜିତିବା ପାଇଁ କିଭ୍ ନାଟୋ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସହାୟତା ଚାହୁଁଛି। ଜେଲେନ୍‌ସ୍କିଙ୍କ କାର୍ଯ୍ୟାଳୟର ମୁଖ୍ୟ ଆଣ୍ଡ୍ରି ୟେର୍‌ମାକ୍ କହିଛନ୍ତି, କଠୋର ନିଷ୍ପତ୍ତି ଆବଶ୍ୟକ। ସାମରିକ ଘାଟିଗୁଡ଼ିକରେ ଆତଙ୍କ ସୃଷ୍ଟି ହୋଇଛି। ସେଗୁଡ଼ିକୁ ଧ୍ୱଂସ କରାଗଲେ ଆତଙ୍କ ବନ୍ଦ ହୋଇପାରିବ ବୋଲି ସେ କହିଥିଲେ। ରୁଷିଆର ଆକ୍ରମଣ କ୍ଷମତାକୁ ସୀମିତ କରିବାକୁ ହେଲେ କଠୋର ନିଷ୍ପତ୍ତି ଆବଶ୍ୟକ। ସହଯୋଗୀମାନେ ଏଥିପାଇଁ ଅନୁମତି ଦେବାକୁ କୁଣ୍ଠାବୋଧ କରିଆସୁଛନ୍ତି। ମସ୍କୋ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କିଭ୍‌କୁ ଜଣାଇ ଦିଆଯାଇଥିବା ରୁଷିଆ ବହିର୍ବ୍ୟାପାର ଉପମନ୍ତ୍ରୀ ସର୍ଗେଇ ର୍ୟାବକୋଭ୍ କହିଛନ୍ତି।

## ଫୁରସତ୍

### 'ବୁର୍ଜ ଅଜିଜି' ହେବ ବିଶ୍ୱର ଦ୍ୱିତୀୟ ସର୍ବୋଚ୍ଚ ବିଲ୍ଡିଂ

**ଦୁବାଇ**



ଦୁବାଇ ଶେଖ୍ ଜାୟଦ୍ ରୋଡ୍‌ରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ କୋଠା 'ବୁର୍ଜ ଅଜିଜି'ର ନିର୍ମାଣ ଚାଲିଛି। ଏହାର ଉଚ୍ଚତା ୭୨୫ ମିଟର(୨୩୭୯ ଫୁଟ) ହେବ। ତେବେ ୮୩୦ ମିଟର (୨୭୨୩ ଫୁଟ) ଉଚ୍ଚତା ବିଶିଷ୍ଟ ଦୁବାଇର ବୁର୍ଜ ଖଲିଫା ବିଶ୍ୱର ସବୁଠାରୁ ଉଚ୍ଚତମ କୋଠା ହୋଇଥିବାବେଳେ ଖୁବ୍‌ଶୀଘ୍ର 'ବୁର୍ଜ ଅଜିଜି' ସବୁଠାରୁ ଉଚ୍ଚ ଅଟ୍ଟାଳିକା ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବ।

ତେବେ 'ବୁର୍ଜ ଅଜିଜି' ବିଲ୍ଡିଂରେ ବିଶ୍ୱର ସର୍ବୋଚ୍ଚ ନାଇଟ୍ କ୍ଲବ, ସର୍ବୋଚ୍ଚ ହୋଟେଲ ଲବି ଏବଂ ସର୍ବୋଚ୍ଚ ଅବ୍‌ଜରବେସନ୍ ଡେକ୍ ଆଦି ମଧ୍ୟ ଅନ୍ତର୍ଭୁକ୍ତ ହେବ ବୋଲି ସୂଚନା ମିଳିଛି। ୨୦୨୮ ସୁଦ୍ଧା ୧୩୧ ମହଲା ବିଶିଷ୍ଟ 'ବୁର୍ଜ ଅଜିଜି' ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ ବୋଲି ଅଜିଜି ଡେଭଲପ୍‌ମେଣ୍ଟସ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିଲ୍ଡିଂର ବିକ୍ରୟ ଫେବୃଆରୀ ୨୦୨୫ରେ ଆରମ୍ଭ ହେବ। 'ବୁର୍ଜ ଅଜିଜି' ବିଲ୍ଡିଂରେ ୭ଟି ସାଂସ୍କୃତିକ ଥିମ୍ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ଅଲ୍-ସୁଟ୍ ସାତ-ତାରକା ହୋଟେଲ ରହିବ, ଯେଉଁଥିରେ ସମସ୍ତ ପ୍ରକାର ବିଳାସପୂର୍ଣ୍ଣ ସୁବିଧା ଉପଲବ୍ଧ ହେବ। ସେହିପରି ଏହି ବିଲ୍ଡିଂରେ ଏକ ଆଡ୍ରେନାଲିନ୍ ଜୋନ୍ ସହିତ ଏକ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଡେକ୍ ରହିବ। ଏହା ବ୍ୟତୀତ ପେଣ୍ଟ୍ ହାଉସ୍, ଆପାର୍ଟମେଣ୍ଟ ଏବଂ ହଲିଡେ ହୋମ୍ ପରି ବାସସ୍ଥାନ ମଧ୍ୟ ରହିବ।

### ୪ ରାଜ୍ୟକୁ ସଂଯୋଗ କରୁଛି ସୋନଭଦ୍ର ଜିଲା

**ଲକ୍ଷ୍ନୌ**

ଭାରତରେ ଏପରି ଏକ ଜିଲା ରହିଛି, ଯାହା ୪ଟି ଭିନ୍ନ ଭିନ୍ନ ରାଜ୍ୟକୁ ସ୍ପର୍ଶ କରିଥାଏ। ଉତ୍ତରପ୍ରଦେଶର ଦ୍ୱିତୀୟ ବୃହତ୍ତମ ଜିଲା ସୋନଭଦ୍ର ହେଉଛି ଦେଶର ଏକମାତ୍ର ଜିଲା, ଯାହା ୪ ରାଜ୍ୟକୁ ସଂଯୋଗ କରୁଛି। ଏହି ଜିଲା ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ବିହାରର ସୀମାକୁ ସ୍ପର୍ଶ କରୁଛି। ନିକଟରେ ଇନ୍‌ଷ୍ଟଗ୍ରାମରେ ଷ୍ଟଡି ଚ୍ୟାନେଲ 'ପ୍ରୋମିନେଣ୍ଟ କ୍ଲାସେସ୍'ର ଏନେଇ ଏକ ଭିଡିଓ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ସାଧାରଣ ଜ୍ଞାନ ସମ୍ପର୍କିତ ଏକ ପ୍ରଶ୍ନ ପଚରାଯାଇଥିଲା, ଯାହା ଅନେକ ୟୁଜର୍ସଙ୍କୁ ଆକର୍ଷିତ କରିଛି। ସୂଚନାଯୋଗ୍ୟ, ଭାରତର ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳରେ ୮୦୦ରୁ ଅଧିକ ଜିଲା ରହିଛି।

### ସବୁ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଜରୁରୀ: ଅନନ୍ୟା

**ବେଙ୍ଗାଲୁରୁ**



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଶନିବାର କର୍ନାଟକର ରାଜଧାନୀ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେର 'ମାଇଣ୍ଡ୍ ରକ୍‌ସ ୟୁଥ୍ ସମିଟ୍ ୨୦୨୪' କାର୍ଯ୍ୟକ୍ରମରେ ଯୋଗଦେଇ ଚଳଚ୍ଚିତ୍ର ଶିଳ୍ପ କ୍ଷେତ୍ରରେ ମହିଳାଙ୍କ ସୁରକ୍ଷାକୁ ନେଇ ଗୁରୁତ୍ୱାରୋପ କରିଛନ୍ତି। ମାଲୟାଲମ ସିନେମା କ୍ଷେତ୍ରରେ ଅଭିନେତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ହେମା କମିଟି ଚମତ୍କାର କାର୍ଯ୍ୟ କରୁଛି। ପ୍ରତ୍ୟେକ ଶିଳ୍ପରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏପରି ପ୍ୟାନେଲ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ପ୍ୟାନେଲ ଦ୍ୱାରା ମହିଳାମାନେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ପାଇବେ। ଭାରତର ବିଭିନ୍ନ ଚଳଚ୍ଚିତ୍ର ଶିଳ୍ପରେ ଯୌନ ଶୋଷଣର ଶିକାର ହେଉଥିବା ଅଭିନେତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଏହିପରି କମିଟି ସହାୟକ ହେବ ବୋଲି ସେ କହିଛନ୍ତି। ୨୦୧୯ରେ କରନ୍ ଜୋହରଙ୍କ ନିର୍ମିତ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ଡେବ୍ୟୁ କରିଥିବା ଅନନ୍ୟା ସମ୍ପ୍ରତି 'କଲ୍ ମି ବେ' ସିରିଜ୍ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ସିରିଜ୍ ଗତ ୬ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମ 'ଆମାଜନ ପ୍ରାଇମ୍'ରେ ରିଲିଜ୍ ହୋଇଛି।

# ଜଙ୍ଗଲକୁ ଅଣଦେଖା, ବଢ଼ୁଛି ହାତୀ ମୃତ୍ୟୁ

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ଜଳବାୟୁ ପରିବର୍ତ୍ତନ ଯୋଗୁ ଦିନକୁ ଦିନ ପରିବେଶ ଉତ୍ତପ୍ତ ହେଉଥିବା ବେଳେ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ଥିବା ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଛି। ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଜଙ୍ଗଲ ଧ୍ୱଂସ ହେଉଥିବା ବେଳେ ଅଗ୍ନିକାଣ୍ଡ ପାଇଁ ମଧ୍ୟ ଅନେକ ଜଙ୍ଗଲ ଜଳି ପୋଡ଼ି ଯାଉଛି। ସବୁଠୁ ଚିନ୍ତାଜନକ ବିଷୟ ହେଲା ଯେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ଓ ଯୋଜନା ପ୍ରାଧିକରଣ (କାମ୍ପା) ଜଙ୍ଗଲ କାମରେ ବିନିଯୋଗ ନ ହୋଇ ହେରଫେର ହେଉଛି। କେବଳ ସେତିକି ନୁହେଁ, ଜଙ୍ଗଲ ସୁରକ୍ଷାରେ ବ୍ୟାପକ ତ୍ରୁଟି ଓ କର୍ମଚାରୀ ପଇଁତରା ମାରୁ ନ ଥିବାରୁ ୩୭ ବନଖଣ୍ଡରେ ୨୩୯ଟି ହାତୀଙ୍କର ମୃତ୍ୟୁ ଘଟିଛି।

ଏ ନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଉଦ୍‌ବେଗ ପ୍ରକାଶ କରିବା ସହ ଜଙ୍ଗଲ ପରିଚାଳନାରେ ହୋଇଥିବା ପୁଳାପୁଳା ଅନିୟମିତତାର ପର୍ଦ୍ଦାଫାଶ କରିଛନ୍ତି।

ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଯେ କ୍ଷତିପୂରକ ବନୀକରଣ, ଜଙ୍ଗଲ ଏବଂ ବନ୍ୟଜନ୍ତୁ ପରିଚାଳନା ତଥା ସୁରକ୍ଷା ଭିତ୍ତିଭୂମି ବିକାଶ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ କେନ୍ଦ୍ର ସରକାର କ୍ଷତିପୂରକ ବନୀକରଣ ପାଣ୍ଠି ଓ ଯୋଜନା ପ୍ରାଧିକରଣ (କାମ୍ପା)ଗଠନ କରିଥିଲେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ବିଜ୍ଞପ୍ତି ପ୍ରକାଶ ପାଇବାର ୯ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର କାମ୍ପା ଗଠନ କରି ନ ଥିଲେ। କାମ୍ପାରୁ ମିଳିଥିବା ୨୨୩୮.୯୮ କୋଟିରୁ ୨୦୧୯ରୁ ୨୨ ମଧ୍ୟରେ ୨୦୭୪ .୪୪ କୋଟି ଟଙ୍କା ବିନିଯୋଗ ହୋଇ ନ ପାରି ପଡ଼ି ରହିଥିଲା। କେବଳ ସେତିକି ନୁହେଁ, ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ୯ଟି ମାମଲା

## ସିଏଜି ରିପୋର୍ଟ

- କାମ୍ପା ପାଣ୍ଠି ହେରଫେର
- ପଇଁତରା ମାରୁନାହାନ୍ତି ବନ କର୍ମଚାରୀ

୫ବର୍ଷରୁ ଅଧିକ ସମୟ ବିଚାରାଧୀନ ଥିବାରୁ ସରକାରଙ୍କୁ ୮୮.୪୦ କୋଟିର ରାଜସ୍ୱ ମଧ୍ୟ ହରାଇବାକୁ ପଡ଼ିଛି। ଅନ୍ୟ ପକ୍ଷରେ ରାଜ୍ୟରେ ବହୁ ପରିମାଣର ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଲାଗୁ ହେବାଠାରୁ ଏ ପର୍ଯ୍ୟନ୍ତ ୬,୯୯୫.୯୭ ହେକ୍ଟର ଜମିରେ କ୍ଷତିପୂରଣ ବନୀକରଣ ହୋଇ ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ସେହିପରି ଜଙ୍ଗଲରେ ଅଗ୍ନିନିରାପତ୍ତା ପାଇଁ କାମ୍ପା ପାଣ୍ଠିରୁ ୫୮.୮୪ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ୨୦୧୯ ତୁଳନାରେ ୨୦୨୧ରେ ୩୦୦ ପ୍ରତିଶତ ଅଗ୍ନୀକାଣ୍ଡ ଘଟିଛି। କାମ୍ପା ପାଣ୍ଠିରୁ ୫୬.୮୨ କୋଟି ଟଙ୍କା ଅନିୟମିତ ଭାବେ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା। ସେହିପରି କାମ୍ପା ପାଣ୍ଠିରୁ ୨୪୮.୦୬ କୋଟି ଟଙ୍କାକୁ ଆମ ଜଙ୍ଗଲ ଯୋଜନାରେ ରାଜ୍ୟ ସରକାର ବିନିଯୋଗ କରିଥିବା ସିଏଜି ଉଲ୍ଲେଖ କରିଛନ୍ତି।

ଅନ୍ୟ ପକ୍ଷରେ ଜଙ୍ଗଲରେ ବନ କର୍ମଚାରୀ ପଇଁତରା ନ ମାରିବା ଏବଂ ଟ୍ରାପ କ୍ୟାମେରା ବ୍ୟବହାର ନ କରିବାରୁ ଆଠଗଡ ଓ ଢେଙ୍କାନାଳ ବନ ଖଣ୍ଡରେ ୫୧ଟି ହାତୀଙ୍କର ମୃତ୍ୟୁ ହୋଇଛି। ଏହି ଦୁଇ ବନଖଣ୍ଡରେ ୨୦୧୯ରୁ ୨୨ ମଧ୍ୟରେ ଦୁର୍ଘଟଣାରେ ୨ଟି ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ ଆଘାତ୍ରୁ ୯, ଶିକାରୀଙ୍କ ଦ୍ୱାରା ୬, ରୋଗଦ୍ୱାରା ୨୮ ଲଢେଇରେ ୩ ଏବଂ ପ୍ରାକୃତିକ ଭାବେ ୩ଟି ହାତୀଙ୍କର ମୃତ୍ୟୁ ହୋଇଛି। ଆଠଗଡ ବନଖଣ୍ଡ ଅଧିକାରୀ ହାତୀ ମୃତ୍ୟୁର କୌଣସି ଫଟୋ କିମ୍ବା ଭିଡିଓଗ୍ରାଫି କରି ନାହାନ୍ତି। ହାତୀଙ୍କ ସୁରକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଇ ନ ଥିବା ସିଏଜି ଅଡିଟ ବେଳେ ଜାଣିବାକୁ ପାଇଛନ୍ତି। ହାତୀ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଛି। କେବଳ ଆଠଗଡ କିମ୍ବା ଢେଙ୍କାନାଳ ନୁହେଁ, ଏହି କାରଣରୁ ୨୦୧୯ରୁ ୨୨ ମଧ୍ୟରେ ୩୭ଟି ବନଖଣ୍ଡରେ ୨୩୯ ହାତୀଙ୍କର ମୃତ୍ୟୁ ହୋଇଛି। ଜଙ୍ଗଲରେ ନିଆଁ ଲାଗୁଥିଲେ ମଧ୍ୟ ବନଖଣ୍ଡ ଅଧିକାରୀ କିମ୍ବା କର୍ମଚାରୀ ଘଟଣା ସ୍ଥଳକୁ ଯାଉ ନାହାନ୍ତି। ଯାହା ଫଳରେ ବନଖଣ୍ଡ ଗୁଡ଼ିକରେ ଅଗ୍ନୀକାଣ୍ଡ ଘଟଣା ବଢ଼ି ଯାଉଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ସବୁଠୁ ଆଶ୍ଚର୍ଯ୍ୟର କଥା ଯେ କାର୍ଯ୍ୟକ୍ଷମ ନ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଟାୱାର ଏବଂ ୱାକିଟକି କିଣାଯାଇଥିଲେ ମଧ୍ୟ ତାହା ଘଞ୍ଚ ଜଙ୍ଗଲରେ ବନ କର୍ମଚାରୀଙ୍କ ପାଇଁ କିଛି କାମ ଦେଇ ନ ଥିଲା। ଏବାବଦରେ ୪୯.୪୨ ଲକ୍ଷ ଟଙ୍କା ପାଣିରେ ପଡିଥିବା ରିପୋର୍ଟରେ ଦର୍ଶାଯାଇଛି।

## ଅସୁସ୍ଥ ହାତୀ ଶାବକର ମୃତ୍ୟୁ



ଉଦ୍ଧାର ସମୟରେ ଛୁଆହାତୀ।

କେନ୍ଦୁଝର,୧୪।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ଅସୁସ୍ଥ ହାତୀ ଶାବକର ଶନିବାର ମୃତ୍ୟୁ ଘଟିଛି। ମାଈ ହାତୀ ଶାବକର ବୟସ ୨ ବର୍ଷ ହୋଇଥିବା ବେଳେ ଗୋଠରୁ ଅଲଗା ହୋଇ ଜଙ୍ଗଲର ବୁଲୁଥିଲା। ପ୍ରକାଶ ଯେ, ସେପ୍ଟେମ୍ବର ୯ ସନ୍ଧ୍ୟାରେ ହାତୀ ଶାବକଟି ଗୋଠରୁ ଅଲଗା ହୋଇଯାଇଥିଲା। ବନ ବିଭାଗ ଖବର ପାଇ ଶାବକକୁ ହାତୀପଲରେ ମିଶାଇବା ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିଲା। ସେପ୍ଟେମ୍ବର ୧୦ରେ ଉଦ୍ଧାର କରି ବନ୍ଧନଝରୀ ଫରେଷ୍ଟ ବିଟ୍‌କୁ ଆଣି ଚିକିତ୍ସା କରାଯାଇଥିଲା। ଖାଦ୍ୟ ଅଭାବରୁ ଦୁର୍ବଳ ହୋଇଯାଇଥିବା ବେଳେ କିଡ୍‌ନୀ ଓ ଲିଭର ଠିକ୍ ଭାବରେ କାମ କରୁ ନ ଥିବା ପ୍ରାଥମିକ ଚିକିତ୍ସାରୁ ଜଣାପଡ଼ିଥିଲା। ସ୍ଥାନୀୟ ପ୍ରାଣୀ ଚିକିତ୍ସକ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଚିକିତ୍ସକ ତଥା ୱାଇଲ୍ଡ ଲାଇଫ ବାଇଓଲୋଜିଷ୍ଟଙ୍କ ଦ୍ୱାରା ଚିକିତ୍ସା ଚାଲିଥିଲା। ଶନିବାର ଛୁଆ ହାତୀଟିର ମୃତ୍ୟୁ ଘଟିଥିବା ଡିଏଫ୍‌ଓ ଧନରାଜ. ଏଚ୍ ଡି କହିଛନ୍ତି।

## ମୋ ସ୍କୁଲ ଅଭିଯାନ ହେଲା 'ପଞ୍ଚସଖା ଶିକ୍ଷା ସେତୁ'

ଭୁବନେଶ୍ୱର,୧୪।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ମୋ ସ୍କୁଲ ଅଭିଯାନ ନାଁ ବଦଳିଲା। ୨୦୧୭ରେ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନ ନାମକୁ ଗଣଶିକ୍ଷା ବିଭାଗ ବଦଳାଇଦେଇଛି। ଏବେ ମୋ ସ୍କୁଲ ଅଭିଯାନ 'ପଞ୍ଚସଖା ଶିକ୍ଷା ସେତୁ' ହୋଇଛି। ଏନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ଚିଠି ଲେଖିଛି ଗଣଶିକ୍ଷା ବିଭାଗ। ସୂଚନାଯୋଗ୍ୟ, ରାଜ୍ୟରେ ନୂଆ ସରକାର ଆସିବା ପରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରଙ୍କ ଅନେକ ଯୋଜନାର ନାମ ବଦଳାଇ ନୂତନ ନାମ ଘୋଷଣା କରିଥିଲେ। ଏହା ମଧ୍ୟରେ 'ମୋ ସ୍କୁଲ୍ ଅଭିଯାନ' ରହିଥିବାବେଳେ ଚଳିତବର୍ଷ ବଜେଟରେ 'ପଞ୍ଚସଖା ଶିକ୍ଷା ସେତୁ' ପାଇଁ ୩୩୨ କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

## ସୁଭଦ୍ରା ଯୋଜନା: ଫର୍ମ ପଞ୍ଜୀକରଣ ବେଳେ ଟଙ୍କା ଆଦାୟ

ଟିଟିଲାଗଡ଼,୧୪।୯(ଶରତ ମିଶ୍ର)

### ଅଭିଯୋଗରେ ଜଣେ ଗିରଫ

ସୁଭଦ୍ରା ଯୋଜନାରେ ଫର୍ମ ପଞ୍ଜୀକରଣ କରିବାକୁ ଯାଉଥିବା ମହିଳାଙ୍କଠାରୁ ଟଙ୍କା ଆଦାୟ ମହଙ୍ଗା ପଡ଼ିଛି। ଏହି ଯୋଜନାରେ ଫର୍ମ ପଞ୍ଜୀକରଣ ବେଳେ ଟଙ୍କା ନେଉଥିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଏକ ଜନସେବା କେନ୍ଦ୍ରର ମାଲିକ ଆକାଶ ସାହୁଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ମନିଗାଁ ପଞ୍ଚାୟତରେ ଆକାଶଙ୍କ ଏକ ଜନସେବା କେନ୍ଦ୍ର ରହିଛି। ସେ ସେଠାକୁ ଫର୍ମ ପଞ୍ଜୀକରଣ ପାଇଁ ଆସୁଥିବା ପ୍ରତ୍ୟେକ



ଗିରଫ ଯୁବକ ଆକାଶ।

ହିତାଧିକାରୀଙ୍କଠାରୁ ୧୦୦ ଟଙ୍କା ଲେଖାଏ ଆଦାୟ କରୁଥିବା ନେଇ ବିଡିଓଙ୍କ ଠାରୁ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ରାହାଡ଼ପୁର ପାହାଡ଼ରୁ ପଥର ଧସି ଶ୍ରମିକ ମୃତ

ଯାଜପୁର/ଧର୍ମଶାଳା/ ଚଢ଼େଇଧରା
(ହର୍ଷବର୍ଦ୍ଧନ ବେହେରା/ ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା),୧୪।୯

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼ର ୪ ନମ୍ବର ଖାଦାନ ନିକଟରୁ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପଥର ଧସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଲିଜ୍‌ଧାରୀ ସନ୍ଦୀପ ଚଣ୍ଡକଙ୍କ ଖାଦାନ ନିକଟରେ କମ୍ପ୍ରେସର ଡ୍ରିଲିଂ କରୁଥିବା ସମୟରେ ଏଭଳି ଅଘଟଣ ଘଟିଛି। କମ୍ପ୍ରେସର ପାଇପ୍‌ଗୁଡିକ ପଥର ତଳେ ଚାପି ହୋଇଥିବା ଦେଖିବାକୁ ମିଳିଛି। ମୃତ ଶ୍ରମିକ ଜଣକ ରାଜ୍ୟ ବାହାରର ବୋଲି ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳି ପାରିନାହିଁ। ଖବର ପାଇ ଜେନାପୁର ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ଓ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଲିଜ୍ ଖାଦାନଗୁଡ଼ିକର ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ ଲିଜ୍‌ଧାରୀମାନେ ନିକଟସ୍ଥ ଖାଦାନରୁ ବେଆଇନ କଳାପଥର ଉତ୍ତୋଳନ କରୁଥିବାରୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ୮।୬।୨୦୨୪ରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଲିଜ୍ ଖାଦାନଗୁଡ଼ିକର ସୀମା ନିର୍ଦ୍ଧାରଣ କରିବାକୁ ତହସିଲଦାରଙ୍କୁ ପତ୍ର ଲେଖିଥିଲେ। ହେଲେ ଏହାର ୩ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ସୁଯୋଗରେ ଲିଜ୍‌ଧାରୀମାନେ ନିଜ ଖାଦାନ ଅଞ୍ଚଳ ପାର୍ଶ୍ୱରୁ କଳାପଥର ଉତ୍ତୋଳନ କରି ଲାଭବାନ ହେଉଛନ୍ତି। ଏଥିରେ ମାପଚୁପ କଲେ ମଧ୍ୟ ସମ୍ପୃକ୍ତ ଲିଜ୍‌ଧାରୀଙ୍କଠାରୁ କୌଣସି ତଥ୍ୟ ମିଳିବା ସମ୍ଭାବନା ନାହିଁ। ଏଭଳି ବେଆଇନ ଖାଦାନରେ ଶ୍ରମିକଙ୍କ ଜୀବନ ଯାଉଥିବା ପୂର୍ବରୁ ବହୁ

### ଅଣଲିଜ୍ ଅଞ୍ଚଳରୁ ହେଉଥିଲା କଳାପଥର ଚୋରି



ଉଦାହରଣ ରହିଛି। ଗତ ମେ ୧୬ରେ ଡଙ୍କାରୀ ପାହାଡ଼ର ପ୍ରାୟ ୪୦ ମିଟର ପର୍ଯ୍ୟନ୍ତ ପଥର ଓ ମାଟି ଧସି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ହେଲେ ଜେନାପୁର ଥାନାରେ ଏନେଇ ଏକ ମାମଲା ରୁଜୁ କରି ପୋଲିସ ବସି ରହିଛି। ଏହି ଘଟଣାରେ ଦାୟୀ ପଥର ଖାଦାନ ବ୍ୟବସାୟୀଙ୍କ ବିରୋଧରେ ପୋଲିସ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିନାହିଁ।

ପୂର୍ବରୁ ହାଇକୋର୍ଟରେ ହୋଇଥିବା ଅଭିଯୋଗ ଅନୁସାରେ ଧର୍ମଶାଳା ତହସିଲ ଅଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ କଳାପଥର ଖାଦାନକୁ ଲିଜ୍ ନ ଦେଇ ପକାଇ ରଖାଯାଇଛି। ଫଳରେ କେତେଜଣ ଲିଜ୍‌ଧାରୀ ସାଟେଲାଇଟ ମାପ ଓ ଜରିମାନା ଭୟରେ ନିଜ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଅଣଲିଜ୍ ଅଞ୍ଚଳରୁ ବହୁ କୋଟି ଟଙ୍କାର କଳାପଥର ଚୋରି କରୁଛନ୍ତି। ଏହି ବେଆଇନ କଳାପଥର ପାଇଁ ନିକଟସ୍ଥ ଅଞ୍ଚଳରେ ଏକାଧିକ କ୍ରଶର ୟୁନିଟ୍ ଗଢ଼ି ଉଠି ସେଠାରେ ବିପୁଳ ପରିମାଣର କଳାପଥର ମହଜୁଦ ରଖାଯାଉଛି। କିନ୍ତୁ ପ୍ରଶାସନ ଏହିସବୁ ଜାଣି ନୀରବ ରହୁଛନ୍ତି। ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



**ଆଜିର ମନ୍ତବ୍ୟ**

“ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଶେଷ ନିଃଶ୍ୱାସ ଛାଡୁଛି। ଏହି ସୁନ୍ଦର ଉପତ୍ୟକାକୁ ନଷ୍ଟ କରିଦେଇଥିବା ପାରିବାରିକ ରାଜନୀତିର ମୁକାବିଲା ପାଇଁ କେନ୍ଦ୍ର ସରକାର ନୂଆ ନେତୃତ୍ୱର ପରିକଳ୍ପନା କରିଛନ୍ତି। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ପରିସର, ସମୟ: ପ୍ରାତଃ ୫ଟା ୩୦ରୁ ଆରମ୍ଭ।
- ଓଡ଼ିଶା ଟେକ୍ନୋଲୋଜିକାଲ କନକ୍ଲେଭ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଇକୋ ବ୍ୟାଙ୍କ ମହିଳା ଶାଖା ପକ୍ଷରୁ ସମ୍ମିଳନୀ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ହୋଟେଲ ଏକ୍ସିଲେନ୍ସି, ସମୟ: ୧୦ଟା ୩୦।
- ଟାଇମ୍ସ ଭୁବନେଶ୍ୱର ପକ୍ଷରୁ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଓୟୁଏଟି ସମ୍ମିଳନୀ କକ୍ଷ, ସମୟ: ୯ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଉ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ମଧ୍ୟାହ୍ନ ୧୨ଟା।
- ୫୭ତମ ଇଞ୍ଜିନିୟରିଂ ଦିବସ ପାଳନ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବନ୍ଧୁଘର ସାହିତ୍ୟ ପିଣ୍ଡାର ମାସିକ ସାହିତ୍ୟ ଆସର, ସ୍ଥାନ: ସମ୍ ହସ୍ପିଟାଲ ଗୋଲେଇ ଛକ ପାଖ, ସମୟ: ଅପରାହ୍ନ ୫ଟା।
- ଡ୍ୟାନ୍ସ ଇମେଜ୍ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶୈଳବାଳା ସାହିତ୍ୟ ସଂସଦର ୮ମ ବାର୍ଷିକ ସାରସ୍ୱତ ସମାରୋହ ୨୦୨୪, ସ୍ଥାନ: ରୋଟାରି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନା ସଚେତନତା ପାଇଁ ମାନବ ଶୃଙ୍ଖଳ ଓ ପଦଯାତ୍ରା, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ଶ୍ରୀଅରବିନ୍ଦ ସ୍ମୃତି ସର୍କଲ କମିଟି ପକ୍ଷରୁ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୫ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୭ତମ ଯନ୍ତ୍ରୀ ଦିବସ ଓ ଡ. ସୁବାସିନୀ ଲେଙ୍କାଙ୍କ ଗଳ୍ପ ପୁସ୍ତକ ମୋ ମାଟିର ମହକ ଉନ୍ମୋଚନ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ୫୭ତମ ଯନ୍ତ୍ରୀ ଦିବସ ପାଳନ, ସ୍ଥାନ: ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: କଟକ ସତ୍‌ସଙ୍ଗ ବିହାର ପରିସର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ, ସ୍ଥାନ: କଟକ ରେଳଷ୍ଟେଶନ, ସମୟ: ଅପରାହ୍ନ ୨ଟା ୨୦।
- ବସୁଧୈବ କୁଟୁମ୍ବକମ୍ ମିଶନର ୧୦୧ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ୍ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷ, ଲିଙ୍କରୋଡ୍, ସମୟ: ଅପରାହ୍ନ ୪ଟା।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୭ତମ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘର ଷଡ଼ବିଂଶ ବାର୍ଷିକ ଉତ୍ସବ ୨ୟ ଦିବସରେ ଧର୍ମସଭା-ପ୍ରବଚନ, ସ୍ଥାନ: ବଳଦେବଜୀଉ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସତ୍ୟବାଦୀରେ ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: ବୀରରାମଚନ୍ଦ୍ରପୁର, ନୂଆସମେଶ୍ୱରପୁର, ସାଣ୍ଡରାଶାସନ, ନରେନ୍ଦ୍ରପୁର, ଦାଶବିଦ୍ୟାଧରପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ସୁନିଆଁ ଭେଟି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ରାତ୍ର ୯ଟା।

## ଖୋର୍ଦ୍ଧା

- ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନବଜ୍ୟୋତି ଯୁବକ ସଂଘ ସଭାଗୃହ, ଶାମୁକାପାଟଣା, ବୋଲଗଡ଼, ସମୟ: ସକାଳ ୯ଟା।
- ‘ଆମରି ସତ୍ୟ’ ପତ୍ରିକାର ବାର୍ଷିକୋତ୍ସବ, ସ୍ଥାନ: ଫିଏନ୍ କଲେଜ ମୈତ୍ରୀ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା।
- ବସ୍ତା ପ୍ରେସ୍ କ୍ଲବ ତରଫରୁ ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ସକାଳ ୯ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ଜାମୁଝାଡ଼ି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଖଇରା ସରସ୍ୱତୀ ବିଦ୍ୟା ମନ୍ଦିର,ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ସିପିଏମ୍ ନେତା ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଖଇରା ସିପିଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଆୟୁର୍ବେଦ ସେମିନାର ଓ ଚିକିତ୍ସକ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା। ଉଦ୍‌ଯାପନୀ ଉତ୍ସବ, ସମୟ: ଅପରାହ୍ନ ୨ଟା ୩୦।
- ୫୭ତମ ବାର୍ଷିକ ଇଞ୍ଜିନିୟର୍ସ ଦିବସ ଉତ୍ସବ, ସ୍ଥାନ: ଭେନ୍ୟା ପାରାଡାଇଜ୍, ବାଲେଶ୍ୱର, ସମୟ: ଦିବସବ୍ୟାପୀ।

## ଭଦ୍ରକ

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ରାମମନ୍ଦିର ଛକ, ଧାମନଗର, ସମୟ: ସକାଳ ୭ଟା ୩୦।
- ସୁଭଦ୍ରା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ଲକ୍ ଅଫିସ୍ ପରିସର ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: କାଳିପଡ଼ିଆଠାରୁ ବିଜୁସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ରଥ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ଉତ୍ତୁକୁଡ଼ା ଓ ଜଳେଶ୍ୱରପୁର ପଞ୍ଚାୟତ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଶିଶୁ ସାହିତ୍ୟିକ ସ୍ୱର୍ଗତ ଗୋବିନ୍ଦ ଭଞ୍ଜାଚାର୍ଯ୍ୟଙ୍କ ଶୋକସଭା, ସ୍ଥାନ: ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମଠରେ ସୁନିଆଁ ଉତ୍ସବ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ବୃନ୍ଦାବନପୁର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ବାମନ ଜନ୍ମ ଉତ୍ସବ, ସ୍ଥାନ: ସୋଲପଟା, ହାଟଡ଼ିହୀ, ସମୟ: ସକାଳ ୯ ଟା।
- ସୁଭଦ୍ରା ଯୋଜନା ସଚେତନତା ଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବହ୍ନା ୧୦ଟା।
- ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ଉତ୍ସବ, ସ୍ଥାନ: କେନ୍ଦୁଝରଗଡ଼ ରେଳ ଷ୍ଟେଶନ, ସମୟ: ଅପରାହ୍ନ ୪ଟା ୪୫।

## ମୟୂରଭଞ୍ଜ

- ସାମାଜିକ କର୍ମୀ ସ୍ୱର୍ଗତ ସନ୍ତୋଷ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓ ବ୍ଲକସ୍ତରୀୟ କରମ ପୂଜା ଉପଲକ୍ଷେ ଆଖଳା ଭାତା, ସ୍ଥାନ: ସୁରେଇଡ଼ିହି ଏବଂ ଚିତ୍ର ଜଗନ୍ନାଥ ମନ୍ଦିର, ମୋରଡା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ,ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ, ସମୟ: ସକାଳ ୯ଟା।
- ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ,ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ଆସିକା ବ୍ଲକ ଓ ଏନ୍‌ଏସି ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଆସିକା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ,ସ୍ଥାନ:ବୁଗୁଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୮ଟା।

## କନ୍ଧମାଳ

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମୋତ୍ସବ,ସ୍ଥାନ:ଦାରିଙ୍ଗବାଡି ସତ୍‌ସଙ୍ଗ କେନ୍ଦ୍ର,ସମୟ: ପ୍ରାତଃ ୫ ଟାରୁ ଅପରାହ୍ନ ୫ଟା ୫୪ ପର୍ଯ୍ୟନ୍ତ।
- ସୁଭଦ୍ରା ଯୋଜନା ଉପଲକ୍ଷେ ପଦଯାତ୍ରା, ସ୍ଥାନ:ସର୍କିଟ ହାଉସରୁ ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ, ସମୟ:ସକାଳ ୮ ଟା।
- ‘ମେଘ ଉତ୍ସବ’ ସାହିତ୍ୟ ଚର୍ଚ୍ଚା ଓ କବିତା ପାଠୋତ୍ସବ,ସ୍ଥାନ: ମିଶ୍ର କଲ୍ୟାଣ ମଣ୍ଡପ (ଦାରିଙ୍ଗବାଡି ),ସମୟ: ସକାଳ ୯ଟାରୁ ଅପରାହ୍ନ ୫ଟା।
- ଅତିବଡ଼ି ଶ୍ରୀ ଶ୍ରୀ ଜଗନ୍ନାଥ ଦାସ ଜୟନ୍ତୀ ସମାରୋହ. ସ୍ଥାନ: ଏମ୍‌କେଏସ୍‌ପି, ଫୁଲବାଣୀ, ସମୟ: ସକାଳ ୯ଟା୩୦।
- ସୁଭଦ୍ରା ଯୋଜନାର ଜନ ସଚେତନ ପଦଯାତ୍ରା, ସ୍ଥାନ:ସିଡିପିଓ କାର୍ଯ୍ୟାଳୟରୁ ଆରମ୍ଭ,ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଟାଉନ ହଲଠାରୁ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।

## ଢେଙ୍କାନାଳ

- ସୁଭଦ୍ରା ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ଅନୁଗୋଳ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଆବିର୍ଭାବ ଦିବସ ଉତ୍ସବ, ସ୍ଥାନ : କଣିହାଁ ବ୍ଲକ ତେଲିସିଂହା ଗ୍ରାମ ସ୍ଥିତ ଆଞ୍ଚଳିକ ସତ୍‌ସଙ୍ଗ କେନ୍ଦ୍ର, ସମୟ : ସକାଳ ୭ ଟା, ପ୍ରସାଦ ସେବନ: ଅପରାହ୍ନ ୧ ଟା।
- ଖୁଦୁରୁକୁଣୀ ବ୍ରତ ସମାପନ, ସ୍ଥାନ: କଣିହାଁ ବ୍ଲକ ବଡ଼ହାରା ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ପ୍ରେରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଏରସମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ:ତିନିମୁହାଣି, କେନ୍ଦ୍ରାପଡ଼ା ସହର, ସାନ୍ତସାହି ଛକ, କେନ୍ଦ୍ରାପଡ଼ା, ବସଷ୍ଟାଣ୍ଡ ଛକ, ଆଳି, ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ୟୁକୋ ବ୍ୟାଙ୍କ ଛକ, ଗରଦପୁର, ତହସିଲ ଅଫିସ, କେୟାରବାଙ୍କ, ମହାକାଳପଡ଼ା, ଆଇବି ଛକ, ମାର୍ଶାଘାଇ, ହରପାର୍ବତୀ ମନ୍ଦିର, ପଟ୍ଟାମୁଣ୍ଡାଇ, ଥାନା ଛକ, ରାଜକନିକା, ରାଜନଗର ବ୍ରିଜ, ରାଜନଗର, ସମୟ:ସକାଳ ୮ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ବଡପଡା ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ଜମଧର ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ତିକନପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ମେହେନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଛପାଲି, ମହାକାଳପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ମିରର୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଲାୟନ୍ସ କ୍ଲବର ଯାଜପୁର ଅଫିସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଟାଉନ ଗାନ୍ଧୀଛକ, ସମୟ: ସନ୍ଧ୍ୟା ୬ଟା।
- ଜାରକା ଗଣେଶ ପୂଜା କମିଟି ପକ୍ଷରୁ କଟକ ସୁଇଟ ଡ୍ୟାନ୍ସ ମହଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ଗଣେଶ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହର୍ଷି ଦୟାନନ୍ଦ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକର ପଥରା ବୃଦ୍ଧାଶ୍ରମ, ସମୟ: ପ୍ରାତଃ ୫ଟା ।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା।
- ସୁନିଆଁ ପର୍ବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଜିଲାପାଳ ଓ ନୟାଗଡ଼ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ:ନୟାଗଡ଼ ବ୍ଲକ୍ ଠାରୁ ନୟାଗଡ଼ ଜିଲାପାଳ ଅଫିସ, ସମୟ: ସକାଳ ୮ଟା।
- ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଆଶ୍ରମ ନୟାଗଡ଼ ପକ୍ଷରୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଯୁବ ସମ୍ମେଳନ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂସାରୀ ସମ୍ପ୍ରଦାୟର ସୁନିଆଁ ପର୍ବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ସୁନିଆଁପର୍ବ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଗଜ ଉଦ୍ଧାରଣ, ବଳି ବାମନ ପ୍ରସଙ୍ଗ, ସମୁଦ୍ର ମନ୍ଥନ, ଅମ୍ବରୀଶ ଉପାଖ୍ୟାନ ଉପରେ ପ୍ରବଚନ,ସମୟ: ସନ୍ଧ୍ୟା ୭ଟା।
- ତଅପୋଇ ମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ରେଳ ଷ୍ଟେସନରୁ ଜିଲା ପରିଷଦ କନଫରେନ୍ସ ହଲ୍, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଗୁଡ଼ାରୀ, ମୁନିଗୁଡ଼ା, ସମୟ: ସକାଳ ୮ଟା ।
- ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ରାମକୃଷ୍ଣ ନଗର ପୂଜା ମଣ୍ଡପ, ସମୟ: ସକାଳ ୮ଟା ୩୦।
- ଅଗ୍ନି ଭୈରବ ବାଲିଯାତ୍ରା ଆରମ୍ଭ, ସ୍ଥାନ: ଟିକିରି, ସମୟ: ଅପରାହ୍ନ ୩ଟା।
- ନବରାତ୍ରି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାୟଗଡ଼ା, ସମୟ : ଅପରାହ୍ନ ୪ ଟା।
- ନ୍ୟୁ କଲୋନୀସ୍ଥିତ ମା ଗଜଲକ୍ଷ୍ମୀ ପୂଜା କମିଟିର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ମଧୁସୂଦନ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର

- ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ, ସ୍ଥାନ: ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଏମ୍‌ଏସ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନାଲ୍‌କୋ ମଜଦୁର ସଂଘ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ସକାଳ ୮ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନାକୁ ନେଇ ସ୍ୱାଗତ ପଦଯାତ୍ରା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।
- କୋରାପୁଟ ଜିଲା ଆଇନ ସହାୟତା ସେବା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ : ସର୍ବୋଦୟ ସମିତି, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- କୋରାପୁଟ ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦକ୍ଷତା ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କାଲିମେଲା ଏମ୍‌ପିଭି ୮୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ସଙ୍ଗୀତଜ୍ଞ ଜୁଲାରାମ କଲେତଙ୍କ ପାରମ୍ପରିକ ଗୀତ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୮ଟା ୩୦।
- ଯାଦବ ସମାଜ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଓ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦।
- କଲମ ଆୟୋଜିତ ନୂଆଁଖାଇ ଭେଟଘାଟ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଲିଟିଲ ମିସ୍ / ଲିଟିଲ ମାଷ୍ଟର ପ୍ରତିଯୋଗିତା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ ଘାଟ ତିହାର -୨୦୨୪, ସ୍ଥାନ : ଧନୁପାଲି ନିକଟସ୍ଥ ଆଦିତ୍ୟ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୪ଟା।
- ଶ୍ରୀନିବାସ ଅଗ୍ରୱାଲ ସ୍ମୃତି ସମିତି ପକ୍ଷରୁ ଜାତୀୟ ଆଲୋଚନା ଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।
- ଆଫ୍ରିକାନ ଡାଇମଣ୍ଡ ସର୍କସ ଶୁଭାରମ୍ଭ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା୧୫।

## ବଲାଙ୍ଗୀର

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସୁଭଦ୍ରା ଯୋଜନା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ମେଣ୍ଡିଲିପାଲି,ବୀରମହାରାଜପୁର, ସମୟ: ସକାଳ ୯ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର ପ୍ରାଙ୍ଗଣ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- କୃଷ୍ଣଲୀଳା ଓ କଂସ ଦରବାରର ଉଦ୍‌ଯାପନୀ, ସ୍ଥାନ: କୁମାରକେଲି,ଉଲୁଣ୍ଡା ବ୍ଲକ, ସମୟ:ସନ୍ଧ୍ୟା ୭ଟା୩୦।

## ବରଗଡ଼

- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସହଁରାପାଲି ଛକ, ଭେଡ଼େନ, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସାଂସ୍କୃତିକ ସଂସଦର ନୂଆଖାଇ ଭେଟ୍, ସ୍ଥାନ: କୁରୁଆଁ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସୁଭଦ୍ରା ଯୋଜନା ସମ୍ପର୍କରେ ପଦଯାତ୍ରା, ସ୍ଥାନ: ସହରସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ରୁଦ୍ରାଭିଷେକ, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳ ସ୍ଥିତ ୧୯ ନମ୍ବର ୱାର୍ଡ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳସ୍ଥିତ ୨୦ ନମ୍ବର ୱାର୍ଡ ମଙ୍ଗଳ ବଜାର ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର,ସୁନ୍ଦରଗଡ଼, ସମୟ: ସକାଳ ୮ଟା।
- ବଡ଼ଗାଁ ପଞ୍ଚାୟତ ସମିତି ପକ୍ଷରୁ ସୁଭଦ୍ରା ଯୋଜନା ଲାଗି ଶୋଭାଯାତ୍ରା,ସ୍ଥାନ:ବଡ଼ଗାଁ ବ୍ଲକ ଅଫିସ, ସମୟ:ପୂର୍ବାହ୍ନ୧୦ଟା।
- ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ଉଦ୍‌ଯାପନ,ସ୍ଥାନ: ବଡ଼ଗାଁ ମିନି ଷ୍ଟଡିୟମ,ସମୟ: ଅପରାହ୍ନ ୩ଟା୩୦।

## ରାଉରକେଲା

- ଜୟଦେବ କଳା ବିକାଶ କେନ୍ଦ୍ରର ଅହୋରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ବାଟ ମା’ ମଙ୍ଗଳା ପରିସର, ସମୟ: ସକାଳ ୬ଟା।
- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୬ଷ୍ଠ ଦିବସ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟପାଳଙ୍କ ଦ୍ୱାରା ନୂତନ ବନ୍ଦେ ଭାରତ ଟ୍ରେନ୍‌ର ଫ୍ଲାଗ୍‌ଅପ୍, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ ପ୍ଲାଟଫର୍ମ ନଂ. ୬, ସମୟ: ପୂର୍ବାହ୍ନ ୧୦ଟା।
- ଧାମରା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା କବିତା ଆସର, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ଦ୍ୱି ଦିବସୀୟ ଜାତୀୟ ସ୍ତରୀୟ କର୍ମଶାଳା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆର୍‌ଏସ୍‌ପି ସ୍ୱୀକୃତ ଶ୍ରମିକ ନିର୍ବାଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୮, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଇଆଇ ପକ୍ଷରୁ ୫୭ତମ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା୩୦।
- ଫେଶନ କ୍ରେଜି-୨ କାର୍ଯ୍ୟକ୍ରମ, ସ୍ଥାନ: ଏରିଆ-୫୧, ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୫ଟା ।
- ରାଜବୀ କରମା ମହୋତ୍ସବ, ସ୍ଥାନ: ଓରାମପଡା, ଦୁର୍ଗାପୁର, ସମୟ: ଅପରାହ୍ନ ୫ଟା।
- ସତ୍ୟବାଦୀର ଶେଷ ଶାଖା ଆଚାର୍ଯ୍ୟ ହରିହର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଜେଲ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦।
- ତ୍ରିଦିବସୀୟ ଭାଗବତ କଥାମୃତର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଏ’ ବ୍ଲକ, କୋଏଲ ନଗର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଶ୍ରୀ ଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା କାର୍ଯ୍ୟକ୍ରମ, ସ୍ଥାନ: ବାବୁସାହି, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ମେଳା ଅବସରରେ ସର୍ବସାଧାରଣରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗଣେଶଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ୬ଟା ୩୦।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଗଣେଶଙ୍କ ଆଶୀର୍ବାଦ ଲଡୁ ଉନ୍ମୋଚନ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ ଅପେରା, ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ଼, ବଡ ବଗିଚା, ସମୟ: ରାତ୍ର ୧୧ଟା।

## କଳାହାଣ୍ଡି

- ସୁଭଦ୍ରା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବିଶ୍ୱ ସଂସ୍କୃତି ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- କୁଳତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ପୋଲିସ ପଡିଆସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱାଶହେ ଜିଲା କୁଳତା ସମାଜ ପକ୍ଷରୁ ନଗର ପରିକ୍ରମା, ସ୍ଥାନ: ନୂଆପଡ଼ା ଜିଲା ସଦର ମହକୁମା ଏକତା ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ ତମ ଜୟନ୍ତୀ ପାଳନ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ସକାଳ ୮ଟା।

## ବୌଦ୍ଧ

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୮ଟା।
- ବିକାଶ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ଅପରାହ୍ନ ୪ଟା ।
- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ ଉଦ୍‌ଯାପନ, ସ୍ଥାନ: ଗୁରୁ ଶ୍ରୀଭିକାରୀ କଳାମଣ୍ଡପ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରର ସହମତି ଓ ସହଯୋଗ କାରଣରୁ ଆପଣଙ୍କ କାମ ନିର୍ବିଘ୍ନରେ ସମ୍ପନ୍ନ ହେବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଦ୍ୱିଜା ନକ୍ଷତ୍ରର ପାଖକୁ ଆସି ପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିପାରିବେ ନାହିଁ।

**ବୃଷ** କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶ କ୍ରମେ ପ୍ରତିଯୋଗିତାରେ ସଫଳତା ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅନ୍ୟକୁ ସାହାଯ୍ୟର ଦୁଃସାହସିକ ପଦକ୍ଷେପ ପାଇଁ ପ୍ରଶଂସିତ ହେବେ।

**ମିଥୁନ** ଆଜି ଅଷ୍ଟମ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା କାରଣରୁ ସାମୟିକ ମନୋବଳ କାମକୁ ତ୍ୱରାନ୍ୱିତ କରିବ।

**କର୍କଟ** ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେବ। ରାଶ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ମିଳିବ। ପରିବାରର ସାହାଯ୍ୟକ୍ରମେ ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** ଦୀର୍ଘଦିନରୁ ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟସ୍ୱୀକାର କରିବାକୁ ପଡ଼ିବ। ଦ୍ୱାଦଶାଧିପ ଷଷ୍ଠଭାବରେ ଅବସ୍ଥାନ କରିଥିବାରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ସଭାସମିତିରେ ଅଥବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ନୀତିଗତ କାମରୁ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ସକାଶେ କେତେକ ଅନିଚ୍ଛାକୃତ କାରଣବଶତଃ କର୍ମାରମ୍ଭ ସ୍ଥଗିତ ରହିଯିବ। ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ପୂର୍ବକ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବେ। ପାରିବାରିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ତୁଳା** ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜିପାରନ୍ତି। ଆପଣଙ୍କ ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ପାଇବେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ତୃତୀୟ ଚନ୍ଦ୍ର ପ୍ରଭାବରୁ ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ପର କଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି ଯୋଗୁ ଚିକିତ୍ସକଙ୍କ ପାଖକୁ ଧାଁ ଧଉଡ଼ କରିବେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ, ସଦିଚ୍ଛା ଲାଭ କରି ଖୁସି ରହିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। ମୂଳା ନକ୍ଷତ୍ର ସକାଶେ ପାରିବାରିକ ଜଞ୍ଜାଳ ବୃଦ୍ଧି ସାମୟିକ ବ୍ୟସ୍ତତାର କାରଣ ହୋଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ଆଜି ଶ୍ରୀଚନ୍ଦ୍ର ହେତୁ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ଅଯଥା ସନ୍ଦେହଜନିତ ଘରୋଇ କଳହ ବଢ଼ି ବଢ଼ି ମନ ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ଯୋଜନା ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ପୂର୍ବଭାଦ୍ର ନକ୍ଷତ୍ର ବିଭିନ୍ନ ଅସୁବିଧାରେ ବୁଡ଼ି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ରେବତୀ ନକ୍ଷତ୍ର ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିବେ।

ଆଜି ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତା ଦିବସ, ଭାଦ୍ରବ ଶୁକ୍ଳପକ୍ଷର ଶ୍ରବଣା ଦ୍ୱାଦଶୀ ରବିବାର, ଶ୍ରୀଦିବ୍ୟସିଂହ ଦେବ ମହାରାଜାଙ୍କ ନୂତନ ଅଙ୍କ ଆରମ୍ଭ, ସୁନିଆଁ, ସର୍ବସମ୍ମତ ବାମନ ଜନ୍ମ, ଶ୍ରୀମନ୍ଦିରରେ ବାମନ ଜନ୍ମ, ଶକ୍ରଧ୍ୱଜ ଉତ୍ଥାପନ, ଇନ୍ଦ୍ରଧ୍ୱଜ ପୂଜା, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ଖୁଦୁରୁକୁଣୀ ଓଷା ଶେଷପାଳି, ମାସାନ୍ତ, ଶରଣ, ରାଶିନକ୍ଷତ୍ର-ଶ୍ରବଣା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ଘ.୦୯।୪୦ ମଧ୍ୟେ, ଘ.୦୧।୧୨ ଗତେ ଘ.୦୧।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୧୪ ଗତେ ଘ.୦୫।୪୫ ମଧ୍ୟେ ରାହୁକାଳ।

**ପ୍ରତି ରବିବାର ଉତ୍କେଳାରୁ ଭୁବନେଶ୍ୱରକୁ ଉଡ଼ିବ ବିମାନ**

ଭୁବନେଶ୍ୱର,୧୪।୯(ବନ୍ଦନା ସେଠୀ): ଏଣିକି ରବିବାର ମଧ କଳାହାଣ୍ଡି ଜିଲାର ଉତ୍କେଳା ବିମାନବନ୍ଦରରୁ ଭୁବନେଶ୍ୱରକୁ ଉଡିବ ବିମାନ। ୧୫ ତାରିଖରୁ ପ୍ରତି ରବିବାର ଉତ୍କେଳାରୁ ଭୁବନେଶ୍ୱର ଏବଂ ଭୁବନେଶ୍ୱରରୁ ଉତ୍କେଳାକୁ ବିମାନ ସେବା ଜାରି ରହିବ। ଶନିବାର ଏନେଇ ଇଣ୍ଡିଆୱାନ୍ ଏୟାର ପକ୍ଷରୁ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦିଆଯାଇଛି। ପୂର୍ବରୁ ଉତ୍କେଳାରୁ ଭୁବନେଶ୍ୱରକୁ ସପ୍ତାହର ୩ ଦିନ ଅର୍ଥାତ୍ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ବିମାନ ସେବା ଉପଲବ୍ଧ ହେଉଥିଲା। ଏବେ ଯାତ୍ରୀମାନେ ସପ୍ତାହର ୪ଦିନ ବିମାନ ସେବା ପାଇବେ ବୋଲି କୁହାଯାଇଛି।




# ଏମ୍‌ଭିଜି ଅଣଦେଖାରୁ ରାଜସ୍ୱ କ୍ଷତି

## ସହରାଞ୍ଚଳ ଜମି, କୋଠାବାଡ଼ି ବଜାର ମୂଲ୍ୟ ସଂଶୋଧନରେ ବ୍ୟାପକ ତ୍ରୁଟି

ଭୁବନେଶ୍ୱର,୧୪।୯ (ଲାଲା ସୁନୀଲ କୁମାର ରଥ)

ଓଡ଼ିଶା ବିଧାନସଭାରେ ଗତ ୧୧ତାରିଖରେ ଉପସ୍ଥାପିତ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ସହରାଞ୍ଚଳ ଜମି ଓ କୋଠାବାଡ଼ି ପାଇଁ ବଜାର ମୂଲ୍ୟ ନିର୍ଦ୍ଧାରଣ ଏବଂ ବଜାର ମୂଲ୍ୟ ମାର୍ଗଦର୍ଶିକା(ଏମ୍‌ଭିଜି)କୁ ନିର୍ଦ୍ଦିଷ୍ଟ ଅବଧିରେ ସଂଶୋଧନ କରାଯିବାରେ ବ୍ୟାପକ ତ୍ରୁଟି, ଅବହେଳା ଏବଂ ଅନିୟମିତତା ହୋଇଥିବା ଜଣାପଡ଼ିଛି। ସ୍ଥାବର ସମ୍ପତ୍ତି ବିକ୍ରୟ ସମୟରେ ଏହାର ରେଜିଷ୍ଟ୍ରି(ନିବନ୍ଧନ) ନିମନ୍ତେ ଓଡ଼ିଶା ଷ୍ଟାମ୍ପ(ଆମେଣ୍ଡମେଣ୍ଟ) ରୁଲ୍‌ସ-୨୦୦୧ ଅନୁସାରେ ମୂଲ୍ୟ ସ୍ଥିର କରିବା ଏବଂ ନିର୍ଦ୍ଦିଷ୍ଟ ଅବଧିରେ ସମ୍ପତ୍ତିର ସର୍ବନିମ୍ନ ମୂଲ୍ୟ ସଂଶୋଧନ କରିବା ପାଇଁ ରାଜ୍ୟରେ ଏମ୍‌ଭିଜି ପ୍ରଚଳନ କରାଯାଇଛି। ଏମ୍‌ଭିଜିର ନିର୍ଦ୍ଦିଷ୍ଟକାଳୀନ ସଂଶୋଧନ ନ ହେଲେ କିମ୍ବା ଭ୍ରମାତ୍ମକ ସଂଶୋଧନ ହେଲେ ସମ୍ପତ୍ତିର ନିରପେକ୍ଷ ବଜାର ମୂଲ୍ୟ ଏବଂ ବିକ୍ରୟର ପ୍ରକୃତ ନିବନ୍ଧନ ମୂଲ୍ୟ ମଧ୍ୟରେ ତାରତମ୍ୟ ଦେଖା ଦେଇଥାଏ। ଯେହେତୁ ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫି' ସମ୍ପତ୍ତିର ନିବନ୍ଧିତ ମୂଲ୍ୟ ଉପରେ ଲାଗୁ ହୋଇଥାଏ, ତେଣୁ ଏଭଳି ତାରତମ୍ୟ ପାଇଁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ଘଟିଛି।

ସିଏଜି ରାଜ୍ୟର ୧୪ଟି ଉପନିବନ୍ଧକ(ସବ୍ ରେଜିଷ୍ଟ୍ରାର)/ ଜିଲା ଉପନିବନ୍ଧକ(ଡିଏସ୍‌ଆର୍)ଙ୍କ କ୍ଷେତ୍ର ଅନ୍ତର୍ଗତ ସହରାଞ୍ଚଳ ଜମି ଓ କୋଠାବାଡ଼ି ପାଇଁ ୨୦୧୮-୧୯ରୁ ୨୦୨୧-୨୨ ଆର୍ଥିକ ବର୍ଷ ଅବଧି ମଧ୍ୟରେ ଏମ୍‌ଭିଜି ସଂଶୋଧନ ସମ୍ପର୍କିତ ନିୟମାବଳୀ ଅନୁପାଳନର ସମୀକ୍ଷା କରି ବ୍ୟାପକ ତ୍ରୁଟି ଏବଂ ଅନିୟମିତତାକୁ ଧରିଛନ୍ତି। ଜଣେ ପ୍ରବୀଣ ମୂଲ୍ୟାୟନକାରୀଙ୍କୁ ମୂଲ୍ୟାୟନ କମିଟିର ସଦସ୍ୟଭାବେ ମନୋନୀତ କରିବା ନିୟମ ରହିଛି। ଏପରି କି ଅନ୍ୟ ରାଜ୍ୟରେ ବୈଷୟିକ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିଙ୍କୁ ମୂଲ୍ୟାୟନକାରୀଭାବେ ଚୟନ କରାଯାଇଥାଏ। କିନ୍ତୁ ଓଡ଼ିଶାରେ ଏଭଳି କୌଣସି ବୈଷୟିକ ଯୋଗ୍ୟତା କିମ୍ବା ଯୋଗ୍ୟତାର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇ ନାହିଁ। ଫଳରେ ମୂଲ୍ୟୟନ କମିଟିଗୁଡ଼ିକ ପ୍ରବୀଣ ମୂଲ୍ୟାୟନକାରୀଙ୍କ ବିନା ଗଠନ କରାଯାଇଥିଲା। ସେହିପରି ମୂଲ୍ୟାୟନ କମିଟିଗୁଡ଼ିକ ନିୟମାବଳୀ ଦ୍ୱାରା ବିହିତ ଫର୍ମରେ ପ୍ରଯୁଜ୍ୟ ତଥ୍ୟ ସଂଗ୍ରହ କରି ନ ଥିଲେ। ଯେପରି କି ବିଗତ ୨ବର୍ଷରେ ରେଜିଷ୍ଟ୍ରି ହୋଇଥିବା ବିକ୍ରୟ ସମ୍ପତ୍ତିର ହାରାହାରି ମୂଲ୍ୟ, ନିଲାମ ଭିତ୍ତିରେ ବିକ୍ରି ହୋଇଥିବା ସରକାରୀ ଜମିର ମୂଲ୍ୟ, ସହରାଞ୍ଚଳରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ଅଞ୍ଚଳ ସମ୍ପତ୍ତିର ମୂଲ୍ୟ ଆଦି ତଥ୍ୟ ମୂଲ୍ୟାୟନ କମିଟିଗୁଡ଼ିକ ସଂଗ୍ରହ କରି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ପ୍ରତ୍ୟେକ ସବ୍ ରେଜିଷ୍ଟ୍ରାର ଏବଂ ଜିଲା ସବ୍ ରେଜିଷ୍ଟ୍ରାରଙ୍କ ଅଞ୍ଚଳ ଅନ୍ତର୍ଗତ ବ୍ୟବସାୟିକ ବର୍ଗ ଫ୍ଲାଟ୍‌ର ତାଲିକ ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ସହରାଞ୍ଚଳର ଅନୁଷ୍ଠାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ତାଲିକାଭୁକ୍ତ କରାଯାଇ ନ ଥିଲା। ବିଶେଷକରି ପୁରୀ ଜିଲାରେ ସରକାରୀ ଭାବରେ କୌଣସି ବ୍ୟବସାୟିକ ଫ୍ଲାଟ୍‌କୁ ତାଲିଭୁକ୍ତ କରାଯାଇ ନାହିଁ, ଯଦିଓ ବେଳାଭୂମି ସମ୍ମୁଖରେ ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟ ରହିଛି।



**୧୦୦ ଫ୍ଲାଟ୍‌ରେ ୧୨୫.୯୯ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି କ୍ଷତି ଦର୍ଶାଇଲେ ସିଏଜି**

ମୂଲ୍ୟାୟନ କମିଟିଗୁଡ଼ିକର ଏକ ବଡ଼ ଅବହେଳାକୁ ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତାହାହେଲା ଉଚ୍ଚ ବଜାର ମୂଲ୍ୟ ପାଇଁ ସମ୍ଭାବ୍ୟତା ଥିବା ସମ୍ପତ୍ତିକୁ ଚିହ୍ନଟ କରିବାରେ ଉପଯୁକ୍ତ ଉତ୍ସକୁ ଉପଯୋଗ ନ କରିବା। ମୂଲ୍ୟାୟନ କମିଟିଗୁଡ଼ିକ ଉଚ୍ଚ ବଜାର ମୂଲ୍ୟ ସମ୍ଭାବ୍ୟତା ଥିବା ସମ୍ପତ୍ତିକୁ ଚିହ୍ନଟ କରିବାରେ କେବଳ ତହସିଲଦାରଙ୍କ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ଠାରୁ ମିଳିଥିବା ପ୍ରସ୍ତାବିତ ଏମ୍‌ଭିଜି ଉପରେ ନିର୍ଭର କରିଥିଲେ। ସିଏଜି ନିରୀକ୍ଷଣରୁ ଜାଣି ପାରିଥିଲେ ଯେ, ଆର୍‌ଆଇମାନଙ୍କ ଦ୍ୱାରା ପ୍ରଦତ୍ତ ସମ୍ପତ୍ତି ତଥ୍ୟ ଲ୍ୟାଣ୍ଡ ରେକର୍ଡ ଡକ୍ୟୁମେଣ୍ଟ ଉପରେ ପର୍ଯ୍ୟବସିତ ଥିଲା, ଯାହାକି ଜମିର ସର୍ବଶେଷ ବ୍ୟବହାର ସମ୍ପର୍କିତ ସରଜମିନ ତଦନ୍ତ ଉପରେ ପର୍ଯ୍ୟବସିତ ହେବା କଥା। ସେହିପରି ଚାଷଜମିକୁ ଅଣକୃଷିଗତ ଉଦ୍ଦେଶ୍ୟରେ କିସମ ପରିବର୍ତ୍ତନ ଦିଗରେ ଓଡ଼ିଶା ଭୂସଂସ୍କାର ଅଧିନିୟମକୁ ଅନୁପାଳନ କରାଯାଇ ନ ଥିଲା, ଯେଉଁ ଫ୍ଲାଟଗୁଡ଼ିକରେ କି ବ୍ରାଣ୍ଡେଡ ଷ୍ଟୋର ଏବଂ ରେଷ୍ଟୁରାଣ୍ଟ ମଧ ଚାଲିଥିଲା। ସେହି ଫ୍ଲାଟଗୁଡ଼ିକୁ ନିବନ୍ଧନ କାର୍ଯ୍ୟାଳୟରେ ଭ୍ରମାତ୍ମକ ଭାବେ 'ଚାଷ ଜମି, ଜଳସେଚିତ ଜମି, ଉଦ୍ୟାନ ଜମି' ଭାବେ ବର୍ଗୀକରଣ କରାଯାଇଥିଲା। ଫଳରେ ଏମ୍‌ଭିଜି ସଂଶୋଧନ ପାଇଁ କମ୍ ମୂଲ୍ୟ ନିର୍ଦ୍ଧାରିତ ହେଉଥିଲା ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସିଏଜି ବୈଷୟିକ ମୂଲ୍ୟାଙ୍କନକାରୀଙ୍କ ଦ୍ୱାରା ୧୦୦ଟି ଫ୍ଲାଟକୁ ଅନୁଧାନ ଭାବେ ନେଇଥିଲେ। ସେଥିରୁ ପ୍ରକୃତ ବଜାର ମୂଲ୍ୟ(ଏଫ୍‌ଏମ୍‌ଭି) ଏବଂ ଏମ୍‌ଭିଜି ମଧ୍ୟରେ ୧୨୫.୯୯କୋଟିଟଙ୍କାର ଷ୍ଟାମ୍ପ ଡ୍ୟୁଟି କ୍ଷତି ହୋଇଥିବା ଜଣାପଡ଼ିଥିଲା।

କୋଠାବାଡ଼ି ମୂଲ୍ୟାଙ୍କନରେ ମଧ ସିଏଜି ତ୍ରୁଟି ଧରିଛନ୍ତି। କୋଠାବାଡ଼ି ମୂଲ୍ୟାଙ୍କନ ସମ୍ପର୍କିତ ନିୟମାବଳୀରେ ଘରର ଆଭ୍ୟନ୍ତରୀଣ ସାଜସଜ୍ଜା, ମଡ୍ୟୁଲାର ରୋଷେଇ ଘର, କାଷ୍ଠ ସାଜସଜ୍ଜା ସରଞ୍ଜାମ ଏବଂ ସଂଲଗ୍ନ ଉପକରଣ ଇତ୍ୟାଦିକୁ ହିସାବକୁ ନେବାକୁ କୌଣସି ବ୍ୟବସ୍ଥା ନାହିଁ, ଫଳରେ ଆପାର୍ଟମେଣ୍ଟରେ ଥିବା ବ୍ୟକ୍ତିଗତ ବାସଗୃହର ବଜାର ମୂଲ୍ୟରେ ପ୍ରଭାବ ପକାଉଛି। ଅନ୍ୟପକ୍ଷରେ ଏମ୍‌ଭିଜି ସଂଶୋଧନ ପାଇଁ ଥିବା କଣ୍ଟ୍ରୋଲ୍ ମେକାନିଜମକୁ ସମୀକ୍ଷା କରିବାବେଳେ ସିଏଜି ଦେଖିଥିଲେ ଯେ, ରାଜ୍ୟର କୌଣସି ଜିଲାପାଳ ନିୟମାବଳୀରେ ଥିବା ବ୍ୟବସ୍ଥାର ପ୍ରଚଳନ କରି ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇ ନାହାନ୍ତି। ପୁରୀଠାରେ ଏକ ନୂଆ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ବିଷୟକୁ ଉଦାହରଣ ଭାବେ ନିଆଯାଇପାରେ, ଯାହା ପାଇଁ ପ୍ରସ୍ତାବିତ ସ୍ଥଳରେ ଜାଗା ମୂଲ୍ୟ ଅପ୍ରତ୍ୟାଶିତ ଭାବେ ବଢ଼ିଥିଲା। ସେହିପରି କୌଣସି ମୂଲ୍ୟାୟନ କମିଟି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଅଧିକାରୀଙ୍କୁ ଡାକି ନ ଥିଲା କିମ୍ବା ସରକାରୀ ନଥିପତ୍ର ଯାଞ୍ଚ କରି ନ ଥିଲା କିମ୍ବା କୌଣସି ଅଧିକାରୀଙ୍କ ଉକ୍ତି ଉଲ୍ଲେଖ କରି ନ ଥିଲା। ଏହା ହୋଇଥିଲେ ନିୟମାବଳୀରେ ଥିବା ବ୍ୟବସ୍ଥାର ପ୍ରଚଳନ କରି ଏମ୍‌ଭିଜିର ସଂଶୋଧନ ପାଇଁ ସହାୟକ ହୋଇପାରିଥାନ୍ତା।

ସିଏଜି ସହରାଞ୍ଚଳ ଜମି, କୋଠାବାଡ଼ି ବଜାରମୂଲ୍ୟ ସଂଶୋଧନ କ୍ଷେତ୍ରରେ ଅନେକ ତ୍ରୁଟି ଏବଂ ଅବହେଳା ଧରିବା ପରେ ରାଜ୍ୟ ସରକାରଙ୍କ ନିମନ୍ତେ କେତେକ ସୁପାରିସ କରିଛନ୍ତି। ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକମାନଙ୍କୁ ଉପଜିଲା ମୂଲ୍ୟାୟନ କମିଟି(ଏସ୍‌ଡିଭିସି)/ ଜିଲା ମୂଲ୍ୟାୟନ କମିଟି(ଡିଭିସି)ଗୁଡ଼ିକର ସଭ୍ୟଭାବେ ମନୋନୀତ ହେବା ପାଇଁ ବୈଷୟିକ ଯୋଗ୍ୟତା ମାନଦଣ୍ଡ ନିର୍ଦ୍ଧାରଣ ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(ଆର୍‌ଡିଏମ୍) ବିଭାଗ ଓଡ଼ିଶା ଷ୍ଟାମ୍ପ(ସଂଶୋଧନ) ରୁଲ୍‌ସ-୨୦୦୧ର ନିୟମ ୩୮ ଓ ୩୯ର ସଂଶୋଧନ କରିପାରନ୍ତି ବୋଲି ଉଲ୍ଲେଖ ରହିଛି।

# ଫାଉଡ଼ା ଧରି ଶ୍ରମଦାନ କଲେ ଜିଲାପାଳ

## 'ମୁଁ ଚାଷୀଘର ପିଲା, ମାଟିକାମ ଜାଣେ'

ନୂଆପଡ଼ା,୧୪।୯(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ସମରସିଂ ଓ ସିଲଭା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଯାଇ ଖୋଦ ଜିଲାପାଳ ଶ୍ରମଦାନ କରିଛନ୍ତି। ଏହି ସମୟରେ ଉପସ୍ଥିତ ଥିବା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କୋମନା ବିଡିଓ ମଧ ଜିଲାପଳଙ୍କ ସହ ମିଶି ମାଟି କାର୍ଯ୍ୟ କରିଛନ୍ତି। ସୂଚନା ମୁତାବକ ଶନିବାର ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, କୋମନା ବିଡିଓ ହିତାଂଶୁ ଶେଖର ସାମଲ କୋମନା ବ୍ଲକ ସମରସିଂ ପଞ୍ଚାୟତର ଖଜୁରବାହାଲ ଗାଁ ଓ ସିଲଭା ପଞ୍ଚାୟତର ଚଚରାଝରଣ ଗାଁକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମୀକ୍ଷା ପାଇଁ ଯାଇଥିଲେ। ସେ ସମୟରେ ଉଭୟ ଗାଁରେ ୧୫୦ ଲେଖାଏ ଶ୍ରମିକ ମାଟି କାମ କରୁଥିଲେ। ସେମାନେ ଜଙ୍ଗଲ ସୁରକ୍ଷା, ଜଳ ସଞ୍ଚୟ ଓ ମାଟି କ୍ଷୟ ରୋକିବା ପାଇଁ ଟ୍ରେଞ୍ଚ କମ ବୋଡିଂ (ଟିସିବି) କାମ କରୁଥିଲେ। ସେହି ସମୟରେ ଖୋଦ ଜିଲାପାଳ ମୁଁ ମଧ ଚାଷୀ ଘର ପିଲା, ମାଟି କାମ କରିବା ଜାଣେ କହି ଫାଉଡା ଧରି ମାଟି ହାଣିବା ଆରମ୍ଭ କରିଥିଲେ। ଅନ୍ୟ ଶ୍ରମିକମାନଙ୍କୁ ସହଯୋଗ କରି ଫାଉଡାରେ ମାଟି ଉଠାଇ ଘମେଲା ଉପରେ ଦେଉଥିଲେ। ଶ୍ରମିକମାନେ ତାହାକୁ ନେଇ ଅନ୍ୟତ୍ର ଫିଙ୍ଗୁଥିଲେ। ଜିଲାପାଳଙ୍କ କାର୍ଯ୍ୟ ଦେଖି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ବିଡିଓ ମଧ କାମରେ ଲାଗି ଯାଇଥିଲେ। ଏହାକୁ ଦେଖି ଶ୍ରମିକମାନେ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲାପାଳ ଜିଲାର ସମସ୍ତ ଶ୍ରମିକଙ୍କ ଡାଟାବେଶ ପ୍ରସ୍ତୁତ କରିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମାଟି କାର୍ଯ୍ୟ କରୁଛନ୍ତି।

# ମା'ଙ୍କ ଗଳା କାଟି ହତ୍ୟାକଲେ ୨ ପୁଅ

- ବଡ଼ପୁଅ ଅଟକ, ସାନ ଫେରାର
- ୨ ଛୁରି ଜବତ

କଟକ,୧୪।୯ (କାର୍ତ୍ତିକ ସାହୁ)

ବୃଦ୍ଧା କାଳେ ପୁଅ ହିଁ ମା'ଙ୍କ ସାହାଭରସା। ହେଲେ ସେହି ଭରସାରେ ବିଶ୍ୱାସଘାତ କରି ବର୍ବରତାର ସବୁ ସୀମା ପାର କରିଛନ୍ତି ଦୁଇ ପୁଅ। ଧାରୁଆ ଅସ୍ତ୍ରରେ ନିଜ ମା' ଅନିମା ମହାନ୍ତି(୭୪)ଙ୍କ ଗଳା କାଟି ହତ୍ୟା କରିଛନ୍ତି। ପରେ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରିଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଶନିବାର କଟକ ମହାନଦୀ ବିହାର ଅଞ୍ଚଳରେ ଘଟିଛି। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏଥିସହ ଦୁଇଟି ଛୁରି ଜବତ ହୋଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପାରିବାରିକ କଳହ ଯୋଗୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଅନିମାଙ୍କ ବଡ଼ପୁଅ ଅଂଶୁମାନ ମହାନ୍ତି(୪୨)ଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ସାନପୁଅ ଅନୁରାଗ ମହାନ୍ତି(୩୭) ଫେରାର ଥିବା ଚାଉଳିଆଗଞ୍ଜ ଥାନା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି।


ଅନିମା ମହାନ୍ତି

ସୂଚନା ଅନୁସାରେ, ମହାନଦୀ ବିହାର ଅଞ୍ଚଳର ପ୍ଲଟ୍ ନମ୍ବର ୭୧୪ରେ ଅନୁରାଗ ଓ ଅଂଶୁମାନଙ୍କ ସହିତ ଅନିମା ରହୁଥିଲେ। ଶନିବାର ସକାଳେ ଘରର ଆସବାବପତ୍ର ସହ ଅନ୍ୟାନ୍ୟ ଜିନିଷ ବାହାରେ ପଡ଼ିଥିବା ସ୍ଥାନୀୟ ଜଣେ ବ୍ୟକ୍ତି ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ଘର ଖୋଲିବାରୁ ଅନିମାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ମା'ଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଘର ଚଟାଣକୁ ପାଣି ଢାଳି ଧୋଇ ଦେଇଥିଲେ ଦୁଇ ଭାଇ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସଞ୍ଜୟ ଜେନାଙ୍କ ଏତଲାକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ. ୨୩୯/୨୪) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ପ୍ରାୟ ୩ ବର୍ଷ ତଳେ ଅନିମାଙ୍କ ସ୍ୱାମୀ ଓ ତା'ର କିଛିଦିନ ପୂର୍ବରୁ ତାଙ୍କ ବଡ଼ଝିଅଙ୍କ ମୃତ୍ୟୁ ଘଟିଥିଲା। ଦୁଇ ପୁଅ ସହିତ ସେ ରହୁଥିଲେ। ଦୁଇ ପୁଅ ଅବିବାହିତ ଥିବାବେଳେ କିଛି କାମ କରୁ ନ ଥିଲେ। କିଛିଦିନ ପୂର୍ବରୁ ଦୁଇପୁଅ ମା'ଙ୍କୁ ନେଇ ଅନ୍ୟତ୍ର ଚାଲିଯାଇଥିଲେ। ଶୁକ୍ରବାର ମଧ ଦୁଇପୁଅ ତାଙ୍କୁ ଅଟୋରେ ନେଇ କେଉଁଆଡ଼େ ଯାଇଥିଲେ। ସମସ୍ତ ଆସବାବପତ୍ର କବାଡ଼ିଆକୁ ଡାକି ବିକି ଦେଇଥିଲେ। ଏହାସହ ଅନେକ ଆସବାବପତ୍ର ସହିତ ଘରର ଜିନିଷ ବାହାରେ ମଧ ପଡ଼ିଥିଲା। ଦୁଇ ପୁଅଙ୍କ ମାନସିକ ଅବସ୍ଥା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ହତ୍ୟାକାଣ୍ଡର କାରଣ ଖୋଜୁଛି ପୋଲିସ। ତେବେ ଦୁଇ ପୁଅ ନିଶ୍ଚିତ ଭାବେ ତାଙ୍କ ମା'ଙ୍କୁ ହତ୍ୟା କରିଛନ୍ତି, ଏହା ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର।

ତେବେ ବୃଦ୍ଧାଙ୍କ ହତ୍ୟା ପରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତି ଆଶଙ୍କା କରିଛନ୍ତି। ଏନେଇ ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି, ପରିବାରରେ ଦୁଇ ପୁଅଙ୍କ ସହ ମା' ରହୁଥିଲେ। ପୂର୍ବରୁ ଅନିମାଙ୍କ ପକ୍ଷରୁ ତାଙ୍କ ପୁଅଙ୍କ ବିରୋଧରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଯେଉଁ ବରିଷ୍ଠ ନାଗରିକମାନେ ନିଜ ପ୍ରତି ବିପଦ ଥିବା ଆଶଙ୍କା କରି ପୋଲିସର ସହାୟତା ଲୋଡୁଛନ୍ତି ସେମାନଙ୍କୁ ପୋଲିସ ସହାୟତା ଯୋଗାଇ ଦେଉଛି।

# ଆଜିଠୁ ଗଡ଼ିବ ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଏକ୍ସପ୍ରେସ୍

**ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ**

ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)

**ଟ୍ରେନ୍‌ରେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାତ୍ରା କରିବେ ମୁଖ୍ୟମନ୍ତ୍ରୀ**

ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ରବିବାର ଶୁଭାରମ୍ଭ ହେବ। ଝାଡ଼ଖଣ୍ଡସ୍ଥିତ ଟାଟାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବେ। ଶନିବାର ଏହାର ଟ୍ରାଏଲ ରନ୍ କରାଯାଇଥିବାବେଳେ ବିଭିନ୍ନ ଷ୍ଟେଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବ୍ରହ୍ମପୁର ରେଳଷ୍ଟେଶନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ରେଳଷ୍ଟେଶନ ପର୍ଯ୍ୟନ୍ତ ଯାତ୍ରା କରିବେ। ବ୍ରହ୍ମପୁର ସମେତ ବାଲୁଗାଁ, ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଯାଜପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼ ଓ କେନ୍ଦୁଝର ରେଳ ଷ୍ଟେଶନରେ ଏକ କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ବାଲୁଗାଁ ଷ୍ଟେଶନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ସୁଲତା ଦେଓ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ଭୁବନେଶ୍ୱର ରେଳଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା କାର୍ଯ୍ୟକ୍ରମରେ ଯୋଡ଼ିହେବେ। କଟକ ଷ୍ଟେଶନରେ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଯୋଗଦେବାକୁ ଥିବାବେଳେ ଯାଜପୁରା ଷ୍ଟେଶନରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ରହିବେ। ହରିଚନ୍ଦନପୁରଠାରେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ ଏବଂ କେନ୍ଦୁଝରଗଡ଼ ଷ୍ଟେଶନରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି।




# ସେପ୍ଟେମ୍ବର ୨୯ରୁ ୨ମାସ ପାଇଁ ପୃଥିବୀକୁ ମିଳିବ 'ମିନି ମୁନ୍'

ୱାଶିଂଟନ, ୧୪।୯

ସୌରଜଗତରେ ଏପରି ଅନେକ ଗ୍ରହ ରହିଛନ୍ତି, ଯେଉଁମାନଙ୍କଠାରେ ଏକାଧିକ ଚନ୍ଦ୍ର ରହିଥାନ୍ତି। ତେବେ ପୃଥିବୀରେ କେବଳ ଗୋଟିଏ ଚନ୍ଦ୍ର ଦୃଶ୍ୟମାନ ହୋଇଥାଏ। ବୈଜ୍ଞାନିକଙ୍କ ଅନୁଯାୟୀ, ଖୁବ୍‌ଶୀଘ୍ର ପୃଥିବୀ ଏକ ଅସ୍ଥାୟୀ କ୍ଷୁଦ୍ର ଚନ୍ଦ୍ର ବା ମିନି ମୁନ୍ ପାଇବାକୁ ଯାଉଛି। '୨୦୨୪ ପିଟିଓ' ନାମକ ଏକ ଆଷ୍ଟେରଏଡ୍ ଆକାରରେ ଏହି ମିନି ମୁନ୍ ରହିବ। ଏହି ବିରଳ ଜ୍ୟୋତିର୍ବିଜ୍ଞାନ ଘଟଣା ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ପ୍ରଦର୍ଶିତ କରିବ ବୋଲି ଆମେରିକାନ୍ ଆଷ୍ଟ୍ରୋନୋମିକାଲ୍ ସୋସାଇଟି ପକ୍ଷରୁ ପ୍ରକାଶିତ ଏକ ପେପରରେ କୁହାଯାଇଛି। ଉକ୍ତ ପେପରରେ ବୈଜ୍ଞାନିକମାନେ ଏହି ମିନି ମୁନ୍‌ର ବିବରଣୀ ପ୍ରଦାନ କରି କହିଛନ୍ତି, ଆକାଶରେ ଦେଖାଯାଉଥିବା ଚନ୍ଦ୍ର ପରି ଏହି ମିନି ମୁନ୍ ହେବ ନାହିଁ। ଆଷ୍ଟେରଏଡ୍ ଆକାର ବିଶିଷ୍ଟ ଏହି ଦୁର୍ଲଭ ମିନି ମୁନ୍‌ର ନାମ '୨୦୨୪ ପିଟିଓ' ହୋଇଥିବାବେଳେ ଏହା ଗତ ଅଗଷ୍ଟ ୭ରେ ଆବିଷ୍କୃତ ହୋଇଛି। ଏହାର ବ୍ୟାସ ପ୍ରାୟ ୧୦ ମିଟର (୩୩ ଫୁଟ୍) ରହିଛି। '୨୦୨୪ ପିଟିଓ' ସେପ୍ଟେମ୍ବର ୨୯ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ପ୍ରାୟ ୨ ମାସ ଧରି ସିଧାସଳଖ ଭାବେ ପୃଥିବୀ ପୃଷ୍ଠରେ ରହିଥିବା ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବରେ ଆସିବ। ଏହି ଅବଧି ମଧ୍ୟରେ ମିନି ମୁନ୍ ପୃଥିବୀ ଚାରିପଟେ ଘୂରି ବୁଲିବ। ତେବେ ଏହା ପୃଥିବୀର ସମ୍ପୂର୍ଣ୍ଣ ଅଂଶ ପରିକ୍ରମା କରିପାରିବ ନାହିଁ। ନଭେମ୍ବର ୨୫ ପରେ ଏହା ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରୁ ମୁକ୍ତ ହୋଇ ସୂର୍ଯ୍ୟ ଚାରିପଟେ ଘୂରିବା ଆରମ୍ଭ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।



ରିପୋର୍ଟ ଅନୁଯାୟୀ, ପ୍ରଥମେ '୨୦୨୪ ପିଟିଓ' ଅପେକ୍ଷାକୃତ କମ୍ ବେଗରେ ଗତି କରିବା ସହ ପୃଥିବୀର ନିକଟତର ହେବ। ସେତେବେଳେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସାମୟିକ ଭାବେ ଏହାର ପଥ ପରିବର୍ତ୍ତନ କରିବାକୁ ସକ୍ଷମ ହେବ। ଯାହାଫଳରେ ଏହି ଆଷ୍ଟେରଏଡ୍ ଏକ କ୍ଷୁଦ୍ର ଚନ୍ଦ୍ରରେ ପରିଣତ ହେବ। ତେବେ ପୃଥିବୀରେ ପୂର୍ବରୁ ମଧ ମିନି ମୁନ୍ ରହିଆସିଛି। ଏହି ମିନି ମୁନ୍ ଖାଲି ଆଖିରେ କିମ୍ବା ଛୋଟ ଦୂରବୀକ୍ଷଣ ଯନ୍ତ୍ରରେ ଦୃଶ୍ୟମାନ ହେବନାହିଁ। ଏହା କେବଳ ୨୨ ମ୍ୟାଗ୍ନିଚ୍ୟୁଡ୍ କ୍ଷମତାବିଶିଷ୍ଟ ଆଡଭାନ୍ସଡ୍ ଅବ୍‌ଜରଭେଟୋରିଜ୍‌ରେ ଦୃଶ୍ୟମାନ ହୋଇପାରିବ। ବୈଜ୍ଞାନିକମାନେ ଏହି ମିନି ମୁନ୍ ଦ୍ୱାରା ନିଅର ଆର୍ଥ ଅବ୍‌ଜେକ୍ଟସ୍ (ଏନ୍‌ଇଓ) ଏବଂ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ନେଇ ବ୍ୟାପକ ଅଧ୍ୟୟନର ସୁଯୋଗ ପାଇବେ ବୋଲି ଆକଳନ କରିଛନ୍ତି।

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡ଼ିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। —ଶ୍ରୀଅରବିନ୍ଦ

# ଏବେ ଅନିଚ୍ଛୁକ



ଆକାର ପଟେଲ

ବର୍ତ୍ତମାନ ଭାରତର ପ୍ରମୁଖ ରାଜନୈତିକ ଶକ୍ତି ହେଉଛି ଭାରତୀୟ ଜନତା ପାର୍ଟି (ଭାଜପା)। ରାଜନୈତିକ ଫାଇଦା ପାଇଁ ଆଦର୍ଶକୁ ସାମୟିକ ଭାବେ ବିରାମ ଦେବାରେ ଏହାର ଇତିହାସ ରହିଛି। ଏହା ମଧ୍ୟ ସମୟକ୍ରମେ ପୁରୁଣା ହୋଇଯାଉଥିବା ସ୍ଥିତିକୁ ପରିତ୍ୟାଗ କରିଛି। ଏହି ଦିଗଟି ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ଯାହା ଆମେ ଏହି ସ୍ତମ୍ଭର ଶେଷଭାଗକୁ ଲକ୍ଷ୍ୟକଲେ ଜାଣିପାରିବା। ଉଦାହରଣ ସ୍ୱରୂପ ୧୯୫୦ ଦଶକରେ ଜନସଂଘ ରୂପରେ ଦଳ ଡ. ଆମ୍ବେଡକରଙ୍କ ହିନ୍ଦୁ କୋଡ୍ ବିଲ୍‌କୁ ବିରୋଧ କରିଥିଲା। ହିନ୍ଦୁ ବିବାହକୁ ଚିରନ୍ତନ ମନେକରିବା କାରଣରୁ ହେଉ କିମ୍ବା ଛାଡ଼ପତ୍ର ଯୌଥ ପରିବାରକୁ ଶେଷ କରିଦେବ ବୋଲି ଭାବି ଏହାକୁ ଗ୍ରହଣକରି ନ ଥିଲା (ମୂଳତଃ ଏହା ଚାହୁଁ ନ ଥିଲା ମହିଳାମାନେ ଉତ୍ତରାଧିକାରରେ ଭାଗ ନିଅନ୍ତୁ)। ହିନ୍ଦୁ ସମାଜ ଏବଂ ସହରରେ ଅଣୁ ପରିବାରରେ ଛାଡ଼ପତ୍ର ସ୍ୱାଭାବିକ ହୋଇଗଲା ପରେ ଏହି ସ୍ଥିତି ଅଦୃଶ୍ୟ ହୋଇଗଲା। କୌତୂହଳପୂର୍ଣ୍ଣ ବିଷୟ ହେଉଛି, ହିନ୍ଦୁତ୍ୱ ସହିତ ଏହାର ଔପଚାରିକ ସମ୍ପର୍କ। ଭାଜପା ୧୯୯୬ ମେନିଫେଷ୍ଟୋରେ ପ୍ରଥମ ଥର ପାଇଁ ହିନ୍ଦୁତ୍ୱ ଶବ୍ଦ ବ୍ୟବହାର କରିଥିଲା। ଏହାର ୧୯୯୮ ମେନିଫେଷ୍ଟୋରେ ଧାରା ୩୭୦, ଗୋହତ୍ୟା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଓ ଏକକ ନାଗରିକ ସଂହିତା ସମେତ 'ହିନ୍ଦୁତ୍ୱ'ର ଆଠଟି ବିଷୟ ଉଲ୍ଲେଖ କରିଥିଲା। କିନ୍ତୁ ପରବର୍ତ୍ତୀ ବର୍ଷ ଏସବୁକୁ ବନ୍ଦ କରିଦିଆଗଲା। ହିନ୍ଦୁତ୍ୱ କିମ୍ବା ୩୭୦ କିମ୍ବା ଗୋହତ୍ୟା କିମ୍ବା ୟୁନିଫର୍ମ ସିଭିଲ୍ କୋଡ୍ କିଛି ରହିଲା ନାହିଁ। ଅନ୍ୟପକ୍ଷରେ ୧୯୯୯ ମେନିଫେଷ୍ଟୋରେ ସଂଖ୍ୟାଲଘୁ ସମ୍ପ୍ରଦାୟ ସମ୍ପର୍କିତ ପାଞ୍ଚଟି ବିଷୟ ଉଲ୍ଲେଖ କରାଗଲା। ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଧର୍ମନିରପେକ୍ଷତା ପାଇଁ ଦଳ ପ୍ରତିବଦ୍ଧତା ନିଶ୍ଚିତ କରିଥିଲା। ତେବେ ସେହି ଗୋଟିଏ ବର୍ଷରେ କ'ଣ ଏତେ ବଦଳିଗଲା ? ସେତେବେଳେ ବି ଭାଜପା କ୍ଷମତାରେ ଥିଲା। ଅଟଳ ବିହାରୀ ବାଜପେୟୀଙ୍କ ସହିତ ମମତା ବାନାର୍ଜୀ, ଜେ. ଜୟଲଳିଥା ଏବଂ ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ଭଳି ଅନେକ ନେତା ଥିଲେ। ବାଜପେୟୀ ଶାସନ ପାଇଁ ଦଳର ଆଦର୍ଶ ବା ବିଚାରଧାରାକୁ ତ୍ୟାଗ କରିଥିଲେ। ସେହିବର୍ଷ ଭାଜପା ଆଉ ଥରେ ଜିତିଥିଲା। ତେବେ ଦଳର ୨୦୦୪ ମେନିଫେଷ୍ଟୋ ଥିଲା ଏନ୍‌ଡିଏର ଏକ ଡକ୍ୟୁମେଣ୍ଟ। ସେଥିରେ ଏକକ ନାଗରିକ ସଂହିତା ଓ ହିନ୍ଦୁତ୍ୱ କିମ୍ବା ଧାରା ୩୭୦ ବିଷୟରେ କିଛି ବି ଲେଖା ନ ଥିଲା। ତେବେ ଅଯୋଧ୍ୟା ବିବାଦକୁ ନେଇ ଏକ ଆପୋସ ସମାଧାନ ପାଇଁ ଏନ୍‌ଡିଏ ଆହ୍ୱାନ ଦେଇଥିଲା। ଏଭଳି ପରିବର୍ତ୍ତନ ପୂର୍ବରୁ ମଧ୍ୟ ଘଟିଥିଲା।

୧୯୫୭ରେ ପାର୍ଟି ଘୋଷଣା କରିଥିଲା ଯେ, ଭାରତୀୟ ଜୀବନର ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଅର୍ଥନୈତିକ ବ୍ୟବସ୍ଥାରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ। ଅବଶ୍ୟ ଏଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇ ନ ଥିଲା କି ଭବିଷ୍ୟତରେ ମାନିଫେଷ୍ଟୋରେ 'ବୈପ୍ଳବିକ ପରିବର୍ତ୍ତନ' ବିଷୟ ପୁନର୍ବାର ଉଠାଯାଇ ନ ଥିଲା। ୧୯୫୪ରେ ଏବଂ ପୁନର୍ବାର ୧୯୭୧ରେ ଜନସଂଘ ସମସ୍ତ ଭାରତୀୟ ନାଗରିକଙ୍କ ସର୍ବାଧିକ ଆୟକୁ ମାସିକ ୨,୦୦୦ ଓ ସର୍ବନିମ୍ନ ୧୦୦ ଟଙ୍କା ପର୍ଯ୍ୟନ୍ତ ୨୦:୧ ଅନୁପାତରେ ସୀମିତ କରିବାକୁ ନିଷ୍ପତ୍ତି ନେଇଥିଲା। କୁହାଯାଇଥିଲା ଯେ, ଏହି ବ୍ୟବଧାନ ହ୍ରାସ କରି ଏକ ଆଦର୍ଶ ବ୍ୟବଧାନ ୧୦:୧ ଅନୁପାତରେ ପହଞ୍ଚିବା ପର୍ଯ୍ୟନ୍ତ ଏହା କାର୍ଯ୍ୟ ଜାରି ରଖିବ ଏବଂ ସମସ୍ତ ଭାରତୀୟ ସେମାନଙ୍କ ସ୍ଥିତିକୁ ଆଧାରକରି ଏହି ପରିସର ଭିତରେ ଆୟ କରିପାରିବେ। ଏହା ସହ ପାର୍ଟି ମଧ୍ୟ ସହରଗୁଡ଼ିକରେ ଆବାସିକ ଘରଗୁଡ଼ିକର ଆକାରକୁ ସୀମିତ କରିବା ସହ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟ୍‌କୁ ଅନୁମତି ଦେବ ନାହିଁ ବୋଲି ଘୋଷଣା କରିଥିଲା। ବାଜପେୟୀଙ୍କ ଅଧୀନରେ ଏହା ଜାରି ରହିଲା, କିନ୍ତୁ ପରେ ବନ୍ଦ କରିଦିଆଗଲା। କୌତୂହଳର ବିଷୟ, ବ୍ୟକ୍ତିଗତ ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ ଆଡ୍‌ମିନିଷ୍ଟ୍ରେଟିଭ ଡିଟେନ୍‌ଶନ (ବିନା ବିଚାର ଓ ଦୋଷରେ ବ୍ୟକ୍ତିଙ୍କୁ ଅଟକ ରଖିବା) ଆଇନକୁ ଜନସଂଘ ରଦ୍ଦ କରିବ ବୋଲି କହିଥିଲା। ୧୯୫୦ ଦଶକରେ ମଧ୍ୟ ଏହି ପ୍ରତିଶ୍ରୁତିକୁ ଦୋହରାଯାଇଥିଲା। ତେବେ ୧୯୬୭ରେ ଏହା କହିଥିଲା ଯେ, ଦେଶଦ୍ରୋହୀ ତଥା ବ୍ୟାଘାତକାରୀ ତତ୍ତ୍ୱଗୁଡ଼ିକ ମୌଳିକ ଅଧିକାରକୁ ଅନୁମତି ଦେବ ନାହିଁ। କିନ୍ତୁ ସମୟକ୍ରମେ ସଂଘ ଏବଂ ଭାଜପା ଆଡ୍‌ମିନିଷ୍ଟ୍ରେଟିଭ ଡିଟେନ୍‌ଶନ ଲ' ତଥା ୟୁଏପିଏ ଭଳି ଆଇନର ବଡ଼ ସମର୍ଥକ ପାଲଟିଗଲା।

୧୯୫୪ରେ ପାର୍ଟି ଘୋଷଣା କରିଥିଲା, ଆଦୌ ଚାଷ ହୋଇ ନ ଥିବା ମାଟିକୁ ହଳ କରିବାରେ କେବଳ ଟ୍ରାକ୍ଟର ବ୍ୟବହାର ହେବ ଏବଂ ସାଧାରଣ ଚାଷ ଉଦ୍ଦେଶ୍ୟରେ ତାହାର ବ୍ୟବହାରକୁ ବନ୍ଦ କରାଯିବ। ଅବଶ୍ୟ ବଳଦ ଓ ଷଣ୍ଢ ହତ୍ୟା ବନ୍ଦ କରିବା ପାଇଁ ଏଭଳି ଚେଷ୍ଟା କରୁଥିଲା। ପରେ ଏହା ବି ବନ୍ଦ ହୋଇଗଲା ଓ ତାହାର କାରଣ ସମ୍ପର୍କରେ କିଛି କୁହାଗଲା ନାହିଁ। ୧୯୫୧ରେ ଗୋହତ୍ୟା ନିଷେଧାଦେଶ କାରଣ ସମ୍ପର୍କରେ ଉଲ୍ଲେଖ କରିଥିଲା ଯେ, ଗୋରୁକୁ କୃଷି ଜୀବନର ଏକ ଅର୍ଥନୈତିକ ୟୁନିଟ୍ କରିବା ପାଇଁ ଏହା ଆବଶ୍ୟକ। ୧୯୫୪ର ମାନିଫେଷ୍ଟୋ ଅଧିକ ଧର୍ମୀୟ ଥିଲା ଏବଂ ଗୋ ସୁରକ୍ଷାକୁ ଏକ 'ଧର୍ମୀୟ କର୍ତ୍ତବ୍ୟ' ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ତେବେ ଏସବୁ ମଧ୍ୟରୁ କୌଣସିଟିର ବର୍ତ୍ତମାନ ସହ ସମ୍ପର୍କ ଅଛି କି? ଅବଶ୍ୟ ଏହା ହୋଇଛି, ୨୦୧୪ରୁ ମୋଦି ଯାହା କରିଆସୁଛନ୍ତି ତାହା ଏବେ ଜାରି ରଖିବା ପାଇଁ ତାଙ୍କ ୨୪୦ ସଦସ୍ୟ ବିଶିଷ୍ଟ ଭାଜପାର କ୍ଷମତା ନାହିଁ। ଲେଖକ ପ୍ରତାପ ଭାନୁ ମେହେଟ୍ଟା ଏହା ଉପରେ ବର୍ଣ୍ଣନା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ପରାଜୟର କାରଣ ନିର୍ଣ୍ଣୟ କରିବାରେ ଏବଂ ଏକ ନୂତନ ଯୋଜନା କରିବାରେ ଅସମର୍ଥ। ସେ ପାର୍ଲାମେଣ୍ଟରେ ବ୍ୟାକ୍‌ଫୁଟ୍‌ରେ ଅଛନ୍ତି। ନିୟନ୍ତ୍ରଣ କରିବାର କ୍ଷମତା ଚାଲିଯାଇଛି। ଅଧିକାଂଶଙ୍କ ମତରେ ତାଙ୍କ ରାଜନୈତିକ କ୍ୟାରିୟରରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଭାବନାକୁ ଅନ୍ତର୍ନିହିତ କରିବାର କ୍ଷମତା ଅପସରିଗଲା। ତେବେ ମୋଦି ବର୍ତ୍ତମାନ କ'ଣ କରିବା ଉଚିତ ଭାଜପା ଏହାର ଉତ୍ତର ଦେଉ। ଆଦର୍ଶରୁ ଶାସନକୁ ପରିବର୍ତ୍ତନ କରିବାରେ ବାଜପେୟୀ ସମୟ ନଷ୍ଟକରି ନ ଥିଲେ। ତାଙ୍କୁ ଅନୁକରଣକରି ମୋଦି ଧର୍ମନିରପେକ୍ଷବାଦୀଙ୍କୁ ଉତ୍ସାହିତ କରିବା ଦରକାର, କିନ୍ତୁ ସେ ତାହା କରିବାକୁ ଏବେ ଅନିଚ୍ଛୁକ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 7 | | | | 1 | | 9 |
| | | 8 | | | | | 7 | |
| | | | | 7 | | | 8 | |
| | 9 | | 3 | | 4 | | | 6 |
| | | 1 | 8 | | | | 3 | |
| 6 | | | 2 | | | | | |
| | | | 4 | | | | 9 | |
| | | 9 | | | | 5 | 1 | 7 |
| | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 9 | 7 | 5 | 6 | 1 | 8 |
| 1 | 7 | 8 | 6 | 2 | 4 | 3 | 9 | 5 |
| 5 | 9 | 6 | 3 | 8 | 1 | 7 | 4 | 2 |
| 3 | 1 | 7 | 5 | 9 | 8 | 2 | 6 | 4 |
| 8 | 6 | 2 | 1 | 4 | 7 | 5 | 3 | 9 |
| 9 | 4 | 5 | 2 | 6 | 3 | 8 | 7 | 1 |
| 7 | 3 | 4 | 8 | 5 | 9 | 1 | 2 | 6 |
| 6 | 5 | 9 | 7 | 1 | 2 | 4 | 8 | 3 |
| 2 | 8 | 1 | 4 | 3 | 6 | 9 | 5 | 7 |

ଗତକାଲିର ଉତ୍ତର

# ମୃତ୍ୟୁକୋଷ୍ଠୀ ତିଆରି କରିପାରେ ଏଆଇ



ସହଦେବ ସାହୁ

ଏଆଇ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ଆମକୁ ଦୁଃଖ ଓ ସୁଖ ଜଣାଇପାରେ, ମଜା କଥା ଶୁଣାଇପାରେ। କାହାର କେତେବେଳେ ମୃତ୍ୟୁ ହେବ ତାହା ବି କହିପାରେ, ଅର୍ଥାତ୍ ଜାତକ ତିଆରି କରିପାରେ। ଏହା ଦେଖାଇ ଦେଇଛନ୍ତି ଡେନ୍‌ମାର୍କର ଦଳେ ବୈଜ୍ଞାନିକ। ସେମାନେ ତିଆରି କରିଥିବା କୋଷ୍ଠୀର ନାମ ଲାଇଫ୍୨ଭେକ୍ (Life2Vec): ୨୦୧୬ରେ ସେମାନେ ଦଶ ଲକ୍ଷ ପାଖାପାଖି ୩୫ରୁ ୬୫ ବୟସର ଡାନିଶ୍ (ଡେନ୍‌ମାର୍କ ଅଧିବାସୀ)ମାନଙ୍କ ଜୀବନଯାତ୍ରାର ଚିକିନିଖି ବିବରଣୀକୁ ଭିତ୍ତି କରି ଏଆଇଠାରୁ ଉତ୍ତର ଚାହିଁଥିଲେ ଆଗାମୀ ୪ ବର୍ଷରେ, ୨୦୨୦ ବେଳକୁ କିଏ କିଏ ମୃତ୍ୟୁମୁଖରେ ପଡ଼ିଥିବେ। ନାଗରିକମାନଙ୍କ ଜୀବନର ଚିକିନିଖି ବିବରଣୀ ରଖୁଛି ଡେନ୍‌ମାର୍କ ସରକାରଙ୍କ ୧୯୬୬ରେ ପ୍ରତିଷ୍ଠିତ ରାଷ୍ଟ୍ରୀୟ ସଂସ୍ଥା 'ଷ୍ଟାଟିଷ୍ଟିକ୍ସ ଡେନ୍‌ମାର୍କ'। ପୃଥିବୀରେ ଆଉ କୌଣସି ଦେଶ ନାଗରିକମାନଙ୍କ ଏପରି ତଥ୍ୟ ରଖିପାରିନାହାନ୍ତି। ଜଉମୁଦ ଦିଆହୋଇ ରଖାହୋଇଥିବା ଲାଇଫ୍୨ଭେକ୍ କୋଷ୍ଠୀକୁ ୨୦୨୦ରେ ଖୋଲି ଦେଖାଗଲା, ଯେଉଁମାନେ ମରିବେ ବୋଲି ସୂଚିତ କରାହୋଇଥିଲା, ସେମାନଙ୍କ ଭିତରୁ ୭୬% କ୍ଷେତ୍ରରେ ମୃତ୍ୟୁ ଘଟିଛି। ଜଣେ ମାର୍କିନ୍ ଓ ୭ ଜଣ ଡାନିଶ୍ ଗବେଷକଙ୍କ ନେତୃତ୍ୱ ନେଇଥିଲେ ଡାନିଶ୍ ବୈଜ୍ଞାନିକ ସୁନେ ଲେହମାନ୍ନ। ଏ କଥା ପ୍ରଥମେ ପ୍ରକାଶ କଲା ଫାଇନାନ୍‌ସିଆଲ୍ ଟାଇମ୍ସ ଓ ବ୍ଲୁମ୍ବର୍ଗ ଟର୍ମିନାଲ୍‌ରେ। ୨୦୧୯ର କାଉଣ୍ଟଡାଉନ୍ ଫିଲ୍ମରେ ଏକ କାଳ୍ପନିକ ଜାତକରେ ଅନୁରୂପ ଏକ ଗଣନା କରାଯାଇଥିଲା, ଯହିଁରେ ୨୬% କ୍ଷେତ୍ରରେ ସତ ଦେଖାହୋଇଥିଲା; 'ରଟ୍ଟନ ଟମୋଟୋଜ୍' ନାମକ ସିନେମା ଜଗତର ମୂଲ୍ୟାୟନକାରୀ ସଂସ୍ଥା ଏ ରେଟିଂ ଦେଇଥିଲା। ଡାନିଶ୍ ଅନୁଧ୍ୟାନର ସତ୍ୟତା ତ ୭୬%! ବୟସ ବାଛିଥିବା ଗବେଷକମାନେ କହନ୍ତି, ୩୫ରୁ କମ୍ ବୟସର ଲୋକଙ୍କ ଭିତରେ ମୃତ୍ୟୁ ଆଶଙ୍କା ପ୍ରାୟ ନାହିଁ ଏବଂ ୬୫ ବର୍ଷରୁ ଅଧିକ ବୟସ୍କଙ୍କ ଭିତରେ ମୃତ୍ୟୁ ଆଶଙ୍କା ବହୁତ ବେଶି। ଏଭଳି ବଛା ହୋଇଥିବା ପ୍ରତ୍ୟେକ ମଣିଷ ଜୀବନରେ ଯାହା ଯାହା ଘଟିଯାଇଛି ପୂରା କାହାଣୀକୁ ଗୋଟିଏ ଲମ୍ବା ବାକ୍ୟରେ ଲେଖିହେବ ବୋଲି ଏଆଇ ଆଲ୍‌ଗୋରିଦିମ୍ ତିଆରି କରିଥିବା ସୁନେ ଲେହମାନ୍ନ କହନ୍ତି। ଏଆଇ ଲଗାଇ ତିଆରି କରାହୋଇଥିବା ଜାତକରେ ଥିଲା ୨୦୧୬ ଜାନୁଆରୀ ୧ ପରେ ୪ ବର୍ଷ ଭିତରେ କିଏ କିଏ ମରିପାରନ୍ତି। ଏପରି ଚିହ୍ନଟ କରାହୋଇଥିବା ନାମ ଭିତରୁ ୭୬ ପ୍ରତିଶତଙ୍କ କ୍ଷେତ୍ରରେ ଠିକ୍ ଥିଲା। ଅର୍ଥାତ୍ ଅବଧାନ ବା ଜ୍ୟୋତିଷ ତିଆରି କରୁଥିବା ଜାତକଠାରୁ ଏଆଇ ଜାତକ ବେଶି ବୈଜ୍ଞାନିକ।

ଏ ଅନୁଧ୍ୟାନରେ ସମ୍ପୃକ୍ତ ଲୋକଙ୍କୁ ଗବେଷଣାର କାରଣ କୁହାଯାଇନଥିଲା; ଏପରି କହିବାଟା ଦାୟିତ୍ୱହୀନତାର ଉଦାହରଣ ହୋଇଥା'ନ୍ତା। କ'ଣ କ'ଣ ଆୟୁଷକୁ କମାଇଥାଏ ବା ବଢ଼ାଇଦିଏ ସେସବୁର ଉଦାହରଣ ବି ପ୍ରକାଶ କରାଯାଇନାହିଁ,



ଅନୁମାନ କରାଯାଉଛି ଡାକ୍ତରମାନଙ୍କଠୁ ସେସବୁ କାରଣ (ଫାକ୍ଟର) ନିଆଯାଇଛି। ସାଧାରଣ ଲୋକର ଚିନ୍ତାରେ ବିପର୍ଯ୍ୟୟ ହିଁ ମଣିଷକୁ ଅଳ୍ପାୟୁ କରିଥାଏ, ଆଉ ସବୁ କାରଣ ମଣିଷକୁ ଜଳ ଜଳ ଦିଶେନାହିଁ। ଯେଉଁସବୁ ଫ୍ୟାକ୍ଟରକୁ ଅନୁଧ୍ୟାନରେ ଭର୍ତ୍ତି କରାଯାଇଥିଲା, ସେଗୁଡ଼ିକ ଭିତରୁ ଅଳ୍ପାୟୁ ହେବାର କେତେକ କାରଣ ଜଣାଅଛି, ଯଥା (୧) ପୁରୁଷ ଭାବେ ଜନ୍ମ, (୨) ମାନସିକ ରୋଗ, (୩) ଦକ୍ଷତା ଦରକାର କରୁଥିବା ବୃତ୍ତି ଓ (୪) ସ୍ୱଳ୍ପ ରୋଜଗାର। ଆଉ କ'ଣ କ'ଣ ସ୍ୱାସ୍ଥ୍ୟକୁ ଖରାପ କରେ ତାହା ବି ଥିଲା, ଯଥା କର୍କଟ ରୋଗର ବିଭିନ୍ନ ସ୍ତର। ଗବେଷଣାକୁ ଗୁପ୍ତ ରଖିବାର କାରଣ ଇନ୍‌ସ୍ୟୁରାନ୍ସ କମ୍ପାନୀ ଭଳି କର୍ପୋରେଶନମାନେ ଯେପରି ଏ ମଡେଲ୍ ନ ଜାଣନ୍ତୁ, କାରଣ ସେମାନେ ବୀମାଭୁକ୍ତ ହେବାକୁ ଯାଉଥିବା ଲୋକଙ୍କ ଉପରେ ଲାଗୁ କରିଦେବେ। ଗବେଷକମାନଙ୍କ ଉଦ୍ଦେଶ୍ୟ ଲୋକେ ମରଣ ଆସନ୍ନ ଜାଣିଗଲେ ସାଙ୍ଗେ ସାଙ୍ଗେ ପ୍ରତିକାର ବ୍ୟବସ୍ଥା କରିପାରିବେ।

ଜେନେରେଟିଭ୍ ଏଆଇ ସପକ୍ଷରେ ଯେତେ ଭଲ କାରଣ ଅଛି, ସେତିକି ଖରାପ କାରଣ ବା ଡ୍ରବାକ୍ ଅଛି। ଏଆଇ ତିଆରି ପ୍ରବନ୍ଧ ଛତୁ ଫୁଟିବା ଭଳି ବ୍ୟାପିଲାଣି। ବହୁତ ପ୍ରବନ୍ଧ ବାଜେ। ଆମେ ଯେତେବେଳେ ନିମ୍ନମାନର ଏଆଇ ପାଠ ପାଉ ବଡ଼ ଖରାପ ଲାଗେ। ଏଆଇ ବିସ୍ଫୋରକ ସ୍ଥିତିରେ ପହଞ୍ଚିଗଲାଣି, ପ୍ରବଞ୍ଚନାର କାରଣ ହୋଇଗଲାଣି, ଯଥା ଶୈକ୍ଷିକ ପରୀକ୍ଷାରେ ଲଗାଇ ପରୀକ୍ଷକଙ୍କୁ ଠକିବା, ସୂକ୍ଷ୍ମ କଳାର କାଳ ହେବା, ଆମ ମୁହଁ ବଦଳରେ ଏଆଇ ଛବି ଚହଲିବା। ବହୁକ୍ଷେତ୍ରରେ ଲାଭ ବି ମିଳିଲା, ଯଥା ସ୍କ୍ରିନ୍‌ଶଟ୍ ବା ଛବି ଭିତରୁ ପାଠ କାଢ଼ିବା। ଆଗରୁ ମୋତେ ଛବି ଭିତରେ ଲେଖାଥିବା କଥାଟାକୁ ଟାଇପ୍ ବା ଲେଖିବାକୁ ପଡୁଥିଲା, ଏବେ ଏଆଇ ଲେଖାକୁ ଛବିରୁ ଅଲଗା କରିଦେଉଛି। ପିଲାଙ୍କ ପାଇଁ ମନଛୁଆଁ (ଫାଣ୍ଟାସି) ଗପ ଓ କ୍ୟାରେକ୍ଟର ତିଆରି କରିପାରୁଛି, କଳ୍ପନାର ଖେଳ ତିଆରି କରିବାରେ ମାହିର। କେତେକ କ୍ଷେତ୍ରରେ ଏଆଇ ବାଜେ ପ୍ରବନ୍ଧଟିଏ ଲେଖିଦେଇଛି, ତାକୁ ବି ଏକ ଚିଠା ବା ଡ୍ରାଫ୍ଟ ରୂପେ ଗ୍ରହଣ କରିହେବ। ଯାହା କଳ୍ପନାରେ ଆସୁଛି, ସେ କଥା ପଚାରିଦେଲେ ଏଆଇ ଦିଗ୍‌ଦର୍ଶନ ଦେଉଛି- ଭେଗ୍ ବା ଅସ୍ପଷ୍ଟ ବା ଅବିକଶିତ ଧାରଣାକୁ ପୂର୍ଣ୍ଣତା ଦେଇପାରୁଛି। ଏଯାଏ ତ ଆମେ ଏଆଇକୁ କିପରି ପୂର୍ଣ୍ଣପ୍ରାଣରେ ବ୍ୟବହାର କରିହେବ ତା' ଜାଣିନାହୁଁ। ଦିନକୁ ଦିନ ଏଆଇର ନୂଆ ନୂଆ କ୍ଷମତା ଆବିଷ୍କାର କରୁଛୁ। ଚାଟ୍‌ବଟ୍ ଯେତେବେଳେ ବାହାରିଲା ଆମେ ପିଲାଳିଆ ଖେଳ ବୋଲି ଭାବିଥିଲୁ, ଏବେ ତାହାର କ୍ଷମତା ଅଳ୍ପ ବହୁତେ ଜାଣିଗଲା ପରେ ଚାଟ୍‌ଜିପିଟି ବାହାରିଲା। ଗୁଗୁଲ ସର୍ଚ୍ଚ ଇଞ୍ଜିନ ଖୋଲି ରଚନା ବା ଚିତ୍ର ଖୋଜିବା ଛାଡ଼ିଦେଲୁଣି, ଏଆଇ ଲଗାଇ ମାଗିଲେ ସର୍ଚ୍ଚ ଇଞ୍ଜିନ ଭଳି ଗୁଡ଼ାଏ ପାଠର ଶୀର୍ଷକ ଦେଖାଉ ନାହିଁ, ପ୍ରଥମେ ଗୋଟିଏ ସାର୍ଥକ ସାରାଂଶ ରୂପ ଯୋଗାଉଛି, ଯେଉଁଠୁ ଆମେ ଆହୁରି ଭଲ କରିପାରିବା। ବୈଜ୍ଞାନିକ ପ୍ରବନ୍ଧ ବା ଗବେଷଣା ଲେଖା ପ୍ରକାଶ କରିବାକୁ ହେଲେ ପ୍ରଥମେ ଏଆଇ ଲେଖାଟିକୁ ଭିତ୍ତିଭୂମି ରୂପେ ବା ପ୍ରଥମ ପ୍ରଚେଷ୍ଟା (ଚିଠା ବା ଡ୍ରାଫ୍ଟ) ଭାବେ ଗ୍ରହଣ କଲେ ତହିଁରୁ ବହୁତ ସାହାଯ୍ୟ ମିଳେ। ଟେକ୍ନୋଲଜି କମ୍ପାନୀଗୁଡ଼ିକ କହନ୍ତି, ମଣିଷର ତ ସବୁ ପରିସ୍ଥିତିର ସାମ୍ନା କରିବାର କ୍ଷମତା ଅଛି, ତାକୁ ଏଆଇ ପରିବର୍ଦ୍ଧିତ କରିପାରେ। କମ୍ପାନୀଗୁଡ଼ିକ ଟେକ୍ନୋଲଜିରେ ଛଙ୍କା ବା ଫିଲ୍‌ଟର ଲଗାଇ ସ୍କାମ୍‌ର ସମ୍ଭାବନା କମାଉଛନ୍ତି। ଦରକାର ପଡ଼ିଲେ ନିୟନ୍ତ୍ରଣ କରିବାର, ଏବଂ ନୂଆ ଅଭ୍ୟାସ (ହାବିଟ୍) ଶିଖିବାର ସାମର୍ଥ୍ୟ ମଣିଷର ଅଛି, ଏଆଇ ଯେତେ ଖରାପ କାମ କରିପାରେ, ତାକୁ ବୈଜ୍ଞାନିକମାନେ ସମୟକ୍ରମେ ସଂଶୋଧନ କରିପାରିବେ।

ମାନବିକ ମୂଲ୍ୟବୋଧ ମୁଖ୍ୟ ଭୂମିକା ନେଲେ ଏଆଇ କରିପାରୁଥିବା ଗଣ୍ଡଗୋଳିଆ ପରିସ୍ଥିତିରେ ସୁଧାର ଆଣିହେବ। ଏଆଇ ତିଆରି କରୁଥିବା କୋଷ୍ଠୀ ପଢ଼ି କେଉଁଠି କେଉଁଠି ସୁଧାରିବାର ଅବସର ବା ସୁଯୋଗ ଅଛି ତା' ଉପରେ ମଣିଷ ଜୋର୍ ଦେବ ଓ ଦୀର୍ଘାୟୁ ହେବାର ଉପାୟ ଖୋଜିବ। ପରିବେଶରେ ପ୍ରତିଟି ଜୀବନ ବିଚ୍ଛୁଡ଼ି ବା ଫୋପଡ଼ା ହୋଇପଡ଼ିଛି, ତାହାର ଟ୍ରାଜେକ୍ଟରି ବା ଫୋପଡ଼ା-ମାର୍ଗ ଉପରେ ଲାଇଫ୍୨ଭେକ୍ ଭଳି ଭବିଷ୍ୟବାଣୀ କରି ଲୋକଙ୍କୁ ଆଗରୁ ଜଣାଇଲେ ପ୍ରତିକାର ବ୍ୟବସ୍ଥା କରିହେବ ତଥା ଏଆଇ ବ୍ୟବହାର କରି ମୃତ୍ୟୁର ଆଗମନ ପ୍ରକ୍ରିୟାକୁ ଓ ବୁଦ୍ଧିର ହ୍ରାସ(କଗ୍ନିସନ୍ ଲସ୍) ପ୍ରକ୍ରିୟାକୁ ରୋକିବାର ବ୍ୟବସ୍ଥା କରିହେବ।

sahadevas@yahoo.com

# 'ନଅ ହାତିଆ ଶାଢ଼ି'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ପ୍ରଶାନ୍ତି ରାମ

ପୁସ୍ତକର ଇଂଲିଶ୍ ନାମ 'ନାଇନ୍ ୟାର୍ଡ ସାରିଜ୍'। ଏହାର ଓଡ଼ିଆ ମର୍ମାନୁବାଦ କଲେ କୁହାଯାଇପାରିବ 'ନଅ ହାତିଆ ଶାଢ଼ି'। ଲେଖିକା ପ୍ରଶାନ୍ତି ରାମ ସିଙ୍ଗାପୁରରେ ରହୁଥିବା ଭାରତୀୟ ମୂଳବାସିନ୍ଦା। ଉପନ୍ୟାସ କ୍ଷେତ୍ରରେ ଏହା ଲେଖିକାଙ୍କ ପ୍ରଥମ ପଦାର୍ପଣ ହୋଇଥିଲେ ହେଁ ପୁସ୍ତକର ନାମକରଣ ପ୍ରତୀକାତ୍ମକ ରଖିଦେଇଥିବାରୁ ତାହା ପାଠିକାପାଠକଙ୍କୁ ବେଶ୍ ଆକୃଷ୍ଟ କରିଛି।

ଏକ ତାମିଲ ବ୍ରାହ୍ମଣ ପରିବାରର ବହୁପିଢ଼ିର କାହାଣୀକୁ ଉକ୍ତ ପୁସ୍ତକରେ ଏଭଳି ସନ୍ନିବେଶିତ କରାଯାଇଛି ଯେ, ସେଥିରେ ମହିଳାମାନଙ୍କ ଭୂମିକା ଅଗ୍ରପ୍ରାଧାନ୍ୟ ଲାଭକରିଛି। ସିଙ୍ଗାପୁର, ସିଡ୍‌ନୀ, ନ୍ୟୁୟର୍କ ଓ କନେକ୍ଟିକଟ୍ ଭଳି ଅନ୍ତର୍ଜାତୀୟ ନଗରୀରେ ଏହି ପରିବାରର ଉପସ୍ଥିତିକୁ ଲେଖିକା ଅତି ସୂକ୍ଷ୍ମ ଭାବେ ବର୍ଣ୍ଣନା କରିଛନ୍ତି। ତେବେ ବହିର ଅଧିକ ପୃଷ୍ଠା ମାଡ଼ିବସିଛି ସିଙ୍ଗାପୁର। ୧୯୫୦ରୁ ୨୦୧୯ ଯାଏ ୯ ଜଣ ମହିଳାଙ୍କ ଜୀବନର ଗତିକୁ ପୁସ୍ତକରେ ବନ୍ଧେଇବା ବେଳେ ସତେ ଯେମିତି ସେମାନଙ୍କୁ ୯ ହାତିଆ ଶାଢ଼ିରେ ସେ ଗୁଡ଼େଇ ଦେଇଛନ୍ତି। ସବୁ ଚରିତ୍ର କାଳ୍ପନିକ ସ୍ତରର। ହେଲେ ସେଥିରେ ତାମିଲ ଜୀବନଧାରା ଓ ସଂସ୍କୃତିକୁ ଏକ ପ୍ରବହମାନ ଧାରାରେ ଯିବା ଲାଗି ବାଟ ଦେଖାଇଛନ୍ତି। ଗୋଟେ ଚରିତ୍ର 'ରାଜି'। ଏହି ବୟସ୍କା ମହିଳା ତାମିଲନାଡୁର ଏକ ଆଶ୍ରମରେ ରୁହନ୍ତି। ତାଙ୍କ ଝିଅ ପଦ୍ମା ନିଜ ପରିବାରକୁ ପାରମ୍ପରିକ ଢଙ୍ଗରେ ଅତି ସଂଘର୍ଷମୟ ଅବସ୍ଥାରେ ନେଇଚାଲିଛନ୍ତି। ପରବର୍ତ୍ତୀ ସମୟରେ ପଦ୍ମାଙ୍କ ବିବାହଯୋଗ୍ୟା ଝିଅ କୀର୍ଥନା ସିଙ୍ଗାପୁରରେ ପ୍ରବାସୀ ଜୀବନ ବିତାଉଥିବାର ଦୃଶ୍ୟକୁ ଲେଖିକା ପୁସ୍ତକରେ ନିଖୁଣ ଭାବେ ସ୍ଥାନ ଦେଇଛନ୍ତି। ମହିଳା ସଂହତିକୁ ଦର୍ଶାଇବାକୁ ଯାଇ ପ୍ରଶାନ୍ତିଙ୍କ ବର୍ଣ୍ଣନାର ଏକ ଦୃଶ୍ୟ ରହିଛି ଆମ୍ମାଙ୍କ ଚିଠି ଲେଖାରୁ। ୫୬ ବର୍ଷ ପରେ ଆମ୍ମା ତାଙ୍କ ଝିଅଙ୍କ ପାଖକୁ ପ୍ରଥମ ଚିଠି ଲେଖୁଛନ୍ତି। ସେଥିରେ ସେ କହୁଛନ୍ତି, ତୁ ଓ ତୋ ସାନ ଭଉଣୀ ମୋ ଅନ୍ତରର ବେଦନା ବୁଝିବା ପାଇଁ ଠିକ୍ ବୟସରେ ପହଞ୍ଚିଯାଇଛ। ଯେତେବେଳେ ତୁମ ବାବା ମୋତେ ଛାଡ଼ି ଚାଲିଗଲେ ଓ ତାଙ୍କ ଆତ୍ମା ସ୍ୱର୍ଗରେ ବିଲୀନ ହୋଇଯାଇଥିଲା, ସେତେବେଳେ ତୁମ୍ଭମାନଙ୍କୁ ନେଇ ମୁଁ କେମିତି ଚଳିବି ଭାବୁଥିଲି। ଅନ୍ତ୍ୟେଷ୍ଟି ସରିବା ପରେ ଦୁଇ ଭଉଣୀ ସିଙ୍ଗାପୁର ପଳାଇଗଲ। ଚେନ୍ନାଇରେ କେବଳ ମୁଁ ରହିଗଲି। ସେତେବେଳେ ଜଣେ ବିଧବାଙ୍କୁ ଲୋକେ କେଉଁ ଦୃଷ୍ଟିରେ ଦେଖନ୍ତି ତାହା ଯିଏ ଆଖିରେ ଦେଖି ନ ଥିବେ ବିଶ୍ୱାସ କରିପାରିବେ ନାହିଁ। ମୋତେ ଯେମିତି ଗୋଟେ ବଡ଼ ରୋଗ ହୋଇଯାଇଛି ସେଭଳି ଲୁଚି ରହିବାର ଜୀବନ ବିତାଇବାକୁ ପଡ଼ିଛି। ତଥାପି କୌଣସି ପୁରୁଷଙ୍କ ସହାୟତା ବିନା ଧୈର୍ଯ୍ୟର ସହ ମୁଁ ପରିସ୍ଥିତିକୁ ମୁକାବିଲା କରିଛି। ତୁ ମୋତେ ସବୁବେଳେ ସିଙ୍ଗାପୁର ପଳାଇଯିବା ଲାଗି ବାଧ କରିଛୁ। କିନ୍ତୁ ବିଧବାର ନିଜ ଘର ଛଡ଼ା ପୃଥିବୀରେ ଆଉ ଭଲ ସ୍ଥାନ ନାହିଁ ବୋଲି ମୁଁ ଧରି ନେଇଥିଲି। ଏତେ ଯନ୍ତ୍ରଣା ଭିତରେ ଖୁସିରେ ରହିବାକୁ ଚେଷ୍ଟା କରିଛି। ଏଠି କହିରଖେ- ତୋ ବାବା କେତେ ଭଲ ଥିଲେ ତାହା ତୁମକୁ ଦେଖାଇବା ଦରକାର ନାହିଁ। ଯେତେବେଳେ ମୁଁ କୌଣସି କଥାରେ ବିଚଳିତ ହୋଇଯାଉଥିଲି ସେ ମୋତେ ଅବିଚଳ ରହିବାକୁ ଶକ୍ତି ଦେଉଥିଲେ। ସେ ମଣିଷର ସଦ୍‌ଗୁଣ ଓ ଜୀବନ ଜିଇବାର ମୂଲ୍ୟବୋଧ ଶିଖାଇଯାଇଛନ୍ତି। ଏତେ ସତ୍ତ୍ୱେ ତାଙ୍କ ବିନା ମୋ ଜୀବନ ଅଧୁରା ଲାଗୁଛି।

ଉକ୍ତ ଉପନ୍ୟାସରେ ଆମ୍ମାଙ୍କ ଚରିତ୍ରର ବର୍ଣ୍ଣନା ଏହିଭଳି ଚାଲିଥିବା ବେଳେ ସିଙ୍ଗାପୁରରେ ସେହି ତାମିଲ ପରିବାରର ତିନି ମହିଳା ପିଢ଼ିଙ୍କ ଚରିତ୍ରକୁ ଲେଖିକା ଅତି ସାବଲୀଳ ଢଙ୍ଗରେ ବର୍ଣ୍ଣନା କରିଥିବାରୁ 'ନାଇନ୍ ୟାର୍ଡ ସାରିଜ୍' ସିଙ୍ଗାପୁର ସାହିତ୍ୟ ପୁରସ୍କାର ପାଇପାରିଛି। ସେପ୍ଟେମ୍ବର ୧୦ରେ ପ୍ରଶାନ୍ତି ଏହି ସମ୍ମାନ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଢେର ଚର୍ଚ୍ଚାକୁ ଆସିଛି। ସମୀକ୍ଷକଙ୍କ ମତରେ ପ୍ରଶାନ୍ତିଙ୍କ ପ୍ରତ୍ୟେକଟି ଲେଖାରେ ସେ କିଛି ଭିନ୍ନ ଛାପ ଛାଡ଼ି ଯିବାକୁ ଚାହିଁଥାଆନ୍ତି। ତାଙ୍କ ସୃଜନଶୀଳତା ଗତାନୁଗତିକ ଶୈଳୀରୁ ଊର୍ଦ୍ଧ୍ୱକୁ ଉଠିପାରୁ ଥିବାରୁ ପାଠକୀୟ ଆଦୃତି ପାଇଚାଲିଛି।

ପ୍ରଶାନ୍ତି ରାମ ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲଜିକାଲ ୟୁନିଭର୍ସିଟିରେ ପୂର୍ଣ୍ଣକାଳୀନ ରାଇଟିଂ ଲେକ୍‌ଚରର ଭାବେ ଅବସ୍ଥାପିତ। ସେହିଠାରୁ ସେ ମଧ୍ୟ କ୍ରିଏଟିଭ୍ ରାଇଟିଂରେ ପିଏଚ୍.ଡି. କରିଛନ୍ତି। ସେ ଅନେକ କ୍ଷୁଦ୍ର ଗଳ୍ପ ଓ ପ୍ରବନ୍ଧ ରଚନା କରିଛନ୍ତି। ୨୦୨୦ରେ ସାହିତ୍ୟ ପତ୍ରିକା 'ମୋହଗାନି ଜର୍ନାଲ'ର ସହପ୍ରତିଷ୍ଠାତା ଥିବା ପ୍ରଶାନ୍ତି ଏବେ ଫିକ୍ସନ ଏଡିଟର ଭାବେ କାର୍ଯ୍ୟରତ। ନିଜ ସୃଜନସମ୍ପତ୍ତି ସୃଷ୍ଟିର ପ୍ରେରଣା ସେ ନିଜ ଶୟନକକ୍ଷର ବାତାୟନ ଦେଇ ଆସୁଥିବା ପ୍ରାକୃତିକ ଆଲୋକରୁ ପାଇଥାଆନ୍ତି ବୋଲି କହିଥାଆନ୍ତି। ଏବଂ ତାହାକୁ ପ୍ରୋତ୍ସାହନ ଦେବାରେ ଗ୍ରୀନ୍ ଟି' ଓ ଫୋନ୍‌ର ସାଇଲେଣ୍ଟ ମୋଡ୍ ବିଶେଷ ସହାୟକ ହୋଇଥାଏ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

୮୭ ବର୍ଷ ବୟସରେ କର୍ମଚଞ୍ଚଳ ଡ. ମାୟା ଟଣ୍ଡନ। ସେ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ସହ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରିବା ସମ୍ପର୍କରେ ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ସେ ୧,୩୩,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। 'ସହାୟତା ଟ୍ରଷ୍ଟ' ମାଧ୍ୟମରେ ଡ. ମାୟା ଏହି କାର୍ଯ୍ୟ କରୁଛନ୍ତି। ଆନାସ୍ଥେସିଓଲୋଜିଷ୍ଟ ଡ. ମାୟାଙ୍କ ଜନ୍ମ ଆଜ୍‌ମେରରେ। ଜୟପୁରର ସାୱାଇ ମାନ ସିଂ ହସ୍ପିଟାଲରେ କାର୍ଯ୍ୟକରି ୧୯୮୫ରେ ଅବସର ନେବା ପରେ ପାଖାପାଖି ୩୦ ବର୍ଷ ହେବ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସଡ଼କ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦେବା ଲାଗି ପ୍ରଥମେ ରାଜସ୍ଥାନ ପୋଲିସ ଏକାଡେମୀ ତାଙ୍କୁ ଅନୁରୋଧ କରିଥିଲା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଥିଲା ତାଙ୍କର ପ୍ରଥମ ଅଭିଯାନ। ଏହା ପରଠାରୁ ସେ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଡ଼କ ସୁରକ୍ଷା ଓ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମାଗଣାରେ ପ୍ରଶିକ୍ଷଣ ଦେଇ ଚାଲିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୭୫

- ଆରବ ଅଧିକୃତ ଅଞ୍ଚଳରୁ ଇସ୍ରାଏଲ ହଟିଯିବାକୁ ଦାବି ଜଣାଇ ଆରବ ରାଷ୍ଟ୍ରମାନେ ଆନ୍ତଃ ପାର୍ଲାମେଣ୍ଟାରୀ ସମ୍ମିଳନୀରେ ଆଗତ କରିଥିବା ଏକ ପ୍ରସ୍ତାବ ବିରୁଦ୍ଧରେ ଆମେରିକା ଓ ବ୍ରିଟେନ ସମେତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଭୋଟ ଦେଇଛନ୍ତି।
- ବନ୍ୟା ବିପଦ ସମ୍ପର୍କରେ ଭାବୀ ସୂଚନା ଦେବା ଏବଂ କଳନା କରିବାର ଏକ ନୂତନ କୌଶଳ ସମ୍ପ୍ରତି ବ୍ରିଟେନରେ ହୋଇଥିବା ଏକ ଅନୁଧ୍ୟାନ ଫଳରେ ଉଦ୍ଭାବିତ ହୋଇଥିବା ଜଣାପଡ଼ିଛି।
- ଭାରତୀୟ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ଇରାକର ଦକ୍ଷିଣାଞ୍ଚଳରେ ଭୂକମ୍ପନ ସର୍ଭେ କରିବା ପାଇଁ ଇରାକ ଜାତୀୟ ତୈଳ କମ୍ପାନୀ ସହ ଚୁକ୍ତିବଦ୍ଧ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗବତ ଟୁଙ୍ଗିର ପୁନରୁଦ୍ଧାର ହେଉ

ମହାଶୟ,

ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଗତ ସରକାର ଅମଳରେ ନିଷ୍ପତ୍ତି ନିଆଯାଇ ଅର୍ଥ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗତ ଦଶବର୍ଷ ମଧ୍ୟରେ ସବୁ ଗ୍ରାମରେ ଏ ପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ। ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସଂସ୍କୃତି ବିଭାଗ ଜରିଆରେ ପ୍ରତିବର୍ଷ ୨୫ ହଜାର ଟଙ୍କା ମଞ୍ଜୁର କରୁଥିଲେ ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ପ୍ରତି ବ୍ଲକରେ ଏ ଦିଗରେ ବ୍ୟୟ କରାଯିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ଲକ ଆକାଉଣ୍ଟରେ ରହିଛି। ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବରୁ ଅର୍ଥ ଥାଇ ମଧ୍ୟ ଭାଗବତ ଗାଦି ପାଇଁ ଗୃହ ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ଭବ ହୋଇନାହିଁ। ନୂତନ ସରକାର କାଳବିଳମ୍ବ ନ କରି ପୁରାତନ ଭାଗବତ ଟୁଙ୍ଗି ପାଇଁ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେଲେ ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗ୍ରାମରେ ଏକତା, ସଂହତି ବୃଦ୍ଧି ପାଇବ ଏଥିରେ ସନ୍ଦେହ ନାହିଁ।

**- ନିର୍ମଳଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତରୁପୁଞ୍ଜ କି ଧିଆନେ ରହିଥିଲା ତବଧ
ଛାୟା ଅଙ୍ଗେ ଅଙ୍ଗ ଢାଳି, ନ ଥିଲା ତ ଶବଦ
ଜୋଛନାର ସଙ୍ଗତେ ମୃଦୁ ମଧୁ ହିଲ୍ଲୋଳ
ଦୂର ନଦୀ ବାଲୁକାରେ କରୁଥିଲା ବିକଳ,
ମନେ ମନେ ପୀରତିରେ ବରୁଥିଲା ରଜନୀ
ତୁମେ କିମ୍ପା ଧୀର ପଦେ ଉଭାହେଲ ସଜନୀ !
(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରତର ଯୁବଶକ୍ତି ପରିବର୍ତ୍ତନ ବାହକ


ବିଶିଷ୍ଟ ଆଧାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଉଛି। ରାଜ୍ୟପାଳ ରଘୁବର ଦାସଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

## କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବ

■ ୪ କ୍ଷେତ୍ରରେ ୪ ବ୍ୟକ୍ତିତ୍ୱଙ୍କୁ ଡକ୍ଟରେଟ ଡିଗ୍ରୀ ■ ୫୯ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ

ଭୁବନେଶ୍ୱର, ୧୪।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି। ଭବିଷ୍ୟତର ମୂଳଦୁଆ। ଏହି ଯୁବଊର୍ଜା, ଉତ୍ସାହ ଓ ନବସର୍ଜନା ସହ ଭାରତ ଆଜି ବିଶ୍ୱରେ ସଫଳତାର କାହାଣୀ ଲେଖିଚାଲିଛି। ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନ ବାହକ। ଏକ ସମୃଦ୍ଧ ଭାରତ ଗଠନରେ ଯୁବଶକ୍ତିଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଛାତ୍ରୀଛାତ୍ରଙ୍କ ସଫଳତା ସମାଜର ଅନ୍ୟମାନଙ୍କୁ ଉପରକୁ ଉଠାଇବା ସହ ସମାଜରେ ସାର୍ଥକ ପରିବର୍ତ୍ତନରେ ନିହିତ ରହିଛି। ଏହାକୁ ପ୍ରଥମେ ନିଜ ପରିବାର ଓ ସମାଜରୁ ଆରମ୍ଭ କରିବା ସହ ବାସ୍ତବ ଜୀବନରେ ପାଦ ଦେବାବେଳେ ସମାଜର ସବୁଠାରୁ ଗରିବ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଭାସୀ ମାଧ୍ୟମରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ୟୁକ୍ରେନ୍‌ର ଶାନ୍ତି ନୋବେଲ ବିଜେତା ଓଲେକସାଣ୍ଡ୍ରା ମାଟ୍‌ଭିଚକ୍ କହିଲେ, ଖୁବ୍ ଅଳ୍ପ ସମୟ ମଧ୍ୟରେ କିଟ୍ ଭାରତ ତଥା ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପ୍ରସିଦ୍ଧି ଲାଭ କରିପାରିଛି। ଏଭଳି ଏକ ଶିକ୍ଷାନୁଷ୍ଠାନ ଗଢ଼ିବା ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ। ଜଣେ ସାଧାରଣ ଲୋକ ସମାଜରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଅସାଧାରଣ କାମ କରିପାରେ ବୋଲି ଏଥିରୁ ପ୍ରମାଣିତ ବୋଲି ସେ କହିଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ୍ ଏଆଇଜି ହସ୍ପିଟାଲର ଅଧ୍ୟକ୍ଷ ଡ. ଡି. ନାଗେଶ୍ୱର ରେଡ୍ଡୀ, ଆଧ୍ୟାତ୍ମିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଶିଷ୍ଟ ଆଧାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀ, ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପୁନେସ୍ଥିତ କେପିଆଇଟି ଟେକ୍ନୋଲୋଜିର ସହ-ପ୍ରତିଷ୍ଠାତା କିଶୋର ପାଟିଲ ଏବଂ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଶା ଆଥ୍‌ଲେଟିକ ସଂଘ ଓ ଓଡ଼ିଶା ଫୁଟ୍‌ବଲ ସଂଘର ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଚଳିତବର୍ଷ ମୋଟ ୭୨୮୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ, ୫୪୫୫ ଜଣଙ୍କୁ ସ୍ନାତକ, ୧୫୯୭ ଜଣଙ୍କୁ ସ୍ନାତକୋତ୍ତର ଓ ୧୮୬ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ୫୯ଜଣ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା। ୩ ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୨୬ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୨୭ ଜଣଙ୍କୁ କୁଳପତି ରୌପ୍ୟ ପଦକ ଏବଂ ଅନ୍ୟ ୩ ଜଣଙ୍କୁ ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମୃତି ସ୍ୱର୍ଣ୍ଣ ପଦକ ଓ ପିପିଏଲ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା।

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା ସଭାପତିତ୍ୱ ଅଭିଭାଷଣରେ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରତୀକ କିଟ୍ ବୋଲି କହିଥିଲେ। କୁଳପତି ପ୍ରଫେସର ଶରଣଜିତ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍.ଏନ୍. ଦାଶ, ପୂର୍ବତନ କୁଳାଧିପତି ପ୍ରଫେସର ଏନ୍.ଏଲ୍. ମିତ୍ର, ପ୍ରଫେସର ବେଦ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଇଞ୍ଜିନିୟର୍ସ ଦିବସର ଅନୁଚିନ୍ତା


ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ

ବୈଷୟିକ ବିଜ୍ଞାନ କ୍ଷେତ୍ରରେ ସର୍ବୋଚ୍ଚ ଡିଗ୍ରୀଧାରୀ ଭାରତବର୍ଷର ଜଣେ ମହାନ କୃତୀ ସନ୍ତାନ ହେଉଛନ୍ତି ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ। ୧୮୬୧ ସେପ୍ଟେମ୍ବର ୧୫ ରେ ଜନ୍ମଗ୍ରହଣ କରିଥିବା ଏହି ଖ୍ୟାତନାମା ବୈଷୟିକ ବିଜ୍ଞାନୀ ନିଜର କର୍ମକୁଶଳ ଦ୍ୱାରା ପ୍ରତିଟି ଭାରତୀୟଙ୍କ ମନରେ ଛାପ ଛାଡ଼ି ୧୯୬୨ ଏପ୍ରିଲ ୧୪ରେ ଇହଲୀଳା ସମ୍ବରଣ କରନ୍ତି। ନିଜ ଜନ୍ମ ମାଟିରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ୧୮୭୬ରେ ବାଙ୍ଗାଲୋର କେନ୍ଦ୍ରୀୟ ମହାବିଦ୍ୟାଳୟରୁ ଶିକ୍ଷା ଏବଂ ପରେ ୧୮୮୦ - ୧୮୮୩ ପୁଣେ ସ୍ଥିତ କଲେଜ ଅଫ୍ ସାଇନ୍ସରୁ ଇଞ୍ଜିନିୟରିଂରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବମ୍ବେ ବିଶ୍ୱବିଦ୍ୟାଳୟକୁ ଗୌରବ ମଣ୍ଡିତ କଲେ। ସେଇଠୁ ଆରମ୍ଭ ହେଲା ବୈଷୟିକ କ୍ଷେତ୍ରରେ ଭାରତରେ ବୈପ୍ଲବିକ ପରିବର୍ତ୍ତନ। ଜାତୀୟ ଜଳସେଚନ କମିଶନଙ୍କ ଅନୁରୋଧ କ୍ରମେ ୧୯୦୧ ଠାରୁ ୧୯୦୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଜଳସେଚନ କାର୍ଯ୍ୟ ନିମନ୍ତେ ବିସ୍ତୃତ ଯୋଜନା ପ୍ରସ୍ତୁତ କଲେ। ବମ୍ବେ ସରକାରଙ୍କ ଅଧୀନରେ ୨୩ ବର୍ଷ କର୍ମମୟ ଜୀବନରୁ ଅବ୍ୟାହତି ନେଇ ବୈଦେଶିକ ଜ୍ଞାନକୌଶଳ ଆହରଣ କରିବା ପାଇଁ ପୃଥିବୀର ବିଭିନ୍ନ ଦେଶ ଗସ୍ତ କରିଥିଲେ। ଭାରତ ଫେରିବା ପରେ ବିଶ୍ୱେଶ୍ୱରାୟ ମୁଖ୍ୟଯନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇ ନଦୀ ବହୁଳ ଭାରତବର୍ଷରେ ପ୍ରତି ବର୍ଷ ବନ୍ୟା ଯୋଗୁ ଜନସାଧାରଣ ଭୋଗୁଥିବା ନାହିଁ ନଥିବା ବନ୍ୟା ଅସୁବିଧା ଓ ତଜ୍ଜନିତ କଷ୍ଟ ଦାଉରୁ ରକ୍ଷା ନିମନ୍ତେ ଆରମ୍ଭ କରିଲେ ନଦୀବନ୍ଧ ଯୋଜନା।

ଦେଶର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା କାବେରୀ ନଦୀରେ କୃଷ୍ଣରାଜ ସାଗର ତାଙ୍କର ମାନସ ସନ୍ତାନ। ଜାତିର ଜନକ ମହାତ୍ମା ଗାନ୍ଧୀ ବନ୍ୟା ପ୍ରପୀଡିତ ଓଡ଼ିଶାବାସୀଙ୍କ ଅବସ୍ଥା ଅନୁଧ୍ୟାନପୂର୍ବକ ପ୍ରତିକାର ନିମନ୍ତେ ସାର ବିଶ୍ୱେଶ୍ୱରାୟଙ୍କୁ ଅନୁରୋଧ କରିଥିଲେ। ନିଜ ଖର୍ଚ୍ଚରେ ଓଡ଼ିଶା ଆସି ହୀରାକୁଦ ନଦୀବନ୍ଧ ଯୋଜନାର ନକ୍ସା ପ୍ରସ୍ତୁତ କରିଥିଲେ ବିଶ୍ୱେଶ୍ୱରାୟ। ସମଗ୍ର ଦେଶରେ ତାଙ୍କର ବିଭିନ୍ନ କୃତି ଓ କୀର୍ତ୍ତି ପାଇଁ ଆଧୁନିକ ଭାରତର ନିର୍ମାତା ନାମରେ ସେ ବିଖ୍ୟାତ ହୋଇଥିଲେ। ୧୯୫୫ରେ ଭାରତ ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ରେ ବିଭୂଷିତ କରିଥିଲେ। ବୈଷୟିକ ଜ୍ଞାନ ଧୀସମ୍ପନ୍ନ ତଥା ଭାରତମାତାର କୃତୀ ସନ୍ତାନ ବିଶ୍ୱେଶ୍ୱରାୟଙ୍କ ପବିତ୍ର ଜନ୍ମତିଥି ସେପ୍ଟେମ୍ବର ୧୫କୁ ଇଞ୍ଜିନିୟର୍ସ ଦିବସ ଭାବେ ୧୯୬୭ଠାରୁ ପାଳନ କରିବାକୁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୨୪ ସେପ୍ଟେମ୍ବର ୧୫ ଇଞ୍ଜିନିୟର ଦିବସ ତା'ର ସ୍ମୃତିରେ ଅନନ୍ୟ ସମୀକରଣ ସୃଷ୍ଟିକରି ଭାରତ ତଥା ଓଡ଼ିଶାର ଇଞ୍ଜିନିୟରମାନଙ୍କ ପାଇଁ ତେଜୋଦୀପ୍ତ ନୂତନ ସୂର୍ଯ୍ୟ ଆଣିବାର ବଜ୍ର ଶପଥ ନେଉ।

– ଇଂ. ପ୍ରତ୍ୟୁଷ କୁମାର ବେହେରା
ମୋ: ୭୫୦୪୦୮୧୮୬୩

# ଉତ୍ତମ ଶାସନ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ

## ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଆଜି



ଗଣତନ୍ତ୍ର ବିଷୟରେ ସଚେତନତା ବୃଦ୍ଧି ପାଇଁ ମିଳିତ ଜାତିସଂଘର ସାଧାରଣ ସଭା ସେପ୍ଟେମ୍ବର ୧୫କୁ ୨୦୦୭ରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ଘୋଷଣା କରିଥିଲା। ସେପ୍ଟେମ୍ବର ୧୫, ୧୯୯୭ରେ ଆନ୍ତଃ ସଂସଦୀୟ ୟୁନିଅନ (ଆଇପିୟୁ) ଗଣତନ୍ତ୍ର ଉପରେ ବିଶ୍ୱବ୍ୟାପୀ ଘୋଷଣାନାମା ଗ୍ରହଣ କରିଥିଲା। ଏହାର ଦଶ ବର୍ଷ ପୂର୍ତ୍ତି ପାଳନ ଅବସରରେ ଉକ୍ତ ଦିବସର ସ୍ମରଣ ଲାଗି ଏହି ତାରିଖ ଚୟନ କରାଯାଇଥିଲା। ୨୦୦୮ରୁ ପାଳିତ ହୋଇଆସୁଥିବା ଏହି ଦିବସ ସମଗ୍ର ବିଶ୍ୱରେ ଗଣତନ୍ତ୍ରର ସ୍ଥିତି ସମୀକ୍ଷା କରିବାର ଏକ ଅବସର ଆଣିଥାଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଥିମକୁ ନେଇ ଏହା ପାଳନ କରାଯାଇଥାଏ।। ଚଳିତବର୍ଷ ଲାଗି ଥିମ୍ ରହିଛି 'ଉତ୍ତମ ଶାସନ ପାଇଁ ଏକ ଉପକରଣ ଭାବେ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ'। ତେବେ ଏହି ଦିବସ ମୁକ୍ତ ମତ, ନାଗରିକ ସ୍ୱାଧୀନତା ଏବଂ ଆଇନର ଶାସନକୁ ଗୁରୁତ୍ୱ ଦେବା ପାଇଁ ଏକ ସୁଯୋଗ ଆଣିଥାଏ। ଏଥିସହ ମାନବିକ ଅଧିକାରର ସୁରକ୍ଷା ଏବଂ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥାଏ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-TLHR-405, ତା.09.09.2024ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000.00 କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (₹):** 84,11,793.80, EMD (₹) : 1,68,200.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.09.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.10.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-520/P/24-25


# ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

■ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି
■ ଜଣେ ଗୁରୁତରଙ୍କୁ ମାଲକାନଗିରି ସ୍ଥାନାନ୍ତର

ମାଥିଲି, ୧୪।୯ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ ଝାଡ଼ାବାନ୍ତି ରୋକିବାରେ ଡାକ୍ତରୀ ଟିମ୍ ଗାଁକୁ ଗାଁକୁ ଯାଇ ଚିକିତ୍ସା କରିବା ସହ ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ ଥମିବା ଦେଖାଯାଉ ନାହିଁ। ଦିନକୁ ଦିନ ଜଣେ ପରେ ଜଣେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୁଣ୍ଡ ଗଡୁଛି। ଗୁରୁବାର ଓ ଶୁକ୍ରବାର ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଭୋରୁ ଆଉ ଜଣଙ୍କର ମୃତ୍ୟୁ ଘଟି ସଂଖ୍ୟା ୬ରେ ପହଞ୍ଚିଛି।

ଶୁକ୍ରବାର କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗ୍ରାମର ସୁବର୍ଣ୍ଣା ନାୟକ(୩୨)ଙ୍କର ଝାଡ଼ାବାନ୍ତି ହେବାରୁ ତାଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଭୋର ପ୍ରାୟ ୪ ଟାରେ ତାଙ୍କର ମୃତ୍ୟୁ ହୋଇଛି। ସୁବର୍ଣ୍ଣାଙ୍କ ୩ ସନ୍ତାନ ଥିବା ବେଳେ ସାନ ପୁଅ ମାତ୍ର ୮ ମାସର। ଆଉ ଜଣେ ସେହି ଗ୍ରାମର ଚନ୍ଦ୍ର ଗୌଡ଼ (୧୮) ଝାଡାବାନ୍ତି ହେବାରୁ ମାଥିଲି ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏବେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଗ୍ରାମର ୧୫ରୁ ଅଧିକ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି।

ଲୋକେ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ପ୍ରବଳ ବର୍ଷା ସହ ଗାଁରେ ଅପରିଷ୍କାର ପରିବେଶ ଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୀର୍ଘ ବର୍ଷହେବ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା କରାଯାଇଥିଲେ ମଧ୍ୟ ଶଯ୍ୟା ସଂଖ୍ୟା ୩୦ରେ ସୀମିତ ରହିଛି। ମାଥିଲି ବ୍ଲକର ୨୦ ପଞ୍ଚାୟତ ଓ ଖଇରପୁଟ ବ୍ଲକ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ରୋଗୀଙ୍କୁ ଆବଶ୍ୟକ ବେଡ୍ ମିଳୁ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)



**ଆଜ ହୁଁ ଏଡ଼େ
ପାଣି ପଡ଼ିଲେ ଏ ନ ହେବ କେଡ଼େ !**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କମ୍ ବୟସରେ ଯିଏ ଉଦ୍‌ବାର୍ଯ୍ୟ ହେଉଛି, ଆଗକୁ ସିଏ କ'ଣ ନ ହେବ ସେନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଳି ରାଇଜର କେନ୍ଦୁ
ଆଳିଆ ନେଖାରେ ପାଳିଆ ବନ୍ଧୁ
କେତେ ବାହୁନେଇ କାନ୍ଦୁ !**

ବନ୍ଧୁ ପ୍ରତି ମନରେ ସ୍ନେହ ସରାଗ ଭାବ ରହିବା ଶୋଭନୀୟ। ତାଙ୍କ ଭଲ ମନ୍ଦରେ ପାଖରେ ଛିଡ଼ାହେବା ଉଚିତ ହୋଇଥାଏ। ପରନ୍ତୁ ନିଜ ସୁଖ ସୁବିଧା ପାଇଁ ଯେଉଁମାନେ ଲତା ଗୋଡା ଖଞ୍ଜି ସମ୍ବନ୍ଧ ସ୍ଥାପନ କରିଥାନ୍ତି, ସେଭଳି ଦୂର ସମ୍ପର୍କୀୟା ବନ୍ଧୁ ପାଇଁ ବ୍ୟସ୍ତ ବିବ୍ରତ ହେବାରେ କିଛି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଜଣେ ମାଓବାଦୀ ମୃତ, ୮ ଗିରଫ

ମାଲକାନଗିରି, ୧୪।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଶନିବାର ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ଜଙ୍ଗଲ ତୁମାଲପାଡ ଅଞ୍ଚଳରେ ପୋଲିସର କୋମ୍ବିଂ ଚାଲିଥିବା ବେଳେ ଉକ୍ତ ଜଙ୍ଗଲରେ ମାଓବାଦୀମାନଙ୍କ ବୈଠକ ବସିଥିବା ଜଣାପଡିଥିଲା। ପୋଲିସ ଆସିବା ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚାଳନା କରିଥିଲା। ଏଥିରେ ଜଣେ ସନ୍ଦିଗ୍ଧ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତଦେହ ନିକଟରୁ ଗୋଟିଏ ଅସ୍ତ୍ର ସମେତ ବହୁ ସାମଗ୍ରୀ ଜବତ କରାଯାଇଛି।

ଅନ୍ୟପକ୍ଷରେ ୮ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ସୁକ୍‌ମା ଜିଲା ଫୋର୍ସ, ଡିଆର୍‌ଜି, ବସ୍ତର ଫାଇଟର୍ ଏବଂ ସିଆର୍‌ପିଏଫ ବାହିନୀ ବକ୍ସପାଲୀଗ୍ରାମ ନିକଟରେ ତଲାସି କରୁଥିବାବେଳେ ଜଣଙ୍କ ଘରେ କେତେକ ମାଓବାଦୀ ଲୁଚି ରହିଥିବା ନେଇ ସୂଚନା ପାଇଥିଲା। ଏହାପରେ ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଘର ଭିତରୁ ୮ଜଣଙ୍କୁ ଗିରଫ କରିବା ସହ ବିପୁଳ ସାମଗ୍ରୀ ଓ ବିସ୍ଫୋରକ ଜବତ କରିଥିଲେ। ଗିରଫଙ୍କ ମଧ୍ୟରେ ଜଣେ ୧ ଲକ୍ଷ ପୁରସ୍କାର ଘୋଷିତ ମିଲିସିଆ କମାଣ୍ଡର ଥିବା ବେଳେ ସମସ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।


**Office of the Executive Engineer, Support Services Division,**
2nd Floor, Dam Safety Building, Secha Sadan, Bhubaneswar - 751001
E-mail : eessdivision@gmail.com

**QUOTATION CALL NOTICE NO.03/2024-25**

No.A-295: Sealed quotations are invited from eligible Firms, Suppliers and Dealers etc. to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 27.09.2024, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Sevices Division, Bhubaneswar from 10.00 AM of 17.09.2024 to 03.00 PM of 27.09.2024 on payment of Rs. 100/- (Rupees One Hundred) only.

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Procurement of Desktop Computers and UPS for the official use of different officers under the establishment of the Executive Engineer, Support Services Division, BBSR | 11 Nos. | Rs. 100.00 | 03(1)/2024-25 |
| 2 | Supply of Seven nos. of Air conditioner for Asst. to EIC, P&D, Room No.-137, SO Cash Branch, Director ISWI South (Room No.-328), SO Monitoring Branch (Room No.-306), in the O/o Engineer-in-Chief, WR, BBSR | 07 Nos. | Rs. 100.00 | 03(2)/2024-25 |

Sd./-
Executive Engineer,
Support Services Division,
Bhubaneswar

OIPR-32447/11/0007/2425



OFFICE OF THE PRINCIPAL
**MAHAMAYEE MAHILA MAHAVIDYALAYA**
GANDHI NAGAR, BERHAMPUR (Gm), Odisha
e-mail : mmmahavidyalaya@gmail.com

No.1011/MMM/24 Dt.14.09.2024

**TENDER CANCELLATION NOTICE**

Tender Call Notice for supply of "Library Books" under CBCS Syllabus for various departments of this College published in Odia Daily SAMAJA & DHARITRI on 18.07.2024 vide Memo No. 712(3)/24 dated 16th July 2024 is hereby **CANCELLED** due to introduction of NEP-2020 from the Academic Session 2024-25.

Fresh Tender would be invited through the Website www.mmmv.in and local newspaper publication.

Sd./- Principal
Mahamayee Mahila Mahavidyalaya
Gandhi Nagar, Berhampur



**DIRECTORATE OF AGRICULTURE & FOOD PRODUCTION, ODISHA**
No.L-

**EXPRESSION OF INTEREST**

**SELECTION OF IMPANELMENT OF IMPLEMENTING AGENCY FOR IMPLEMENTATION OF "COMPREHENSIVE PROJECT ON RICE FALLOW MANAGEMENT IN ODISHA"**

**No.32653, Dated. 13.09.2024** : The Director of Agriculture & Food Production, Odisha, Agriculture & Farmers' Empowerment Department, Government of Odisha (The Client) invites sealed proposal from eligible bidders (Agencies/organizations) for Engagement of Implementing Agency for implementation of **"Comprehensive Project on Rice Fallow Management"** in the State during Rabi season of FY 2024-25. More details on the proposed programme are provided in Section - 3: Terms of Reference of this EoI Document.

The EoI document is available and can be downloaded from the website **agrisnetodisha.ori.nic.in / agriodisha.nic.in.**

The proposal complete in all respect must reach the undersigned by Speed Post / Registered Post to The **Director of Agriculture & Food Production, Krushi Bhawan, Gopabandhu Marg Bhubaneswar, Odisha PIN-751001 latest by 01.10.2024 up to 02:00 PM**.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

sd/-
**Director of Agriculture & Food Production, Odisha**

OIPR-01510/11/0012/2425



GOVERNMENT OF ODISHA E-mail: rwdmohana@gmail.com
**OFFICE OF THE SUPERINTENDING ENGINEER
RURAL WORKS DIVISION, MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 03/MOHANA/2024-25**
No.O-280

1. Name of the work: Building works. 2. Total No. work: 04 (Four) Nos. 3. Estimated cost: 24.42 Lakhs to 44.95 Lakhs. 4. Class of contractor : As per Annexure. 5. Period of completion: As per Annexure. 6. Other details:

| Procurement Officer | Bid Identification No. | No. of Works | Availability of tender online for bidding: From | Availability of tender online for bidding: To | Last date & time of seeking tender clarification | Date & time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Mohana | Online Tender 03/ MOHANA/ 2024-25 | 4 (Four) Nos. | 24.09.2024 from 11.00 A.M. | 04.10.2024 upto 5.00 P.M. | 01.10.2024 upto 5.00 P.M. | 05.10.2024 at 11.00 A.M. |

Further details can be seen from the Website www.tenderodisha.gov.in
Sd./- Superintending Engineer, R.W. Division, Mohana
OIPR-25148/11/0003/2425




**ଟାଟାନଗର-ବ୍ରହ୍ମପୁର ଏବଂ ହାଓଡ଼ା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ**

୨୦୮୯୧/୨୦୮୯୨ ଟାଟାନଗର-ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ତା୧୫।୦୯।୨୦୨୪ରିଖ ଦିନ ଶୁଭାରମ୍ଭ ହେବ। ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ନିୟମିତ ଚଳାଚଳ ତା୧୮।୦୯।୨୦୨୪ରିଖ ଦିନ ଟାଟାନଗରରୁ ଏବଂ ତା୧୯।୦୯।୨୦୨୪ରିଖ ଦିନ ବ୍ରହ୍ମପୁରରୁ ନିମ୍ନପ୍ରଦତ୍ତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ଟାଟାନଗରରୁ ଟ୍ରେନ୍ ନଂ. ୨୦୮୯୧ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ
ବ୍ରହ୍ମପୁରରୁ ଟ୍ରେନ୍ ନଂ. ୨୦୮୯୨ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୯।୦୯।୨୦୨୪ରିଖଠାରୁ

| ୨୦୮୯୧ ଆ. | ୨୦୮୯୧ ପ୍ର. | ଷ୍ଟେଶନ | ୨୦୮୯୨ ଆ. | ୨୦୮୯୨ ପ୍ର. |
|---|---|---|---|---|
| - | ୧୪.୫୦ | ↓ ଟାଟାନଗର | ୧୪.୨୦ | - |
| ୧୫.୫୫ | ୧୫.୫୭ | ଚାଇଁବାସା | ୧୩.୦୦ | ୧୩.୦୨ |
| ୧୭.୨୦ | ୧୭.୨୨ | ବାଂଶପାଣି | ୧୧.୨୮ | ୧୧.୩୦ |
| ୧୮.୨୦ | ୧୮.୨୫ | କେନ୍ଦୁଝରଗଡ଼ | ୧୦.୦୫ | ୧୦.୧୦ |
| ୧୯.୦୩ | ୧୯.୦୫ | ହରିଚନ୍ଦନପୁର | ୦୯.୧୮ | ୦୯.୨୦ |
| ୨୦.୦୫ | ୨୦.୦୭ | ଯଖପୁରା | ୦୮.୨୩ | ୦୮.୨୫ |
| ୨୧.୦୦ | ୨୧.୦୨ | କଟକ | ୦୭.୩୮ | ୦୭.୪୦ |
| ୨୧.୧୫ | ୨୧.୨୦ | ଭୁବନେଶ୍ୱର | ୦୭.୧୫ | ୦୭.୨୦ |
| ୨୧.୩୫ | ୨୧.୪୫ | ଖୋର୍ଦ୍ଧା ରୋଡ଼ | ୦୬.୪୦ | ୦୬.୫୦ |
| ୨୨.୪୩ | ୨୨.୪୫ | ବାଲୁଗାଁ | ୦୫.୪୩ | ୦୫.୪୫ |
| ୨୩.୫୫ | - | ବ୍ରହ୍ମପୁର ↑ | - | ୦୫.୧୫ |

ଗଠନ: ଏସି ଚେୟାର୍ କାର୍ (ସିସି)-୭ ଓ ଏକ୍‌ଜିକ୍ୟୁଟିଭ୍ କ୍ଲାସ୍ (ଇସି)-୧ = ୮ ଟି କୋଚ୍।

୨୦୮୭୧/୨୦୮୭୨ ହାଓଡା-ରାଉରକେଲା-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ତା୧୫।୦୯।୨୦୨୪ରିଖ ଦିନ ଶୁଭାରମ୍ଭ ହେବ। ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ନିୟମିତ ଚଳାଚଳ ଉଭୟ ଦିଗ ଅର୍ଥାତ୍ ହାଓଡା ଓ ରାଉରକେଲାରୁ ତା୧୮।୦୯।୨୦୨୪ରିଖରୁ ନିମ୍ନପ୍ରଦତ୍ତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ହାଓଡାରୁ ଟ୍ରେନ୍ ନଂ. ୨୦୮୭୧ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ
ରାଉରକେଲାରୁ ଟ୍ରେନ୍ ନଂ. ୨୦୮୭୨ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ

| ୨୦୮୭୧ ଆ. | ୨୦୮୭୧ ପ୍ର. | ଷ୍ଟେଶନ | ୨୦୮୭୨ ଆ. | ୨୦୮୭୨ ପ୍ର. |
|---|---|---|---|---|
| - | ୦୬.୦୦ | ↓ ହାଓଡା | ୧୯.୪୦ | - |
| ୦୭.୩୦ | ୦୭.୩୨ | ଖଡ଼ଗପୁର | ୧୭.୫୮ | ୧୮.୦୦ |
| ୦୯.୧୫ | ୦୯.୨୦ | ଟାଟାନଗର | ୧୬.୦୫ | ୧୬.୧୦ |
| ୧୦.୦୮ | ୧୦.୧୦ | ଚକ୍ରଧରପୁର | ୧୫.୧୫ | ୧୫.୧୭ |
| ୧୧.୫୦ | - | ରାଉରକେଲା ↑ | - | ୧୩.୪୦ |

ଗଠନ: ଏସି ଚେୟାର୍ କାର୍ (ସିସି)-୭ ଓ ଏକ୍‌ଜିକ୍ୟୁଟିଭ୍ କ୍ଲାସ୍ (ଇସି)-୧ = ୮ ଟି କୋଚ୍।

(PR-604) ମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ସଂକ୍ଷେପରେ

### ରାଇରଙ୍ଗପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାଇରଙ୍ଗପୁର,୧୪।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ଶନିବାର ରାଇରଙ୍ଗପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଡ. ଭି. ସୁଜାତାଙ୍କ ସମେତ ସିନିୟର୍ ସିଭିଲ ଜଜ ଆଲୋକ ପଣ୍ଡା ସବ ଡିଭିଜନାଲ ମାଜିଷ୍ଟ୍ରେଟ (ଏସଡିଜେଏମ) ସିଦ୍ଧାର୍ଥ ଶଙ୍କର ସେନାପତି ଏବଂ ଜେ ଏମଏଫସି ଚେତନା ପଟ୍ଟନାୟକଙ୍କ ସମେତ ମାଜିଷ୍ଟ୍ରେଟ୍ ସାମିଲ ହୋଇ ମୋଟ ୯୨ ଗୋଟି ବିଭିନ୍ନ କେଶ ମାମଲା ବିଚାର କରାଯାଇ କେଶ ମାମଲା ଫଇସଲା କରାଯାଇଥିଲା। ଉକ୍ତ ୨୧ ଗୋଟି କେଶ ମାମଲା ମଧ୍ୟରୁ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଏକ ମଟର ଯାନ ଦୁର୍ଘଟଣା ଜନୀତ କ୍ଷତି ପୂରଣ ମାମଲା ଫଇସଲା କରାଯାଇ ୧ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଅର୍ଥ ଆଦାୟ କରାଯାଇଥିଲା। ଏହା ବ୍ୟତୀତ ବୈବାହିକ ବିବାହ ବିବାଦ, ବ୍ୟାଙ୍କିଙ୍ଗ ଅର୍ଥ ଋଣ ମାମଲା, କ୍ରିମିନାଲ କେଶ ( ଅପରାଧୀ କରଣ ) ସମେତ ବିଭିନ୍ନ ସିଭିଲ କେଶ ମାମଲା ବିଚାର କରାଯାଇ କେଶ ମାମଲା ଫଇସଲା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସିଭିଲ କୋର୍ଟର ବିଭିନ୍ନ ପଦାଧିକାରୀ ସାମିଲ ହୋଇ ସହଯୋଗ କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

ଉଦଳା, ୧୪।୯(ସନ୍ତୋଷ କୁମାର ବାଛିନୀ)

ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଉଦଳା ବିଚାର ବିଭାଗୀୟ ଅଦାଲତ ପରିସରରେ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ସିନିୟର ସିଭିଲ ଜଜ ଅରୁଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଜଜ୍ ସିନିୟର ଏବଂ ଏସ୍. ଉଦଳା ଅନୁରାଗ ଦେହୁରୀଙ୍କ ବିଚାର ପରିସରକୁ ଆସିଥିବା ସମସ୍ୟା ଗୁଡ଼ିକୁ ନିମ୍ନମତେ ସମାଧାନ କରାଯାଇଥିଲା। ଆଗତ ୧୦ଟି ଫୌଜଦାରୀ (କମ୍ପାଉଣ୍ଡେବଲ) ମାମଲାରୁ ୧ ଗୋଟି ସମସ୍ୟାର ସମାଧାନ, ୧୧ଟି ବିବାହ ସମ୍ବନ୍ଧୀୟ ମାମଲାରୁ ୩ଟିର ସମାଧାନ, ୩୫ଟି ଦେୱାନୀ କେସ୍ ମଧ୍ୟରୁ ୨୬ଟିର ସମାଧାନ ଏବଂ ଅନ୍ୟାନ୍ୟ ୨୬୦ଟି ଫୌଜଦାରୀ ମାମଲାରୁ ୨୫୬ଟି ମାମଲାର ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତ କାର୍ଯ୍ୟକ୍ରମ ବିଚାର ବିଭାଗୀୟ ଅଦାଲତ କର୍ମଚାରୀ ତଥା ସମସ୍ତ ଓକିଲଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା ।

# ବାର୍ଡ-ଫ୍ଲୁ ନେଇ ଜିଲା ପ୍ରଶାସନର ସଚେତନତା

ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବାର୍ଡ-ଫ୍ଲୁ ରୋଗ ସଂକ୍ରମଣକୁ ପ୍ରତିରୋଧ କରିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାରେ ଏହି ରୋଗ ବ୍ୟାପିବାର କୌଣସି ଆଶଙ୍କା ନ ଥିବା ବେଳେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାହାକୁ ନେଇ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟର ପୁରୀ ଓ କେନ୍ଦ୍ରାପଡ଼ା ଜିଲାରେ ଦିନକୁ ଦିନ ବାର୍ଡ-ଫ୍ଲୁ ରୋଗର ସଂକ୍ରମଣକୁ ନେଇ ରାଜ୍ୟବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏହି ରୋଗ ମୟୂରଭଞ୍ଜ ଜିଲାରେ ସଂକ୍ରମଣ ହୋଇ ନ ଥିବା ବେଳେ ମାନବ ଜୀବନକୁ ଏହି ରୋଗର ବ୍ୟାପକତା ସ୍ପର୍ଶ ନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲା ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀ ଡା.କଳ୍ପତରୁ ସ୍ୱାଇଁ ଉପସ୍ଥିତ ରହି ଜିଲାରେ ଏହି ରୋଗର ସଂକ୍ରମଣକୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ଜିଲାରେ ଏହି ରୋଗର ସଂକ୍ରମଣ ହୋଇ ନ ଥିବା ବେଳେ ମାଂସ ପାଇଁ ବାହ୍ୟ ପକ୍ଷୀର ଆମଦାନୀ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହି ରୋଗର ଯାଞ୍ଚ ପାଇଁ ଜିଲାର ୨୬ ବ୍ଲକ୍‌ରେ ୬ ଜଣଙ୍କୁ ନେଇ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରାଯାଇଛି । ଜିଲାରେ ୩୩୮ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ରହିଥିବା ବେଳେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ବ୍ରଏଲର କୁକୁଡ଼ା ଓ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଦେଶୀ କୁକୁଡ଼ା ରହିଛନ୍ତି। ସେହିପରି ୨୩୮୦ଟି ବ୍ୟବସାୟିକ ଫାର୍ମରେ ସ୍ଥାନୀୟ ଡାକ୍ତରୀ ଦଳ ପହଞ୍ଚି ଫାର୍ମର ସ୍ଥିତି ପରଖିବାରେ ଲାଗିଛନ୍ତି। ଜିଲାରେ ବାର୍ଡ-ଫ୍ଲୁକୁ ନେଇ କୌଣସି ସୂଚନା ନ ଥିବା ବେଳେ ଏହାକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ତେବେ ବୈଜ୍ଞାନିକ ଦୃଷ୍ଟି କୋଣରୁ ଶହେ ଡିଗ୍ରୀ ତାପମାତ୍ରାରୁ ଅଧିକରେ ମାଂସକୁ ଶିଝାଇ ଖାଇ ପାରିବେ। ଏପରିକି କୌଣସି ମଲା କିମ୍ବା ରୋଗିଣା କୁକୁଡ଼ାକୁ ଆଦୌ ନ ଖାଇବାକୁ ପରାମର୍ଶ ଦେଇଛନ୍ତି। ତେବେ ଭୂତାଣୁ ଜନିତ ରୋଗର ଜୀବାଣୁ ପକ୍ଷୀମାନଙ୍କଠାରୁ ମଣିଷକୁ ସଂକ୍ରମିତ ହେବାର ସମ୍ଭାବନା ରହିଛି। ଏଣୁ କୁକୁଡ଼ା ସଂସ୍ପର୍ଷରେ ଆସି କୌଣସି ବ୍ୟକ୍ତିଙ୍କୁ ଜ୍ୱର, ଛିଙ୍କ, କାଶ ଲାଗି ରହେ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ସେହିପରି ଗାଁଗଣ୍ଡାରେ ଆଶା କର୍ମୀମାନେ ସମ୍ଭାବିତ ସଂକ୍ରମିତ ବାର୍ଡ-ଫ୍ଲୁକୁ ନେଇ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ଏଥି ସହିତ ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଉଛନ୍ତି। ମଲା ପକ୍ଷୀଙ୍କୁ ଏଣେ ତେଣେ ନଫିଙ୍ଗି ମାଟି ଖୋଳି ପୋତି ଦେବା ସହ କାର୍ଯ୍ୟ କରିବା ସମୟରେ ହାତରେ ଗ୍ଲୋଭ୍ସ ଲଗାଇବାକୁ ପରାମର୍ଶ ଦିଆଯାଇଛି। ରୋଗର ନିୟନ୍ତ୍ରଣ ଦିଗରେ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ତଦାରଖ କଲେ ଏଡିଏମ୍



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସମ୍ଭାବ୍ୟ ବନ୍ୟା ମୁକାବିଲା ପ୍ରସ୍ତୁତି

ମୋରଡ଼ା, ୧୪।୯ (ସ୍ମାରକ ମାଜୀ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଅତି ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମୋରଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନେଇ ବ୍ଲକସ୍ତରୀୟ ଟିମ୍, କଣ୍ଟ୍ରୋଲ ରୁମ୍ ଓ ପଞ୍ଚାୟତସ୍ତରୀୟ ଟିମ୍ ଗଠନ କରାଯାଇଛି। ବ୍ଲକସ୍ତରୀୟ ଟିମ୍‌ର ନୋଡାଲ ଅଫିସର ଏଇଇ ମୋତିଲାଲ ଟୁଙ୍ଗ ଥିବାବେଳେ ତାଙ୍କୁ ସହଯୋଗ କରିବା ପାଇଁ ଉକ୍ତ ଟିମ୍‌ରେ ସଲମା ମୁର୍ମୁ, ହରିରାମ ମୁର୍ମୁ, ଦେବଦତ୍ତ ଜେନା,ପ୍ରସନ୍ନ ମହାନ୍ତ ଓ ମଧୁସୂଦନ ଜେନା ଅଛନ୍ତି। ସେହିପରି କଣ୍ଟ୍ରୋଲ ରୁମ୍‌ର ନୋଡାଲ ଅଫିସର ଅତନୁ ଦେବଦର୍ଶନ ବେହେରା ଅଛନ୍ତି। ବ୍ଲକର ୨୦ଟି ପଞ୍ଚାୟତର ୨୦ଟି ସ୍ଥାନରେ ନୋଡାଲ ସେଣ୍ଟର ଖୋଲାଯାଇଥିବା ବେଳେ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ମୋରଡ଼ା ବ୍ଲକ ଦାୟିତ୍ୱରେ ଥିବା ରାଇରଙ୍ଗପୁର ଏଡିଏମ୍ ଦୌଲତ ଚନ୍ଦ୍ରକାର ଶନିବାର ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରସ୍ତୁତି ବାବଦରେ ତଦାରଖ କରିଛନ୍ତି। ମୋରଡା ବିଡିଓ ଅଣାକର ନାଏକ, ଏଇଇ ଟୁଙ୍ଗ ଏବଂ କର୍ମଚାରୀମାନଙ୍କ ସହ ପ୍ରସ୍ତୁତି ବାବଦରେ ଏକ ବୈଠକ କରିଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ବିଜ୍ଞାନ ମେଳା, ଗଣିତ ହାଟ



ଗଣିତ ହାଟରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅତିଥି।

ବୈଶିଙ୍ଗା,୧୪।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଓ ଗଣିତ ହାଟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଭାବେ ତୋଟାପଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ମୁଖ୍ୟଅତିଥି ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ମୁଖ୍ୟବକ୍ତା ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଓ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନୀ ମନୋଭାବ ନେଇ ଅଗ୍ରସର ହେବାକୁ ଉତ୍ସାହିତ କରିଥିଲେ। ଜଣେ ବୈଜ୍ଞାନିକ ତାଙ୍କ ନୂତନ ଚିନ୍ତନରେ ପୃଥିବୀକୁ ନୂତନ ଦିଗ୍‌ଦର୍ଶନ ଦେଇପାରନ୍ତି। କୁନି କୁନି ପିଲାମାନେ ଦିନେ ବଡ଼ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବେ। ଛାତ୍ର ଜୀବନରେ ସେମାନଙ୍କର ମୂଳଦୁଆ ପଡ଼ିଥାଏ ବୋଲି ଅତିଥିମାନେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ବିଜ୍ଞାନ ମେଳାରେ ସମୁଦାୟ ୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଗଣିତ ହାଟ ଅନୁଷ୍ଠିତ ହୋଇଥିଲା। ପିଲାମାନେ ବହି ଦୋକାନ, ଖେଳନା ଦୋକାନ, ବେଲୁନ, ପନିପରିବା, ସଉଦା ଦୋକାନ ଆଦି ଖୋଲି କିଣାବିକା କରିଥିଲେ। ସେମାନେ ଯୋଗ, ବିୟୋଗ, ହରଣ, ଗୁଣନ, ଲାଭ, କ୍ଷତି, ତରଳ ଓ କଠିନ ଜିନିଷର ମାପ ଆଦି ସମ୍ପର୍କରେ ସଚେତନ ହୋଇଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀ ପମା ସୋରେନ ପଞ୍ଚାୟତର ସରପଞ୍ଚ ଭୂମିକାରେ ଅତି ନିଖୁଣ ଭାବେ ହାଟ ସମ୍ପର୍କରେ ଅତିଥିମାନଙ୍କୁ ବୁଝାଇ କହିବା ସହ ଗ୍ରାମର ଉନ୍ନତି କଳ୍ପେ ସରପଞ୍ଚଙ୍କ ଭୂମିକା ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରିଥିଲେ। ଏହି ଅବସରରେ ପିଲାମାନେ ବାଲୁକା କଳା ମାଧ୍ୟମରେ 'ଜଳ ହିଁ ଜୀବନ' ଓ ଏହାର ମହତ୍ତ୍ୱ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ଦେଇଥିଲେ ସହକାରୀ ଶିକ୍ଷୟିତ୍ରୀ ଦୀପାଞ୍ଜଳି ଦାସ। ସରସ୍ୱତୀ ଜେନା, ସୁବାସିନୀ ପରିଡ଼ା, ସୁକାନ୍ତି ବିଶ୍ୱାଳ, ପ୍ରତିମା ପରିଡ଼ା, ନୀଳାଖି ଦାସ, ଚିନ୍ମୟ ମହାନ୍ତ, ମାଳତୀ ମାଝୀ, ସୀତା ଟୁଡୁ, ଜୁଲି ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ। ରୁପା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ଅଞ୍ଚଳ ପରିଦର୍ଶନ କଲା ଜିଲା ପ୍ରଶାସନ

ବେତନଟୀ,୧୪।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ବେତନଟୀ ବ୍ଲକ୍‌ରେ ଶୁକ୍ରବାର ୫୦ ମି.ମି. ବର୍ଷା ହୋଇଥିବା ବେଳେ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ୨୨ ମିଲି ମିଟର ବର୍ଷା ହୋଇଛି। ଶନିବାର ବେତନଟୀ ବିଡ଼ିଓ ଗୋପିନାଥ ଖୋଖା ବ୍ଲକ୍‌ର ବନ୍ୟା ଅଞ୍ଚଳ ତଥା ବେତନଟୀ ବ୍ଲକ୍‌ର ପାଟଲିପୁରା, ଗଡ଼ଦେଉଳିଆ ଓ କଳମା ପଞ୍ଚାୟତ ଉପରେ ନଜର ରଖିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ନିତ୍ୟାନନ୍ଦ ମଲ୍ଲିକ, ବେତନଟୀ ବିଡିଓ ଓ ତହସିଲଦାର ପାଟଲିପୁରା ପଞ୍ଚାୟତରେ ଥିବା ନାଖରା ବଳଙ୍ଗନଦୀର ପୋଲ ପରିଦର୍ଶନ କରିଛନ୍ତି। ବେତନଟୀ ବିଡିଓ ବନ୍ୟା ଅଞ୍ଚଳ ପାଇଁ ଶୁଖିଲା ଖାଦ୍ୟ ଆବଶ୍ୟକୀୟ ସ୍ଥଳେ ପହଞ୍ଚାଇବା ପାଇଁ ବ୍ଲକ୍ ପ୍ରଶାସନ ପ୍ରସ୍ତୁତି ରହିଛି ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ୭୩ ଦିବ୍ୟାଙ୍ଗ ଚିହ୍ନଟ

ପାଟଣା,୧୪।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଗୁରୁବାର ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଏବଂ ଆଲିଂ ପକ୍ଷରୁ ଭିନ୍ନକ୍ଷମ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୨୦ଟି ପଞ୍ଚାୟତରୁ ୭୩ ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି। ଶିବିରରେ ଆଲିଂଙ୍କ ସଂସ୍ଥାର ଅସ୍ଥି ଶଲ୍ୟ ବିଶେଶଜ୍ଞ ଡା. ଗୌରୀଶଙ୍କର ବେହେରା, ଗୁଲସନ ବେହେରା, ରହିତ ବର୍ମା ପ୍ରମୁଖ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିଥିଲେ। କାର୍ଯ୍ୟକ୍ରମରେ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଚନ୍ଦ୍ର ଶେଖର ମାନ ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ଦ୍ୱାରଶୁଣୀ ଘାଟି ରାସ୍ତାରେ ଖସିଲା ପଥର



ବାଙ୍ଗିରିପୋଷି,୧୪।୯ (ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ଶନିବାର ପଥର ଖସିପଡ଼ିଛି। ଏହି ଘାଟିରେ ପ୍ରଥମଥର ଏଭଳି ଘଟଣା ଦେଖିବାକୁ ମିଳିଛି। ଘାଟି ରାସ୍ତାରେ ସବୁବେଳେ ଶତାଧିକ ଯାନବାହନ ଚଳାଚଳ ଲାଗି ରହିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛି ଏକ ମାଲ ବୋଝେଇ ଟ୍ରକ୍। ପାଖାପାଖି ୨୦/୩୦ ଫୁଟ୍‌ରୁ ପଥର ଖସିପଡ଼ିଥିବା ବେଳେ ସୌଭାଗ୍ୟବଶତଃ କିଛି ଅଘଟଣ ଘଟିନାହିଁ। ତେବେ କିଛି ସମୟ ପାଇଁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘାଟି ରାସ୍ତା ସମ୍ପ୍ରସାରଣ କରୁଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଏପରି ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଜାୱା ସହର ପରିକ୍ରମା



ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଦେଶ କରମ ପରବ

ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡାପଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଦେଶ କରମ ପରବ-୨୦୨୪ ଅବସରରେ ଏକ ରାଲି(ଜାୱା) ସହର ପରିକ୍ରମା କରିଛି। ଶହୀଦ ରଘୁନାଥ ମହାତୋ ଦେଶ କରମ ପରିବାର ମହିଳା ମୋର୍ଚ୍ଚା ଆନୁକୂଲ୍ୟରେ ଜାୱା ସହର ପରିକ୍ରମା କରିଥିଲା। ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଏହି ପରବ୍ ପାଳନ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଛନ୍ତି। କୁଡୁମୀ ସମାଜର ଆରାଧ ଦେବତା କରମ ଠାକୁରଙ୍କ ପୂଜା ୭ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏକାଦଶୀ ଦିନ ଏହି ଜାୱାକୁ ପୂଜାର୍ଚ୍ଚନା କରାଯାଇ ଦେଶବାସୀଙ୍କ ମଙ୍ଗଳ ସାଧନା କରାଯାଇଥାଏ। କୁଡୁମୀ ସମାଜର ସଂସ୍କୃତି ପରମ୍ପରାକୁ ଉଦଜୀବୀତ କରିବା ପାଇଁ ଝୁମର ତାଳେ ତାଳେ ଭଉଣୀଭାଇମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ବଜାର ପରିକ୍ରମା କରିଛନ୍ତି।

# ଅଜଗର ମାରି ମାଂସ ବାଣ୍ଟି ନେଲେ

## ୪ଜଣଙ୍କୁ ଗିରଫ କଲା ବନ ବିଭାଗ



ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଚାଲିଆସିଥିବା ଏକ ଅଜଗରକୁ ମାରିବା ଓ ଘୋଷାଡ଼ିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବିଲୁପ୍ତପ୍ରାୟ ପ୍ରାଣୀ-୧(ସିଡ୍ୟୁଲ୍ଡ-୧)ପ୍ରଜାତିର ଜୀବକୁ ମାରିବା ଅପରାଧରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁଳିଅଣା ଥାନା ଭବାନୀପୁର ପଞ୍ଚାୟତ କାଠଶିରିଶ ଗ୍ରାମର ବାରିହାଲ ମାରାଣ୍ଡି(୩୦), ବାବୁଲା ସିଂ(୫୦), ମଥୁରା ମାରାଣ୍ଡି(୬୪) ଓ କାମା ମାରାଣ୍ଡି(୩୫)।

ସୂଚନା ଅନୁଯାୟୀ, ବାରିପଦା ବନଖଣ୍ଡ ଅଧୀନ ଦେଉଳି ରେଞ୍ଜ କୁଳିଅଣା ସେକ୍ସନ କାଠଶିରିଶ ଗ୍ରାମରେ ଏକ ୧୦ଫୁଟ ଲମ୍ବର ଅଜଗର ଶୁକ୍ରବାର ଦେଖାଯାଇଥିଲା। ସାପଟି ଏକ ଛେଳିକୁ ଆକ୍ରମଣ କରିବା ଉଦ୍ୟମ କରିବା ସମୟରେ ୪ ଜଣ ମିଶି ସାପଟିକୁ ମାରିବା ପରେ ଘୋଷାଡ଼ି ଘୋଷାଡ଼ି ନେଉଥିଲେ। ଅଜଗରକୁ ମାରି ନେଉଥିବା ବ୍ୟକ୍ତିଙ୍କ ହାତରେ ଏକ ମାରଣାସ୍ତ୍ର ରହିଥିଲା। ସାପର ମୁଣ୍ଡରେ ଶକ୍ତ ଆଘାତ ଦେଇ ମାରିବା ପରେ ସାପ ଉପରେ ମାଡି ଚଢି ଯାଉଥିବା ଦେଖିବାକୁ ମିଳିଥିଲା। ପରେ ଅଭିଯୁକ୍ତମାନେ ସାପର ମାଂସକୁ ଭାଗବାଣ୍ଟ କରି ନେଇଥିଲେ। ତେବେ ସାପକୁ ମାରିବା ଓ ମାଂସ ବାଣ୍ଟି ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ଅଜଗର ମାଂସକୁ ନେଇ ଔଷଧ ପ୍ରସ୍ତୁତ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ କହନ୍ତି, ଏଥିରେ ଜଡ଼ିତ ଥିବା ସମସ୍ତ ଅପରାଧୀକୁ ଗିରଫ କରାଯାଇଛି । ରବିବାର କ୍ରାଇମ ସିନ୍ ରିକ୍ରିଏସନ କରାଯିବ। ତେବେ ଅଜଗରର ଅଂଶବିଶେଷକୁ ଖୁବ୍‌ଶୀଘ୍ର ଜବତ କରାଯିବ ବୋଲି କହିଥିଲେ। ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ପ୍ରଜାତି-୧ ବର୍ଗରେ ଆସୁଥିବା ଏହି ସାପକୁ ମାରିବା ଓ ମାଂସ ନେଇଯିବା ଭଳି ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ହେଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ସାଧାରଣ ଲୋକେ ଆଇନ ପ୍ରତି ସଚେତନ ନୁହନ୍ତି। ପରିବେଶ ସନ୍ତୁଳନ ପାଇଁ ବନ୍ୟଜନ୍ତୁ ଓ ଗୃହପାଳିତ ପ୍ରାଣୀଙ୍କ ଉପସ୍ଥିତି ନିତ୍ୟାନ୍ତ ଜରୁରୀ। ଏଥି ପାଇଁ ବ୍ୟାପକ ଜନସଚେତନତା କରାଯାଇ ବନ୍ୟପ୍ରାଣୀ ଅପରାଧ ଆଇନକୁ କଡାକଡି କରିବାକୁ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

ଚମ୍ପୁଆ,୧୪।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ କୈରାଳି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଜାତୀୟ ଆତ୍ମହତ୍ୟା ନିରୋଧ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୁଖ୍ୟ ବଜାରରେ ଥିବା ଗାନ୍ଧୀଛକଠାରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ଜନିତ ମାନସିକତାରୁ ଦୂରେଇବା ପାଇଁ ନାଟକ ମାଧ୍ୟମରେ ସଚେତନ କରିଥିଲେ। ବିଶେଷ ଭାବରେ ପରୀକ୍ଷାରେ ଅଧିକ ନମ୍ବର ପାଇଁ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିବା ପ୍ରଭାବ ଯୋଗୁ କମ ନମ୍ବର ରଖୁଥିବା ଛାତ୍ର ମାନସିକ ଭାରସାମ୍ୟ ହରାଉଛନ୍ତି। ଯୌତୁକ ଜନିତ ନିର୍ଯାତନା କାରଣରୁ ଏବଂ ରାଗିଂ କାରଣରୁ କିପରି ଛାତ୍ରୀଛାତ୍ରମାନେ ଆତ୍ମହତ୍ୟା ଭଳି କୁତ୍ସିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ନାଟକ ମାଧ୍ୟମରେ ଏହାକୁ ଦର୍ଶାଇବା ସହିତ ଏଭଳି ପଦକ୍ଷେପରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

# ବନ୍ୟା ପ୍ଲାବିତ ଅଞ୍ଚଳ ପରିଦର୍ଶନକଲେ ଜିଲାପାଳ

ବୈଶିଙ୍ଗା,୧୪।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଲିପୁରା ପଞ୍ଚାୟତର ବନ୍ୟା ପ୍ଲାବିତ ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଛନ୍ତି ଜିଲାପାଳ ହେମକାନ୍ତ ସଏ। ତାଙ୍କ ସହିତ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ବେତନଟୀ ବିଡିଓ ଗୋପୀନାଥ ଖାକା, ଅତିରିକ୍ତ ଯନ୍ତ୍ରୀ ଏସ୍. ଭୋଇ ଥିଲେ। ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବନ୍ୟା ପାଇଁ ଲୋକଙ୍କୁ କିଭଳି ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ଜିଲାପାଳ ସେନେଇ ସ୍ଥିତି ସମୀକ୍ଷା କରିଥିଲେ। ଆଗାମୀ ଦୁଇ ଦିନ ପାଇଁ ପାଣିପାଗ ବିଭାଗ ତରଫରୁ ପ୍ରବଳ ବର୍ଷା ସହ ବନ୍ୟା ଓ ବାତ୍ୟା ସୂଚନା ଥିବାରୁ ଜିଲାପାଳଙ୍କ ଗସ୍ତକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଶ୍ରୟସ୍ଥଳୀର ଲୋକମାନଙ୍କ ସହ ଗୃହପାଳିତ ଜୀବମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ବିଡିଓ ଓ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଆଶଙ୍କା ରହିଲେ ଓଡ୍ରାଫ ଟିମ୍ ଏଠାକୁ ଆସିବେ ବୋଲି ସୂଚନା ମଧ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଜନସାଧାରଣ ଜିଲାପାଳଙ୍କୁ ପାୱାର ବୋଟ କିମ୍ବା ଫାଇବର ବୋଟ ବନ୍ୟା ଆଶ୍ରୟସ୍ଥଳୀକୁ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ।

# କପ୍ତିପଦାରେ ସର୍ବାଧିକ, ଶୁକ୍ଳୀ ସର୍ବନିମ୍ନ

## ଲଘୁଚାପ ଜନିତ ବର୍ଷା

ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପୂର୍ବ-ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷାକୁ ନେଇ ମୟୂରଭଞ୍ଜ ଜିଲାରେ ଦିନ ତମାମ ବର୍ଷା ଜାରି ରହିଛି। ଝିପିଝିପି ବର୍ଷା ସହ ହାଲୁକା ପବନ ପ୍ରବାହିତ ହେଉଛି। ଜିଲା ଜରୁରିକାଳୀନ ଅଧିକାରୀଙ୍କ ରିପୋର୍ଟ ମୁତାବକ ଜିଲାରେ ଶୁକ୍ରବାର ରାତି ୮ରୁ ସକାଳ ୮ଟା ପର୍ଯ୍ୟନ୍ତ ୭୬୨.୭ମିମି ବର୍ଷା ରେକର୍ଡ କରାଯାଇଛି। ୨୬ଟି ବ୍ଲକ୍ ମଧ୍ୟରୁ କୁସୁମୀରେ ସର୍ବାଧିକ ୧୩୬ ମିମି ଓ ଶୁକ୍ଳୀରେ ସର୍ବନିମ୍ନ ୧.୪ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଶନିବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜିଲାରେ ମୋଟ ୪୯୧.୧ ମିମି ବର୍ଷା ରେକର୍ଡ କରାଯାଇଛି। ସେଥି ମଧ୍ୟରୁ କପ୍ତିପଦା ବ୍ଲକ୍‌ରେ ସର୍ବାଧିକ ୫୮ ମି.ମି. ଓ ଶୁକ୍ଳୀରେ ସର୍ବନିମ୍ନ ୪.୨ ମି.ମି. ବର୍ଷା ରେକର୍ଡ ହୋଇଛି। ଦିନ ତମାମ ବର୍ଷାରେ ଶାମାଖୁଣ୍ଟାରେ ୧୦ ମି.ମି., ବେତନଟୀରେ ୨୨ ମି.ମି., ବଡ଼ସାହିରେ ୧୩ ମି.ମି., ମୋରଡ଼ାରେ ୩୦ ମି.ମି., ରାସଗୋବିନ୍ଦପୁରରେ ୩୦.୬ମି.ମି., କୁଳିଅଣାରେ ୪୫ ମି.ମି., ସାରସକଣାରେ ୩୨ମି.ମି., ଶୁଳିଆପଦାରେ ୩୯ ମି.ମି., ବାଙ୍ଗିରିପୋଷିରେ ୨୦ ମି.ମି., ବାରିପଦାରେ ୧୬.୮ ମି.ମି., ଖୁଣ୍ଟାରେ ୧୪ ମି.ମି., ଜିବିନଗରରେ ୧୨.୩ମି.ମି., ଉଦଳାରେ ୧୯.୬ ମି.ମି., ବିଶୋଇରେ ୧୮ ମି.ମି., ବିଜାତଳାରେ ୨୯ ମି.ମି., ରାଇରଙ୍ଗପୁରରେ ୮ ମି.ମି., କୁସୁମୀରେ ୮ ମି.ମି., ଜାମଦାରେ ୬ମି.ମି., ବହଳଦାରେ ୧୦ ମି.ମି., ତିରିଂରେ ୭.୬ ମି.ମି., ଯଶିପୁରରେ ୨୧ମିମି, କରଞ୍ଜିଆରେ ୭ ମି.ମି., ଠାକୁରମୁଣ୍ଡାରେ ୫ ମି.ମି. ଓ ରରୁଆଁରେ ୧୦ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଥିବା ବଡ଼ଗାଁ ରେଞ୍ଜ ଅଞ୍ଚଳରେ ସର୍ବାଧିକ ୩୮.୮ ମି.ମି. ଓ ଠାକୁରମୁଣ୍ଡାରେ ସର୍ବନିମ୍ନ ୨.୫ ମି.ମି. ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତିତ ରାମତୀର୍ଥରେ ୧୪.୯୮ ମି.ମି., ବରେହିପାଣିରେ ୨୫.୬୫ ମି.ମି., ନଆଁଣାରେ ୩୦.୧୬ ମି.ମି., ଚହଲାରେ ୨୪ ମି.ମି., କେନ୍ଦୁମୁଣ୍ଡିରେ ୧୫.୨୪ମି.ମି., ସାତକୋଶିଆରେ ୪.୩୧ ମି.ମି., ଢୁକୁରାରେ ୧୯.୫୫ ମି.ମି., ପୋଡ଼ାଡିହାରେ ୭.୩୬ ମି.ମି., ଭଞ୍ଜବସାରେ ୧୬.୨୫ ମି.ମି., ଉପରବାରହାକାମୁଡ଼ାରେ ୧୬.୨ ମି.ମି., ଜେନାବିଲରେ ୧୨.୯୫ ମି.ମି., କବାଟଘାଇରେ ୪୪.୪୫ ମି.ମି. ଓ ପିଠାବଟାରେ ୨୧ ମି.ମି. ବର୍ଷା ରେକର୍ଡ କରାଯାଇଥିବା ନେଇ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି।

## ୨୩୮୧ ମକଦ୍ଦମାର ଆପୋସ ସମାଧାନ

ଭଦ୍ରକ,୧୪।୯(ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ମୋଟ ୬ କୋଟି ୪୧ ଲକ୍ଷ ୯ ହଜାର ୭୯୩ ଟଙ୍କାରେ ୨୩୮୧ଟି ମକଦ୍ଦମାର ଆପୋସ ସମାଧାନ ହୋଇଛି। ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୫୪ଟି ମାମଲା, ୪୦ ଚେକ୍‌ବାଉନ୍ସ, ୨୦ ବୈବାହିକ ବିବାଦ, ୧୭୬୮ ରାଜସ୍ୱ ମକଦ୍ଦମା, ୮୪ ଅନ୍ୟାନ୍ୟ ଦେୱାନୀ ମାମଲା, ୧୬ ବ୍ୟାଙ୍କ ଋଣ ଓ ଟେଲିଫୋନ୍ ବିଲ୍ ସମ୍ବନ୍ଧୀୟ ୧୯ଟି ମାମଲା ସମାଧାନ କରାଯାଇଛି।

# ୩୦ ସୁଦ୍ଧା ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

### ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

ଭଦ୍ରକ,୧୪।୯ (ସନାତନ ରାଉତ/ ରବିନାରାୟଣ ଖିଲାର)

ଆଉ କିଛିଦିନର ବ୍ୟବଧାନ ପରେ ଭଦ୍ରକର ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ ହେବାକୁ ଥିବାବେଳେ ଜିଲାପାଳ ଦିଲୀପ ରାଉତରାଏ ଶୁକ୍ରବାର ପରିଦର୍ଶନ କରିଛନ୍ତି। ବାକିଥିବା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ



ଡାକ୍ତରଖାନା ପରିଦର୍ଶନ ବେଳେ ଜିଲାପାଳ ଦିଲୀପ ରାଉତରାଏ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଧାର୍ଯ୍ୟ କରାଯାଇଥିବା ଅଗଷ୍ଟ ୧୫ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିବା କାରଣ ନେଇ ବିଭାଗୀୟ ଯନ୍ତ୍ରୀ, ଅଧିକାରୀମାନଙ୍କ ସହ ଜିଲାପାଳ ସମୀକ୍ଷା କରିଥିଲେ। ବିଭିନ୍ନ ସୂଚନା ଫଳକ, ସେଣ୍ଟ୍ରାଲ ଏସି, ଆବଶ୍ୟକ ସମସ୍ତ ବୈଦ୍ୟୁତିକ ଉପକରଣ, ଇଣ୍ଟରନେଟ୍ ସଂଯୋଗ, ପଞ୍ଜୀକରଣ କାଉଣ୍ଟର, ସିକ୍ୟୁରିଟି କକ୍ଷ ପୃଥକୀକରଣ, ଏକ୍ସରେ ୟୁନିଟ୍, ସିଟି ସ୍କାନ ଆଦି ଆନୁସଙ୍ଗିକ କାର୍ଯ୍ୟ ଚଳିତମାସ ୩୦ ତାରିଖ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୀପକ କୁମାର ପାଣିଗ୍ରାହୀ, ଏନ୍‌ଏଚ୍‌ଏମ୍‌ର ଯନ୍ତ୍ରୀ ଜନ୍ମେଜୟ ଜେନା, ମୁଖ୍ୟ ଚିକିତ୍ସାଳୟ ଡିପିଏମ୍ ସରିତା ମହାପାତ୍ର, ଭାରପ୍ରାପ୍ତ ସିଡିଏମ୍‌ଓ ଡା. ସୁଧୀର ରଞ୍ଜନ ନାୟକ, ବିଭାଗୀୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଭୁଶୁଡ଼ିଲା ମିନିଗାର୍ଡେନ ଫାଟକ, ପାଚେରି



ଭାଙ୍ଗିପଡ଼ିଥିବା ଫାଟକ ସହ ପାଚେରି।

ବାସୁଦେବପୁର,୧୪।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ବଂଶୀପାଟଣା ଗ୍ରାମର କଳ୍ପତରୁ ଆଶ୍ରମ ନିକଟରେ ପୌରପାଳିକା ପକ୍ଷରୁ ନିର୍ମାଣ ହୋଇଥିବା ଏକ ମିନି ଗାର୍ଡେନର ସାମ୍ନାପାଖ ଫାଟକ ପାଚେରି ଭୁଶୁଡ଼ି ପଡ଼ିଛି। ୨/୩ ଦିନ ତଳେ ଏହି ପାଚେରିଟି ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରାୟ ୧ ବର୍ଷ ତଳେ ଏହି ଗାର୍ଡେନଟି ପୌରପାଳିକା ପକ୍ଷରୁ ନିର୍ମାଣ ହୋଇଥିବା ବେଳେ ମାତ୍ର ବର୍ଷକ ମଧ୍ୟରେ ପାଚେରି ଭାଙ୍ଗି ପଡ଼ିଛି। ଏନେଇ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସଙ୍କୁ ପଚାରିବାରୁ ଏ ବାବଦରେ ଅବଗତ ଅଛନ୍ତି ଓ ଏହାର ଅନୁସନ୍ଧାନ କରିବେ ବୋଲି କହିଛନ୍ତି।

## ରାସ୍ତା ଖରାପ ଯୋଗୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ

ତିହିଡ଼ି,୧୪।୯(ସଞ୍ଜିତ ବଳ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିହିଡ଼ି-ଏକଡାଳ ରାସ୍ତାର ସୟାଠାରୁ ଏକଡାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଦୁରବସ୍ଥା ଯୋଗୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇ ଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାହାବଳପୁର ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ଶୁକ୍ରବାର ଏନେଇ ବିଡିଓ, ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ସୟାଠାରୁ ଏକଡାଳ ଯାଏ ରାସ୍ତା ଅବସ୍ଥା ବିପଦସଙ୍କୁଳ ହୋଇଛି। ବାହାବଳପୁର, କୁବେରପୁର ଓ ପରମାନନ୍ଦପୁରଠାରେ ରାସ୍ତାରେ ବିରାଟ ଘାଇ ସୃଷ୍ଟି ହୋଇଥିବାରୁ ଲୋକେ ଯାତାୟାତ ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ତିହିଡ଼ିରୁ ଏକଡାଳ ଯାଏ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଥିଲା। ଏଥିଯୋଗୁ ବହୁ ଲୋକ ଉପକୃତ ହେଉଥିଲେ। ଏବେ ରାସ୍ତା ଖରାପ ଯୋଗୁ ବସ୍ କେବଳ ସୟା ପର୍ଯ୍ୟନ୍ତ ଯାଉଛି। ତେବେ ବସ୍ ସେବା ବନ୍ଦ ହୋଇଥିବା ବେଳେ ଉପାନ୍ତ ଅଞ୍ଚଳକୁ ଯାତାୟାତର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘଦିନ ହେବ ଉକ୍ତ ରାସ୍ତା ମରାମତି ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିବା ସେ ଦର୍ଶାଇଛନ୍ତି।



ସୟା-ଏକଡାଳ ରାସ୍ତାରେ ହୋଇଥିବା ଖାଲରେ ପାଣି ଜମିଛି।

## ମହମ୍ମଦ ଜୟନ୍ତୀ ପାଇଁ ୩୧ ପ୍ଲାଟୁନ୍ ଫୋର୍ସ ମୁତୟନ



ପୁରୁଣାବଜାର ଥାନା ପାଖ ଛକରେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ଭଦ୍ରକ,୧୪।୯ (ସନାତନ ରାଉତ)

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଆସନ୍ତା ୧୬ ତାରିଖରେ ଭଦ୍ରକ ପୌରପାଳିକା, ଟାଉନ ଥାନା ଓ ପୁରୁଣାବଜାର ଥାନା ଅଞ୍ଚଳରେ ପ୍ରଫେଟ ମହମ୍ମଦ ଜୟନ୍ତୀ ପାଇଁ କାଫେଲା ଶୋଭାଯାତ୍ରା ହେବ। ୬୭ଟି କାଫେଲା ଶୋଭାଯାତ୍ରା ହେବାକୁ ଥିବାବେଳେ ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଶନିବାର ସନ୍ଧ୍ୟାରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି। ୨ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୨୫ ଇନ୍ସପେକ୍ଟର, ୧୩୦ ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇ, ଶହେ କନ୍‌ଷ୍ଟେବଲ ଓ ହୋମଗାର୍ଡଙ୍କ ସମେତ ୩୧ ପ୍ଲାଟୁନ ଫୋର୍ସ, ଏକ କମ୍ପାନୀ ସିଆର୍‌ପିଏଫ୍ ଯବାନ ଶୋଭାଯାତ୍ରା ଓ ରାସ୍ତାର ବିଭିନ୍ନ ଛକରେ ମୁତୟନ ରହିବେ ବୋଲି ଏସ୍‌ପି କହିଛନ୍ତି। ଏହାସହ ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯାଇଛି। ଏହାର ଦୁରୁପଯୋଗ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଶାନ୍ତିଶୃଙ୍ଖଳାର ସହ ଜୟନ୍ତୀ ପାଳନ ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ ଏସ୍‌ପି ଅନୁରୋଧ କରିଛନ୍ତି। ପରେ ଏସ୍‌ପିଙ୍କ ନେତୃତ୍ୱରେ ଶନିମନ୍ଦିର ଛକରୁ ପୋଲିସର ଏକ ଫ୍ଲାଗମାର୍ଚ୍ଚ ବାହାରି ସମ୍ପୂର୍ଣ୍ଣ ପୌରାଞ୍ଚଳ ପରିକ୍ରମା କରିଥିଲା।

## ଥିଲାବାଲାଙ୍କୁ ସାମିଲ, ଯୋଗ୍ୟଙ୍କୁ ବାଦ୍

ଦୋବଲ,୧୪।୯(ମଦନ ମୋହନ ଦାସ)

### ଆବାସ ତାଲିକାରେ ଅନିୟମିତତା ଅଭିଯୋଗ

କୋଠାଘର ଥିବା ଲୋକ, ଅଟୋ ମାଲିକ, ମାସକୁ ୧୫ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଥିବା ଲୋକଙ୍କୁ ଆବାସ ତାଲିକାରେ ଯୋଗ୍ୟ ହିତାଧିକାରୀ କରାଯାଇଛି। ଏପରିକି ଗୋଟିଏ ପରିବାରରୁ ବାପ ପୁଅ, ଦୁଇ ଭାଇ ଓ ପୂର୍ବରୁ ପାଇଥିବା ଲୋକ ବି ଏଥର ଯୋଗ୍ୟ ହିତାଧିକାରୀ ହୋଇଛନ୍ତି। ହେଲେ ଆଦୌ ଘର ନ ଥିବା, ଭଙ୍ଗା କୁଡ଼ିଆରେ ରହୁଥିବା, ଜରି ପାଲ ତଳେ ବଞ୍ଚୁଥିବା ତଥା ଯୋଗ୍ୟ ହୋଇ ବି ଏଥିରୁ ବାଦ୍ ପଡୁଛନ୍ତି। ଏଭଳି ତ୍ରୁଟିପୂର୍ଣ୍ଣ ହିତାଧିକାରୀ ଚୟନକୁ ବିରୋଧ କରି ଆବାସ ତାଲିକାରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ବିଜେଡି ନେତା ପ୍ରତାପ ଚନ୍ଦ୍ର ସାମଲ ଓ ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କ ପାଖରେ ଫେରାଦ ହୋଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ମୁସ୍ତାଫାପୁର ପଞ୍ଚାୟତ ବେଲମଳା ଗାଁର ଦିନ ମଜୁରିଆ ସୁବୋଧ ଦାସଙ୍କ ଘର ୧୦ବର୍ଷ ପୂର୍ବେ ପୋଡ଼ି ଯାଇଥିଲା। ସମ୍ବଳ ନ ଥିବାରୁ ସେ ଘର ଖଣ୍ଡେ କରିପାରିଲେନି। ସେବେଠାରୁ ଘରଠାରୁ ଅଳ୍ପ ଦୂରରେ ଥିବା ମାମୁଘରେ ରହି ଆସୁଛନ୍ତି। ଘର ଖଣ୍ଡିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଯାଏ ଆବେଦନ କରି ନିରାଶ ହୋଇଛନ୍ତି। ଆବାସ ଯୋଜନାରେ ତାଙ୍କୁ ଘରଟିଏ ମିଳିପାରି ନାହିଁ। ସେହିପରି ଦୋବଲ ପଞ୍ଚାୟତ ଇଟୁଆ ଗ୍ରାମର ୩୦ ପ୍ରତିଶତ ଦିବ୍ୟାଙ୍ଗ ରମେଶ ସାହୁ ଜଣେ ରାଜମିସ୍ତ୍ରି ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଦୀର୍ଘଦିନ ହେଲା ପ୍ରଧାନମନ୍ତ୍ରୀ ଆବାସକୁ ଅପେକ୍ଷା କରି ଆସିଛନ୍ତି। ଏବେ ଆସିଥିବା ତାଲିକାରେ ତାଙ୍କ ନାଁ ନ ଥିବାରୁ ନିରାଶ ହୋଇଛନ୍ତି। ସୋଧ ଗ୍ରାମର ଦିନମଜୁରିଆ ରାହସ କୁଣ୍ଡୁଙ୍କର ବି ଅନୁରୂପ ସମସ୍ୟା। ନିଜର ଘର ନ ଥିବାରୁ ସମ୍ନାରେ ଥିବା ଭାଇଙ୍କୁ ମିଳିଥିବା ଆବାସ ଘରେ ଆଶ୍ରୟ ନେଉଛନ୍ତି। ସୋଧ ଗ୍ରାମର ମାନସିକ ଅନଗ୍ରସର ଅକ୍ଷୟ ମହାନ୍ତି ମଧ୍ୟ ଆବାସ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଦୋବଲ ଜୋନ୍‌ର ଖଡ଼ିପଦା, ଆନନ୍ଦପୁର, ସୋହଡ଼ା, ପଧାନୀ, କରଦା, ଦଳାଙ୍ଗ, ମୁସ୍ତଫାପୁର ଓ ଦୋବଲ ପଞ୍ଚାୟତରେ ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ। ପୂର୍ବରୁ ୨୦୨୨-୨୩ରେ ଧାମନଗର ବ୍ଲକ ପାଇଁ ମଞ୍ଜୁର ହୋଇଥିବା ଘରଗୁଡ଼ିକୁ ପର୍ଯ୍ୟାୟକ୍ରମେ ବଣ୍ଟାଯାଉଥିବା ବେଳେ ଏପରି ଅନିୟମିତତା ଦେଖିବାକୁ ମିଳିଛି। ଆଗରୁ ୨ ପର୍ଯ୍ୟାୟରେ ଘର ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ଘର ଦେବା ବେଳକୁ ରାଜ୍ୟରେ ସରକାର ବଦଳିଛି। ତୃତୀୟ ପର୍ଯ୍ୟାୟରେ ଧାମନଗର ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୨୧ ପଞ୍ଚାୟତର ୭୨୦ଜଣଙ୍କୁ ଘର ଦେବାକୁ ସ୍ଥିର ହୋଇଛି। ଏଥିଲାଗି ବ୍ଲକ ପକ୍ଷରୁ ସାନି ତଦନ୍ତ ଓ ହିତାଧିକାରୀ ଯାଞ୍ଚ କରାଯାଇଛି। ହେଲେ ଏହି ଯାଞ୍ଚକୁ ସଲାସୁତୁରାରେ ସମାପନ କରାଯାଇଛି। ନିଜ ପଞ୍ଚାୟତରେ ନେତୃତ୍ୱ ନେଉଥିବା ନେତା ପରସ୍ପର ମଧ୍ୟରେ ଆପୋଷ ବୁଝାମଣା କରିଥିବା କୁହାଯାଉଛି। କେଉଁ କେଉଁ ଲୋକଙ୍କୁ ଘର ଦିଆଯିବ, ସେନେଇ ରାଜନେତାମାନେ ଏକ ଗୁପ୍ତ ବୈଠକ କରି ପଞ୍ଚାୟତସ୍ତରୀୟ ତାଲିକା ପ୍ରସ୍ତୁତ କରିଛନ୍ତି। ଯାଞ୍ଚ ପାଇଁ ଯାଇ ଫଟୋ ଉଠାଉଥିବା ସରକାରୀ କର୍ମଚାରୀଙ୍କୁ ସେହି ତାଲିକା ଦିଆଯାଇଛି। ଏନେଇ ବିଡିଓ କହିଛନ୍ତି, ଅଭିଯୋଗର ତଦନ୍ତ କରାଯିବ। ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କରତକଳରେ ଚଢ଼ାଉ: କାଠ, ଯନ୍ତ୍ରାଂଶ ଜବତ

ବାସୁଦେବପୁର,୧୪।୯ (ନାରାୟଣ ପ୍ରସାଦ ବାରିକ୍)

ବନ ବିଭାଗ ପକ୍ଷରୁ ଶନିବାର ବାସୁଦେବପୁର ବ୍ଲକର କୁମାରପୁରଠାରେ ଚାଲିଥିବା ଏକ ବେଆଇନ କରତକଳରେ ଚଢ଼ାଉ କରାଯାଇଛି। ୧୦ ସିଫ୍ଟ କାଠ ଓ କରତକଳ ଯନ୍ତ୍ରାଂଶ ବନ ବିଭାଗ ଜବତ କରିଛି। ଗତ କିଛିଦିନ ଧରି ଏହି ସ୍ଥାନରେ ବେଆଇନ କରତକଳ ସହାୟତାରେ କାଠ କଟାଯାଉଥିବା ବନ ବିଭାଗ ଜାଣି ଚଢ଼ାଉ କରିଛି। ଏନେଇ ବାସୁଦେବପୁର ବନ ବିଭାଗ କାର୍ଯ୍ୟାଳୟରେ ଏକ ମାମଲା ଓଆର୍ ୧୧/୨୪-୨୫ ରୁଜୁ ହୋଇଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନାହିଁ। ବାସୁଦେବପୁର ଅତିରିକ୍ତ ତହସିଲଦାର ଅଜୟ ସାହୁ, ଭଦ୍ରକ ସହକାରୀ ବନ ସଂରକ୍ଷକ ସୁମିତ କୁମାର ମହାନ୍ତି, ଭଦ୍ରକ ରେଞ୍ଜର ପୀତାମ୍ବର ନାୟକ, ବାସୁଦେବପୁର ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁଶୀଲ ସିଂ, କୁମୁଦ ସାହୁ, ବିମଳା ମଲିକ୍, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ୩.୨୫ ଲକ୍ଷ ଋଣ ନେଇ ଶୁଝୁନାହାନ୍ତି ମହିଳା

ତିହିଡ଼ି,୧୪।୯ (ସଞ୍ଜିତ ବଳ)

### ଥାନାର ଦ୍ୱାରସ୍ଥ ହେଲେ ଗୋଷ୍ଠୀ ସଦସ୍ୟା

ବିଭିନ୍ନ ଘରୋଇ ବ୍ୟାଙ୍କରୁ ୩.୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରି ଜଣେ ମହିଳା ଶୁଝିବାର ନାଁ ଧରୁ ନାହାନ୍ତି। ଏଥିପାଇଁ ମହିଳା ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ମାନସିକ ଅଶାନ୍ତି ଭୋଗୁଛନ୍ତି। ନିରୁପାୟ ହୋଇ ଶେଷରେ ସେମାନେ ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ କର୍ମକର୍ତ୍ତା ପ୍ରତିମା ପତି ଏନେଇ ଲିଖିତ ଅଭିଯାଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମରେ ମହିଳାମାନଙ୍କୁ ନେଇ ବିଭିନ୍ନ ଗୋଷ୍ଠୀ କରାଯାଇଛି। ଗ୍ରାମର ଜଣେ ମହିଳା ବିଭିନ୍ନ ଗୋଷ୍ଠୀରେ କର୍ମକର୍ତ୍ତା ଅଛନ୍ତି। ବିଭିନ୍ନ ଘରୋଇ ବ୍ୟାଙ୍କ ପକ୍ଷରୁ ସେସବୁ ଗୋଷ୍ଠୀକୁ ଋଣ ଆକାରରେ ଅର୍ଥ ଯୋଗାଇ ଦିଆଯାଇଛି। ଗୋଷ୍ଠୀର ସମସ୍ତ କର୍ମକର୍ତ୍ତା କିସ୍ତିରେ ଋଣ ପରିଶୋଧ କରୁଥିବା ବେଳେ ଉକ୍ତ ମହିଳା ପରିଶୋଧ କରୁନାହାନ୍ତି। ଅନ୍ୟ କର୍ମକର୍ତ୍ତାମାନେ ତାଙ୍କୁ ଭେଟି ପରିଶୋଧ ପାଇଁ କହିବା ପରେ ସେ ବିଭିନ୍ନ ପ୍ରକାର ଧମକ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ମହିଳାଙ୍କ ଋଣ ପରିଶୋଧରେ ଖିଲାପକୁ ନେଇ ଘରୋଇ ବ୍ୟାଙ୍କ କର୍ତ୍ତୃପକ୍ଷ ଗୋଷ୍ଠୀର ଅନ୍ୟ କର୍ମକର୍ତ୍ତାଙ୍କ ଉପରେ ଚାପ ପକାଇବା ସହ ବିଭିନ୍ନ ପ୍ରକାର ଭୟ ଦେଖାଉଛନ୍ତି। ପ୍ରତିମାଙ୍କ ସହ ରୀତାଞ୍ଜଳି ମହାଳିକ, ରୀତାରାଣୀ ପାଢ଼ୀ, ମିଲିରାଣୀ ଦତ୍ତ, ସୁକାନ୍ତି ଦାସ, ସାବିତ୍ରୀ ବେହେରା, ଉର୍ମିଳା ବାରିକ, ସ୍ୱପ୍ନାରାଣୀ ପତି, ସୁଷମା ମହାଳିକ, ଶୁଭସ୍ମିତା ମହାଳିକ ପ୍ରମୁଖ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ଭସାଣିବେଳେ ଗୋଷ୍ଠୀସଂଘର୍ଷ: ଆକ୍ରମଣରେ ଦମ୍ପତି ଆହତ

ଆଗରପଡ଼ା,୧୪।୯ (ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତର ନରାଜପୁର ଗ୍ରାମରେ ଶୁକ୍ରବାର ରାତିରେ ଗଣେଶ ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଗ୍ରାମର ଗିରିଜା ଶଙ୍କର ପଣ୍ଡାଙ୍କୁ ଭୁଜାଲି ମାଡ଼ ହୋଇଥିବା ବେଳେ ଆକ୍ରମଣରେ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ



ଆହତ ଗିରିଜା ଶଙ୍କର ପଣ୍ଡା।

ପଞ୍ଚାୟତର ଘଣ୍ଟଗଡ଼ିଆ ଦେହୁରୀ ସାହି ପକ୍ଷରୁ ହୋଇଥିବା ଭସାଣିରେ ଡିଜେ ଗାଡ଼ି ଆସୁଥିବା ବେଳେ ନରାଜପୁର ଶାସନ ନିକଟରେ ଗୋଟିଏ ବାଇକ୍ ରାସ୍ତାରେ ଥିବାରୁ ଡିଜେ ଗାଡ଼ିଟି ପାସ୍ କରିପାରି ନ ଥିଲା। ଏହାକୁ କେନ୍ଦ୍ରକରି ଯୁକ୍ତିତର୍କ ହେବା ସହ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏନେଇ ଗିରିଜା ୧୦ଜଣଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଛି।

## ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଚାନ୍ଦବାଲି,୧୪।୯ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ଖଦାଳପୋଖରୀ ପଞ୍ଚାୟତ ବ୍ରହ୍ମଟିକ୍ରି ଅଙ୍ଗନୱାଡି କର୍ମୀ ପ୍ରୀତିରେଖା ବଳଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଶୁକଦେବ ବିଳାସଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ସୁଭଦ୍ରା ଯୋଜନାରେ ଯୋଗ୍ୟ ବୟସ ସୀମା ହୋଇ ନ ଥିବା ଉକ୍ତ ଗ୍ରାମର ଜଣେ ୧୯ ବର୍ଷୀୟା ବିବାହିତା ମହିଳାଙ୍କୁ ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ଥିବାବେଳେ ସହାୟିକା ଫର୍ମ ଦେଇଥିଲେ।

ପରେ ତାଙ୍କୁ ଫର୍ମ ମାଗିବାରୁ ତାଙ୍କ ସ୍ୱାମୀ ଶୁକଦେବ ବିଳାସ କର୍ମୀ ପ୍ରୀତିରେଖାଙ୍କୁ ମାଡ଼ ମାରିବା ସହ ଅଙ୍ଗନୱାଡି କେନ୍ଦ୍ର ଭିତରେ ତାଲା ପକାଇ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୨୮୮/୨୪) ରୁଜୁ ହୋଇଥିଲା। ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ଚାନ୍ଦବାଲି ବିଡିଓ ଏବଂ ଏସ୍‌ଡିପିଓଙ୍କୁ ଭେଟି ଆକ୍ରମଣକାରୀଙ୍କୁ ଗିରଫ ପାଇଁ ଦାବି କରିଥିଲା।

## ବିଦ୍ୟାଳୟରେ ପାଳିଲେ ସ୍ୱଚ୍ଛତା ପକ୍ଷ

ଚାନ୍ଦବାଲି,୧୪।୯ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ନୟାହାଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହିଅବସରରେ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ପକ୍ଷର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟଅତିଥି ଓ ପ୍ରଧାନ ଶିକ୍ଷକ ଆଲୋକପାତ କରିଥିଲେ। ଏଥିନିମନ୍ତେ ଅଭିଭାବକ, ଗୋଷ୍ଠୀର ଦାୟିତ୍ୱ ଓ ସେମାନଙ୍କ ସକ୍ରିୟ ସମ୍ପୃକ୍ତି ନିହାତି ଆବଶ୍ୟକ ବୋଲି ସିଆର୍‌ସିସି କହିଥିଲେ। ପିଲାମାନଙ୍କୁ ସ୍ୱଚ୍ଛତା ଅଭ୍ୟାସଗୁଡ଼ିକୁ ବ୍ୟକ୍ତିଗତ ଜୀବନରେ ପ୍ରୟୋଗ କରିବାକୁ ପରାମର୍ଶ ଦେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସିଆର୍‌ସିସି ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଜୁଲଫୁକର ଅଲ୍ଲୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ନୟାହାଟ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲରେ ପଡ଼ିବ ତାଲା




ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା ବେଳେ ଉପସ୍ଥିତ ଅଭିଭାବକମାନେ।

ଧାମନଗର,୧୪।୯ (ସନ୍ତୋଷ କୁମାର ମହାପାତ୍ର)

### ଚେତାବନୀ ଦେଲେ ଅଭିଭାବକ

ଧାମନଗର ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତରେ ଥିବା ଗୁମୁଗଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି। ୧୯୮୨ରୁ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପ୍ରାୟ ୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୮ମାସ ହେଲା ଜଣେ ଶିକ୍ଷୟିତ୍ରୀରେ ଶିକ୍ଷାଦାନ ଚାଲିଛି। ଏହାକୁ ନେଇ ଅଭିଭାବକମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କୁନି କୁନି ପିଲାମାନେ ପାଠ ନ ପଢ଼ି ଖେଳକୁଦ ଓ ହୋହଲ୍ଲାରେ ସମୟ ଚାଲିଯାଉଛି। ଏଠାରେ ଶିକ୍ଷକ ଅଭାବରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ନେଇଯାଉଛନ୍ତି। ଏନେଇ ଅଭିଭାବକମାନେ ଶନିବାର ବିଦ୍ୟାଳୟର ପହଞ୍ଚି ଶିକ୍ଷୟିତ୍ରୀ ସସ୍ମିତା ରାମଙ୍କୁ ପଚାରି ବୁଝିବା ସହ ଆଗାମୀ ୧୫ଦିନ ମଧ୍ୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ ହେଲେ ତଥା ସ୍କୁଲରେ ତାଲା ପକାଇବା ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଶିକ୍ଷକ ନିଯୁକ୍ତିକୁ ନେଇ ବାରମ୍ବାର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ଶିକ୍ଷୟିତ୍ରୀ ରାମ କହିଛନ୍ତି। ସାମାଜିକ କର୍ମୀ ରେବତୀ ଷଡ଼ଙ୍ଗୀ କହିଛନ୍ତି, ୫୦ଜଣ ପିଲାଙ୍କୁ ଜଣେ ଶିକ୍ଷକ କିପରି ପାଠ ପଢ଼ାଇବେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱର କାର୍ଯ୍ୟ, ଅଫିସ କାମ ଏପରି ଅନେକ ଯାହାକି ଜଣେ ଶିକ୍ଷକ ପାଇଁ ସମ୍ଭବ ନୁହେଁ। ଏଣୁ ପିଲାମାନେ ପାଠ ନ ପଢ଼ି ଏଣେତେଣେ ବୁଲୁଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଶିକ୍ଷକ ଅଭାବ ଦୂର କରିବାକୁ ସେ ନିବେଦନ କରିଛନ୍ତି। ଧରିତ୍ରୀ ସାହୁ, ହେମଲତା ଓଝା, ତୁଳସୀଲତା ବେହେରା, ବିଦ୍ୟାଧର ସାହୁ, ବିଶ୍ୱଜିତ ଦାସ, ସୁଷମା ଦାସ, ସୁରେଶ ରାଉତ, ଝୁନୁବାଳା ବେହେରା, ମମିବାଳା ଦାସ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

**ଡିଭାଇଡରକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ବଡବିଲ-ନାଳଦା ରାଜ୍ୟ ରାଜପଥର ଭଦ୍ରାସାହିଠାରେ ଶନିବାର ଭୋରରେ ରାସ୍ତା ଡିଭାଇଡରରେ ଧକ୍କା ଦେଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ପାଟ୍ରୋଲିଂ ଗାଡ଼ି ମୃତଦେହକୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି।

**କେନ୍ଦୁଝର**

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ପାଟଣା,୧୪।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଭିମାପଡ଼ା ଗ୍ରାମ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଟାଙ୍ଗରପଡ଼ା ପଞ୍ଚାୟତ ଭିମାପଡ଼ା ଗ୍ରାମର ବନମାଳୀ ମୁଣ୍ଡା। ବନମାଳୀ ଶୁକ୍ରବାର ଟାଙ୍ଗରପଡ଼ା ବଜାରକୁ ଆଧାର ଲିଙ୍କ୍ କରିବାକୁ ଯାଇ ଘରକୁ ଫେରି ନ ଥିଲେ। ଶନିବାର ଗାଁପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ କୁପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାଟଣା ଥାନାରେ ଏକ ମାମଲା(ନଂ.୬୧/୨୪)ରୁଜୁ ହୋଇଛି।

### ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ପାଟଣା,୧୪।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଯାଇଛି। ଏଥିରେ ଟିଭି, ଗ୍ରାଇଣ୍ଡର ସମେତ ବଲବ ପୋଡ଼ି ନଷ୍ଟ ହୋଇଯାଇଛି। ସିଲିଦା ଗ୍ରାମରେ ଥିବା ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ ଦିନ ପୂର୍ବରୁ ବଦଳାଯାଇଥିଲା। ଶୁକ୍ରବାର ରାତିରେ ଟ୍ରାନ୍ସଫର୍ମର ଚାର୍ଜ କରିବା ପରେ ଅଗ୍ନିକଣ୍ଡ ଘଟିଥିଲା। ଏଥି ସହ ସିଲିଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଫିସ ଗୃହର ସିଲିଂ ଫ୍ୟାନ ପୋଡ଼ି ନିଆଁ ଝୁଲ ପଡି ଟେବୁଲ ଉପରେ ଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥାନ ଖାତା ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଯାଇଛି। ଶନିବାର ସକାଳୁ ବିଦ୍ୟାଳୟ ଖୋଲିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଜଣାଇଥିଲେ। ବିଭାଗୀୟ ଅଧିକାରୀ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାନ୍ତ ଅବଗତ କରିଥିଲେ। ପରେ ଘଟଣା ସ୍ଥଳରେ ଏବିଇଓ ବିଜୟ ଓଝା, ସିଆରସିସି ରଞ୍ଜନ କୁମାର ସେଠୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

### ପୋଲ ଉପରୁ ଖସି ଜଣେ ଗୁରୁତର

#### ଗଣେଶ ଭସାଣି ବେଳେ ଦୁର୍ଘଟଣା

ବଡ଼ବିଲ,୧୪।୯(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ କାରୋ ନଦୀ ପୋଲ ଉପରୁ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ନଦୀ ଗର୍ଭକୁ ଖସି ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ରାତିରେ ବଡବିଲ ଅଞ୍ଚଳରୁ ଦୁଇଟି ଗଣେଶ ମେଢ଼ ବିସର୍ଜନ କରିବାକୁ ବଡବିଲ-ବଲାଣି ରାସ୍ତାର କାରୋ ନଦୀକୁ ଯାଇଥିଲେ। ମୂର୍ତ୍ତିକୁ ପୋଲ ଉପରୁ ଭସାଣି ବେଳେ ଜଣେ ଯୁବକ ଗଣେଶ ମେଢ଼ ସହ ନଦୀ ଗର୍ଭକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଏକ ମେଢ଼ ଭସାଣି ବେଳେ ଜଣେ ଯୁବକଙ୍କ ହାତ ଚାପି ହୋଇ ଆହତ ହୋଇଥିବା ଜଣାପଡ଼ିଛି।

# ନାଳ ପାଇଁ ବିପଦରେ ଶାଳଗଛ

ଚମ୍ପୁଆ,୧୪।୯(ମହେଶ୍ୱର ଦାସ)



ଗଛ ମୂଳରୁ ଧୋଇ ଯାଉଥିବା ମାଟି ।

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ କଞ୍ଚନପୁର ଛକ ନିକଟରୁ କୋଲ୍ଡଷ୍ଟୋର ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଲାଗି ରହିଥିବା ଜଙ୍ଗଲରେ ବର୍ଷା ଜଳ ଦ୍ୱାରା ନିୟମିତ ମାଟି ଧୋଇ ହୋଇ ବିପଦ ସୃଷ୍ଟି କରିଛି। ବର୍ଷା ଜଳ ପ୍ରବାହିତ ଦ୍ୱାରା ସୃଷ୍ଟୀ ନାଳ ଦ୍ୱାରା ଶାଳ ଗଛ ଉପୁଡ଼ିଯିବା ସମ୍ଭାବନା ଦେଖାଯାଇଛି। ଏଥିପ୍ରତି ପଦକ୍ଷେପ ଗ୍ରହଣ କରା ନ ଗଲେ ଜଙ୍ଗଲ କ୍ଷୟ ଆଶାଙ୍କା ରହିଛି। ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ହେବ ଉକ୍ତ ଅଞ୍ଚଳରେ ଏକ ବିରାଟ ଶାଳ ଜଙ୍ଗଲ ରହିଛି। କାହିଁ କେଉଁ କାଳରୁ ଏହି ଜଙ୍ଗଲ ମଧ୍ୟରେ ମୂଲ୍ୟବାନ ଶାଳ ଗଛଗୁଡ଼ିକ ରହିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଏହା ଜଗା ରଖା ହୋଇ ଆସୁଛି। ଏହି ଜଙ୍ଗଲକୁ ଲାଗି ଯାଇଥିବା ରାଜପଥ ନିର୍ମାଣ ବେଳେ ମାଟି ଧୋଇ ନ ହେବା ପାଇଁ ଗାର୍ଡୱାଲ ନିର୍ମାଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ଉଚ୍ଚା ହେଉଥିବା ବେଳେ ଜଙ୍ଗଲ ଗଡ଼ାଣିଆ ହେବାରେ ଲାଗିଛି। ଫଳରେ ବର୍ଷା ହେଲେ ଜଙ୍ଗଲର ପାଣି ଓ ରାସ୍ତାର ପାଣି ଉକ୍ତ ଗଡ଼ାଣିଆ ରାସ୍ତାରେ ବୋହିଯାଉଥିବା ବେଳେ ଏଠାରେ ଏକ ନାଳ ସୃଷ୍ଟି ହୋଇଯାଇଛି। ଏହି ନାଳ ଦେଇ ଜଙ୍ଗଲରୁ ନିୟମିତ ବର୍ଷା ଜଳ ନିଷ୍କାସନ ହେଉଥିବାରୁ ଉକ୍ତ ରାସ୍ତା କଡ଼କୁ ଲାଗି ରହିଥିବା ଗଛଗୁଡ଼ିକର ମୂଳରୁ ମାଟି ଧୋଇଗଲାଣି। ଫଳରେ ଚେରଗୁଡ଼ିକ ମାଟି ଉପରେ ରହିଥିବା ଏବଂ ଗଛ ମୂଳରୁ ମାଟି ଧୋଇ ହୋଇଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଯେକୌଣସି ମୂହୁର୍ତ୍ତରେ ଏକାଧିକ ଗଛ ଗୁଡିକ ଉପୁଡି ଯିବାର ସମ୍ଭାବନା ରହିଛି। ଏବେଠୁ ଏଥିପ୍ରତି ଅଣଦେଖା କରାଗଲେ ଆଗାମୀ ଦିନରେ ଗଛଗୁଡ଼ିକ ନଷ୍ଟ ହେବାର ସମ୍ଭାବନା ରହିଛ। ଏନେଇ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିୟାଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ଦେଖିବା ପରେ ଉପରିସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଉତ୍ତର ଓଡ଼ିଶା ବିକାଶ ପରିଷଦର ଗଠନ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୧୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଉତ୍ତର ଓଡ଼ିଶା ବିକାଶ ପରିଷଦ ସଂକ୍ରାନ୍ତରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ରାଜନେତା ଓ ନାଗରିକଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲାରୁ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା ଓ କେନ୍ଦୁଝର ସଦରର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକଙ୍କ ନେତୃତ୍ୱରେ ଉଭୟ ଜିଲା ସଦସ୍ୟଙ୍କ ସହ ଆଲୋଚନା ହୋଇ ସ୍ମାରକପତ୍ର ଲେଖାଯାଇଥିଲା। ଏଥିରେ ୨ ଜିଲାର ସାଧାରଣ ଜନତା, ନେତା ଓ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି। ଆଞ୍ଚଳିକ ବୈଷମ୍ୟ ଅର୍ଥନୈତିକ ଅଭିବୃଦ୍ଧି ଲାଗି ଉତ୍ତର ଓଡ଼ିଶାର କେନ୍ଦୁଝର ଓ ମୟୂରଭଞ୍ଜକୁ ନେଇ ଏହି ପରିଷଦ ଗଠନ ଲାଗି ପ୍ରତିନିଧିମାନେ କହିଥିଲେ।

ଦାବି ମୁତାବକ, ୨ ଆଦିବାସୀ ବହୁଳ ଜିଲା ପ୍ରକୃତ ଉନ୍ନତିଠାରୁ ବହୁତ ଦୂରରେ ଅଛନ୍ତି। ତେଣୁ ସ୍ୱତନ୍ତ୍ର ଭାବେ ପାଖାପାଖି ୫୦ ଲକ୍ଷ ଜନତାଙ୍କ ଦେଖାଶୁଣା କରିବା ଅତି ଜରୁରୀ ହୋଇପଡ଼ିଛି। ଖଣିଖାଦାନ ବୃଦ୍ଧି ଲାଗି ଲୋକେ ହନ୍ତସନ୍ତ ହେବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ୱତନ୍ତ୍ର ଭାବେ ଏହି ୨ ଜିଲାକୁ ନେଇ ବିଚାର କରିବା ବେଳ ଆସିଛି ବୋଲି ସମସ୍ତେ କହିଥିଲେ। ଆଲୋଚନା ବେଳେ ବରିଷ୍ଠ ବିଧାୟକ ସନାତନ ମହାକୁଡ଼, ମୟୂରଭଞ୍ଜ ଜିଲାର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଅନେକ ପ୍ରଶ୍ନ ଉତ୍ଥାପନ କରି ୨ ଜିଲାର ଉନ୍ନତି ଲାଗି ପଦେକ୍ଷପ ନେବାକୁ କହିଥିଲେ। ପୂର୍ବତନ କେନ୍ଦୁଝର ଏମ୍‌ପି ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ପୂର୍ବତନ ବିଧାୟକ ପ୍ରାଣ ବଲ୍ଲଭ ନାୟକ ଏହି ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ। ବରିଷ୍ଠ ଅଧିବକ୍ତା ବିଶ୍ୱ ରଞ୍ଜନ ସାହୁ, ଦୈତାରୀ ଆପଟ, ଅକ୍ଷୟ ମହାନ୍ତି, ଡା. ଅରୁଣ ସାହୁ, ଅଧ୍ୟାପକ ରଞ୍ଜନ ପଣ୍ଡା, ଗୁରୁବକ୍ସ ସିଂହ ଆଲୁୱାଲିଆ, ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଓ ମୟୂରଭଞ୍ଜର ଉନ୍ନତିହେବ ବୋଲି କହିଥିଲେ।



## ଲଘୁଚାପ ବର୍ଷା, ପବନରେ ଗଛ ଉପୁଡ଼ିଲା

ପାଟଣା,୧୪।୯(ବୀର କିଶୋର ଦାଶ): ଲଘୁଚାପ ବର୍ଷା ପବନ ଯୋଗୁ କେନ୍ଦୁଝର ଜିଲା ପାଟଣା କପୁଣ୍ଡି ରାସ୍ତାର କପୁଣ୍ଡି ଛକରେ ପାଣି ଚାକୁଣ୍ଡା ଗଛ ଉପୁଡ଼ି ପଡ଼ିଛି। ଗଛ ପଡ଼ି ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ୫ଗାଁକୁ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତା ସଫା କରିଛନ୍ତି। ବିଦ୍ୟୁତ ସରବାରହ ବନ୍ଦ ଥିବାରୁ କପୁଣ୍ଡି, ମିରୀଖୋଜି, ଭାଲିଆଡାଳ, ଚୁଟିଆ ପଶି, କଟାବେଡ଼ା ବାସିନ୍ଦା ଅନ୍ଧାରରେ ଥିବା କହିଛନ୍ତି।

## ଗଣେଶ ପୂଜା ମେଢ଼ ଦେଖିବାକୁ ଭିଡ଼

ଢେଙ୍କିକୋଟ,୧୪।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଚାଲିଥିବା ଗଣେଶ ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମୁଛି। ସକାଳ ଓ ସନ୍ଧ୍ୟା ଆଳତୀ ସମୟରେ ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ଦେଖାଦେଉଛି। ପୂଜା ମଣ୍ଡପଗୁଡ଼ିକରେ ପାଳି କରି ପ୍ରସାଦ ସେବନ ଦିଆଯାଉଥିବାରୁ ଭକ୍ତ ପ୍ରସାଦ ପାଇ ଆନନ୍ଦ ଉପଭୋଗ କରୁଛନ୍ତି। ପୂଜା ମଣ୍ଡପଗୁଡ଼ିକରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଅନୁଷ୍ଠିତ ହେଉଛି। ମା' ତାରିଣୀ କ୍ଲବ୍ ପକ୍ଷରୁ ବୁଧବାର ଭସାଣି ସରିଥିବା ବେଳେ ଜନମଙ୍ଗଳ ଯୁବକ ସଂଘ ସେପ୍ଟେମ୍ବର ୧୬, ଦୀଲଦାର କ୍ଲବ୍ ୨୫ ଏବଂ ବିନ୍ଦାସ କ୍ଲବ ୨୬ ରେ ଭସାଣି କରିବା ନେଇ ତାରିଖ ଧାର୍ଯ୍ୟ କରିଛନ୍ତି। ଭସାଣି ଉତ୍ସବରେ ପୁରୀ ଓଡ଼ିଶୀ ନୃତ୍ୟ, ଢେଙ୍କାନାଳ ଡିଜେ, ଅଜୟ ମ୍ୟୁଜିକାଲ ଯାଜପୁର, କଳାହାଣି ସମ୍ବଲପୁରୀ ଦାଦା, ଅଘୋରୀ ଶିବ ତାଣ୍ଡବ ନୃତ୍ୟ ଭଳି ବିଭିନ୍ନ ନୃତ୍ୟ ଗୀତର ତାଳେ ତାଳେ ଶ୍ରୀଗଣେଶଙ୍କୁ ବିଦାୟ ଦିଆଯିବ।

## ରେଲୱେ ସମୟ ସାରଣୀକୁ ନେଇ ଅସନ୍ତୋଷ

କେନ୍ଦୁଝର,୧୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ମଣ୍ଡଳର କେନ୍ଦୁଝରଗଡ଼କୁ ରେଲୱେ ପକ୍ଷରୁ ଉପେକ୍ଷିତ କରାଯାଉଛି। ଜିଲାରୁ ରେଲୱେର ଉଭୟ ପୂର୍ବତଟ ଓ ଦକ୍ଷିଣ ପୂର୍ବ ରେଳପଥ ରାଜସ୍ୱ ପାଉଥିଲେ ମଧ୍ୟ ଜିଲାବାସୀଙ୍କୁ ଉପଯୁକ୍ତ ରେଳସେବା ମିଳିପାରୁନାହିଁ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେପ୍ଟେମ୍ବର ୧୫ ରେ କେନ୍ଦୁଝର ଦେଇ ବ୍ରହ୍ମପୁର-ଟାଟା ନଗର ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ଶୁଭ ଉଦ୍‌ଘାଟନ ହେଉଛି। ମାତ୍ର ପୂର୍ବରୁ ଚାଲୁଥିବା ଟ୍ରେନ୍‌ର ସମୟ ସାରେଣୀକୁ ନେଇ ଯାତ୍ରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ତଥା ନିଜ ସହରର ଲୋକମାନେ ଭୁବନେଶ୍ୱର ଯାଇ ଅଫିସ କାମ କରିବାକୁ କୌଣସି ନିର୍ଦ୍ଦିଷ୍ଟ ଟ୍ରେନ୍ ନାହିଁ। କେନ୍ଦୁଝର -ଖୋର୍ଦ୍ଧାରୋଡ଼ ମେମୁ ଟ୍ରେନ୍ ସକାଳ ୬ଟା ୩୦ରେ ଛାଡୁଥିଲେ ମଧ୍ୟ ଅହେତୁକ ବିଳମ୍ବ ହୋଇ ମଧ୍ୟାହ୍ନ ୧୨ ଟା ପରେ ପହଞ୍ଚିଥାଏ। ଏହାର ଦୀର୍ଘ ସାତ ଘଣ୍ଟା ପରେ ବଡ଼ବିଲ ପୁରୀ ଟ୍ରେନ୍ ଅପରାହ୍ନ ୧ଟା ୩୫ରେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ବାହାରି ସନ୍ଧ୍ୟାରେ ଭୁବନେଶ୍ୱର ଓ ବିଳମ୍ବିତ ରାତିରେ ପୁରୀରେ ପହଞ୍ଚିଥାଏ। ଫଳରେ କେନ୍ଦୁଝରବାସୀ ଅଫିସ କାମ ପାଇଁ ବିଭିନ୍ନ ହୋଟେଲ, ଲଜ କିମ୍ବା ଧର୍ମଶାଳାରେ ରାତି ବିତାଇ ପରଦିନ ରାଜଧାନୀରେ ଅଫିସ କାର୍ଯ୍ୟ କିମ୍ବା ପୁରୀରେ ନିଜ ଆରାଧ୍ୟ ଠାକୁର ଜଗାଙ୍କୁ ଦର୍ଶନ କରିଥାନ୍ତି। ଅନୁରୂପ ଭାବେ କେନ୍ଦୁଝରବାସୀ କୋଲକାତା ସହିତ ବାଣିଜ୍ୟ ଓ ଉଡ଼ାଜାହାଜ ଯାତ୍ରା ପାଇଁ ପୂର୍ଣ୍ଣ ନିର୍ଭରଶୀଳ ଥିଲେ ମଧ୍ୟ କେନ୍ଦୁଝରରୁ କୋଲକାତାକୁ ରେଳସେବା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ସମସ୍ୟାକୁ ଅନୁଧାନ କରି ତୁରନ୍ତ କେନ୍ଦୁଝରରୁ ଭୁବନେଶ୍ୱର ଦେଇ ପୁରୀକୁ ସକାଳ ୧୦ ଘଟିକା ସୁଧା ପହଞ୍ଚି ପାରୁଥିବା ଏକ ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରିବାକୁ କୁହାଯାଉଛି। ଏଥିସହିତ ବାଂଶପାଣିରୁ କେନ୍ଦୁଝର ଦେଇ କୋଲକାତାକୁ ଅନ୍ୟ ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍ ଚଳାଇବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସଭାପତି ରଞ୍ଜନ ବେହେରାଙ୍କ ସମେତ ଉପ ସଭାପତି ସୁରେଶ ଚନ୍ଦ୍ର ପଲେଇ ଦାବି କରିଛନ୍ତି।

## ଜିଲାସ୍ତରୀୟ ଫୁଟ୍‌ବଲ, ଭଲିବଲ୍ ପ୍ରତିଯୋଗିତା

କେନ୍ଦୁଝର,୧୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଓ ଭଲିବଲ୍ ପ୍ରତିଯୋଗିତା ଶଙ୍କରପୁର ଧରଣୀଧର ଷ୍ଟାଡିୟମଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଫକୀର ମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ ୧୩ ବ୍ଲକ୍‌ରୁ ୪୮୫ ପ୍ରତିଯୋଗୀ ଏବଂ ୭୦ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଛନ୍ତି। ସ୍ୱତନ୍ତ୍ର ଅତିଥିଭାବେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରଦୀପ ବାରିକ ପିଲାଙ୍କୁ ଶୃଙ୍ଖଳାର ସହ ଖେଳିବାକୁ ଉପଦେଶ ଦେଇଥିଲେ। ଫୁଟବଲ ଖେଳର ସୁପରିଚାଳନା ପାଇଁ ସୁଶାନ୍ତ ସାମଲ, ଭଞ୍ଜ ସୋରେନ, ଜଗବନ୍ଧୁ ମହାନ୍ତ, ଲକ୍ଷ୍ମୀଧର ସି, ରଞ୍ଜନ ମହାନ୍ତ ଏବଂ ଭଲିବଲର ସୁପରିଚାଳନା ପାଇଁ ସୌଜନ୍ୟ ପଣ୍ଡା, ଦେବୀଦାସ ପଣ୍ଡା, ସୁବ୍ରତ ଲେଙ୍କା, ଦିଲ୍ଲୀପ ନାଏକ, ବାସୁଦେବ ପ୍ରଧାନ, ବିଷ୍ଣୁପ୍ରିୟା ଓଝା, ପ୍ରିୟଙ୍କା ମହାନ୍ତ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଫୁଟବଲରେ ବାଳିକା ଓ ବାଳକବିଭାଗର ମୋଟ ୧୩ଟିମ୍ ଅଂଶଗ୍ରହଣ କରିଛି। ପ୍ରଥମ ଦିନରେ ତେଲକୋଇ, ଯୋଡ଼ା, ହରିଚନ୍ଦନପୁର, ହାଟଡ଼ିହୀ, ଘଟଗାଁ ବ୍ଲକ୍ ବିଜୟୀ ହୋଇଛନ୍ତି। ଭଲିବଲରେ ୧୨ଟି ଅଂଶଗ୍ରହଣ କରିଥିବା ବେଳ ପ୍ରଥମ ଦିନରେ ହାଟଡିହୀ, ସାହରପଡ଼ା, ହରିଚନ୍ଦନପୁର, ଆନନ୍ଦପୁର ବିଜୟୀ ହୋଇଛନ୍ତି।

## ରାଜ୍ୟସ୍ତରୀୟ ଦେଶ କରମ ପର୍ବ

ପାଟଣା,୧୪।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆଠାରେ ଗୁରୁବାର ରାତିରେ ରାଜ୍ୟସ୍ତରୀୟ ଦେଶ କରମ ପର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଦେଶ କରମ ପର୍ବ ସଭାପତି ଛବିରାଣୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପଶ୍ଚିମବଙ୍ଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ମହାନ୍ତ, ସମ୍ମାନିତ ଅତିଥିଭାବେ ବାଙ୍କୁଡ଼ା ବିଶ୍ୱବିଦ୍ୟାଳୟର ଆଇନ ଅଧ୍ୟାପକ ଅଞ୍ଜନା ମହାନ୍ତ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଆଇନ୍‌ଜୀବୀ ଶରତ ଚନ୍ଦ୍ର ମହାନ୍ତ, ଶିଳ୍ପପତି କାମିନୀ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ମହାନ୍ତ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରଞ୍ଜିତ ମହାନ୍ତଙ୍କ ଝୁମର ଗ୍ରୁପ ଦ୍ୱାରା ପ୍ରଦର୍ଶିତ ନୃତ୍ୟଗୀତକୁ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପଭୋଗ କରିଥିଲେ। ଏହି ଉତ୍ସବ ରବିବାର ରାତିରେ ଉଦ୍‌ଯାପିତ ହେବ।

## ସ୍ୱାମ ଶାସନରେ ହରିହାଟ



ପାଟଣା,୧୪।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ପୁରାତନ ସ୍ୱାମ ଶାସନରେ ଶନିବାର ହରିଙ୍କ ପାର୍ଶ୍ୱ ପରିବର୍ତ୍ତନ ବଡ଼ ଏକାଦଶୀ ଅବସରରେ ହରିହାଟ ଅନୁଷ୍ଠିତ ହୋଇଛି। ସ୍ୱାମ ଶାସନ ମଧ୍ୟସ୍ଥ ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ଓ ପବନ ସୁତ ହନୁମାନ, ଶ୍ରୀ ରାଧା, ଶ୍ରୀ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ କରି ଗ୍ରାମ ତଥା ବିଶ୍ୱ କଲ୍ୟାଣ ସକାଶେ ହରିହାଟ ଅନୁଷ୍ଠିତ ହୋଇଛି। ମଣ୍ଡପରେ ସାମୁହିକ ଗୀତା, ଭାଗବତ ପୁରାଣ ଆବୃତ୍ତି କରାଯାଇଛି। ମୁଖ୍ୟ ପୂଜକଭାବେ ପଣ୍ଡିତ ଅଲେଖ ତ୍ରିପାଠୀ ଓ ସୁଶାନ୍ତ ଶେଖର ଦାଶ ନୀତିକାନ୍ତିରେ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ଅଜିତ ଦାଶ ଦେବନୀତି ସମ୍ପାଦନ କରିଥିଲେ। ବିଭିନ୍ନ ପୁରାଣକୁ ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ଶୁଭମ ଦ୍ୱିବେଦୀ, ଅମରେନ୍ଦ୍ର ମିଶ୍ର, ଲୋକନାଥ ମିଶ୍ର, ନିରଞ୍ଜନ କର, ରଜତ କର, କିରଣ ମିଶ୍ର, କୃଳମଣୀ ଶତପଥୀ, ଦୈତାରୀ ଶତପଥୀ, ଶିବ ପ୍ରସାଦ ଦାଶ, ଲୋକନାଥ ମିଶ୍ର ପ୍ରମୁଖ ଆବୃତ୍ତି କରିଥିଲେ। ଭାଗୀରଥି ଦାଶ, ବିର ମୋହନ ଦ୍ୱିବେଦୀ ଓ ସୁମିତି ପତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୃଷ୍ଟିର ମଙ୍ଗଳ ପାଇଁ ଯଜ୍ଞାନୁଷ୍ଠାନ ସମ୍ପନ୍ନ ହୋଇଥିଲା।

# ମକାଚାଷୀଙ୍କ ଦୁଃଖ ଶୁଆ

ଚମ୍ପୁଆ,୧୪।୯(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ଚାଷୀଙ୍କ ପ୍ରଥମ ପସନ୍ଦ ମକାଚାଷ। ମକାଚାଷ କରି ବେଶ ଲାଭବାନ ହେଉଥିବା ଚାଷୀଙ୍କ ପାଇଁ ଏବେ ଶୁଆ ଦୁଃଖ ପାଲଟିଛି। ଶୁଆ ମକା ଖାଇଯାଉଥିବା ବେଳେ ଅଧା ଖଣ୍ଡିଆ କରିଦେଉଛନ୍ତି। ଫଳରେ ଏହା ବିକ୍ରି ଉପଯୋଗୀ ହୋଇପାରୁନାହିଁ। ଚାଷୀ ନିଜ ଫସଲର ସୁରକ୍ଷାପାଇଁ ମଞ୍ଚାବାନ୍ଧି ଟିଣ ବଜାଇ ଜଗି ରହୁଛନ୍ତି।

ସୂଚନା ଅନୁସାରେ, ପ୍ରତ୍ୟକ ବର୍ଷଭଳି ଚଳିତ ବର୍ଷ ପଞ୍ଚପୋଖରିଆ ଏବଂ ଗୋଧୂଳି ଗ୍ରାମର ଚାଷୀ ଏକର ଏଖର ଜମିରେ ମକାଚାଷ କରିଛନ୍ତି। ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାରେ ଚମ୍ପୁଆ କୃଷିବିଭାଗ ପକ୍ଷରୁ ଉନ୍ନତ ମାନର ମକାବିହନ ଯୋଗାଇ ଦିଆଯାଇଥିଲା। ଏଥିରେ ଉଭୟ ଗ୍ରାମରେ ପ୍ରାୟ ୫୦ ହେକ୍ଟରୁ ଉର୍ଦ୍ଧ୍ୱ ଜମିରେ ଏହି ଚାଷ କରାଯାଇଛି। ସ୍ଥାନୀୟ ବଜାର ସମେତ ଆଖପାଖ ବଜାରରେ ସାଧାରଣ ମକା ଭାଗ ୫୦ ଟଙ୍କାରେ ବିକ୍ରି କରି ଚାଷୀ ଲାଭବାନ ହେଉଛି। ଏପରିକି ଚଳିତ ବର୍ଷ ମିଠାମକା ମଧ୍ୟ ଚାଷ କରି ଚାଷୀ ବେଶ ଲାଭବାନ ହେଉଛନ୍ତି। ମାତ୍ର ମକା ଫସଲର ଶତ୍ରୁଭାବେ ଶୁଆପକ୍ଷୀ ମାନେ ଚାଷୀଙ୍କୁ ନାକେଦମ କରିଦେଲେଣି। ବିଶେଷ ଭାବରେ ସକାଳ ଓ ସନ୍ଧ୍ୟା ସମୟରେ ଶୁଆ ପଲପଲ ସଂଖ୍ୟାରେ ମକାବାଡ଼ି ଉପରେ ବସି ଖାଇବା ସହିତ ଖଣ୍ଡିଆ କରିଦେଉଛନ୍ତି। ଶଆ ଘଉଡ଼ାଇବାକୁ ଚାଷୀ ମକାଚାଷ ଜମିରେ ମଞ୍ଚାବାନ୍ଧି ଟିଣ ବଜାଇ ଶୁଆ ପକ୍ଷୀଙ୍କୁ ଘଉଡ଼ାଇବା ସହିତ ମକାଫସଲର ସୁରକ୍ଷା କରୁଛନ୍ତି। ଏ ନେଇ ଚାଷୀ ଜଗନ୍ନାଥ ନାଏକ, ଛତ୍ରପତି ନାଏକ, ଶୁକାନ୍ତ ନାଏକ କହିଛନ୍ତି, ଚଳିତ ବର୍ଷ ଭଲ ଫସଲ ହୋଇଛି। ମାତ୍ର ଶୁଆଙ୍କୁ ଜଗିବାକୁ ପଡୁଛି। ଖରା ସମୟରେ ପକ୍ଷୀ ଆସୁ ନ ଥିବା ବେଳେ ବର୍ଷାପାଗ ହେଲେ ଦଳଦଳ ହୋଇ ଆସୁଛନ୍ତି। ଘଉଡ଼ାଇବା ପାଇଁ ମଞ୍ଚାରେ ବସି ଟିଣ ବଜାଇ ଲୋକଙ୍କ ଉପସ୍ଥିତି ଜାହିର କରିବାକୁ ପଡୁଛି।

# ୧୨, ୩୨୧ ମକଦ୍ଦମା ସମାଧାନ

**ରାଷ୍ଟ୍ରୀୟ ଲୋକ ଅଦାଲତ**

କେନ୍ଦୁଝର,୧୪।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲା ଜଜ କୋର୍ଟ, ବଡବିଲ, ହାଟଡ଼ିହୀ ଓ ତେଲକୋଇର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତଗୁଡ଼ିକରେ ସମୁଦାୟ ୧୨ ହଜାର ୩୨୧ଟି ମକଦ୍ଦମା ସମାଧାନ କରାଯାଇ ୯ କୋଟି ୭୦ଲକ୍ଷ ୧ ହଜାର ୯୦୬ ଟଙ୍କା ୭୬ ପଇସା ଆଦାୟ ହୋଇଥିଲା।

ଜିଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଜଜ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଅଶୋକ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତରେ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲାଜଜ୍ ମମିତା ଦାସ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଇଂ. ବିଘ୍ନେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର ନିଜ ନିଜ କୋର୍ଟଗୁଡ଼ିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ମାମି ବେହେରା କାର୍ଯ୍ୟଭାର ତୁଲାଇଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତଗୁଡ଼ିକରେ ପ୍ରାକ ବ୍ୟାଙ୍କ ମକଦ୍ଦମା ୫୬ ମାମଲାର ସମାଧାନ ହୋଇ ୩୭ ଲକ୍ଷ ୬୭ହଜାର ୭୪୮ ଟଙ୍କା, ପ୍ରାକ ବିଏସଏନଏଲ ମକଦ୍ଦମା ୨୧ ସମାଧାନ ହୋଇ ୪୭ ହଜାର ୩ ଟଙ୍କା, ମୋଟରଯାନ ଦୁର୍ଘଟଣା ୫୪ ମାମଲାର ସମାଧାନ ହୋଇ ୫ କୋଟି ୧୮ ଲକ୍ଷ ୩୫ ହଜାର ଟଙ୍କା, ରାଜସ୍ୱ ମକଦ୍ଦମା ୧୧,୯୨୪ଟି ସମାଧାନ ହୋଇ ୯ ଲକ୍ଷ ୩୩ ହଜାର ୪୩୯ ଟଙ୍କା, ଦେୱାନୀ ମକଦ୍ଦମା ୫୦ଟି ସମାଧାନ ହୋଇ ୧କୋଟି ୯୬ଲକ୍ଷ ୮ହଜାର ୧୬୪ ଟଙ୍କା, ଫୌଜଦାରୀ ୧୪୫ଟି ସମାଧାନ ହୋଇ ୧ କୋଟି ୯୬ଲକ୍ଷ ୭୩ ହଜାର ୨୬୩ ଟଙ୍କା ୭୬ ପଇସା, ପରିବାର ଅଦାଲତରେ ୧୩ଟି ମାମଲା ଫଇସଲା ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବାର ମୋଟ ୫୬ଟି ମକଦ୍ଦମା ଫଇସଲା ହୋଇ ୧୧ ଲକ୍ଷ ୩୭ହଜାର ୨୮୯ ଟଙ୍କା ଆଦାୟ ହୋଇଥିଲା। ଖାଉଟି ଅଦାଲତର ୨ଟି ମକଦ୍ଦମାର ଫଇସଲା ହୋଇଥିଲା।



ଲୋକ ଅଦାଲତରେ ମକଦ୍ଦମାର ବିଚାର କରାଯାଉଛି।

**ବିବେକ ଭାରତୀ ସେବାଶ୍ରମରେ ବିଶ୍ୱ ଭ୍ରାତୃତ୍ୱ ଦିବସ**

ଖଇରା,(ଉତ୍କଳବନ୍ଧୁ ପଣ୍ଡା)-ଖଇରା ବ୍ଲକ ଅଧୀନ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ବୁଧବାର ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଛି। ଆଶ୍ରମ ସଞ୍ଚାଳକ ଗଣେଶାନନ୍ଦଜୀ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନକଲ୍ୟାଣ ପରିଷଦ ସଭାପତି ବିଷ୍ଣୁମୋହନ ଶତପଥି ମୁଖ୍ୟଅତିଥି, ରାଧାରାଣୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କନ୍ୟା ସମୃଦ୍ଧି ଯୋଜନା ଉପରେ ଆଲୋଚନା କରିଥିଲେ। ପରେ ଆଶ୍ରମର ୧୨୦ ଅନ୍ତେବାସୀଙ୍କୁ ବିଭିନ୍ନ ପାଠ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା।

## ବାଲେଶ୍ୱର

## ପୂର୍ବତନ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକ

ଖଇରା,୧୪।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀସ୍ଥିତ ଡ.ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ମାଇକାପଙ୍କ ଅକାଳ ବିୟୋଗରେ ଏକ ସ୍ମୃତିସଭା ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଗନବିହାରୀ ରାଉତ ସଭାପତିତ୍ୱ କରିବା ଅବସରରେ ପ୍ରାଧ୍ୟାପକଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଯୁଧିଷ୍ଠୀର କୁଅଁର, ଲିଙ୍ଗରାଜ କର, ପ୍ରାଧ୍ୟାପିକା ଫୁଲମଣି ଦେଈ, ଅଧ୍ୟାପକ ଦତ୍ତାତ୍ରେୟ ଦାସ, ଅଜୟ କୁମାର ସାହୁ, ଦୀପକ କୁମାର ଦାସ, ଲଲାଟେନ୍ଦୁ ମଲ୍ଲିକ, ଚିରଞ୍ଜିବୀ ଦାସ, ଭକ୍ତବନ୍ଧୁ ସାହୁ, ଗଣେଶ ପ୍ରସାଦ ପଣ୍ଡା, ପ୍ରଫୁଲ୍ଲ କୁମାର ଜେନା, ଅଧ୍ୟାପିକା ନିବେଦିତା ରାଉତ, ମଧୁସ୍ମିତା ପତ୍ରୀ, ତପସ୍ୱିନୀ ବିଶ୍ୱାଳ, କବିତା ବଳବନ୍ତରାୟ, କସ୍ତୁରୀ ବେହେରା, ଜ୍ୟୋତ୍ସ୍ନା ଦାସ, ଲକ୍ଷ୍ମୀପ୍ରିୟା ଜେନା ଓ ଡ. ଆଭାରାଣୀ ବଳ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପ୍ରାଧ୍ୟାପକଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

# ଅବିଶ୍ରାନ୍ତ ବର୍ଷା, ଜନଜୀବନ ପ୍ରଭାବିତ

## ମତ୍ସ୍ୟଜୀବୀଙ୍କୁ ସାଗର ମନା

ଭୋଗରାଇ, ୧୪।୯(ପ୍ରଦୀପ ଦାସ)



ବାଂଲାଦେଶ ସଂଲଗ୍ନ ଗାଙ୍ଗେୟ ସମତଳ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଉତ୍ତର ପଶ୍ଚିମକୁ ମୁହାଁଉଥିବା ବେଳେ ଓଡିଶା ସୀମାନ୍ତରେ ଅବିଶ୍ରାନ୍ତ ବର୍ଷା ଲାଗିରହିଛି। ଲଘୁଚାପ ପ୍ରଭାବରେ ଗତ ଶୁକ୍ରବାର ଅପରାହ୍ନରୁ ବାଲେଶ୍ୱର ଜିଲା ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ଡୁହାକୁଡୁହା ବର୍ଷା ଲାଗିରହିଛି। ଏଥିସହିତ ସମୁଦ୍ର ଅଶାନ୍ତ ଥିବାରୁ ଗଭୀର ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ନ ଯିବା ଲାଗି ମତ୍ସ୍ୟବିଭାଗ ଓ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ସମୁଦ୍ରର ଉଚ୍ଚ ଢେଉ କୂଳ ଆଡକୁ ମାଡି ଆସି ପଥରବନ୍ଧ ତଟ ସୁରକ୍ଷା ବନ୍ଧରେ କଚାଡି ହୋଇପଡୁଛି। ତାଳସାରୀ ସୁବର୍ଣ୍ଣଦୀପରେ ସମୁଦ୍ର ଜୁଆର ମାଡି ଆସି ୨୦ପରିବାରକୁ ଭୟଭୀତ କରୁଥିବା ବେଳେ ଶତାଧିକ ଝାଉଁ ଜଙ୍ଗଲ ଜୁଆର ମାଡ଼ରେ ଧରାଶାୟୀ ହେବା ସହିତ ଏହି ଗାଁ ଭୌଗୋଳିକ ମାନଚିତ୍ରରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବାକୁ ଯାଉଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଶନିବାର ୮ଟା ସୁଦ୍ଧା ୧୦୪ମି.ମି., ଜଳେଶ୍ୱରରେ ୬୭ମି.ମି., ବସ୍ତାରେ ୬୮ମି.ମି., ବାଲିଆପାଳରେ ୫୮ମି.ମି., ସଦରରେ ୨୬ମି.ମି., ନୀଳଗିରି ୨୩ମି.ମି., ରେମୁଣା ୩୭ମି.ମି., ବାହାନଗା ୧୫ମି.ମି., ସୋର ଓ ଖଇରାରେ ୫ ମି.ମି. ଏବଂ ଔପଦାରେ ୭ମି.ମି., ସିମୁଳିଆରେ ୪ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଦପ୍ତରରୁ ସୂଚନା ଦିଆଯାଇଛି। ୨ଦିନ ଅବିଶ୍ରାନ୍ତ ବର୍ଷାରେ ଉତ୍ତରବାଲେଶ୍ୱର ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଉଚ୍ଚ ଧାନ ଚାଷଜମିରେ ଆଶାନୁରୂପକ ପାଣି ହେବାରୁ ଚାଷୀକୁଳ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଲାଘଚାପ କ୍ରମଶଃ ଉତ୍ତର ପଶ୍ଚିମ ଦିଗକୁ ଯାଉଥିବା ପାଣିପାଗ ବୈଜ୍ଞାନିକମାନେ ସୂଚନା ଦେଉଥିବାରୁ ଝାଡଖଣ୍ଡ ମାଳାଞ୍ଚଳରେ ଅଧିକ ବର୍ଷା ଲାଗିରହିଲେ ସୁବର୍ଣ୍ଣରେଖାର ପ୍ରଥମ ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେଚ ବିଭାଗ ପକ୍ଷରୁ କୁହାଯାଇଛି।

## ପାଠ ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଲେ ସବ୍ୟସାଚୀ



ମା'ଙ୍କ ଉପସ୍ଥିତିରେ ଛାତ୍ରୀ ଜଣକ ନାମ ଲେଖାଉଛନ୍ତି।

ନୀଳଗିରି, ୧୪।୯(ପ୍ରଶାନ୍ତ ବିଶ୍ୱାଳ)

କଥାରେ ଅଛି ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ଏପରି ଏକ ସଂଯୋଗ ନୀଳଗିରି ଉପଖଣ୍ଡ କାଣ୍ଡଗରଡି ପଞ୍ଚାୟତ ଅଧୀନ ମଧୁକରଖୁଣ୍ଟା ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ଶଙ୍କର୍ଷଣ ଦାସଙ୍କ ଝିଅ ମିତାଲି ପିଲାଟି ଦିନରୁ ପାଠପଢ଼ା ପ୍ରତି ଖୁବ୍ ଆଗ୍ରହୀ ଥିଲେ। ପାଠ ପଢିବେ ଓ ଆଗକୁ ବଢିବେ ବୋଲି ମନରେ ତାଙ୍କର ରହିଥିଲା ଅନେକ ଆଶା। ବହୁ କଷ୍ଟରେ ଗାଁ ପ୍ରାଥମିକ ବିଦ୍ୟାଳୟରୁ ପାଠ ପଢ଼ା ସାରି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଯୁକ୍ତ ୨ ପରୀକ୍ଷା ପାସ୍ କରିଥିଲେ। ପରେ ଯୁକ୍ତ ୩ କଳା ଇଂରାଜୀ ବିଭାଗରେ ନୀଳଗିରି କଲେଜରେ ପଢ଼ିବାର ଅଦମ୍ୟ ଇଚ୍ଛାକୁ ଅର୍ଥାଭାବ ଯୋଗୁ ମନରେ ଚାପି ରଖି ମିତାଲି ଚୁପ୍ ହୋଇଯାଇଥିଲେ। ନୀଳଗିରିର ସ୍ୱେଚ୍ଛାସେବୀ ସଙ୍ଗଠନ ଶିଶିର ମହାପାତ୍ର ଫାଉଣ୍ଡେଶନ ସଭାପତି ତଥା ଭାଜପା ନେତା ସବ୍ୟସାଚୀ ମହାପାତ୍ର ଖବରପାଇ ମିତାଲିଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପରିବାରରେ ଆର୍ଥିକ ଅଭାବ ଯୋଗୁ ସେ ଆଗକୁ ପଢ଼ିପାରୁ ନ ଥିବା ଜାଣିବା ପରେ ସହାୟତାର ହାତ ବଢାଇଥିଲେ। ଆଡମିଶନ ପାଇଁ ସେ ସମସ୍ତ ଖର୍ଚ୍ଚ ବହନ କରିବା ପରେ ଛାତ୍ରୀଜଣକ ଯୁକ୍ତ ୩ରେ ନାମ ଲେଖାଇଥିଲେ। ମହାପାତ୍ରଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଏଫ୍‌ଏମ୍ କଲେଜ ଛାତ୍ର ଭବେଶଙ୍କୁ ସ୍ୱର୍ଣ୍ଣ

### ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା



ଚାମ୍ପିୟନ ଭବେଶଙ୍କ ସହ ଉପବିଜେତା।

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ଜୁନିୟର କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର ଭବେଶ ଚନ୍ଦ୍ର ଦୀକ୍ଷିତ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଗତ ସେପ୍ଟେମ୍ବର ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଆଗ୍ରାଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଉଭୟ ବ୍ୟକ୍ତିଗତ ଓ ଦଳଗତସ୍ତରରେ ସେ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

ତାଙ୍କର ଏହି ସଫଳତା ପାଇଁ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ତଥା କ୍ରୀଡ଼ା ଉପସଭାପତି ଡ. ସନ୍ତୋଷ କୁମାର ରାଉତ, ଜିଲା ଟାଏକୋଣ୍ଡୋ ପ୍ରଶିକ୍ଷକ ଅତାଉଲ୍ଲା ଖାନ୍, ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ବ୍ୟୋମକେଶ ଅଭିଲାଶ ପ୍ରସାଦ ଓ ସମ୍ପାଦକ ମନମୋହନ ଭଞ୍ଜଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଭବେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗତ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଜବାହରଲାଲ ନେହେରୁ ଇନଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭବେଶ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରକୁ ଉନ୍ନୀତ ହୋଇଥିଲେ।

## ଏଫ୍‌ଏମ୍‌ୟୁ ସହ ବଡ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜିର ବୁଝାମଣାପତ୍ର ସ୍ୱାକ୍ଷର



ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ।

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ର ଟେକ୍ନୋଲୋଜି ଇନକ୍ୟୁବେଶନ ଫାଉଣ୍ଡେଶନ (ଟିବିଆଇ) ଓ ଅନଲାଇନ୍ କ୍ୟାବ ସେବା ଶିଳ୍ପର ଅଗ୍ରଣୀ କମ୍ପାନୀ ବଡ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍‌କୁ ଏହାର ଉତ୍ସ ବଢାଇବା ପାଇଁ ଆବଶ୍ୟକ ଉତ୍ସ ସହ ସହାୟତା ଯୋଗାଇବା ଲକ୍ଷ୍ୟ ରଖାଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ ଏସ୍‌କେ ମେଘଲାଲଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମିନା ଦାସ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସର୍ତ୍ତାବଳୀ ଅନୁଯାୟୀ ବଡ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜି ଟିବିଆଇର ମେଣ୍ଟରଶିପ୍, ନେଟ୍‌ୱର୍କିଂ ସୁଯୋଗ, ଆଇନଗତ ଏବଂ ମାର୍କେଟିଂ ସହାୟତା, ପାଣ୍ଠି ସହାୟତା, ସମ୍ମିଳନୀ କକ୍ଷ ଏବଂ ଅଡ଼ିଟୋରିୟମ ଆଦିର ଉନ୍ନୟନ କାର୍ଯ୍ୟକ୍ରମରେ ସହଯୋଗ କରିବ। ବିଶ୍ୱବିଦ୍ୟାଳୟର ଟିବିଆଇ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢୀ ଏବଂ ସିଓଓ ସୁନେନ୍ଦୁ ନାୟକ ଏହି ସମାରୋହକୁ ଆୟୋଜନ କରିଥିଲେ। ବଡ଼ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଅନଲାଇନ୍ କ୍ୟାବ ସେବାରେ ଏକ ଅଗ୍ରଣୀ, ସୁବିଧାଜନକ, ସୁଲଭ ଏବଂ ନିର୍ଭରଯୋଗ୍ୟ ପରିବହନ ସମାଧାନ ପ୍ରଦାନ କରିଥାଏ ଓ ଗ୍ରାହକଙ୍କ ସନ୍ତୁଷ୍ଟି ସହ ବୈଷୟିକ ଉଦ୍ଭାବନ ଉପରେ ଧ୍ୟାନ ଦେଇଆସିଛି। ବିଶ୍ୱବିଦ୍ୟାଳୟର ଟିବିଆଇ ଏବଂ ବଡ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜି ମଧ୍ୟରେ ଏହି ସହଭାଗିତା ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇଥିଲେ।

## ୨ଚୋରଙ୍କୁ କାବୁ କଲେ ଲୋକେ



୨ ଅଭିଯୁକ୍ତଙ୍କୁ ଗିରଫ କରି ନେଉଛି ପୋଲିସ।

ବସ୍ତା(ହରିଶଙ୍କର ପାଢୀ)/ବାଲିଆପାଳ (ଅମୂଲ୍ୟ କୁମାର ଦାସ), ୧୪।୯

- ପୋଲିସ ଭ୍ୟାନ୍‌ରେ ବସି ଖବରଦାତାଙ୍କୁ ହତ୍ୟା ଧମକ
- ପ୍ରତିବାଦରେ ଟାୟାର ଜାଳି ରାସ୍ତାରୋକୋ

ଥାନାରୁ ଫେରିବା ପରେ ଗୋଟି ଗୋଟି କରି ସବୁ ବଦ୍‌ଲା ନେବି। ଦୋକାନୀ ଓ ଖବରଦାତାଙ୍କୁ ଚିହ୍ନି ରଖିଛି, ଯେତେବେଳେ ଥାନାରୁ ଫେରିବି, ରାଜରାସ୍ତାରେ ରକ୍ତ ବୋହିବ ବୋଲି ପୋଲିସ ସମ୍ମୁଖରେ ଭ୍ୟାନ୍‌ରେ ବସି ଧମକ ଦେଇଛନ୍ତି ଅଭିଯୁକ୍ତ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଦରଡ଼ା ବଜାରରେ।

ସୂଚନା ଅନୁସାରେ, ଦରଡ଼ା ବଜାରର ୪ଟି ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଲା ଓ ଆଜବେଷ୍ଟସ୍ ଭାଙ୍ଗି ଚୋରି କରୁଥିଲେ। ସ୍ଥାନୀୟ ଦୋକାନୀ ଏ ସମ୍ପର୍କରେ ଜାଣିପାରି ୨ ଚୋରଙ୍କୁ କାବୁ କରି ନିର୍ଘୁମ୍ ଛେଚିଥିଲେ। ଖବରପାଇ ଶନିବାର ସକାଳେ ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ଦରଡ଼ା ଅଞ୍ଚଳର ବିକାଶ ଜେନା ଓ କାହ୍ନୁ ତରେଇଙ୍କୁ ଗିରଫ କରାଯାଇ ପୋଲିସ ଭ୍ୟାନ୍‌ରେ ଥାନାକୁ ନେଇଥିଲେ। ଭ୍ୟାନ୍‌ରେ ବସି ଅଭିଯୁକ୍ତ କାହ୍ନୁ ତରେଇ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରୁଥିବା ଖବରଦାତା ଏବଂ ସେମାନଙ୍କୁ ଧରିଥିବା ଦୋକାନୀମାନଙ୍କୁ ପୋଲିସ ସମ୍ମୁଖରେ ହତ୍ୟା ଧମକ ଦେଇଥିଲେ। ଜେଲରୁ ଫେରିଲେ ସେମାନଙ୍କୁ ଟିକ୍ ଟିକ୍ କରି ହାଣି ହତ୍ୟା କରିବେ ବୋଲି ଧମକ ଦେଇଥିଲା। ପ୍ରତିବାଦରେ ଗଣମାଧ୍ୟମ ପ୍ରତିନିଧି, ଦୋକାନୀ ଓ ସ୍ଥାନୀୟ ଲୋକେ ବସ୍ତା-ବାଲିଆପାଳ ରାସ୍ତାର ଦରଡ଼ା ବଜାରରେ ଟାୟାର ଜାଳି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଦୀର୍ଘ ସମୟ ଧରି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଦୋକାନୀଙ୍କ ଅଭିଯୋଗ ଅନୁଯାୟୀ, ମାମଲା (ନଂ.୧୮୫/୨୪) ଓ ଖବରଦାତାଙ୍କ ଅଭିଯୋଗ ଅନୁଯାୟୀ ମାମଲା (ନଂ.୧୮୬/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୂଚନା ଯେ, ଦରଡ଼ା ଛକରେ ବାରମ୍ବାର ଗାଡ଼ି, ମୋବାଇଲ ଫୋନ ସହ ଛିନ୍‌ତାଇ ବଢ଼ି ବଢ଼ି ଚାଲିଥିବା ବେଳେ ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ ଦାବି ହୋଇଛି।

## ଖାଦାନରୁ ପଥରଉଠାକୁ ନେଇ ଭୁଜାଲି ଆକ୍ରମଣ

ସୋର, ୧୪।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ଖଞ୍ଜାମାହାଲର ଏକ ବେଆଇନ ଖାଦାନରୁ ପଥରଉଠାଣକୁ ନେଇ ଶୁକ୍ରବାର ରାତି ୧୦ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ଭୁଜାଲି ମାଡ଼ ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ ବହୁଦିନରୁ ବନ୍ଦ ହୋଇଥିବା ଖଞ୍ଜାମାହାଲ ଖାଦାନରୁ ବେଆଇନ ପଥରଉଠାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ଏହି ଖାଦାନ ନୀଳଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ବେଳେ ଅବଧି ଶେଷ ହେବା ପରେ ମହୁମୁହାଣ ପଞ୍ଚାୟତ ଅଞ୍ଚଳର କିଛି ଯୁବକ ଏହାକୁ ବେଆଇନ ଭାବେ ପଥର ଉତ୍ତୋଳନ କରୁଥିଲେ। ଏହି ଖାଦାନରୁ ଅନ୍ୟ ଏକ ଗୋଷ୍ଠୀ ପଥର ଉଠାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ଗୋଟିଏ ଗୋଷ୍ଠୀର ଭୁଜାଲି ମାଡ଼ରେ ପ୍ରଭାକର ମଲ୍ଲିକ(୪୪) ଓ ସନ୍ଦୀପ କୁମାର(୩୦) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ୨ ଗୁରୁତର, ୨ ଅଟକ

ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୋଗ ଅନୁଯାୟୀ ଦୁଇଟି ମାମଲା(ନଂ. ୬୮୮/୨୪ ଏବଂ ୬୮୯/୨୪) ରୁଜୁ କରିଛି।

## ଏମ୍‌ପିଙ୍କ ତ୍ରିପାକ୍ଷିକ ଆଲୋଚନା

## ବାଲିଆପାଳରେ ପ୍ରତିଷ୍ଠା ହେବ ଝୋଟକଳ

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)



ବୈଠକରେ ଉପସ୍ଥିତ ଏମ୍‌ପି, ଜିଲାପାଳ ଓ କମ୍ପାନୀ କର୍ତ୍ତୃପକ୍ଷ।

ବାଲେଶ୍ୱର ଜିଲା ବାଲିଆପାଳରେ ଅବସ୍ଥିତ ଶ୍ରୀ ଗୋପୀନାଥ ସୂତାକଳ ଦୀର୍ଘବର୍ଷ ଧରି ବନ୍ଦ ରହିଛି। ଏଠାରେ ଲୋକଙ୍କ ଜୀବନ ଓ ଜୀବିକା ପାଇଁ ଏକ କାରଖାନାର ପ୍ରତିଷ୍ଠା ଲାଗି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରୟାସ ଜାରି ରଖିଛନ୍ତି। ବାଲିଆପାଳ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶୁକ୍ରବାର ଏମ୍‌ପି ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଉକ୍ତ ସୂତାକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଏହାକୁ କିଣିଥିବା କୋଲକାତାର କମ୍ପାନୀ ପିକନ ଇଲୋକ୍ଟ୍ରୋନିକ୍ସର ନିର୍ଦ୍ଦେଶକ ସଞ୍ଜୟ କୁମାର ଠାକୁର, ଭାରପ୍ରାପ୍ତ ଅଧିକାରୀ ଭାରତ ମହାନ୍ତି ଓ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉପସ୍ଥିତିରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବାଲିଆପାଳ ଅଞ୍ଚଳରେ ଝୋଟ ଚାଷ ପାଇଁ ଅନୁକୂଳ ଭିତ୍ତିଭୂମି ରହିଛି। ଖୁବ୍‌ଶୀଘ୍ର ଏହି କାରଖାନା ପୁନଃ କାର୍ଯ୍ୟକ୍ଷମ ହେବ ଏବଂ ଏହା ଝୋଟ କଳ ଭାବେ ଚାଲୁ ହେବ ବୋଲି ନିର୍ଦ୍ଦେଶକ ଠାକୁର ସୂଚନା ଦେଇଥିଲେ। ଏହି କାରଖାନା ଚାଲୁ କରିବା ଦିଗରେ ସମସ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଏମ୍‌ପି ଷଡ଼ଙ୍ଗୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଔପଦା ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ




ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିଗଣ।

ଔପଦା, ୧୪।୯(ଧରିତ୍ରୀ ପଣ୍ଡା)

ଔପଦାର ଢିମ୍ପୁରାରେ ଥିବା ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ମନୋରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ରାଷ୍ଟ୍ର ଓ ରାଜ୍ୟର ଇତିହାସ ସମ୍ପର୍କରେ ଜାଣିବା ସହ ଭବିଷ୍ୟତ ନିର୍ମାଣରେ ଛାତ୍ରୀଛାତ୍ର ବ୍ରତୀ ହେବା ଉଚିତ୍ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଜିଲାପରିଷଦ ସଭ୍ୟା ମୁନି ସିଂ, ଏବିଇଓ ରତ୍ନାକର ଦାସ, ୱାର୍ଡ଼ସଭ୍ୟ ସୁରେନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଦର୍ଶ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, ଶିକ୍ଷୟିତ୍ରୀ ପୁନମ ଡୁଙ୍ଗୁଡୁଙ୍ଗୁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ବିଦ୍ୟାଳୟରେ ପାଚେରି, ହଷ୍ଟେଲ ଓ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରେମନାଥ ମହାଳିକଙ୍କ ସମେତ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ପ୍ରତିଷ୍ଠା ଦିବସ ପାଳନରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁରେଖା ଦାସ ଧନ୍ୟବାଦ ଦେଇଥିଲେ।

### ବିଧାୟିକାଙ୍କ ହସ୍ତକ୍ଷେପ ପରେ ନାବାଳିକା ଉଦ୍ଧାର

## ଅପହରଣକାରୀ ଯୁବକ ଅଟକ

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)- ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ହସ୍ତକ୍ଷେପ ଫଳରେ ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତର ଜଣେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଗତ ମାର୍ଚ୍ଚ ୯ରେ ଉକ୍ତ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ.୬୬/୨୦୨୪) ରୁଜୁ ହୋଇଥିଲା। ନାବାଳିକାଙ୍କ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ବିଧାୟିକା ଜେନାଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଅଗଷ୍ଟ ୨୭ରେ ବିଧାନସଭା ଗୃହରେ ବିଧାୟିକା ଜେନା ଏହି ପ୍ରସଙ୍ଗ ଉଠାଇ ବିଭାଗୀୟ ମନ୍ତ୍ରୀଙ୍କୁ ହସ୍ତକ୍ଷେପ ସହ ନାବାଳିକାଙ୍କ ଉଦ୍ଧାର ଲାଗି ଦାବି କରିଥିଲେ। ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳରେ ଶୁକ୍ରବାର ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ୮୮ହଜାର ଖର୍ଚ୍ଚ ହେଲା, ମୁଣ୍ଡ ଗୁଞ୍ଜିବାକୁ ପାଲଟିଏ ମିଳିଲାନି

ଖଇରା, ୧୪।୯(ଉତ୍କଳବନ୍ଧୁ ପଣ୍ଡା)



ମଞ୍ଚ ସମ୍ମୁଖରେ ତମ୍ବୁ ନ ଥିବାରୁ ପିଲାମାନେ ଛତା ଧରି ବସିଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଆରମ୍ଭ ହୋଇଛି। ୩ଦିନ ପୂର୍ବରୁ ଲଘଚାପଜନିତ ବର୍ଷା ସମ୍ପର୍କିତ ଘୋଷଣା କରାଯାଇଥିବା ବେଳେ ସଭାସ୍ଥଳରେ ପିଲାଙ୍କ ବସିବା ପାଇଁ ତମ୍ବୁ କି ପାଲ ଟଣାଯାଇ ନ ପାରିବା ବିଭାଗୀୟ ଅବହେଳାକୁ ପଦାରେ ପକାଇଛି। ମାତ୍ର କିଛି ପିଲା ବର୍ଷାରେ ଭିଜି ଭିଜି ଛତା ମୁଣ୍ଡେଇ ନିଜେ ଚେୟାର ଆଣି ବସିଥିବା ବେଳେ ଅନ୍ୟ ପିଲାମାନେ ବର୍ଷା ଭୟରେ ସ୍କୁଲ କୋଠରିରୁ ବାହାରି ନ ଥିଲେ। ମଞ୍ଚରେ ବସିଥିବା ବିଧାୟକ ଓ ଅନ୍ୟତମ ଅତିଥିମାନେ ନିଜ ଭାଷଣରେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଏଭଳି ଅବ୍ୟବସ୍ଥା ନେଇ ଅଭିଭାବକ, ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରାଯିବାରୁ କାର୍ଯ୍ୟକ୍ରମ ପାଇଁ ୮୮ହଜାର ଟଙ୍କା ଆସିଥିବା ବେଳେ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରି ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କହିଛନ୍ତି। ଉଦ୍‌ଘାଟନୀ ସଭାରେ ବିଧାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ବରେଣ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସମିତିସଭ୍ୟ ଅକ୍ଷୟ କୁମାର ଜେନା, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରା ଓ କ୍ରୀଡା ସମ୍ପାଦକ ପ୍ରଦୀପ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସଭାପତିତ୍ୱ କରିଥିଲେ। ସମସ୍ତ କ୍ରୀଡା ଶିକ୍ଷକ, ସିଆରସିସି, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଶାସକ-ବିରୋଧୀ ଛକାପଞ୍ଝା

ଭଦ୍ରକ, ୧୪।୯ (ସନାତନ ରାଉତ)

## ଚାନ୍ଦବାଲି ରାଜନୀତି

୨୦୨୪ ନିର୍ବାଚନକୁ ଇତିମଧ୍ୟରେ ୩ ମାସରୁ ଅଧିକ ସମୟ ବିତିଗଲାଣି। ନୂଆ ସରକାର ଗଠନ ପରେ ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଥମିବାର ନାଁ ଧରୁନି। ଶାସକ ଭାଜପା ଓ ବିରୋଧୀ ବିଜେଡି ମଧ୍ୟରେ ସବୁବେଳେ ଛକାପଞ୍ଝା ଲାଗି ରହିଛି। ନିର୍ବାଚନ ସମୟରେ ସର୍ବାଧିକ ରାଜନୈତିକ ହିଂସା ଘଟିଥିବା ବେଳେ ନିର୍ବାଚନ ପରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି।

ଏଠାରେ ଭାଜପା ପକ୍ଷରୁ ଖୋଦ୍ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ଯୁବନେତା ବ୍ୟୋମକେଶ ରାୟଙ୍କଠାରୁ ସେ ପରାଜିତ ହୋଇଥିଲେ। ରାଜ୍ୟରେ ଭାଜପା ସରକାର ଗଠନ କରିଥିବା ବେଳେ ଚାନ୍ଦବାଲିରେ ବିଜେଡି ଜିତିଥିବାରୁ ଉଭୟ ଦଳୀୟ କର୍ମୀଙ୍କ ଭାଉ ରହିଛି। ବିଭିନ୍ନ ଘଟଣାକୁ ନେଇ ଉଭୟ ଦଳ ପରସ୍ପର ବିରୋଧରେ ବିଭିନ୍ନ ସମୟରେ ଖବରଦାତା ସମ୍ମିଳନୀ କରି ଆରୋପ ପ୍ରତ୍ୟାରୋପ କରିବାକୁ ପଛାଉନାହାନ୍ତି। ନିକଟରେ ମତୋ ଯୁକ୍ତ ୩ ସ୍ନାତକ କଲେଜର ପ୍ରତିଷ୍ଠା ଦିବସରେ ଅତିଥି ଚୟନକୁ ନେଇ ରାଜନୀତି ସରଗରମ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଜିଲା ପ୍ରଶାସନ ପକ୍ଷରୁ ବିଏନ୍ଏସ୍ ୧୬୩ ଜାରି କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ କଲେଜ ପ୍ରତିଷ୍ଠା ଦିବସରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍ପି ଅଭିମନ୍ୟୁ ସେଠୀଙ୍କୁ ଅତିଥି କରାଯାଇଥିବା ବେଳେ ସ୍ଥାନୀୟ ବିଜେଡି ବିଧାୟକଙ୍କ ନାମ ଅତିଥି ତାଲିକାରେ ନ ଥିଲା। ଏହାକୁ ନେଇ ବିଧାୟକଙ୍କ ସମର୍ଥକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ପ୍ରତିଷ୍ଠା ଉତ୍ସବ ଦିନ ସକାଳେ ଟାୟାର ଜାଳିବା ସହ ମନମୋହନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ଉତ୍ସବକୁ ମନମୋହନ ଓ ଏମ୍ପି ଅଭିମନ୍ୟୁ ଯାଉଥିବା ବେଳେ ପୀରହାଟ ନିକଟରେ କଳାପତାକା ପ୍ରଦର୍ଶନ ସହ ଗାଡ଼ିକୁ ଅଣ୍ଡାମାଡ଼ କରାଯାଇଥିଲା। ପରଦିନ ଏହି ଘଟଣାରେ ଦୌଲତପୁର ସରପଞ୍ଚ ଓ ସମିତିସଭ୍ୟାଙ୍କ ପ୍ରତିନିଧିଙ୍କ ସମେତ ୫ଜଣଙ୍କୁ ପୀରହାଟ ପୋଲିସ ଗିରଫ କରିବା ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ବିରୋଧ ଘଟଣାକୁ କଲେଜର ପୂର୍ବତନ ସଭାପତି ତଥା ଭାଜପାର ବରିଷ୍ଠ ନେତା ସନାତନ ସାହୁ ଦୃଢ଼ ନିନ୍ଦା କରିଥିଲେ। ମନମୋହନ ହାରିଥିଲେ ମଧ୍ୟ ତାଙ୍କ ପ୍ରତି ଚାନ୍ଦବାଲିବାସୀଙ୍କ ସମର୍ଥନ ଅତୁଟ ରହିଛି। ବିଧାୟକ ଏହାକୁ ସହି ନ ପାରି ବାରମ୍ବାର ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଭୂଇଁମୂର୍ତ୍ତି ପଞ୍ଚାୟତର ନୂଆଗାଁ ନିକଟରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ଅଭିଯୁକ୍ତମାନଙ୍କର ଭାଜପା ସହ ସମ୍ପର୍କ ଥିବାରୁ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଦଳର ଶୀର୍ଷ ନେତୃତ୍ୱ ପୋଲିସ ଉପରେ ଚାପ ପକାଉଛନ୍ତି ବୋଲି ଗତ ଜୁଲାଇ ୬ରେ ବିଧାୟକ ରାୟ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଯାଜପୁର ଜିଲାର ଧର୍ମଶାଳା ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରସଙ୍ଗରେ ଚାନ୍ଦବାଲି ବିଧାୟକ ବିଧାନସଭାରେ ପ୍ରଶ୍ନ କରିବାକୁ ନେଇ ଚାନ୍ଦବାଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗତ ୧ ତାରିଖରେ ଖବରଦାତା ସମ୍ମିଳନୀରେ ସମାଲୋଚନା କରାଯାଇଥିଲା। ନିଜ ଅଞ୍ଚଳରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ବିଷୟରେ ବିଧାୟକ କେବେ ବିଧାନସଭାରେ ପ୍ରଶ୍ନ କରି ନ ଥିବାବେଳେ ଯାଜପୁର ନେତାଙ୍କ ପାଇଁ ଏତେ ଦରଦ କ'ଣ ପାଇଁ ବୋଲି ସମ୍ମିଳନୀରେ ପ୍ରଶ୍ନ ଉଠିଥିଲା। ତେବେ ଆଗକୁ ଚାନ୍ଦବାଲି ରାଜନୀତିର ଗତି କେଉଁଆଡ଼କୁ ଯାଉଛି ସମୟ କହିବ।

# ଭାଜପା, ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ



ବିଜେଡି ପକ୍ଷରୁ ଶନିବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ଦଳୀୟ କର୍ମୀମାନେ ପାଇକମାଳ ଥାନା ଘେରାଉ କରିଛନ୍ତି।

ପାଇକମାଳ,୧୪।୯(ବଢ଼ ଶତପଥୀ)

- ୩ ବିଜେଡି କର୍ମୀ ଗିରଫ
- ଭାଜପା କର୍ମୀ ଗିରଫ ଦାବିରେ ଥାନା ଘେରାଉ
- ଉଭୟ ପକ୍ଷରୁ ଏତଲା

ବରଗଡ଼ ଜିଲା ପାଇକମାଳ ବ୍ଲକ ପରିସରରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଆକ୍ଷେପ ଓ ଆକ୍ରମଣକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଏନେଇ ପାଇକମାଳ ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଛି। ପୋଲିସ ପୃଥକ୍ ମାମଲା ରୁଜୁ କରି ବିଜେଡିର ୩ କର୍ମୀଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୀବ ବରିହା, ବୁନୁ ମିଶ୍ର ଓ ଆନନ୍ଦ ସିଂ। ଭାଜପାର କାହାରିକୁ ଗିରଫ କରାଯାଇ ନ ଥିବାରୁ ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ପାଇକମାଳ ଥାନା ଘେରାଉ କରାଯାଇଥିଲା। ସମାଧାନ ନ ହେବାରୁ ସେମାନେ ପୁଣି ନୃସିଂହନାଥ ପାଇକମାଳ ରାସ୍ତା ଅବରୋଧ କରିଥିଲେ। ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା କର୍ମୀଙ୍କ ସହ ଆନ୍ଦୋଳନରେ ବସିଥିଲେ। ଅପରାହ୍ନ ୪ଟାରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନ କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଗୋବର୍ଦ୍ଧନ ଭୁଏଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଜେଡି କର୍ମୀମାନେ ଆନ୍ଦୋଳନରୁ ଉଠିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ସହ କଥାବାର୍ତ୍ତା ହୋଇ କାର୍ଯ୍ୟାଳୟରୁ ଫେରୁଥିବା ବେଳେ ପାଇକମାଳ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା ଓ ଅନେକ ବିଜେଡି କର୍ମୀ ଯୋଜନାବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିବା ଗୋବର୍ଦ୍ଧନ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୭/୨୪ ଧାରା ୧୯୧(୨), ୧୧୫(୨), ୨୯୬,୩୫୧(୨),୧୧୦,୧୯୦ ବିଏନ୍ଏସ୍ ୩୧ଆରଏସ୨ଭିଏ ଏସ୍‌ସି ଏସ୍‌ଟି ଧାରା ଅନୁସାରେ ଏକ ମାମଲା ରୁଜୁ କରିଥିଲା। ସେହିପରି ବିଜେଡି ପକ୍ଷରୁ ସଞ୍ଜୀବ ବରିହା ଥାନାରେ ଦେଇଥିବା ଅଭିଯୋଗରୁ ଜଣାପଡ଼ିଛି ଯେ, ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରୁ ଫେରିଥିବା ସମୟରେ ଗୋବର୍ଦ୍ଧନ ଓ ଅନ୍ୟ ଭାଜପା କର୍ମୀ ହଠାତ୍ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଜାତିଆଣ ଆକ୍ଷେପ କରିଥିଲେ। ଏଥିସହ ତାଙ୍କଠାରୁ ୫ ହଜାର ଟଙ୍କା ନେଇଯାଇଥିବା ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ପାଇକମାଳ ଥାନାରେ ୨୦୮/୨୪ ଧାରା ୧୯୧(୨),୧୧୫(୨),୨୯୬,୩୫୧(୨),୧୧୦,୧୯୦,୩୦୪(୨) ବିଏନ୍ଏସ୍ ୩୧ଆରଏସ୨ଭିଏ ଏସ୍‌ସି ଏସ୍‌ଟି ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି।

# ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗରେ ୟୁ-ଟର୍ନ ନେଲେ ମୁଖ୍ୟମନ୍ତ୍ରୀ: ବିଜେଡି

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ଓଡ଼ିଶା ରାଜନୈତିକ ଇତିହାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଦଳୀୟ ନେତା ଓ ବିଧାୟକଙ୍କ ଚାପରେ ପଡି କାର୍ଯ୍ୟ କରୁଛନ୍ତି ବୋଲି ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ଏମ୍ପି ସସ୍ମିତ ପାତ୍ର କହିଛନ୍ତି। ଶଙ୍ଖଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଘୋଷଣା ପରବର୍ତ୍ତୀ ସମୟରେ ପୁଣି ବଦଳି ଯାଉଛି। କିଛିଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠାର ଯଥାର୍ଥତା ନାହିଁ। ଦଳୀୟ ନେତା ଓ ବିଧାୟକଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ତା' ପରଦିନ ପୁଣି ଏହା ସରକାରଙ୍କ ବିଚାରାଧୀନ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଭଳି ଆଚରଣ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ଶୋଭନୀୟ ନୁହେଁ। ଗତ ଅଗଷ୍ଟ ୮ ତାରିଖରେ ସସ୍ମିତ ରାଜ୍ୟ ସଭାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିକଟରେ ଏହା ବିଚାରାଧୀନ ଅଛି ଏବଂ ରାଜ୍ୟ ସରକାର ସବିଶେଷ ନିଷ୍ପତ୍ତି ଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ। ସରକାରକୁ ଆସିବାର ୩ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତୀୟ କୌଣସି ନିଷ୍ପତ୍ତି କେନ୍ଦ୍ରକୁ ଅବଗତ କରାଇ ନାହାନ୍ତି। ନିଷ୍ପତ୍ତି ନେବା ପରିବର୍ତ୍ତେ ନିଜେ ବିଧାନସଭାରେ କରିଥିବା ଘୋଷଣାକୁ ଦଳୀୟ ନେତୃମଣ୍ଡଳୀ ଓ ବିଧାୟକଙ୍କ ଚାପରେ ୟୁ ଟର୍ନ ନେଇ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ଓଡ଼ିଶାବାସୀ ଦେଖିଥିଲେ, କିନ୍ତୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଅସହାୟତା ଦେଖି ରାଜ୍ୟବାସୀ ଅତ୍ୟନ୍ତ ଦୁଃଖିତ। ରବିବାର ସୁଦ୍ଧା ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବେ ବୋଲି ଆମେ ଅନୁରୋଧ କରୁଛୁ। ନଚେତ୍ ରାଜ୍ୟବାସୀ ଅନୁଭବ କରିବେ ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ମିଥ୍ୟା ପ୍ରତିଶ୍ରୁତି ଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ମୁଖ୍ୟମନ୍ତ୍ରୀ ଚାହୁଁ ନାହାନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି, ପ୍ରିୟବ୍ରତ ମାଝୀ ଏବଂ ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ।

## ଅନ୍ୟାନ୍ୟ ଖବର

# 'ବ୍ଲୁ ଇକୋନୋମି' କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ

**'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪' ଉଦ୍‌ଯାପିତ**

**'ମେରାଇନ ବାୟୋଟେକ୍ନୋଲୋଜି' ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି ଓଡ଼ିଶା ସରକାର**

ଭୁବନେଶ୍ୱର,୧୪।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଅର୍ଥନୀତିକୁ ଆଗାମୀ ଦିନରେ ସମୃଦ୍ଧ କରିବ ବାୟୋଟେକ୍ନୋଲୋଜି କ୍ଷେତ୍ର। ଏଥିରେ ସାମୁଦ୍ରିକ ଜୈବ-ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାର ଠିକ ଉପଯୋଗ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଚାଲିଥିବା 'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪'ର ଉଦ୍‌ଯାପନୀ ଦିବସରେ 'ଟ୍ୟାପିଂ ଦ ବ୍ଲୁ ଇକୋନମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ କରାଯାଇଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ପାତ୍ର ଓଡ଼ିଶାରେ ଥିବା ବ୍ୟାପକ ସାମୁଦ୍ରିକ ସମ୍ବଳ କିପରି ଭାରତୀୟ ବାୟୋ-ଅର୍ଥନୀତିକୁ ସମୃଦ୍ଧ କରିବ ତା' ଉପରେ ଭିତ୍ତି ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ରହିଛି। ଏହାକୁ ଆଧାରକରି 'ମେରାଇନ ବାୟୋଟେକ୍ନୋଲୋଜି' କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରୁଛନ୍ତି। ଏହି ସାମୁଦ୍ରିକ ସମ୍ବଳ ସହିତ ଜ୍ଞାନକୌଶଳ ଉପଯୋଗ କରାଯାଇ କିପରି ଆଧୁନିକ ବାୟୋଟେକ୍ନୋଲୋଜି ଓ ଆନୁଷଙ୍ଗିକ ଶିଳ୍ପ ବିକଶିତ ହୋଇପାରିବ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି। ଭାରତ ସାମୁଦ୍ରିକ ସମ୍ବଳରେ ସମୃଦ୍ଧ ଦେଶ। ତେଣୁ ବିଭିନ୍ନ ସାମୁଦ୍ରିକ ସମ୍ବଳ ସହିତ ଏହାକୁ ଆଧାରକରି ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ବିଭିନ୍ନ ଶିଳ୍ପ ଓ କାରବାରକୁ 'ବ୍ଲୁ ଇକୋନମି' ବା 'ନୀଳ ଅର୍ଥନୀତି' ଭାବେ ବର୍ଣ୍ଣନା କରାଯାଉଛି। ବିଭାଗ ଆଗାମୀ ଦିନରେ ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ତଟ ଉପରେ ବ୍ୟାପକ ଗବେଷଣା ଲାଗି ଯୋଜନା କରୁଛି। ଏହି ଗବେଷଣାରୁ ଯେଉଁ ଫଳାଫଳ ବାହାରିବ ତାକୁ ଆଧାରକରି ରାଜ୍ୟରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ମୂଳଦୁଆ ପଡିବ। ଷ୍ଟାର୍ଟଅପ ଏବଂ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଫଳରେ ଓଡ଼ିଶା ଦିନେ ଭାରତୀୟ 'ବ୍ଲୁ ଇକୋନମି' କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିବ ବୋଲି ବୋଲି ମନ୍ତ୍ରୀ କହିଛନ୍ତି। ବିଆଇଆର୍‌ଏସିର ପରିଚାଳନା ନିର୍ଦ୍ଦେଶକ ଡ. ଜିତେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ବିସିକେଆଇସି ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ପ୍ରାରମ୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। 'ଗ୍ଲୋବାଲ ବାୟୋ ଇଣ୍ଡିଆ' କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ 'ଷ୍ଟେଟ ରାଉଣ୍ଡ ଟେବଲ' ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଯୋଗଦେଇ ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ଓଡ଼ିଶାରେ ଥିବା ବିପୁଳ ସମ୍ଭାବନା ଏବଂ ରାଜ୍ୟ ସରକାରଙ୍କ ନିବେଶ ଅନୁକୂଳ ସ୍ୱତନ୍ତ୍ର ଶିଳ୍ପ ନୀତି ବିଷୟରେ ଉପସ୍ଥାପନ କରିଥିଲେ।




ଗ୍ଲୋବାଲ ବାୟୋ ଇଣ୍ଡିଆରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ।

# ସ୍କୁଲ ଅଟୋକୁ ଧକ୍କାଦେଲା କଣ୍ଟେନର, ୩ ଛାତ୍ରୀ ଗୁରୁତର

ସମ୍ବଲପୁର,୧୪।୯(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ମାନେଶ୍ୱର ନିକଟ ହାଲିପାଲି ଗ୍ରାମ ନିକଟରେ ଶନିବାର ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଅଟୋକୁ ଏକ କଣ୍ଟେନର ଧକ୍କା ଦେଇଥିଲା। ଏଥିରେ ଅଟୋଚାଳକ ବାସୁଦେବ କଲେତଙ୍କ ସହ ୩ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାଙ୍କରପାଲିର ପରିଣିତା ମିଶ୍ର(୧୪), ପ୍ରିୟମ୍ବଦା ମିଶ୍ର(୧୩) ଓ ମୌସୁମୀ ପ୍ରଧାନ(୧୪)। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ପରେ କଣ୍ଟେନର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୭ଟାରେ ଝାଙ୍କରପାଲିରୁ ସମ୍ବଲପୁର ରାଷ୍ଟ୍ରୀୟ ଗୋପାଲ ବିଦ୍ୟାମନ୍ଦିରରେ ପଢୁଥିବା ଉପରୋକ୍ତ ୩ ଛାତ୍ରୀଙ୍କୁ ଅଟୋ(ନଂ. ଓଡି-୧୫ଏଚ୍-୯୮୩୭)ରେ ନେଇ ଚାଳକ ବାସୁଦେବ ସମ୍ବଲପୁର ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର(ଏମ୍ଏଚ୍-୧୨-ୱାଇଏଫ୍-୬୨୧୩)ଟି ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଅଟୋର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ୨ ଛାତ୍ରୀ।



କଣ୍ଟେନର ଧକ୍କାରେ କ୍ଷତିଗ୍ରସ୍ତ ଅଟୋ।

## ପ୍ରଥମ ପୃଷ୍ଠାରୁ...

### ସୁଭଦ୍ରା: ଆଜି ସୁଦ୍ଧା ଆବେଦନ...

୧୭ରେ ପ୍ରଥମ କିସ୍ତି ମିଳିବ। ଏହାପରେ ମଧ୍ୟ ଆବେଦନ ପ୍ରକ୍ରିୟା ଜାରି ରହିବ। ପରବର୍ତ୍ତୀ ସମୟରେ ଅବଶିଷ୍ଟ ଯୋଗ୍ୟ ହିତାଧିକାରୀଙ୍କୁ ପୁଣି ପ୍ରଥମ କିସ୍ତି ଟଙ୍କା ଦିଆଯିବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଏବଂ ଯୋଜନାକୁ ସଫଳ କରିବା ପାଇଁ ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକ ସ୍ତରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଧାୟକ ଏବଂ ଦଳୀୟ ନେତା ଉପସ୍ଥିତ ରହିବେ।

ରବିବାର ରାଜଧାନୀରୁ ଆରମ୍ଭକରି ପ୍ରତି ପଞ୍ଚାୟତରେ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଆୟୋଜନ କରାଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସାମିଲ ହେବେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ ଲକ୍ଷ ମହିଳାଙ୍କୁ ସାମିଲ କରିବା ପାଇଁ ଯୋଜନା କରାଯାଇଛି। ସେହିପରି ବ୍ଲକରେ ୫ ହଜାର ଲେଖାଏ ମହିଳାଙ୍କୁ ଏକାଠି କରି ଏଲଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ। ପଞ୍ଚାୟତ ସ୍ତରରେ ସୁଭଦ୍ରା ସ୍ୱାଗତ ସପ୍ତାହ ପାଳନ ହେବ। ପ୍ରତି ଅଞ୍ଚଳରେ ଜଣେ ଜଣେ ସଫଳ ମହିଳାଙ୍କୁ ବାଛି 'ସୁଭଦ୍ରା ଅପା' ଆଖ୍ୟା ଦିଆଯିବ। ଅନ୍ୟପକ୍ଷରେ ସମସ୍ତ ବିଭାଗର ଚିଠି ଏବଂ ଇ-ମେଲରେ ସୁଭଦ୍ରା ଲୋଗୋ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସବୁ ବିଭାଗର ୱେବ୍‌ସାଇଟ ଓ ପୋର୍ଟାଲ ଏବଂ ଆପରେ ସୁଭଦ୍ରାର ଲିଙ୍କ୍ ପ୍ରଦର୍ଶନ ପାଇଁ କୁହାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବାଣ୍ଟିବେ। ଓଡ଼ିଶାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଏନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ସେହି ଦିନ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପ୍ରଥମ କିସ୍ତି ବାବଦକୁ ୩୧୮୦ କୋଟି ଟଙ୍କା ପଠାଯିବ।

### ୧୭ରେ ଭୁବନେଶ୍ୱରର ସବୁ ସ୍କୁଲ କଲେଜ ଛୁଟି ସରକାରୀ କାର୍ଯ୍ୟାଳୟ ଅଧାଦିନ ଛୁଟି

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୧୭ରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏଥିପାଇଁ ଭୁବନେଶ୍ୱରରେ ବିପୁଳ ଜନ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ସମସ୍ତ ସ୍କୁଲ, କଲେଜ ସେଦିନ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟଗୁଡିକ ପ୍ରଥମାର୍ଦ୍ଧରେ ଛୁଟି ରହିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

### ଚାଇନା କମ୍ପାନୀରେ ...

ବୁଚ୍ ଦମ୍ପତି ଶୁକ୍ରବାର ଏହାକୁ ଖଣ୍ଡନ କରିଥିଲେ। ମାଧବୀ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଗ୍ରୁପ୍‌ର ମାମଲାରେ ମଧ୍ୟସ୍ଥତା କରୁଥିବାବେଳେ ତାଙ୍କ ସ୍ୱାମୀ ଉକ୍ତ ସଂସ୍ଥାରୁ ୪.୭୮ କୋଟି ଟଙ୍କା ଗ୍ରହଣ କରିଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ମାଧବୀ ସେବିରେ ଯୋଗଦେବା ପରେ ମହିନ୍ଦ୍ରା ଗ୍ରୁପ୍, ଆଗୋରା ଆଡଭାଇଜରି, ଆଗୋରା ପାର୍ଟନର୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ପିଡିଲାଇଟ୍, ଡ. ରେଡିସ୍, ଆଲଭାରେଜ୍ ଆଣ୍ଡ ମାର୍ସାଲ, ସେମ୍ବକର୍ପ, ଭିସୁ ଲିଜିଙ୍ଗ କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ସହ ସମ୍ପୃକ୍ତ କୌଣସି ଫାଇଲ କଦାପି ଡିଲ୍ କରି ନ ଥିବା ବୁଚ୍ ଦମ୍ପତି ଏକ ବିବୃତିରେ କହିଥିଲେ। ସୂଚନାଯୋଗ୍ୟ, ସେବି ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ସଂସ୍ଥା ଅଭିଯୋଗ ଆଣିବା ସତ୍ତ୍ୱେ ସେ ବହୁ ସପ୍ତାହ ହେଲା ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଆସୁଥିବା ନେଇ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ବୁଧବାର ପ୍ରଶ୍ନ ଉଠାଇବାରୁ ଶୁକ୍ରବାର ମାଧବୀ ଓ ଧବଳ ବୁଚ୍ ଗଣମାଧ୍ୟମକୁ ଆସି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ।

### ମହାକାଶରୁ ଭୋଟ ...

ନେଇ ଯାଇଥିବା ବୋଇଂର ଷ୍ଟାରଲାଇନ୍ ମହାକାଶ ଯାନରେ ତ୍ରୁଟି ଦେଖାଦେବାରୁ ସେମାନଙ୍କୁ ନ ଆଣି ଫେରିଆସିଥିଲା। ସ୍ପେସ୍‌ଏକ୍ସ ମହାକାଶ ଯାନରେ ସେମାନଙ୍କୁ ଫେରିବା ପାଇଁ ଆଗାମୀ ଫେବୃଆରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସୁନୀତା କହିଛନ୍ତି, ମହାକାଶ କେନ୍ଦ୍ର ତାଙ୍କ ପାଇଁ ସୁଖଦ ସ୍ଥାନ ଏବଂ ସେ ସେଠାରେ ରହିବାକୁ ଭଲ ପାଆନ୍ତି। ମହାକାଶ କେନ୍ଦ୍ରରେ ଜୀବନ ଅତିବାହିତ କରିବା କଷ୍ଟକର ନୁହେଁ, କାରଣ ଉଭୟ ମହାକାଶଚାରୀଙ୍କର ପୂର୍ବ ଅଭିଜ୍ଞତା ରହିଥିବା ସୁନୀତା କହିଛନ୍ତି। ଷ୍ଟାରଲାଇନରରେ ଫେରିଯିବାକୁ ଆମେ ଚାହୁଁଥିଲୁ, କିନ୍ତୁ ସେଥିରେ ସମସ୍ୟା ଦେଖାଦେବାରୁ ଆମକୁ ପରବର୍ତ୍ତୀ ସୁଯୋଗ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କହିଛନ୍ତି। ସେ ଭୋଟ ଦେବା ପାଇଁ ବାଲଟ ପଠାଇବା ନିମନ୍ତେ ଆମେରିକା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ନାସା ଉଦ୍ୟମରେ ସେମାନେ ସହଜରେ ମହାକାଶରୁ ଭୋଟ ଦେଇପାରିବେ ବୋଲି କହିଛନ୍ତି। ତେବେ ସେମାନେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିମ୍ବା ବର୍ତ୍ତମାନର ଉପରାଷ୍ଟ୍ରପତି କମଳା ହାରିସ୍, କାହାକୁ ଭୋଟ ଦେବେ କହିନାହାନ୍ତି। ସୂଚନାଯୋଗ୍ୟ, ୧୯୯୭ରୁ ଆମେରିକୀୟ ମହାକାଶଚାରୀମାନେ ମହାକାଶରେ ଥାଇ ଭୋଟ ଦେଇଆସୁଛନ୍ତି। ନାସା କର୍ମଚାରୀମାନଙ୍କୁ ମହାକାଶରୁ ଭୋଟ ଦେବା ପାଇଁ ସୁଯୋଗ ଦେବା ନିମନ୍ତେ ଟେକ୍ସାସ୍ ବିଧାନସଭା ୧୯୯୭ରେ ବିଲ୍ ଗୃହୀତ କରାଇଥିଲା। ସେହିବର୍ଷ ମହାକାଶଚାରୀ ଡାଭିଡ୍ ଓଲ୍ଫ ପ୍ରଥମ ଆମେରିକୀୟ ଭାବେ ମିର୍ ସ୍ପେସ୍ ଷ୍ଟେଶନରେ ଥାଇ ଭୋଟ ଦେଇଥିଲେ। ୨୦୨୦ରେ ନାସା ମହାକାଶଚାରୀ କେଟ୍ ରୁବିନ୍ସ ମଧ୍ୟ ମହାକାଶରୁ ଭୋଟ ଦେଇଥିଲେ।

# ଝଡ଼ବର୍ଷାରେ ଭାଙ୍ଗିଲା ଟେଣ୍ଟ, ୫ ଗୁରୁତର

ପାଲଲହଡା,୧୪।୯ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପ୍ରବଳ ଝଡ଼ବର୍ଷା ଯୋଗୁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ଷ୍ଟାଡିୟମଠାରେ ଭସାଣି ଉତ୍ସବ ପାଇଁ ଲଗାଯାଇଥିବ ଟେଣ୍ଟ ଭାଙ୍ଗିଯାଇଛି। ଫଳରେ ଏହା ତଳେ ଚାପି ହୋଇ କମିଟିର ୫ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଡଭାନୀ ସାହୁ, ରମେଶ ଚନ୍ଦ୍ର ସାମଲ ଏବଂ ରମେଶ ତ୍ରିବିଡଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରାକର ନାୟକଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ବିଧାୟକ ଅଶୋକ ମହାନ୍ତି, ଉପଜିଲାପାଳ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ପଚାରି ବୁଝିଛନ୍ତି।

**ନିଃଶୁଳ୍କ ଆଧାର ସଂଶୋଧନ ସମୟସୀମା ବୃଦ୍ଧି**

ନୂଆଦିଲ୍ଲୀ: ଆଧାର କାର୍ଡଧାରୀମାନେ ବିନା ଦେୟରେ ଆଧାର ସଂଶୋଧନ (ଅପ୍‌ଡେଟ୍) କରିବା ସମୟସୀମା ବୃଦ୍ଧି କରାଯାଇଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ଏହି ସୂଚନା ମିଳିଛି। ଶନିବାର ୟୁଆଇଡିଏଆଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ ଶେୟାରକରି ଏ ବିଷୟରେ ସୂଚନା ଦେଇଛି। ସେପ୍ଟେମ୍ବର ୧୪ରେ ଶେଷ ହେଉଥିବା ନିଃଶୁଳ୍କ ଆଧାର ସଂଶୋଧନ ସମୟସୀମା ବର୍ତ୍ତମାନ ୩ ମାସ ବୃଦ୍ଧି କରାଯାଇଛି। ଏହି କ୍ରମରେ ଡିସେମ୍ବର ୧୪ ଯାଏଁ ଏହି ପ୍ରକ୍ରିୟା ଜାରି ରହିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ପ୍ରିୟାଂସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭୩% ଭାରତୀୟ ଗ୍ରାହକଙ୍କ ପସନ୍ଦ ଅନ୍‌ଲାଇନ ଶପିଂ

**ନୂଆଦିଲ୍ଲୀ,୧୪।୯ (ଅଭୟ ଦାଶ)**

ବ୍ୟସ୍ତବହୁଳ ଜୀବନ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ସବୁ ବର୍ଗର ଭାରତୀୟ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ କିଣାକିଣି କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଅନେକ ସୁବିଧା ଓ ଇ-କର୍ମସ କମ୍ପାନୀଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ହୋମ୍ ଡେଲିଭରି ସୁବିଧା ଯୋଗାଇଦେଉଥିବାରୁ ପ୍ରାୟ ୭୩% ଭାରତୀୟ ଅନ୍‌ଲାଇନ ଶପିଂକୁ ପସନ୍ଦ କରୁଥିବା ଆମାଜନ୍ ଇଣ୍ଡିଆ ଦ୍ୱାରା ଇପ୍‌ସୋସ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏପରିକି ଭାରତ ବାର୍ଷିକ ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାହକମାନେ ମଧ୍ୟ ଚଳିତ ବର୍ଷ ଫେଷ୍ଟିଭାଲ ଶପିଂ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଅଧ୍ୟୟନ ବା ସର୍ଭେରେ ଭାଗନେଇଥିବା ଭାରତୀୟଙ୍କ ମଧ୍ୟରୁ ୮୯% ଗ୍ରାହକ ଆଗାମୀ ପର୍ବକୁ ନେଇ ଉତ୍ସାହ ପ୍ରକାଶ କରିଥିବାବେଳେ ୭୧% ଗ୍ରାହକ ଚଳିତ ପାର୍ବଣ ଋତୁରେ ଅନ୍‌ଲାଇନ ଶପିଂ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେହିଭଳି ଅନ୍‌ଲାଇନ ଶପିଂ କରିବାକୁ ଚାହୁଁଥିବା ପ୍ରାୟ ୫୦% ଅଂଶଗ୍ରହଣକାରୀ ଗ୍ରାହକ କହିଛନ୍ତି, ସେମାନେ ଗତ ବର୍ଷ ତୁଳନାରେ ଅନ୍‌ଲାଇନ ଫେଷ୍ଟିଭାଲ ଶପିଂରେ ଅଧିକ ଖର୍ଚ୍ଚ କରିବେ। ଏପରିକି ପାର୍ବଣ ସମୟର କିଣାକିଣି ପାଇଁ ଅପେକ୍ଷାକରି ରହିଛନ୍ତି। ଏହି କ୍ରମରେ ମେଟ୍ରୋ ସହରର ୫୫% ଏବଂ ଟିୟର-୨ ସହର (୧୦ରୁ ୪୦ ଲକ୍ଷ ଜନସଂଖ୍ୟା ଥିବା ସହରରେ ୪୩%)ର ଗ୍ରାହକମାନେ ଅନ୍‌ଲାଇନରେ ଶପିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉକ୍ତ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଆମାଜନ ଏକ ପସନ୍ଦର ଅନ୍‌ଲାଇନ ଶପିଂ ଗନ୍ତବ୍ୟସ୍ଥଳ ପାଲଟିଛି। ୭୩%ରୁ ଅଧିକ ଉତ୍ତରଦାତା ସେମାନଙ୍କ ପର୍ବପର୍ବାଣି ଆବଶ୍ୟକତା ପାଇଁ ଆମାଜନ ଉପରେ ବିଶ୍ୱାସ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ୭୫% ଭାରତୀୟ ଗ୍ରାହକ ଆମାଜନ୍ ଇଣ୍ଡିଆକୁ ଏକ ବିସ୍ତୃତ ଉତ୍ପାଦ ପ୍ରଦାନ କରୁଥିବା ବିବେଚନା କରିଛନ୍ତି ଏବଂ ୭୨% ଆମାଜନରେ ବିକ୍ରେତାମାନେ ଆକର୍ଷଣୀୟ ଡିଲ୍ ପ୍ରଦାନ କରୁଥିବା ବିବେଚନା କରିଥିଲାବେଳେ ୭୩% ଏହାକୁ ଏକ ବିଶ୍ୱସନୀୟ ଏବଂ ଉତ୍କୃଷ୍ଟ ଅନ୍‌ଲାଇନ ଶପିଂ ଡେଷ୍ଟିନେଶନ ଭାବେ ଦେଖୁଛନ୍ତି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟାଟେଗୋରି ଲିଡରଶିପ୍ ଭାଇସ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ କହିଥିଲେ, ଆମେ ଆମ ଗ୍ରାହକଙ୍କ ନିକଟରେ କୃତଜ୍ଞ ରହିଛୁ ଏବଂ ସେମାନେ ଆମ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି, ସେଥିପାଇଁ ଆମେ ଋଣୀ ରହିଛୁ। ଏପରିକି ପାର୍ବଣ ଅବଧି ଆମ ପାଇଁ ବିଶାଳ ଚୟନ, ମହାନ୍ ମୂଲ୍ୟ ସହ ଅତ୍ୟନ୍ତ ବିଶ୍ୱସନୀୟ ଏବଂ ନିରବଚ୍ଛିନ୍ନ ସପିଂ ଅଭିଜ୍ଞତା ସହିତ ଗ୍ରାହକମାନଙ୍କୁ ଆନନ୍ଦିତ କରିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ, ଯାହା ଉପଭୋକ୍ତା ପସନ୍ଦକୁ ପ୍ରତିଫଳିତ କରିଛି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ଇପ୍‌ସୋସ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ଅମିତ ଆଦରକର କହିଛନ୍ତି, ଆମର ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ସହରାଞ୍ଚଳ ଭାରତୀୟ ଗ୍ରାହକ ଉତ୍ସାହର ସହ ପାର୍ବଣ ଶପିଂକୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ୭୬% ଗ୍ରାହକ ଯେକୌଣସି ସମୟ ଓ ସ୍ଥାନରେ କିଣାକିଣି କରିବାର କ୍ଷମତାକୁ ପ୍ରଶଂସା କରିଛନ୍ତି। ଏପରିକି ୭୪% ଦ୍ରୁତ ଡେଲିଭରି, ୭୫% ଅସଲି ଉତ୍ପାଦ ପ୍ରଦାନ ପାଇଁ ଅନ୍‌ଲାଇନ ଶପିଂ ଇଭେଣ୍ଟକୁ ବିଶ୍ୱାସ କରିଥିବାବେଳେ ୭୫% ନୋ-କଷ୍ଟ ଇଏମ୍‌ଆଇ ଭଳି ସୁଲଭ ଦେୟ ବିକଳ୍ପ ସହିତ ଅନ୍ୟ କେତେକ ପ୍ରମୁଖ କାରଣ ପାଇଁ କ୍ରୟ କରିଥାନ୍ତି। ଫଳରେ ଗ୍ରାହକମାନଙ୍କୁ ପାର୍ବଣଋତୁରେ ଅନ୍‌ଲାଇନ ଶପିଂ କରିବାକୁ ପ୍ରୋତ୍ସାହିତ କରିଥାଏ। ଅନ୍‌ଲାଇନ ସେଲ୍ ଇଭେଣ୍ଟ ସମୟରେ ଟ୍ରେଣ୍ଡି ଫ୍ୟାଶନ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆମାଜନ ଚଳିତ ପାର୍ବଣ ଋତୁରେ ପୋଷାକ, ଜୋତା ଏବଂ ଫ୍ୟାଶନ୍ ଆକ୍ସେସରିଜ୍ (୩୫%) ଏବଂ ବିୟୁଟି (୩୪%) ଗ୍ରାହକଙ୍କ ପାଇଁ ପସନ୍ଦର ଅନ୍‌ଲାଇନ ଶପିଂ ମାର୍କେଟପ୍ଲେସ୍ ଭାବେ ଉଭା ହୋଇଛି, ଫେଷ୍ଟିଭାଲ୍ ସ୍ପିରିଟ୍ ଫ୍ୟାଶନରେ ବିସ୍ତାରିତ ହୋଇଥିବାବେଳେ ୮୩% ଲୋକ ପୋଷାକ, ଜୋତା ଏବଂ ଆକ୍ସେସରିଜ୍ ଉପରେ ଭଲ ଡିଲ୍ ପାଇଛନ୍ତି। ସେହିଭଳି ୭୩% ସହମତ ହୋଇଛନ୍ତି ଯେ ପାର୍ବଣ ଋତୁର ଅନ୍‌ଲାଇନ ସେଲ୍ ଇଭେଣ୍ଟରେ ପୋଷାକ, ଜୋତା ଏବଂ ଅନ୍ୟାନ୍ୟ ଫ୍ୟାଶନ ପ୍ରଡକ୍ଟ ପାଇଁ ଆବଶ୍ୟକ ସମସ୍ତ ଜିନିଷ ଉପଲବ୍ଧ ହୋଇଥାଏ। ଏପରିକି ଅନ୍‌ଲାଇନରେ ପୋଷାକ, ଜୋତା ଏବଂ ଫ୍ୟାଶନ ଆକ୍ସେସରିଜ୍ କିଣିବା ଉଦ୍ଦେଶ୍ୟରେ ଜେନ୍-ଜେଡ୍ ୮୬% ସହିତ ଅଗ୍ରଣୀ ହାସଲ କରିଛି। ସେହିପରି ୮୨% ସହମତ ହୋଇଛନ୍ତି ଯେ ଅନ୍‌ଲାଇନ ଫେଷ୍ଟିଭ୍ ସେଲ୍ ଇଭେଣ୍ଟରେ ଆକର୍ଷଣୀୟ ରିହାତି ଏବଂ ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ବ୍ରାଣ୍ଡଗୁଡିକ ପାଇଁ ମଧ୍ୟ ଏହା ଉପଲବ୍ଧ। ଅନ୍‌ଲାଇନ ସେଲ୍ ଇଭେଣ୍ଟ ସମୟରେ ଗ୍ରୋସରି କିଣିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ୩୫% କହିଛନ୍ତି ଯେ ଆମାଜନ୍ ପାର୍ବଣ ଋତୁରେ ସେମାନଙ୍କର ଅନ୍‌ଲାଇନ ଶପିଂ ଆପ୍ ଭାବେ ପରିଗଣିତ ହୋଇଛି।




## ଏନ୍‌ଟିପିସିର ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ




**କଣିହାଁ,୧୪।୯(ସଚ୍ଚିଦାନନ୍ଦ ପ୍ରଧାନ)**

ଏନ୍‌ଟିପିସି କଣିହାଁ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ଏନ୍‌ଟିପିସି ପିଟିଏସ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ. ସେହଗଲ ଯୋଗଦେଇ ସ୍ୱଚ୍ଛ ରହିବା ପାଇଁ ଆହ୍ୱାନ ଦେବା ସହ ଶପଥ ପାଠ କରାଇଥିଲେ। ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପିଟିଏସ୍ ଟାଉନଶିପ୍‌ରେ ଏକ ପ୍ରଭାତଫେରି ଆୟୋଜନ କରାଯାଇଥିଲା। ଏଥିରେ ଏନ୍‌ଟିପିସିର ସମସ୍ତ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ଟାଉନଶିପ ବାସିନ୍ଦା, ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ସ୍ୱଚ୍ଛତା ପକ୍ଷ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜିଓଫୋନ୍‌ର ନୂତନ ମଡେଲ ପ୍ରାଇମା-୨




**ମୁମ୍ବାଇ,୧୪।୯ (ଅଭୟ ଦାଶ)**

ରିଲାଏନ୍ସ ଜିଓର ନୂତନ ମଡେଲ 'ପ୍ରାଇମା-୨'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ନୂଆ ଜିଓଫୋନ୍ (ଜିଓଫୋନ ପ୍ରାଇମା-୨)କୁ କମ୍ପାନୀ ଭାରତୀୟ ବଜାରରେ ଉପଲବ୍ଧ କରାଯାଇଛି। ସେହିଭଳି ୪ଜି କାଇ-ଓଏସ୍‌ରେ କାର୍ଯ୍ୟ କରୁଥିବା ଜିଓଫୋନ୍ ପ୍ରାଇମା-୨ ରେ କ୍ୱାଲକମ୍ ପ୍ରୋସେସର ସାମିଲ ରହିଛି। ଏଥିରେ ୫୧୨ଏମ୍‌ବି ରାମ୍ ଏବଂ ସମସ୍ତ ଆପ୍ସକୁ ହୋଷ୍ଟ କରିବା ପାଇଁ ୪ ଜିବି ଆଭ୍ୟନ୍ତରୀଣ ମେମୋରି ସହିତ ୧୨୮ଜିବି ପର୍ଯ୍ୟନ୍ତ ବାହ୍ୟ ଏସ୍‌ଡି କାର୍ଡ ବ୍ୟବହାର ପାଇଁ ସୁବିଧା ରହିଛି। ଏହି ଫୋନରେ ୨.୪ ଇଞ୍ଚର ଏଲ୍‌ସିଡି ସ୍କ୍ରିନ୍ ଏବଂ ୨୦୦୦ ଏମ୍‌ଏଏଚ୍ ବ୍ୟାଟେରି ମଧ୍ୟ ରହିଛି। ଏଥିରେ ଡିଜିଟାଲ ସେଲ୍‌ଫି ଏବଂ ପଛ କ୍ୟାମେରା ମଧ୍ୟ ରହିଛି, ଯାହା ଗ୍ରାହକଙ୍କୁ ଫଟୋ ଉଠାଇବା ଏବଂ ଭିଡିଓ କରିବା ସୁବିଧା ଦେଇଥାଏ। ଏପରିକି ମ୍ୟୁଜିକ୍ ପାଇଁ ବ୍ଲୁଟୁଥ୍ ୫.୦ ଏବଂ ୱାଇ-ଫାଇ ସପୋର୍ଟ ସହିତ ୩.୫ମି.ମି. ହେଡ୍‌ଫୋନ୍ ଜ୍ୟାକ୍ ରହିଛି। ଏହି ଫୋନ୍ ଇଂରାଜୀ ଏବଂ ୨୨ଟି ଭାରତୀୟ ଭାଷାକୁ ସପୋର୍ଟ କରୁଛି। ଜିଓଫୋନ୍ ପ୍ରାଇମା-୨ ଫିଚର ଫୋନବର୍ଗରେ ଏକ ଫ୍ଲାଗଶିପ୍ ଫୋନ୍ ଭାବେ ସବୁଠାରୁ ଆଗରେ ରହିଛି। ଏହାର ବଜାର ମୂଲ୍ୟ ମାତ୍ର ୨୭୯୯ ଟଙ୍କା ରହିଛି।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ପ୍ରିୟାଂସୀ ରଥ**

ପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ, ଦୀର୍ଘାୟୁ ହୁଅ, ଯଶସ୍ୱୀ ହୁଅ ।

ଶୁଭେଚ୍ଛା ସହ- ମାମା (ମଧୁସ୍ମିତା), ପାପା (ଦେବବ୍ରତ), ଅଜ୍ଜୁନାନୀ, ମାମୁନିନାନୀ ଏବଂ ପରିବାରବର୍ଗ ।

ଧ-୭୫୭୮୦

## ଏଚ୍‌ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ




**ଭୁବନେଶ୍ୱର,୧୪।୯ (ଅଭୟ ଦାଶ)**

ଭାରତର ହୋଟେଲଗୁଡ଼ିକର ସର୍ବୋଚ୍ଚ ସଂସ୍ଥା ହୋଟେଲ ଆସୋସିଏସନ ଅଫ୍ ଇଣ୍ଡିଆପ(ଏଚ୍‌ଏଆଇ)ର ସମ୍ପାଦକ ଡ. ଜେ.କେ.ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଚ୍‌ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଏଚ୍‌ଏଆଇର ସଭାପତି ତଥା ରେଡିସନ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ଅଧ୍ୟକ୍ଷ କେ.ବି.କାଚ୍ରୁ, ଏଚ୍‌ଏଆଇର ଉପସଭାପତି ତଥା ଇଣ୍ଡିଆନ ହୋଟେଲ୍ସ କମ୍ପାନୀ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ (ଓପିଏସ୍) ରୋହିତ ଖୋସ୍‌ଲା, ଏଚ୍‌ଏଆଇ ସଦସ୍ୟ ତଥା ସମ୍ପାଦକ ଏବଂ ସ୍ୱସ୍ତି ପ୍ରିମିୟମ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଜେ.କେ.ମହାନ୍ତି, ଏଚ୍‌ଏଆଇ ସଦସ୍ୟ ତଥା ମହାସଚିବ ଏମ୍.ପି. ବେଜବରୁଆ, ଇଆଇଏଚ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ବିକ୍ରମ ଓବେରୟ, ସରୋବର ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଜୟ ବକାୟା ଏବଂ କର୍ପୋରେଟ୍ ଆଣ୍ଡ ଲିଗାଲ୍ ଆଫେୟାର୍ସ ଇଆଇଏଚ୍ ଲିମିଟେଡ୍‌ର ସଭାପତି ଆର୍. ଶଙ୍କର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ଏ ନେଇ ଏଚ୍‌ଏଆଇର ସଭାପତି ତଥା ରେଡିସନ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ଅଧ୍ୟକ୍ଷ କେ.ବି. କାଚ୍ରୁ କହିଥିଲେ, ଆସୋସିଏସନ ଏବଂ ଆତିଥେୟତା କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ଓଡ଼ିଶା ଚାପ୍ଟରକୁ ଉପସ୍ଥାପନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅଧ୍ୟାୟ ଆମକୁ ଏଚ୍‌ଏଆଇ(ହାଇ) ହୋଟେଲ ସଦସ୍ୟଙ୍କ ସହାୟତାରେ ରାଜ୍ୟର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ।

## ବାଦଶାହା ଡାଇସନ୍‌ର ବ୍ରାଣ୍ଡ୍ ଆମ୍ବାସାଡର

**ନୂଆଦିଲ୍ଲୀ,୧୪।୯ (ଅଭୟ ଦାଶ)**

ଦେଶର ପ୍ରମୁଖ ଇ-ବ୍ରାଣ୍ଡ୍ ତଥା ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ 'ଡାଇସନ୍'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଭାରତର ଲୋକପ୍ରିୟ ରାପର ଓ ମ୍ୟୁଜିକ ଆଇକନ ବାଦଶାହଙ୍କୁ ନିଯୁକ୍ତ କରାଯାଇଛି। ସେ ଭାରତ ପାଇଁ ଡାଇସନ୍ ଅନ୍‌ଟ୍ରାକ୍‌ଟିଏମ ହେଡ୍‌ଫୋନ୍‌ର ନୂଆ ଚେହେରା (ଆମ୍ବାସାଡର) ହୋଇଛନ୍ତି। ସେହିଭଳି ଉଭୟଙ୍କ ମଧ୍ୟରେ ଏହି ସହଭାଗିତା ୨୦୨୪ ସେପ୍ଟେମ୍ବର ୨୩ ରେ ହେବାକୁ ଥିବା ଡାଇସନ୍‌ର ପ୍ରଥମ ହାଇ-ଫିଡେଲିଟି, ଅଡିଓ-ଓନଲି ହେଡ୍‌ଫୋନ୍ 'ଡାଇସନ୍ ଅନ୍‌ଟ୍ରାକ୍ ଟିଏମ୍ ହେଡ୍‌ଫୋନ୍‌ସ'ର ବହୁ ପ୍ରତୀକ୍ଷିତ ଉନ୍ମୋଚନ ସହ ଆରମ୍ଭ ହେବ।

ଏ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, ଭାରତରେ ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍‌ର ଉନ୍ମୋଚନ କରିବା ପାଇଁ ଆମର ପ୍ରଥମ ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍‌ର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ରାପର୍ ବାଦଶାହଙ୍କ ନାମ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ହେଡ୍‌ଫୋନ୍ ଏକ ଉଚ୍ଚ ପ୍ରଦର୍ଶନକ୍ଷମ ଡିଜାଇନ ମାଧ୍ୟମରେ ଚମତ୍କାର ସାଉଣ୍ଡ ଗୁଣବତ୍ତା ପ୍ରଦାନ କରୁଛି, ଯାହା ବିଗତ ୩୦ ବର୍ଷର ଏରୋଆକୌଷ୍ଟିକ ରିସର୍ଚ୍ଚ ଦ୍ୱାରା ସମର୍ଥିତ ବୋଲି କୁହାଯାଉଛି। ଭାରତର ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍‌ସ ଆମ୍ବାସାଡର ବାଦଶାହା କହିଛନ୍ତି, ସଙ୍ଗୀତ ହେଉଛି ମୋ ପାଇଁ ଜୀବନ ଏବଂ ମୁଁ ଉତ୍କୃଷ୍ଟମାନର ସାଉଣ୍ଡର ଶକ୍ତିରେ ବିଶ୍ୱାସ କରିଥାଏ। ସୀମାକୁ ଅତିକ୍ରମ କରିବା ପ୍ରତି ଡାଇସନ୍‌ର ପ୍ରତିବଦ୍ଧତା ମୋର ନିଜସ୍ୱ କଳାତ୍ମକ ଆଭିମୁଖ୍ୟ ସହ ଉପଯୁକ୍ତ ଭାବେ ମେଳ ଖାଉଛି।



ବାଦଶାହ

**Classified Everyday**

**0674-2580101, 2549949**




**BRIDE WANTED**

କଟକ ଏବଂ ଜଗତପୁରରେ ନିଜର ବାସଗୃହ ଥିବା 30 ବର୍ଷର ଖଣ୍ଡାୟତ ପାତ୍ର (Law Officer) ପାଇଁ ଗ୍ରାଜୁଏଟ୍ ପାତ୍ରୀ ଆବଶ୍ୟକ। 9938520432. D-1344

Publish free matrimony Ads in www.happylifehappybazar.com.Send to 9668072655. D-1339

**GROOM WANTED**

62 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 7077871702. D-1331

Brahmin Bride, Age-31yrs, 5'7" MO in ICMR, Father Businessman, Mother on Job, Bomikhal Bhubaneswar. Contact: 9337826934, 9337826935. D-75568




**SALE**

Three Storied furnished building at Jayadurga Nagar, Bomikhal, Bhubaneswar for 2.40 Crores. (Brokers excuse). 8917520527. D-1309

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75784

6000sqft. land with house at Mahanadi Vihar, Cuttack. Mobile-8917242678. D-1317


**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1334

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Mouza Malipada (Near Sum Hospital 2.5K.M.) ସ୍ଥିତିବାନ୍ ଗୃହୋପଯୋଗୀ ଘରବାରି ପଟ୍ଟା, Electricity, Road ଥାଇ 2200sqft. ଏରିଆ ବିକ୍ରିହେବ। Price- 2650/- per sqft. (Negotiable). Mobile-9937939683. D-75567

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1333

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK, Balcony, Well ventilated spacious flat near Axis Bank, Kalarahanga. M-8480744664. D-1326




Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

**AFFIDAVIT**

I, Mrs. Sanjukta Panigrahi, aged about 48 yrs, W/o- Pradeep Ku. Sarangi, Residing at Flat No.-A/201, Infocity Green Apartment, Sailashreevihar, Bhubaneswar- 751021 do have by solemnly affirms declare that Sanjukta Panigrahi and Sanjukta Saranji is one and same person. D-1345

I, Hemanta Kumar Nayak, S/o- Kalu Charan Nayak, R/o- Bhatapur, VTC: Bhatapur, P.O.- Baralabalunkeswar, District.- Puri, Odisha-752046, have changed my name and shall hereafter be known as Hemanta Kumar Mohapatra. D-1338

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Court of Executive Magistrate, Bhubaneswar, CF No.-96, Dt.-13.09.2024, I Bishnupriya Polleyi aged about 59 Yrs., W/o- Late Lal Mohan Polleyi, R/o- At/P.O.- Balyasara, P.S.- Kabisuryanagar, Dist.- Ganjam, Odisha, At present residing at plot No.-1150, Harachandi Sahi, P.O.- Old Town, P.S.- Shree Lingaraj Bhubaneswar- 751002, Dist.- Khordha, Odisha my correct name is Bishnupriya Polleyi in my Aadhaar Card, Pan Card and other relevant documents. But in my service record, my name has been mentioned as Bistunupriya Polleyi instead of Bishnupriya Polleyi. Here I declare that Bishnupriya Polleyi and Bistunupriya Polleyi is one and same person for all future purposes. D-76154

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅରୁଣ କୁମାର ନାଗ**

ପୁରୀ

ଆବିର୍ଭାବ: ୧୫।୦୫।୧୯୭୨
ତିରୋଧାନ: ୦୩।୦୯।୨୦୨୪

ଆପଣଙ୍କ ହସ ହସ ଚେହେରା, ସମସ୍ତଙ୍କୁ ଭଲ ପାଇବା ସର୍ବଦା ସମସ୍ତଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ଆଲୋକ ନାଗ, ମଇନା ନାଗ, ତପସ୍ୱିନୀ ନାଗ, ଅମିତ୍, ଆଞ୍ଚଲ, ପରିବାର ଓ ବନ୍ଧୁବର୍ଗ ।

ଧ-୭୩୫୫୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନାବାଳକଙ୍କୁ ଚୋରିରେ ସାହାଯ୍ୟ କରୁଥିଲେ ମା, ମାଉସୀ

ଭୁବନେଶ୍ୱର,୧୪।୯(ସୂର୍ଯ୍ୟକାନ୍ତ ବେହେରା)

■ସୁନା, ହୀରା ଓ ରୁପା ଅଳଙ୍କାର, ଲାପ୍‌ଟପ ଆଦି ଜବତ
■ମା', ଦୁଇ ମାଉସୀ, ୨ ରିସିଭର ଗିରଫ

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳ ସମେତ ଭଦ୍ରକ ଜିଲାରେ ଚୋରି କରୁଥିଲେ। ପରେ ଚୋରି ଜିନିଷକୁ ନିଜ ମା ଓ ଦୁଇ ମାଉସୀଙ୍କ ଜରିଆରେ ବିକ୍ରି କରୁଥିଲେ। ଏକ ଚୋରି ଘଟଣାର ତଦନ୍ତ କରୁଥିବା ଭରତପୁର ଥାନା ପୋଲିସ ସମ୍ପୃକ୍ତ ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ନାବାଳକଙ୍କ ସମେତ ୬ ଜଣଙ୍କୁ ଧରିବା ପରେ ଏଭଳି ଘଟଣା ପଦାକୁ ଆସିଛି। ଚୋରି ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ଥିବା ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇଦେଇଛି। ଅନ୍ୟପଟେ ନାବାଳକଙ୍କୁ ଚୋରିରେ ସହାୟତା କରୁଥିବା ତାଙ୍କ ମା' ଗଞ୍ଜାମର ମଞ୍ଜୁ ଡାକୁଆ, ଦୁଇ ମାଉସୀ ଆଶା ଡାକୁଆ ଓ ମିତିକା ଡାକୁଆଙ୍କ ସହ ଚୋରି ସାମଗ୍ରୀ କିଣିଥିବା ଦୁଇ ରିସିଭର ଗଜପତି ଜିଲାର ଲିକୁ ଶବର ଓ ପୁରୀ କୋଣାର୍କର ଲକ୍ଷ୍ମଣ କୁମାର ପରିଡାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୭ ଗ୍ରାମ୍ ଓଜନର ହୀରାଖଚିତ ସୁନା ଅଳଙ୍କାର, ୨୫୦ ଗ୍ରାମ୍ ସୁନା ଅଳଙ୍କାର,୧୯୦ ଗ୍ରାମ୍ ରୁପା ଅଳଙ୍କାର, ଗୋଟିଏ ଟିଭି, ୪ ଲାପଟପ, ୩ ମୋବାଇଲ ଫୋନ, ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ତେବେ ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ନାବାଳକ ଜଣକ ଖୋଲା ଘର ଦେଖି ଭିତରକୁ ପଶିଯିବା ସହ ଲୋକଙ୍କୁ ବାହାରପଟୁ କବାଟ ଦେଇ ଅନ୍ୟ କୋଠରିରୁ ଚୋରି କରିଥାନ୍ତି। ଘଟଣାକ୍ରମରେ ନାବାଳକ ଜଣକ ସେପ୍ଟେମ୍ବର ୧୧ ଅପରାହ୍ନ ୪ଟାରେ ଭରତପୁର କୋଳଥିଆ ଅଞ୍ଚଳରେ ପରିବାର ସହ ରହୁଥିବା ଚିନ୍ମୟ କୁମାର ଦଳାଇଙ୍କ ଘରେ ପଶିଥିଲେ। ଚିନ୍ମୟଙ୍କ ସ୍ତ୍ରୀ ଓ ଝିଅ ଗୋଟିଏ ରୁମ୍‌ରେ ଥିବା ବେଳେ ନାବାଳକ ଜଣକ ପ୍ରଥମେ ସେମାନଙ୍କୁ ବାହାରପଟୁ କବାଟ ବନ୍ଦ କରିଦେଇଥିଲେ। ପରେ ଚିନ୍ମୟଙ୍କ ବାପା ରହୁଥିବା ଘରର କବାଟ ବନ୍ଦ କରି ତୃତୀୟ ଘରୁ ସୁନା ଅଳଙ୍କାର, ୭୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏନେଇ ଘର ମାଲିକ ଚିନ୍ମୟ କୁମାର ଦଳାଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଧରିଥିଲା।


ଗିରଫ ହୋଇଥିବା ୩ ମହିଳାଙ୍କ ସହ ୫ ଅଭିଯୁକ୍ତ।

# ଆପାର୍ଟମେଣ୍ଟରୁ ୫୦ ଭରି ସୁନା ଗହଣା ଚୋରି

ବାରଙ୍ଗ,୧୪।୯(ଲିଙ୍ଗରାଜ ରାଉତ)

**ଗୋଟିଏ ମାସରେ ୨ ଚୋରି**



ଘଙ୍ଗାପାଟଣା ନିକଟ ଆକ୍ରୋପଲିସ ଆପାର୍ଟମେଣ୍ଟରୁ ୫୦ ଭରି ସୁନା ଗହଣା ସହ ୪୦ରୁ ଉର୍ଦ୍ଧ୍ୱ ରୁପା କଏନ ଓ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ମାସରେ ଏହି ଅଞ୍ଚଳର ୨ଟି ଫ୍ଲାଟରୁ ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆପାର୍ଟମେଣ୍ଟ ଦୁର୍ବୃତ୍ତଙ୍କ ଟାର୍ଗେଟରେ ରହୁଥିବାରୁ ଆପାର୍ଟମେଣ୍ଟ ଅନ୍ତେବାସୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି। ଏନେଇ ପୋଲିସ ୩୦୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମେଟ୍ରୋଲଜିକାଲ ଲାବ୍ରୋଟୋରୀର ଚିଫ୍ ସାଇଣ୍ଟିଷ୍ଟ ନାରାୟଣ ପରିଡ଼ା ଅବସର ପରେ ଚନ୍ଦକା ଥାନା ଅଧୀନ ଗୋଠପାଟଣା ଆକ୍ରୋପଲିସ ଆପାର୍ଟମେଣ୍ଟର ର-୫୦୬ ଫ୍ଲାଟ କିଣି ରହୁଥିଲେ। ସେ ଗତ ଜୁଲାଇରେ ୟୁରୋପରେ ରହୁଥିବା ପୁଅ ପାଖକୁ ଯାଇଥିଲେ। ତାଙ୍କର ଅକ୍ଟୋବରରେ ଘରକୁ ଫେରିବାର ଥିଲା। ଗତ ୧୧ ତାରିଖ ରାତିରେ ତାଙ୍କ ଘରୁ ଚୋରି ହୋଇଥିବାବେଳେ ଏନେଇ ୧୨ ତାରିଖରେ କେୟାର ଟେକରଠାରୁ ସେ ଖବର ପାଇଥିଲେ। ସାଙ୍ଗେ ୟୁରୋପରୁ ଶନିବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଘରକୁ ଫେରି ଦେଖିବାବେଳକୁ ଘରର ମୁଖ୍ୟ କବାଟ ଭାଙ୍ଗିଥିବା ସହ ଆଲମିରା ଭାଙ୍ଗି ସେଥିରେ ଥିବା ଗହଣା ବାକ୍ସ ଧର ଯାକ ବିଛାଇ ହୋଇ ପଡ଼ିଥିବାବେଳେ ସୁନା, ରୁପା ଅଳଙ୍କାର, ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆପାର୍ଟମେଣ୍ଟରେ ସିସିଟିଭି ଲାଗିଥିଲେ ସୁଦ୍ଧା ତାହା କାମ କରୁ ନ ଥିବା ପରିଡ଼ା କରିଛନ୍ତି।

## ମୋବାଇଲ ରଖିବା, କଏଦୀଙ୍କୁ ନିର୍ଯାତନା ମହଙ୍ଗା ପଡ଼ିଲା

# ଜେଲ୍‌ର ଦୁଇ କର୍ମଚାରୀ ନିଲମ୍ବିତ

କରଞ୍ଜିଆ, ୧୪।୯(କବିତା ମହାନ୍ତ)- ମୟୂରଭଞ୍ଜ ଜିଲା କରଞ୍ଜିଆ ଉପ କାରାଗାର ମଧ୍ୟରେ ନିଜ ପାଖରେ ମୋବାଇଲ ଫୋନ ରଖିବା ଓ କଏଦୀମାନଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜେଲ୍‌ର ଦୁଇ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଅନ୍ତେବାସୀମାନେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପରେ ଜେଲ ଆଇଜି ଏ.ଏମ୍. ପ୍ରସାଦଙ୍କ ନିର୍ଦ୍ଦେଶରେ ୨ କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ ଓ ସ୍ୱାଗତ ରଥଙ୍କୁ ନିଲମ୍ବନ କରାଯାଇଥିବା ଜିଲା କାରାଗାର ଅଧୀକ୍ଷକ ସୁଜିତ କୁମାର ରାଉଳ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଜଣେ କଏଦୀ ଫେରାର ଘଟଣାରେ ୱାର୍ଡର ନିଲମ୍ବନ ହୋଇଥିଲେ।

# ଶ୍ରୀକାକୁଳମ୍‌ରୁ ଆସି କଟକରେ ଲୁଟୁଥିଲେ



କଟକ,୧୪।୯ (କାର୍ତ୍ତିକ ସାହୁ)

■ଏଟିଏମ୍ କାର୍ଡ, ଟଙ୍କା ଜବତ
■ଆନ୍ତଃରାଜ୍ୟ ଲୁଟେରା ଗିରଫ

ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ କରିବା ଘଟଣାରେ ପୁରୀଘାଟ ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲା ପଲାଶା ଥାନା ଅନ୍ତର୍ଗତ ସୁଧକୋଣ୍ଡା ଗ୍ରାମର ଜି. ରାଜା ରାଓ(୫୧)। ତାଙ୍କ ନିକଟରୁ ୯୮ଟି ଏଟିଏମ୍ କାର୍ଡ ଓ ୨୦,୦୦୦ ଟଙ୍କା ଜବତ କରାଯାଇଛି। ଏନେଇ ପୁରୀଘାଟ ଥାନାରେ ଏକ ମାମଲା(ନଂ. ୨୨୩/୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶ୍ରୀକାକୁଳମ ସମେତ କଟକର ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱର ଅଞ୍ଚଳର ଆଦିକନ୍ଦ ସାହୁ ବଜ୍ରକବାଟି ରୋଡ୍‌ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଉଥିବାବେଳେ ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଏଟିଏମ୍ କାର୍ଡ ବଦଳ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ରାଣୀହାଟସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରୁ ୪୦,୦୦୦ ଟଙ୍କା ଉଠାଇଥିବା ଆଦିକନ୍ଦ ଜାଣିବାକୁ ପାଇଥିଲେ। ଏନେଇ ସେ ଗତ ଅଗଷ୍ଟ ୨୮ରେ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତ ଜଣଙ୍କ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଲୁଟ୍ କରିବାର କୌଶଳ ପୋଲିସ ନିକଟରେ ଡେମୋ କରି ଦେଖାଇଛନ୍ତି।

# ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତଙ୍କୁ ବର୍ଷେ ଜେଲ

କଟକ,୧୪।୯ (କାର୍ତ୍ତିକ ସାହୁ)

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ କରିବା ମାମଲାର ବିଚାରକରି କଟକ ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲଦଣ୍ଡ ଓ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୭ ଦିନ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଚୌଦ୍ୱାର ଥାନା ଅଧୀନ ଅମରାବତୀପୁର ଗ୍ରାମର ଗଗନ ବିହାରୀ ପ୍ରଧାନ(୫୮)।

ସୂଚନାନୁସାରେ, ୨୦୧୬ ମାର୍ଚ୍ଚ ୧୨ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ସମ୍ପୃକ୍ତା ମହିଳା ତାଙ୍କ ଘରଠାରୁ କିଛି ଦୂରକୁ ଯାଇଥିଲେ। ଏହି ସମୟରେ ଗଗନ ତାଙ୍କୁ ଅସଦାଚରଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଗଗନ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ମହିଳା ଜଣଙ୍କ କୌଶଳକ୍ରମେ ଖସି ପଳାଇଥିଲେ। ମହିଳାଙ୍କ ଏତଲାକ୍ରମେ ଚୌଦ୍ୱାର ଥାନାରେ ସେହି ମାସ ୧୪ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ୨୦୧୬ ଏପ୍ରିଲ ୬ରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟରେ ମାମଲାର ବିଚାର ହୋଇ ଶୁକ୍ରବାର ରାୟ ପ୍ରକାଶ ପାଇଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମାରିଦେଲେ

ଅନୁଗୋଳ,୧୪।୯ (ମାନସ ବିଶ୍ୱାଳ)

**ଓଭରବ୍ରିଜ୍ ତଳୁ ମିଳିଲା କ୍ଷତବିକ୍ଷତ ମୃତଦେହ**

ଅନୁଗୋଳ ସଦର ଥାନା ଅଧୀନ ଖମାର ନିକଟ ନିର୍ମାଣାଧୀନ ଓଭରବ୍ରିଜ୍ ତଳୁ ଶନିବାର ଅପରାହ୍ନରେ ପୋଲିସ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ମୃତକ ହେଲେ ଛେଳିଆପଡା ଗାଁର ଭବାନୀ ଭଞ୍ଜ। ପୂର୍ବ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ କହିଛି, ଅପରାହ୍ନ ୨ଟା ବେଳେ ଖମାର ନିକଟ ନିର୍ମାଣାଧୀନ ଓଭରବ୍ରିଜ୍ ତଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ଯୁବକଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ର ସାହାଯ୍ୟରେ କାଟି ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ମୃତ ଭବାନୀ ବହୁ ଅସାମାଜିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ସ୍ଥାନୀୟ ଲୋକେ କହୁଥିବା ପୋଲିସ ସୂଚନା ଦେଇଛି।

## ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

# ୨ ଅଭିଯୁକ୍ତ ଗିରଫ, ୪୨ହଜାର ସହ ବାଇକ୍, ମାରଣାସ୍ତ୍ର ଜବତ

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ଟାଉନ୍ ଥାନା ପୋଲିସ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲୁବଜାର ଅଞ୍ଚଳର ଡିଜେ ସନୁ ଓ ଓଲନ୍ଦା ସାରଗାଁ ଅଞ୍ଚଳର ଗେଣ୍ଡୁ। ଅଭିଯୁକ୍ତଙ୍କଠାରୁ ୪୨ହଜାର ଟଙ୍କା ସହ ବାଇକ୍ ଓ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଗତ ୧୦ ତାରିଖରେ ମହିଳା ଫାଇନାନ୍ସ କର୍ମଚାରୀ ଜଣକ ସ୍କୁଟି ଯୋଗେ ପୁରୁଣାବାଲେଶ୍ୱର ଓ କସବା ସ୍କୁଲ ଅଞ୍ଚଳରୁ ଟଙ୍କା ଆଦାୟ କରି ଫେରୁଥିଲେ। ବାଇକ୍‌ରେ ୩ଜଣ ଦୁର୍ବୃତ୍ତ କସବା ସ୍କୁଲ ନିକଟରେ ପହଞ୍ଚି ମହିଳାଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମହିଳାଙ୍କଠାରେ ଥିବା ୧ଲକ୍ଷ ୨୪ହଜାର ୨୦ଟଙ୍କା ଓ ବ୍ୟାଗ୍‌କୁ ଛଡ଼ାଇ ଚମ୍ପଟ ମାରିଥିଲେ। ଥାନାରେ ମାମଲା (୩୨୩/୨୦୨୪) ରୁଜୁ କରାଯାଇଥିଲା।

# ଖେଳନା କିଣାକୁ ନେଇ ଯୁବକଙ୍କୁ ହତ୍ୟା

ଯୋଡ଼ା,୧୪।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କାଳୀମାଟିଠାରେ ଗଣେଶ ପୂଜା ଉପଲକ୍ଷେ ପଡ଼ିଥିବା ମୀନା ବଜାରରେ ଖେଳନା କିଣାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଦବୁନା ଅଞ୍ଚଳର ବିଦେଶୀ ବାରିକ। ଏ ନେଇ ପରିବାର ଓ ସ୍ଥାନୀୟ ଗ୍ରାମ୍ୟ ବିକାଶ ସମିତି ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇ ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ସୂଚନା ଅନୁଯାୟୀ, ଦବୁନା ଅଞ୍ଚଳର ବିଦେଶୀ ବାରିକ, ବ୍ରଜ ବାରିକ ଓ ଦିପୁ ପ୍ରଧାନ ସେପ୍ଟେମ୍ବର ୧୨ରେ ମୀନାବଜାରକୁ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ୧ ଟା ୨୦ ରେ ଖେଳନା ଦୋକାନୀ ସହିତ ଖେଳନାର ମୂଲ୍ୟକୁ ନେଇ ଝଗଡ଼ା ହୋଇଥିଲା। ବିଦେଶୀ ବାରିକଙ୍କ ସହିତ ମାରପିଟ୍ ଘଟିଥିଲା। ପରେ ସମିତିର ସଦସ୍ୟମାନେ ବିଦେଶୀଙ୍କୁ ଯାତ୍ରା ପେଣ୍ଡାଲ ଭିତରକୁ ନେଇଯାଇଥିଲେ। ସେଠାରେ ବିଦେଶୀ ଶୋଇଯାଇଥିଲେ। ସକାଳେ ପରିବାର ଲୋକେ ଏକ ବୋଲେରୋରେ ତାଙ୍କୁ ଘରକୁ ନେଇଥିଲେ ହେଁ ତାଙ୍କର ଚେତା ନ ଫେରିବାରୁ ସ୍ଥାନୀୟ କାଳୀମାଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଏକ ହତ୍ୟା ଅଭିଯୋଗ କରାଯାଇ ଥିବା ଆଇଆଇସି ଦୀପ୍ତି ରଞ୍ଜନ ସାହୁ କହିଛନ୍ତି। ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଥିଲେ।

# ୨୫ କେଜି ସମ୍ବର ମାଂସ ଜବତ

## ଶିକାର କରି ଫେରିବା ବେଳେ ଶିକାରୀ ଗିରଫ



ଉଦଳା, ୧୪।୯(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଶରତ ଥାନା କଟୁରିଆ ବିନ୍ଧାଣୀ ସାହି ଅଞ୍ଚଳରେ ଶନିବାର ଭୋର ସମୟରେ କପ୍ତିପଦା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୨୫ କିଲୋ ସମ୍ବର ମାଂସ ଜବତ କରାଯାଇଛି। ଶିକାର କରି ଫେରୁଥିବା ୨୦ଜଣ ଶିକାରୀଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯ଜଣ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଗିରଫ ଶିକାରୀ ହେଲେ ଚୈତନ୍ୟ ମୁର୍ମୁ। ତାଙ୍କଠାରୁ ଦେଶୀ ବନ୍ଧୁକ, ଧନୁତୀର ଜବତ ହୋଇଛି। ୨୦ ଜଣ ଶିକାରୀ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଯାଇ ସମ୍ବର ଶିକାର କରି ଫେରୁଥିବା ଖବରପାଇ ବନବିଭାଗ ଚଢାଉ କରିଥିଲା।

# ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ପାରାଦୀପରୁ ଗିରଫ

ନାଉଗାଁ,୧୪।୯(ସୁଧା ବେହୁରା)

## ଜମାକାରୀଙ୍କ ଟଙ୍କା ଜାଲିଆତି ଅଭିଯୋଗରେ ଫେରାର ଥିଲେ



ଜମାକାରୀଙ୍କ ଟଙ୍କା ଜାଲିଆତି ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କର ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ସନ୍ତୋଷ କୁମାର ମଲିକଙ୍କୁ ପାରାଦୀପରୁ ପୋଲିସ ଗିରଫ କରିଛି। ସେ ଦୀର୍ଘଦିନ ହେବ ଫେରାର ଥିଲେ। ସନ୍ତୋଷ ବ୍ୟାଙ୍କକୁ ଜମା କରିବା ପାଇଁ ଆସୁଥିବା ଜମାକାରୀଙ୍କ ଫିକ୍ସ ଡିପୋଜିଟ୍‌ରେ ଜାଲିଆତି କରିଥିବା ପୋଲିସ କହିଛି।

ସୂଚନାଯୋଗ୍ୟ, ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ସନ୍ତୋଷ ମଲିକଙ୍କ ଘର ଉକ୍ତ ବ୍ଲକ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ଦେବୀଦୋଳ ସରିଆବରପାଟଣାରେ। ସେ ୧ ଅକ୍ଟୋବର ୨୦୧୫ରୁ ୩୦ଜୁନ ୨୦୧୮ ପର୍ଯ୍ୟନ୍ତ ନାଉଗାଁ ଶାଖାରେ ବ୍ୟାଙ୍କ ସହଯୋଗୀଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଶାଖାରେ ଜମାକାରୀ କୃଷ୍ଣଚନ୍ଦ୍ର ମହାନ୍ତି ୨୦୧୮ ଜାନୁଆରୀ ୩୧ ଓ ୨ ଫେବୃଆରୀରେ ୩ଟି ଫିକ୍ସଡ ଡିପୋଜିଟ୍ ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଜମା କରିଥିଲେ। ୩୧ ମେ' ୨୦୧୯ରେ ଉକ୍ତ ଜମାରାଶି ବିଷୟରେ ବୁଝିବା ପାଇଁ ସେ ବ୍ୟାଙ୍କକୁ ଆସିଥିଲେ। କିନ୍ତୁ କୃଷ୍ଣଚନ୍ଦ୍ରଙ୍କ ନାମରେ କୌଣସି ଡିପୋଜିଟ୍ ନ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ମିଳିଥିବା ଫିକ୍ସଡ ଡିପୋଜିଟ୍‌ରେ ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ସନ୍ତୋଷଙ୍କ ସମ୍ପୃକ୍ତି ଥିବା କୃଷ୍ଣଚନ୍ଦ୍ର ଜାଣିବା ପରେ ଶାଖା ପରିଚାଳକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକ ନଗେନ୍ଦ୍ର କୁମାର ବାଲ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ତତ୍କାଳୀନ ଥାନାଧିକାରୀ ଗୋବର୍ଦ୍ଧନ ସାହୁ ମାମଲା (ନଂ.୨୬/୨୦) ରୁଜୁ କରିଥିଲେ। ତଦନ୍ତକାରୀ ଅଫିସର ଭାବେ ବିବେକାନନ୍ଦ ସାହୁ ତଦନ୍ତ କରିବା ପରେ ଏହି ଶାଖାର କୋର ବ୍ୟାଙ୍କିଙ୍ଗ ସିଷ୍ଟମରେ ୫୧ ଜଣ ଜମାକାରୀଙ୍କ ୪୧ ଲକ୍ଷ ୯୫ ହଜାର ଓ ୧୯ ଜଣ ଜମାକାରୀଙ୍କ ନକଲି ଫିକ୍ସଡ ଡିପୋଜିଟ୍ ବାବଦରେ ୧୯ ଲକ୍ଷ ୩୦ ହଜାର ଏହିପରି ସମୁଦାୟ ୬୨ ଲକ୍ଷ ୨୫ ହଜାର ଟଙ୍କା ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏହାପରଠୁ ସନ୍ତୋଷ ଫେରାର ଥିଲେ ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି। ଏହି ଚଢ଼ାଉ ସମୟରେ ଖବରପାଇ ଏଏସ୍‌ଆଇ ନୀଳମଣି ନାୟକ, କନଷ୍ଟେବଲ ଧୀରେନ ଜେନା, ଆରତି ଧର ପ୍ରମୁଖ ସାମିଲ ଥିଲେ।


# ବିଲ୍‌ଡରଙ୍କୁ ଡରାଇବା ପାଇଁ ବୋମାମାଡ଼, ଜମି ଦଲାଲଙ୍କ ସମେତ ୮ ଗିରଫ


ଗିରଫ ୮ ଅଭିଯୁକ୍ତ।

ଭୁବନେଶ୍ୱର,୧୪।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୟାପଲ୍ଲୀ ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ କିଛି ଦିନ ତଳେ ଘଟିଥିବା ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଜମି ଦଲାଲଙ୍କ ସମେତ ୮ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ବିଲ୍‌ଡରଙ୍କୁ ଡରାଇବାକୁ ଉକ୍ତ ବୋମାମାଡ଼ ହୋଇଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ମୁଖ୍ୟ ଅଭିଯୁକ୍ତ ହେଲେ ଜମି ଦଲାଲ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ପୁରୀ ଚନ୍ଦନପୁରର ବସନ୍ତ ମହାପାତ୍ର। ବସନ୍ତଙ୍କ କଥାରେ ବୋମାମାଡ଼ କରିଥିବା ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ଅକ୍ଷୟ କୁମାର ରାଉତ, ଦୀପକ ରାଉତ, ପୁରୀ ସଦରର ଅକ୍ଷୟ କୁମାର ନାୟକ ଓ ଦୀପକ ପ୍ରଧାନ, ସାକ୍ଷୀ ଗୋପାଳର ପିନାକୀ ପ୍ରସାଦ ଜେନା, ସତ୍ୟବାଦୀର ଚିକୁ ଛଟୋଇ ଓ ଅନ୍ୟଜଣେ ହେଲେ ବୋମା ଯୋଗାଇଥିବା ଶଙ୍କର ମଲ୍ଲିକ। ସେମାନଙ୍କଠାରୁ ୪ ଟି ଅଫୁଟା ସୁତୁଲି ବୋମା, ବିସ୍ଫୋରକ ପଦାର୍ଥ, ୩ଟି ମୋଟରସାଇକେଲ ଏବଂ ୫ ମୋବାଇଲ ଜବତ ହୋଇଛି। ବିବାଦୀୟ ଜମି କାରବାରକୁ କେନ୍ଦ୍ରକରି ୨ ବିଲ୍‌ଡରଙ୍କୁ ବସନ୍ତ ନିଜ ଅଞ୍ଚଳର ଯୁବକଙ୍କ ମାଧ୍ୟମରେ ବୋମାମାଡ଼ କରିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ଅକ୍ଷୟ, ଦୀପକ ରାଉତ,ଦୀପକ ପ୍ରଧାନ, ପିନାକୀ ଓ ଶଙ୍କର ମଲ୍ଲିକଙ୍କ ନାମରେ ପୂର୍ବରୁ ପୁରୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

ସୂଚନାନୁସାରେ ଗତ ୮ ତାରିଖ ରାତି ସାଢେ ୧୧ ଟା ସମୟରେ ନୟାପଲ୍ଲୀ ଥାନା କେଶରୀ ଏନକ୍ଲେଭ୍ ଆପାର୍ଟମେଣ୍ଟର କମ୍ୟୁନିଟ ହଲରେ ବିଲ୍‌ଡର ବିଶିକେଶନ ପ୍ରଧାନ ବସିଥିବାବେଳେ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ୨ ଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ଏନେଇ ବିଶିକେଶନ ଥାନାରେ ଅଭିଯୋଗ କରିଥିଲେ। ସେହିପରି ପୁରୁଣା ଭୁବନେଶ୍ୱରର ପ୍ରିୟଦର୍ଶନ ଗରାବଡୁ ଇନ୍‌ଫୋସିଟି ଥାନା ଯାଁଳା କାଞ୍ଚନ ପ୍ଲାଜା ପାଖରେ ଥିବାବେଳେ ୨ ଜଣ ଦୁର୍ବୃତ୍ତ ବୋମା ମାଡ଼ କରି ବାଇକ୍‌ରେ ଫେରାର ହୋଇଯାଇଥିଲେ। ତେବେ ବୋମାମାଡ଼ ବେଳେ ପ୍ରିୟଦର୍ଶନ ନ ଥିବାରୁ ବର୍ତ୍ତି ଯାଇଥିଲେ। ଜମି ବିବାଦକୁ ନେଇ ଏହି ବୋମାମାଡ ହୋଇଥିବା ସନ୍ଦେହ ରି ସେ ଥାନାରେ ଅଭିଯୋଗ କରିଥିଲେ।



ବିଭିନ୍ନ ଜରୁରୀ ଡକ୍ୟୁମେଣ୍ଟରେ ହସ୍ତାକ୍ଷର ବା ସିଗ୍ନେଚର ଆବଶ୍ୟକ ହେଲେ ଅନେକଙ୍କୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ପଡ଼େ। କେବେକେବେ ଠିକ୍ ସମୟରେ ପହଞ୍ଚି ନ ପାରିବା କାରଣରୁ କାର୍ଯ୍ୟ ସମ୍ପନ୍ନ ମଧ୍ୟ ହୋଇପାରେ ନାହିଁ। ହେଲେ ବର୍ତ୍ତମାନ ଡିଜିଟାଲ୍ ଯୁଗରେ ଇ-ସିଗ୍ନେଚର ବା ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ (ଡିଏସ୍‌ସି) ଦ୍ୱାରା ଉଭୟ ସମୟ ଏବଂ ଟଙ୍କା ବଞ୍ଚାଇ ହେବା ସହ ଠିକ୍ ସମୟରେ ସବୁ କାମ ସହଜରେ ହୋଇପାରୁଛି....

# ଇ-ସିଗ୍ନେଚର

ସମୟ ସହିତ ଟେକ୍ନୋଲୋଜିରେ ମଧ୍ୟ ଅନେକ ବିକାଶ ଘଟୁଛି। କିଛି ବର୍ଷ ପୂର୍ବରୁ ଆମେ ଯେଉଁ କାର୍ଯ୍ୟ କଳ୍ପନା ମଧ୍ୟ କରି ନ ଥିଲେ ତାହା ଏବେ ଖୁବ୍ ସହଜରେ ହୋଇପାରୁଛି। ଦିନଥିଲା କୌଣସି ଜରୁରୀ କାର୍ଯ୍ୟ ଯେମିତିକି ଜବ୍ ଆପ୍ଲିକେଶନ୍ ହେଉ ଅବା କୌଣସି ଫର୍ମ ଆବେଦନ ପାଇଁ ଏଣେ ତେଣେ ଖୋଜି ଫର୍ମ କିଣିବା, ତାକୁ ଫିଲ୍‌ଅପ୍ କରି ପୁଣିଯାଇ ଡିପୋଜିଟ୍ କରିବା ଆଦି ଏକ କଷ୍ଟକର ବ୍ୟାପାର ଥିଲା। ଏମିତିକି ଲେଖିବା ବେଳେ ସାମାନ୍ୟ ଭୁଲ ଯୋଗୁ ସମ୍ପୂର୍ଣ୍ଣ ଫର୍ମ ନଷ୍ଟ ମଧ୍ୟ ହେଉଥିଲା। ହେଲେ ବର୍ତ୍ତମାନ ବ୍ୟାଙ୍କ କାମ ହେଉ ଅବା ଭୋଟର ଆଇଡି, ଆଧାର କାର୍ଡ, ପାନ୍ କାର୍ଡ, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ପରୀକ୍ଷା ଏବଂ ଜବ୍ ଆପ୍ଲିକେଶନ୍ ଆଦିର ଫର୍ମ ଭରିବା ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ଏକ ଭଲ ବିକଳ୍ପ। ଏଥିରେ ଇ-ସାଇନ୍ ବ୍ୟବସ୍ଥା ଥିବାରୁ ସଭିଙ୍କ ଲାଗି ଘରେ ବସି ଏହି ସବୁ ଜରୁରୀ କାର୍ଯ୍ୟ କରିବା ଲାଗି ଏହା ସୁବିଧା ଉପାୟ ପାଲଟିଛି। ଯେଉଁଥିରେ ଉଭୟ ସମୟ ଏବଂ ଟଙ୍କା କମ୍ ଖର୍ଚ୍ଚ ହେଉଛି।

**ଇ-ସାଇନ୍ କ'ଣ:** ଇଲେକ୍ଟ୍ରୋନିକ୍ ସିଗ୍ନେଚର ବା ଇ-ସାଇନ୍ ଏକ ପ୍ରୋସେସ୍‌ଡ ଡାଟା। ଯାହାକି ଇଲେକ୍ଟ୍ରୋନିକ ଡକ୍ୟୁମେଣ୍ଟରେ ସିଗ୍ନେଚର କରିଥିବା ବ୍ୟକ୍ତିଙ୍କ ସିଗ୍ନେଚର ଭେରିଫାଏ କରି ତାଙ୍କ ପରିଚୟ ଠିକ୍ ବା ନୁହେଁ ଦର୍ଶାଇଥାଏ। ତେବେ ଇ-ସାଇନ୍ ଟେକ୍ନୋଲୋଜି ସିଗ୍ନେଚର ଭେରିଫାଏ କରିବା ଲାଗି ଫିଙ୍ଗରପ୍ରିଣ୍ଟ, ଆଇରିସ୍ ସ୍କାନ୍, ପାସ୍‌ୱାର୍ଡ କିମ୍ବା ଅଥେଣ୍ଟିକେଶନ୍ ନମ୍ବର ଭଳି ବିଭିନ୍ନ ଉପାୟ ବ୍ୟବହାର କରିଥାଏ।

**କେଉଁଠି ହୁଏ ବ୍ୟବହାର:** ଏହି ଡିଜିଟାଲ୍ ସିଗ୍ନେଚର ମୁଖ୍ୟତଃ ଅନ୍‌ଲାଇନ୍ ଫର୍ମ ଫିଲପ୍, ଡକ୍ୟୁମେଣ୍ଟ ରାଇଟିଂ, କମ୍ପାନୀ ରେଜିଷ୍ଟ୍ରେଶନ୍, ଅନ୍‌ଲାଇନ୍ ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ଫିଲିଂ, ଇପିଏଫ୍‌ଓ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ଭଳି ବିଭିନ୍ନ କ୍ଷେତ୍ରରେ ହୋଇଥାଏ।

**ସ୍ମାର୍ଟ ଫୋନ୍‌ରେ ଇ-ସାଇନ୍:** ବର୍ତ୍ତମାନ ଅନ୍‌ଲାଇନ୍‌ରେ ଅଧିକାଂଶ କାମ ଘରେ ବସି କରିହେଉଛି, ଯେଉଁଥିରୁ ବାଦ୍‌ପଡ଼ିନି ସିଗ୍ନେଚର। ଏବେ ଆଉ କାଗଜ କଲମ ନୁହେଁ, କମ୍ପ୍ୟୁଟର, ଲାପଟପ୍, ମୋବାଇଲ୍ ଆଦିରେ ଖୁବ୍ ସହଜରେ ଡିଜିଟାଲ୍ ସିଗ୍ନେଚର କରାଯାଇ ପାରୁଛି।

**କିପରି କରିବେ:** ଏହି ଡିଜିଟାଲ୍ ସିଗ୍ନେଚର ପ୍ରସ୍ତୁତ କରିବା ଲାଗି ଗୁଗୁଲ୍ ପ୍ଲେ-ଷ୍ଟୋର୍‌ରୁ ଏକ ଇ-ସାଇନ୍ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିଥାଏ। ଏହି ଆପ୍‌କୁ ଇନ୍‌ଷ୍ଟଲ୍ କରିବା ପରେ ସେଥିରେ ନିଜର ଏକ ଆକାଉଣ୍ଟ ଖୋଲିବାକୁ ହୋଇଥାଏ। ଏଥିପାଇଁ ରେଜିଷ୍ଟର୍ଡ ଇମେଲ୍ ଆଇଡି ଏବଂ ମୋବାଇଲ୍ ନମ୍ବର ଆବଶ୍ୟକ। ଆକାଉଣ୍ଟ ଖୋଲିବା ପରେ ଆପଣ ଯେଉଁ ଡକ୍ୟୁମେଣ୍ଟରେ ଇ- ସିଗ୍ନେଚର୍ କରିବାକୁ ଚାହୁଁଛନ୍ତି, ତାହାକୁ ଖୋଲି ସିଗ୍ନେଚର କରନ୍ତୁ। ଏହା ସେଟ୍ ହୋଇଗଲେ ସେଭ୍ କରନ୍ତୁ। ବର୍ତ୍ତମାନ ଅବଶ୍ୟକତା ଅନୁଯାୟୀ ଡକ୍ୟୁମେଣ୍ଟ ପଠାଇପାରିବେ କିମ୍ବା ଡାଉନ୍‌ଲୋଡ୍ କରି ରଖିପାରିବେ।







**କେତେକ ଲୋକପ୍ରିୟ ଇ-ସାଇନ୍ ଆପ୍:**
- ଆଡୋବ୍ ଆକ୍ରୋବାଟ୍ ରିଡର
- ଗୁଗୁଲ୍ ଡକ୍‌ସ୍
- ଡକ୍ୟୁସାଇନ୍
- ସାଇନ୍ ଇଜି

ଏହି ସବୁ ଆପ୍ ବ୍ୟବହାର କରି ଆପଣ ନିଜ ସ୍ମାର୍ଟଫୋନ୍‌ରେ ଯେକୌଣସି ପିଡିଏଫ୍ କିମ୍ବା ଡକ୍ୟୁମେଣ୍ଟରେ ଇ-ସାଇନ୍ କରିପାରିବେ। ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ।

**ରହିଛି ଅନେକ ଫାଇଦା:**
- ଏହାଦ୍ୱାରା ଏଣେ ତେଣେ ଯିବାର ସମୟ ଏବଂ ଖର୍ଚ୍ଚ ଉଭୟ କମ୍ ହୋଇଥାଏ।
- ଏହା ଡକ୍ୟୁମେଣ୍ଟଗୁଡ଼ିକୁ ସୁରକ୍ଷିତ ରଖିବାରେ ଅନେକ ସାହାଯ୍ୟ କରିଥାଏ। ଏଥିରେ ପେପର୍ ଡକ୍ୟୁମେଣ୍ଟ ଭଳି କେବେ ହଜିଯିବା, ଠିକ୍ ସମୟରେ ପହଞ୍ଚିବାରେ ବିଳମ୍ବ ହେବା କିମ୍ବା ଚୋରୀ ହେବା ଆଶଙ୍କା ବହୁମାତ୍ରାରେ କମିଯାଏ।
- ଏହି ଡକ୍ୟୁମେଣ୍ଟରେ ଯେକୌଣସି ସମୟରେ ଯେଉଁଠାରେ ଥିଲେ ବି ଆବଶ୍ୟକ ସମୟରେ ସାଇନ୍ କରିବା ସହଜ।

## ଏ ସପ୍ତାହର ପ୍ରଶ୍ନ

୧- ଅଗ୍ନି-୪ ମିଜାଇଲ୍ ନିକଟରେ ............. ପକ୍ଷରୁ ନିର୍ମାଣ କରାଯାଇଛି ?
୨- ପ୍ରଥମ ଇଣ୍ଟରନ୍ୟାଶନାଲ୍ ସୋଲାର ଫେଷ୍ଟିଭାଲ ............ ଠାରେ ଆୟୋଜିତ ହୋଇଯାଇଛି ?
୩- ନିକଟରେ ପ୍ରଧାନମନ୍ତ୍ରୀ ଜଲ୍ ସଞ୍ଚୟ ଜନ୍ ଭାଗୀଦାରି .......... ଠାରେ ଶୁଭାରମ୍ଭ କରିଛନ୍ତି ?
୪- ବେଷ୍ଟ ଏଗ୍ରିକଲ୍‌ଚର ଷ୍ଟେଟ୍ ଆୱାର୍ଡ-୨୦୨୪ ......... ରାଜ୍ୟକୁ ମିଳିଛି ?
୫- ଜୁଡିଥ୍ ସୁମିନ୍ୱା ତୁଲୁକା .......... ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ?

## ଗତ ଥରର ଉତ୍ତର

୧ ଅଗଷ୍ଟ ୨୯
୨ ମୁମ୍ବାଇ
୩ ଗୁଜୁରାଟର ଗାନ୍ଧୀନଗର
୪ ଇବନ୍-ଇ-ବତୁତା
୫ ବୈଶାଳୀ

## ଉତ୍ତରଦାତା



ଦିବ୍ୟଜ୍ୟୋତି ସାହୁ, ଭୁବନେଶ୍ୱର



ଜୀବନ ମୁଦୁଲି, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

# ଫଟୋଗ୍ରାଫି ଦେଇଛି ସ୍ୱତନ୍ତ୍ର ପରିଚୟ

ପୃଥିବୀର ୩୭ଟି ଦେଶର ୧୬୦ରୁ ଊର୍ଦ୍ଧ୍ୱ ସ୍ଥାନ ବୁଲି ଫଟୋ ଉଠାଇଛନ୍ତି ସେ। ୧୧ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ପ୍ରିୟଙ୍କା ଚୋପ୍ରା, ରିହାନା, ରାଜକୁମାର ରାଓ, ନୟନତାରାଙ୍କ ଭଳି ଭାରତର ବିଭିନ୍ନ ଫିଲ୍ମ ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ଅନନ୍ତ ଅମ୍ବାନୀ, ବିଭିନ୍ନ କ୍ରୀଡ଼ାବିତ୍‌ଙ୍କ ବିବାହ ଉତ୍ସବରେ ଫଟୋ ଶୁଟ୍ କରି ଅନେକ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ କମଳିନୀଙ୍କ ବଡ଼ ପୁଅ ରାଜକମଲ।

ବାପା ପ୍ରତିରକ୍ଷା ବାହିନୀରେ କାର୍ଯ୍ୟରତ ଥିବା ଯୋଗୁଁ ରାଜକମଲଙ୍କ ପାଠପଢ଼ା ପ୍ରଥମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ହୋଇଥିଲା। ପରେ ସେ ସିକନ୍ଦରାବାଦସ୍ଥିତ ଲୟାଲ ଏକାଡେମୀରୁ ଗ୍ରାଜୁଏଶନ୍ ସମାପ୍ତ କରି କୋଲକାତାରେ ଏମ୍‌ବିଏ ପାଠ ପଢ଼ିଥିଲେ। ୨୦୦୭ରୁ ୨୦୦୯ ମସିହା ପର୍ଯ୍ୟନ୍ତ ହାଇଦ୍ରାବାଦର ଏକ ମଲ୍ଟି ନ୍ୟାଶନାଲ୍ କମ୍ପାନୀ (ଏମ୍‌ଏନ୍‌ସି)ରେ ଚାକିରି କରିଥିଲେ। ପାଠ ପଢ଼ିବା ସମୟରୁ ଫଟୋଗ୍ରାଫି ପ୍ରତି ଏକ ଭିନ୍ନ ଆକର୍ଷଣ ରହିଥିବାରୁ ଯେତେ ଭଲ ଜବ୍ ହେଉନା କାହିଁକି ସେ କୌଣସିରେ ସନ୍ତୁଷ୍ଟ ହୋଇ ନ ପାରି ଚାକିରି ଛାଡୁଥିଲେ। ଏମିତିକି ଏମ୍‌ବିଏ ପଢୁଥିବା ବେଳେ ସେ ନିକନ କମ୍ପାନୀ ୫ଡି କ୍ୟାମେରା କିଣି ଫଟୋ ଉଠାଉଥିଲେ। ୨୦୧୦ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜିଭିକେ-୧ ଫ୍ୟାଶନ-ଶୋରେ ଫଟୋ ଉଠାଇ ସେ ୮ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଧୀରେ ଧୀରେ ଏହି ନିଶା ତାଙ୍କୁ ସଫଳତାର ମାର୍ଗ ଦେଖାଇଲା। ପରେ ଅଧିକ ଅଭିଜ୍ଞତା ହାସଲ ପାଇଁ ସେ ବାଙ୍ଗାଲୋରସ୍ଥିତ ଏନ୍‌ଆଇସିସିରେ ୧୮ମାସ ପାଠ ପଢ଼ିଥିଲେ। ୨୦୧୩ରେ ବମ୍ବେର 'ଷ୍ଟୋରିଜ୍ ବାଏ ଯୋଶେଫ ରାଧିକ' ନାମକ ଏକ ଅନ୍ତର୍ଜାତୀୟ ଫଟୋ ସଂସ୍ଥାରେ ଯୋଗଦେଲେ। ଏହି ସଂସ୍ଥାରେ କାମ କରିବା ସହିତ ବିଭିନ୍ନ ଦେଶ ବୁଲି ମଧ୍ୟ ଫଟୋ ଉଠାଇଲେ। ଦେଶର ବିଭିନ୍ନ ସହରର ରାସ୍ତା ପାର୍ଶ୍ୱରେ ଏସିଆନ୍ ପେଣ୍ଟସ, ମସାବା ବ୍ରାଣ୍ଡ ଲୁଗା କମ୍ପାନୀ ପରି ବିଭିନ୍ନ ନାମୀଦାମୀ କମ୍ପାନୀର ବିଜ୍ଞାପନ ଫଟୋ ରାଜକମଲ ମଧ୍ୟ ଉଠାଇଛନ୍ତି। ବିଭିନ୍ନ କର୍ପୋରେଟ୍ ହାଉସ୍ ବିଜ୍ଞାପନ ସହିତ ସେଲିବ୍ରିଟିଙ୍କ ବିବାହ ଫଟୋ ସେ ଶୁଟ୍ କରିଥାଆନ୍ତି। ବିଦେଶରେ ଫଟୋ ଉଠାଇବା ସମ୍ପର୍କରେ ରାଜକମଲ କହନ୍ତି, ବିଦେଶରେ ଅନେକ ନାମୀଦାମୀ ଫଟୋଗ୍ରାଫର ଅଛନ୍ତି, ତେବେ ଆମ ଫଟୋର ମାନ ସେହିପରି ଭଲ ରଖୁଥିବାରୁ ସେମାନେ ଆମ ଫଟୋକୁ ପସନ୍ଦ କରୁଛନ୍ତି। ତେଣୁ ଫଟୋଗ୍ରାଫି ମୋତେ ଆତ୍ମସନ୍ତୋଷ ଦେଇଛି ଏବଂ ଯଥେଷ୍ଟ ଆୟ କରିବାର ସୁଯୋଗ ବି ଦେଇଛି। ନିଜର ଛବି ଦେଖିବା ପାଇଁ ସମସ୍ତେ ଭଲପାଆନ୍ତି। ତେଣୁ ଫଟୋର ଚାହିଦା ପୂର୍ବରୁ ଥିଲା, ଏବେ ରହିଛି, ଆଗକୁ ମଧ୍ୟ ରହିବ। ପ୍ରତ୍ୟେକ ବିଷୟବସ୍ତୁର ଫଟୋ ଉଠାଇବା ଲାଗି ବିଭିନ୍ନ ଆଙ୍ଗେଲ୍ ରହିଛି। ମୋ ମତରେ ଏହି କଳାକୁ ଯିଏ ଭଲ ଭାବେ ବୁଝିପାରିଛି, ସେ ଏ କ୍ଷେତ୍ରରେ ସଫଳ ହୋଇପାରିବେ। ପରିବେଶ ଓ ପ୍ରକୃତିକୁ ଭଲ ପାଉଥିବା ବ୍ୟକ୍ତି ହିଁ ଜଣେ ଫଟୋଗ୍ରାଫର ହୋଇପାରିବେ। ତେବେ ଯୁବପିଢ଼ି ଫଟୋଗ୍ରାଫିକୁ କ୍ୟାରିଅର କରିପାରିଲେ ଉଭୟ ନାମ ଓ ଭଲ ଆୟ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ରାଜକମଲ।



**- ସନ୍ତୋଷ କୁମାର ନାୟକ**

ୟୁଥ୍ ଆଲର୍ଟ



# ଓଠ ଦେବ ସ୍ୱାସ୍ଥ୍ୟ ସୂଚନା

ମଣିଷର ବିଭିନ୍ନ ଅଙ୍ଗ ଯେପରି ଆଖି, ନଖ, ତ୍ୱଚାରେ ଦେଖାଦେଉଥିବା କେତେକ ପରିବର୍ତ୍ତନରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ମିଳିଥାଏ। ଠିକ୍ ସେହିପରି ଓଠର କେତେକ ଅସ୍ୱାଭାବିକ ପରିବର୍ତ୍ତନ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସୂଚେଇ ଦେଇଥାଏ। ଜାଣିବା ଏହା ସମ୍ପର୍କରେ...

⏭ହଠାତ୍ ଓଠ ଫୁଲିଲେ କିମ୍ବା ଫୁଲା ରହିଲେ ଜଣାଯାଏ ଯେ, ଉକ୍ତ ବ୍ୟକ୍ତିଙ୍କ ଶରୀରରେ କୌଣସି ଆଲର୍ଜି ସମସ୍ୟା ଅଛି। ଏହା ବ୍ୟତୀତ କୌଣସି ମେଡିସିନ୍ କିମ୍ବା ଖାଦ୍ୟପେୟରେ ରିଆକ୍ସନ ଏବଂ ପେଟରେ ଇନ୍‌ଫେକ୍ସନ ହେଲେ ମଧ୍ୟ ଓଠ ଫୁଲିଥାଏ। ତେଣୁ ଏଭଳି ହେଲେ ଅବହେଳା ନ କରି ତୁରନ୍ତ ପ୍ରତିକାର କରିବାକୁ ଚେଷ୍ଟା କରନ୍ତୁ।

⏭ଯଦି କାହାର ଓଠ ଶୁଖିଯାଏ, ଫାଟିବା ଭଳି ଦେଖାଯାଏ ତେବେ ସେଥିରୁ ଜଣାଯାଏ, ଉକ୍ତ ବ୍ୟକ୍ତଙ୍କ ଶରୀରରେ ଜଳୀୟାଂଶ କମ୍ ବା ସେ ଡିହାଇଡ୍ରେଶନ୍‌ର ଶିକାର। କେବେକେବେ ଶରୀରରେ ଆବଶ୍ୟକ ପୋଷକତତ୍ତ୍ୱ କମିଗଲେ, ପେଟ ଖରାପ ହେଲେ କିମ୍ବା ଭିତରୁ ଜ୍ୱର ରହିଲେ ବି ଓଠ ଶୁଖିଲା ଦେଖାଯାଏ। ଯଦି ଓଠରେ ଏଭଳି ପରିବର୍ତ୍ତନ ଦେଖୁଛନ୍ତି, ତେବେ ଅଧିକ ପାଣି ପିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

⏭କେବେକେବେ ଓଠ ହଳଦିଆ ମଧ୍ୟ ଦେଖାଯାଏ। ହେଲେ ଅଧିକ ଦିନ ଏପରି ରହିଲେ ଜାଣିବେ ବ୍ୟକ୍ତିଙ୍କ ଶରୀରରେ ଆନେମିଆ ବା ରକ୍ତହୀନତା ସମସ୍ୟା ରହିଛି। ଶରୀରରେ ଅକ୍ସିଜେନ୍ ପରିବହନ ପାଇଁ ଆବଶ୍ୟକ ଲାଲ୍ ରକ୍ତକଣିକା ଓ ହିମୋଗ୍ଲୋବିନ୍ ଏବଂ ଆଇରନ୍ ଅଭାବ ରହିଛି। ଏହା ଯୋଗୁ ଥକାପଣ, ଦୁର୍ବଳ ଲାଗିବା ଭଳି ଲକ୍ଷଣ ମଧ୍ୟ ଦେଖାଯାଏ। ତେଣୁ ତୁରନ୍ତ ଏହାର ଚିକିତ୍ସା କରାଇନେବା ଆବଶ୍ୟକ।

⏭ଯଦି ଓଠର ରଙ୍ଗ କୌଣସି କାରଣରୁ ନୀଳ କିମ୍ବା ବାଇଗଣି ଦେଖାଯାଏ, ତେବେ ଏହା ରକ୍ତରେ ଅକ୍ସିଜେନ୍ ଅଭାବ, ହୃଦ୍‌ରୋଗ, ଆଜ୍‌ମା, କ୍ରନିକ୍ ଆବଷ୍ଟ୍ରକ୍ଟିଭ୍ ପଲ୍ମୋନାରି ଡିଜିଜ୍‌ର ଲକ୍ଷଣ ହୋଇପାରେ। ଓଠରେ ଏପରି ପରିବର୍ତ୍ତନ ଦେଖିବାମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।



## ଜାତୀୟ ମହିଳା କୋଚିଂ କ୍ୟାମ୍ପ ପାଇଁ ୩୩ ମନୋନୀତ

ବେଙ୍ଗାଲୁରୁ, ୧୪।୯ (ପି.ଟି.)

ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ମହିଳା କୋଚିଂ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ଶନିବାର ୩୩ ଜଣ ଖେଳାଳି ମନୋନୀତ କରିଛି। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରଠାରେ କ୍ୟାମ୍ପ ଅନୁଷ୍ଠିତ ହୋଇଥିବା। ବିହାରରେ ନବ ନିର୍ମିତ ରାଜଗିରି ଷ୍ଟାଡିୟମରେ ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ହେବାକୁଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ଲାଗି ପ୍ରସ୍ତୁତି ପାଇଁ ଏହି କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିରେ ଦଳ ଏହାର ଦୋଷ ଦୁର୍ବଳତାକୁ ସଜାଡିବ ବୋଲି ମୁଖ୍ୟକୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ରାଜଗିରିରେ ପ୍ରଥମ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବାକୁ ଯାଉଛି। ଭାରତୀୟ ମହିଳା ଦଳ ଗତଥର ଲଣ୍ଡନ ଓ ଆଣ୍ଟୱେର୍ପଠାରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍ ୨୦୨୩-୨୪ ସିଜନରେ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍‌ବ୍ରିଟେନ ସହ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ଅଧିନାୟିକା ସାଲିମା ଟେଟେ ଓ ଉପ-ଅଧିନାୟିକା ନବନୀତ କୌରଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲା ଭାରତୀୟ ମହିଳା ଦଳ।

# ସାଫ୍‌ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ



ଦଣ୍ଡପତି ମୃତ୍ୟମ ଜୟରାମ



ସବିତା ଟପ୍ପୋ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

ଚେନ୍ନାଇରେ ଶେଷ ହୋଇଥିବା ଜୁନିୟର ଦକ୍ଷିଣ ଏସୀୟ ଆଥଲେଟିକ୍ସ ଫେଡେରେଶନ୍ (ସାଫ୍) ଚାମ୍ପିୟନଶିପ୍‌ରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ମୋଟ ୪୮ ପଦକ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଓଡ଼ିଶାର ଯୁବ ଖେଳାଳିମାନେ ଭାରତପାଇଁ ୫ ପଦକ ହାସଲ କରିଛନ୍ତି। ଓଡ଼ିଶାର ପ୍ରତୀକ ମହାରଣା, ଦଣ୍ଡପତି ମୃତ୍ୟମ ଜୟରାମ, ମହେନ୍ଦ୍ର ସାନ୍ତା, ସବିତା ଟପ୍ପୋ ଓ ଲକ୍ଷ୍ମୀ ପ୍ରିୟା କିସାନ ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେମାନେ ୪ଟି ବ୍ୟକ୍ତିଗତ ଓ ଗୋଟିଏ ଦଳଗତ ଇଭେଣ୍ଟରେ ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଯୋଡ଼ିଛନ୍ତି।

ବରଗଡ଼ରେ ଡେଲିଭରି ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରୁଥିବା ପ୍ରତୀକ କୋଭିଡ୍ ମହାମାରୀ ସମୟରେ ଜୀବନ ଓ ଭାଗ୍ୟ ସହ ସଂଘର୍ଷ କରିଥିଲେ। ଜଣେ ଦୌଡ଼କୁଦ ଆଥଲେଟ୍ ଭାବେ ବଡ଼ ହୋଇ ଦେଶ ପାଇଁ ଗୌରବ ଅର୍ଜନ କରିବାର ସ୍ୱପ୍ନ ଦେଖିଥିଲେ ମଧ୍ୟ ଜୀବନର କଠୋର ବାସ୍ତବତା ତାଙ୍କୁ ପଛକୁ ଠେଲି ଦେଇଥିଲା। ତେବେ ରାଜ୍ୟ ସରକାରଙ୍କ ସହାୟତା ଓ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସେ ଟ୍ରାକ୍‌କୁ ଫେରି ସାଫ୍ ଚାମ୍ପିୟନଶିପ୍ ପାଇଁ ଅଭ୍ୟାସ କରିଥିଲେ। ଏଥିରେ ସେ ପୁରୁଷ ୨୦୦ ମିଟର ଓ ୪x୧୦୦ ମିଟର ରିଲେରେ ଭାରତ ପାଇଁ ଗୋଟିଏ ଦିନରେ ୨ଟି ରୌପ୍ୟ ପଦକ ଜିତି ଇତିହାସ ରଚିଥିଲେ। ସେହିପରି ୧୯ ବର୍ଷୀୟ ଜୟରାମଙ୍କ ଜୀବନରେ ଆଗକୁ ବଢ଼ିବା ସହଜ ନ ଥିଲା। କଳାହାଣ୍ଡି ବାସିନ୍ଦା ଏହି ପ୍ରତିଭା ସମ୍ପନ୍ନ ଆଥଲେଟ୍ କ୍ରୀଡ଼ା ପ୍ରତି ଆଗ୍ରହ ଥିଲେ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡ଼ାକୁ ଆପଣେଇଥିଲେ। କିନ୍ତୁ ଓଡ଼ିଶା ସରକାରଙ୍କ ଏକ ଟ୍ୟାଲେଣ୍ଟ ସ୍କାଉଟ୍ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଟ୍ରାକ୍‌ରେ ଦୌଡ଼ିବାପରେ ତାଙ୍କ ଭାଗ୍ୟ ବଦଳି ଯାଇଥିଲା। ଏବେ ସେ ଜଣେ ପଦକ ବିଜେତା ଓ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ପରିଚିତ ହେବା ସହ ନିଜର ପ୍ରଥମ ସାଫ୍ ପ୍ରତିଯୋଗିତାରେ ଦେଶ ପାଇଁ ୨ଟି ପଦକ (୧ ରୌପ୍ୟ, ୧ ବ୍ରୋଞ୍ଜ) ଜିତିଛନ୍ତି।

ସାଫ୍ କ୍ରୀଡ଼ାରେ ଓଡ଼ିଶାକୁ ମିଳିଥିବା ୫ ପଦକ ମଧ୍ୟରୁ ୨ଟି ମହିଳା କ୍ରୀଡ଼ାବିତ୍ ଜିତିଥିଲେ। ଭାରତୀୟ ଦଳରେ ଶେଷ ମୁହୂର୍ତ୍ତରେ ସାମିଲ ହୋଇଥିବା ଓଡ଼ିଶାର ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସ ଓ ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଷାନ ରୌପ୍ୟ ପଦକ ଜିତିଛନ୍ତି। ଉଭୟ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ତୃଣମୂଳସ୍ତରରୁ ଆଥଲେଟମାନଙ୍କୁ ଖୋଜିବା ଓ ବିକଶିତ କରିବା ପାଇଁ ଓଡ଼ିଶା ସରକାର ନେଇଥିବା ପଦକ୍ଷେପ ମାଧ୍ୟମରେ ଭାରତର ପ୍ରତିନିଧିତ୍ୱ କରିବା ସହ ପଦକ ଜିତିଛନ୍ତି। ପ୍ରଶିକ୍ଷକ ମାର୍ଟିନ୍ ଓଭେନ୍ସଙ୍କ ତତ୍ତ୍ୱାବଧାନରେ ଜୟରାମ, ମହେନ୍ଦ୍ର ସାନ୍ତା, ସବିତା ଟପ୍ପୋ ଓ ଲକ୍ଷ୍ମୀ ପ୍ରିୟା କିଷାନ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର, ପ୍ରତୀକ ମହାରଣା ରାଉରକେଲା ବିସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ନିଜ ପ୍ରଶିକ୍ଷକ ଶିବ ମିଶ୍ରଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି।

## ସେମିରେ ରାଧାରମଣ, ସ୍ପୋର୍ଟ୍ସ ଓଡ଼ିଶା



ରାଧାରମଣ ଓ ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୧୪।୯ (ସରୋଜ ଜେନା)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ସୁପର ଲିଗ୍‌ର ସେମି ଫାଇନାଲରେ ପ୍ରବେଶ କରିଛି ରାଧାରମଣ କ୍ଲବ୍ ଓ ସ୍ପୋର୍ଟ୍ସ ଓଡ଼ିଶା। ରାଧାରମଣ ୩-୦ ଗୋଲରେ ମଙ୍ଗଳା କ୍ଲବକୁ ପରାସ୍ତ କରିଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ୨-୦ରେ କିଶୋର କ୍ଲବକୁ ହରାଇଛି। ବାରବାଟୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ରାଧାରମଣ କ୍ଲବ ୩-୦ରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟିମହମ୍ମଦ ଅର୍ଶଦ(୬୬), ବିକି ସେଠୀ(୭୩) ଓ ଭାବଗ୍ରାହୀ ପଢ଼ିହାରୀ(୫୮) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବାରବାଟୀରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨-୦ରେ କିଶୋର କ୍ଲବକୁ ହରାଇଥିଲା।

ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଶଙ୍ଖ ଶେଖର ହେମ୍ବ୍ରମ ୩୧ ଓ ୩୪ ମିନିଟରେ ଡବଲ୍ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

# ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅନ୍ୟମାନେ।

## ଭାଗନେଲେ ରେକର୍ଡ ୨୪୫ ପ୍ରତିଯୋଗୀ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଫୁଲନଖରାସ୍ଥିତ ଗ୍ରାଣ୍ଡବଜାର ପରିସରରେ ପ୍ରଥମ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଗ୍ରାଣ୍ଡ ମିନିସିଟିର ପ୍ରମୋଟର ସ୍ନେହା ଗର୍ଗ ଗୋଟି ଚାଳନା କରି ଏହି ଚେସ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୫ ଜିଲାରୁ ରେକର୍ଡ ୨୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୦ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ। ପ୍ରଥମ ଦିବସରେ ଅନୁଷ୍ଠିତ ୪ ରାଉଣ୍ଡ ଖେଳ ଶେଷସୁଦ୍ଧା ୧୩ ଖେଳାଳି ପୂରା ୪ ପଏଣ୍ଟ ପାଇ ମିଳିତ ଅଗ୍ରଣୀଲାଭ କରିଛନ୍ତି। ଏସ୍‌ଆର ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ରାଜ୍ୟ ଚେସ୍ ସଂଘ ସଭାପତି ଜି.ସି. ମହାପାତ୍ର, ସାମାଜିକକର୍ମୀ ରାଜାନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ଦେବାଶିଷ ସୁନ୍ଦରାୟ, ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡାଙ୍କୁ ଏସ୍‌ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ରାଜ୍ୟର ବରିଷ୍ଠ ଚେସ୍ ପ୍ରଶିକ୍ଷକ ନାରାୟଣ ସ୍ୱାଇଁ, ଆଦିତ୍ୟ ପଟ୍ଟନାୟକ, ମନୋଜ କୁମାର ରାୟ, ଅନିମେଶ ରାୟ, ସୂର୍ଯ୍ୟମିତ ସେନ୍, ଅବିନାଶ ଦାଶ, ଅବିନାଶ ବଳିୟାରସିଂ, ସୁରଜ ମହାରଣା, ଦୀପ୍ତିରଞ୍ଜନ ନାୟକ ଓ ନିରୁପମା ପୃଷ୍ଟିଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ଫିକି ମହାପାତ୍ର, ସତ୍ୟଜିତ ପଟ୍ଟନାୟକ, ପ୍ରଣବ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି।


### DISTRICT EDUCATION OFFICE, NUAPADA

No.6576/ PM Poshan-13/2024 Date:13.09.24

**2nd CORRIGENDUM NOTICE**

The date for submission and opening of bids has been extended for "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" issued vide this office notice No.5560, dt:08.08.2024 & Corrigendum Notice No.6054, Dt:29.08.2024.

The revised scheduled is as follows:-

| | |
|---|---|
| Last date for submission of Bids/ Tenders | Dt:30.09.2024 upto 05.00 PM |
| Date of Opening of Bids/ Tenders | To be informed |

**Sd./- Collector, Nuapada**

### GOVERNMENT OF ODISHA
### OFFICE OF THE EXECUTIVE ENGINEER (AGRIL.), SOIL CONSERVATION, NORTHERN ZONE AT/PO-BURLA, SAMBALPUR-768017

No.L-60: e-mail:eenzsc.sambalpur@gmail.com

Notice No.160 Dt.12.09.2024

**NATIONAL COMPETITIVE BIDDING THROUGH e-Procurement**

Identificatio No.02/DSC&WD/NZ/2024-25, Dt.12.09.2024

| | | | |
|---|---|---|---|
| 1 | Nature of Work | : | Extension, Renovation and Modernization (ERM) of Building |
| 2 | Nos. of Work | : | 1 No. |
| 3 | Tendered amount in Rs. | : | Rs.26,89,074.00 |
| 4 | Period of Completion | : | 180 days |
| 5 | Date & Time of availability of bid document in the portal | : | From 10.00 Hrs. of 19.09.2024 to 17.30 Hrs. of 24.09.2024 |
| 6 | Last date/time of receipt of original documents in the tender box at the office of the undersigned | : | Before 17.30 Hrs. of 27.09.2024 |
| 7 | Date & Time of opening of bids | : | 11.00 Hrs. of 30.09.2024 onwards |
| 8 | Name and Address of the Officer inviting bid | : | Executive Engineer (Agril.) Soil Conservation, Northern Zone, Sambalpur, At/Po- Burla, Near Planetarium Chowk, Pin-768017 |

Further details can be seen from the website: www.tendersodisha.gov.in

Sd./- Executive Engineer (Agril.)
Soil Conservation, NZ, Sambalpur
OIPR-01481/11/0002/2425

No.C-604

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧାମନଗର

### OFFICE OF THE NOTIFIED AREA COUNCIL, DHAMNAGAR

Pin : 756117 (Odisha) Tel. No.-06786-236056 / E.mail : dhamnagar.nac@gmail.com

No.:2543/NAC Date : 11.09.2024

**QUOTATION CALL NOTICE**

1. The Executive Officer, Notified Area Council, Dhamnagar invites quotations in sealed covers in conformity with detailed quotation call notice to be eventually drawn up in prescribed NAC Form from the intending registered firms/contractors/ fabricators manufacturers and authorized dealers of works on for "Supply of Wheel Barrow and Garbage Bins of different Capacity to Notified Area Council, Dhamnagar" as per the schedule, technical specification and scope of work.
2. Bid documents consisting of specification, scope of work, and the sot of terms and conditions of contracts and other necessary documents can be seen in the office of the undersigned during office hours on all working days.
3. The bid documents can be purchased from the NAC office against a non-refundable fee of Rs.2000.00 towards cost of bid documents in shape of demand draft issued from any Nationalized/scheduled Bank payable at in favour of the Executive Officer, Notified Area Council, Dhamnagar or Money Receipt of Dhamnagar NAC in case of cash Deposit.
4. The Quotation must accompany attested copies of valid PAN, GST registration certificate and registration certificate of the bidders from competent authority failing which the bids will be out rightly rejected.
5. The sale of quotation documents shall start from 10.00 AM of Dt.12.09.2024 and close on Dt.17.09.2024 at 5.00 PM. The Quotation document will also be available in the Notified Area Council, Dhamnagar. In case of down loaded documents the bidder shall have to deposit the bid document cost as mentioned at Para 3 above. Bids shall be received Speed Post / Regd. Post or By Hand office hours up to 1.00 PM on dated 18.09.2024.
6. The quotation, complete in all respect shall be submitted to the Executive Officer, Notified Area Council, Dhamnagar clearly super scribing on an envelope 'Supply of Wheel Barrow and Garbage Bins of different Capacity to Notified Area Council, Dhamnagar" through Speed Post / Regd. Post or By Hand on or before 1.00 P.M. of dt.18.09.2024. Submission of the quotation by fax, email or other electronic means will not be accepted. It is the responsibility of interested party alone to ensure that its quotation is delivered at the prescribed address by the stated deadline. The NAC shall not be held responsible for any dealy in delivery or loss of the quotation document(s) during transit.
7. The quotations will be opened on dtd 18.09.2024 at 4.00 PM in the office of the undersigned in the presence of the bidders or their authorized representatives who wish to attend. If the office happens to be closed on the last date of receipt or opening of the bids as specified, then the bids will be received/opened on the next working day at the same time and venue unless otherwise notified.
8. The bidder should quote the rates both in figures and in words in the appropriate columns for the items in the schedule of item appended to this notice at Annexure-1. If there is a difference between the rate quoted in figures and in words the rate quoted in words shall be taken as correct.
9. The rate quoted should be inclusive of all taxes including GST (Amount of GST to be mentioned). No further claim in this regard will be acceptable to Notified Area Council, Dhamnagar. Deducation of taxes during payment will be made as per rules.
10. conditional quotations shall not be accepted.
11. The assignments are to be delivered within 10 days from the date of issue of work order.
13. Any other information/clarification can be had from the office of the undersigned during office hours on all working days.
14. This quotation is not an offer and is issued with no commitment. Bhadrak Municipality reserves the right to amend or withdraw any of the terms and conditions contained in the quotation document at any stage. Bhadrak Municipality also reserves the right to reject any or all bids should it be so necessary at any stage, without giving any notice or assigning any reason. The decision of Bhadrak Municipality in this regard shall be final and binding on all.

OIPR-13197/11/0003/2425 Sd./- Executive Officer Dhamnagar NAC

### DIRECTORATE OF HANDICRAFTS, ODISHA
1st FLOOR, HEADS OF DEPARTMENT BUILDING UNIT-V, BHUBANESWAR-1

**CORRIGENDUM**

No.4810/ Date:13.09.2024

No.PP:The Tender Call Notice issued vide this Directorate letter no. 4797/DH/Dtd.12.09.2024 & published in Odia dailies " The Dharitri", "The Prameya" & "The Sambad" on 13.09.2024 for invitation of Sealed Quotation from Registered Event Management firms/ Decorators will reach to Directorate of Handicrafts, Odisha through courier/ Speed Post/ Registered post only latest by 1.00 PM on 30.09.2024 instead of 27.09.2024 at 5.00 PM.

Sd./- Director of Handicrafts, Odisha
OIPR-31042/11/0010/2425

GOVERNMENT OF ODISHA

### OFFICE OF THE EXECUTIVE ENGINEER, BHUBANESWAR (R&B) DIVISION NO. V, BHUBANESWAR

Mail id: eernb5bbsr@gmail.com

**INVITATION OF BIDS**

E-Procurement Tender Call Notice No. 05 of 2024-25

No. 5497 Bhubaneswar the 13th September - 2024

No. B-276: The Executive Engineer, Bhubaneswar (R&B) Division No. V, Bhubaneswar on behalf of the Governor of Odisha invites percentage rate bids for one number civil work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from **11.00 A.M. of 18.09.2024 to 5.00 P.M. of 24.09.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 25.09.2024** in the Office of the Executive Engineer, Bhubaneswar (R&B) Division No. V, Bhubaneswar. Further details can be seen from the e-procurement portal **www.tendersorissa.gov.in**. Addendum/Corrigendum, if required, will be available only in the website.

| Sl. No. | Name of the Work | Approximate Estimated Cost put to Tender | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | S/R to PWD Road from Kalinga Studio to Nuagaon Sqr. via SUM Hospital such as laying and relaying of new or damaged paver block, applying renewal coat to damaged BT surfaces for the year 2024-25 | Rs.57.24 Lakhs | Rs.58,000.00 Online | Rs.10,000.00 Online | "B" Class | 1 (One) Calendar Month |

Sd./- Executive Engineer, Bhubaneswar (R&B) Division No.V, Bhubaneswar
OIPR-34178/11/0001/2425

### OFFICE OF THE BARIPADA MUNICIPALITY
BARIPADA, MAYURBHANJ- 757001

Tel:06792-252703, Website:www.baripadamunicipality.in, e-mail: baripadamhud@nic.in

**Expression of Interest**

No.5739, Dated: 11.09.2024

No.C-591:1.Baripada Municipality invites sealed proposal in conformity with RFP documents in Two Bid System (Part-I: Technical Bid and Part-II: Price Bid) from Company/ trust/ society/ NGO/ government owned entity/ individual/ proprietary registered under relevant statute and in operation for at least 1 year during the last 5 years to be selected as operator to carry out fleet management of Cesspool vehicles towards collection & transportation of septage generated in Baripada town. The work details are mentioned below. More details on the services are provided in the Terms of Reference in this RFP document.

| Sl. No. | Name of Work | Contract Period | Cost of bid document in Rs. (Non-refundable) | EMD in Rs. | Last Date & Time of Sale of Bids | Last date & time for submission of bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Selection of Operator to carry out fleet management of Cesspool vehicles towards collection & transportation of septage generated in Baripada town. | 3 (Three) Years | 5,000/-+ 18% GST = Rs.5900/- (Rupees Five thousand nine hundred only) | 25,000/- (Rupees Twenty-Five Thousand only | Upto 5.30 P.M. dated 25.09.2024 | Upto 4.00 PM dated 26.09.2024 |

1. The details of the bid & bid document can be downloaded from the Govt. website: www.mayurbhanj.odisha.gov.in/ www.baripadamunicipality.in. from 11 A.M. on 12.09.2024 to dt.25.09.2024 upto 1.00 P.M.
2. The Bid documents (RFP) can also be obtained directly from the office of Baripada Municipality (in shape of CD media) on or before the last date and time of sale on payment of cost of bid documents Rs. 5,900.00 (Rupees Five thousand nine hundred only) in shape of account payee demand draft drawn in any Nationalized Bank drawn on or before the last date of sale of bid documents, in favour of the Executive Officer , Baripada Municipality payable at Baripada.
3. The bid must accompany with the cost of bid document (for downloaded RFP document) & EMD of required value as specified above in shape of Bank demand draft drawn in any Nationalized Bank in favour of the Executive Officer, Baripada Municipality payable at Baripada failing which the bid shall be out rightly rejected.
4. The sealed Tender shall be received in the office of the Executive Officer, Baripada Municipality through Registered Post & Speed Post only addressed to the Executive Officer, Baripada Municipality , Baripada on or before Dt. 26.09.2024 up to 4.00PM. The authority will not be held responsible for the postal delay (if any) in delivery of the document & non receipt of the same in time.
5. A pre-bid meeting shall be held at 11.00 A.M. on 20.09.2024 in the conference hall of Baripada Municipality located Baripada for clarification, if any.
6. A bidder can submit only one bid against the work. Submission of more than one bid by a bidder against the work will be liable for rejection of all such bids.
7. The bid Part-I (General & Techno commercial) will be opened at 11.00 A.M. on 27.09.2024 in presence of the bidder or their authorized representatives only in the conference hall of Baripada Municipality located Baripada. The opening of price bid will be intimated to the bidders qualifying in the General & Techno commercial bid subsequently.

The RFP is not an offer and is issued with no commitment. Baripada Municipality reserves the right to amend or withdraw any of the terms and conditions contained in the RFP document at any stage. Baripada Municipality also reserves the right to reject any or all bidder should it be so necessary at any stage, without giving any notice or assigning any reason. The decision of Baripada Municipality in this regard shall be final and binding on all.

OIPR-13078/11/0010/2425 Sd./- Executive Officer, Baripada Municipality

### OFFICE OF THE ROURKELA MUNICIPAL CORPORATION
Udit Nagar, Rourkela, Sundargarh, Pin-769012,
Tele.-0661-2500388,
e-mail Id: rourkelamunicipality@gmail.com

No.11124 Date:13.09.2024

**TENDER CALL NOTICE**

**No.C-600:**Sealed Tenders are invited from intending Supplier/ Firm/ Agency/Stockiest for supply of Printed items to Rourkela Municipal Corporation. The rates will be valid for one year and procurement will be made in phased manner during the year from time to time as per the requirement. The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e. **www.rmc.nic.in.** The tender papers to be sent through Speed Post/Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin-769012**, so that it shall be received by this office on or before 1.00 PM on 24.09.2024. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at 4.30 P.M. in presence of the bidder or their authorized representatives who ever present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

OIPR-13131/11/0025/2425 Sd./- Commissioner Rourkela Municipal Corporation

### Bhubaneswar Municipal Corporation
XXXXX-II SBAC 987/2020
Phone No.0674-2431253, e-mail:info@bmc.gov.in

Notice No.37167/BMC, Dtd.10.09.24

**Notice for Empanelment of commercial vehicles for lifting of Green Garbage and C&D Waste from household on demand basis**

**No.C-593:**Sealed Applications are invited from intending owners of commercial vehicles i.e. TATA 407 or Equivalent vehicles with hydraulic unloading facility, Tractors and Tippers/ Hyva for empanelment towards lifting and transporation of Green Garbage and C&D Waste from various categories of household under the territorial jurisdiction of Bhubaneswar Municipal Corporation on demand basis. At the citizens can book under SAFA App on payment basis or notices are served by the Sanitary Inspectors and Swacch Saathis of BMC to the households towards self-lifting of Green Garbage or C&D Waste generated within their premises and transportation of the same to the designated site of BMC at Patia/Pokhariput/Gadakana Kelucharan Park. The following payment terms have been fixed towards lifting and transporation of the above waste:

| Type of Waste | Type of Vehicle | Payment Terms |
|---|---|---|
| Green Garbage | TATA 407 or Equivalent vehicles with hydraulic unloading facility | Rs.1000/- (Rupees One thousand) only per trip load |
| C&D Waste | Tractor with manual loader | Rs.1500/- (Rupees One thousand and five hundred) only per trip load |
| C&D Waste | Tipper/Hyva with JCB | Rs.4500/- (Rupees Four thousand and five hundred) only per trip load |

The Application shall reach the Office of Dy.Commissioner (Sanitation), BMC by hand/speed post/courier on or before 5.00 PM on 20.09.2024. The Application form alongwith requisite documents sought shall be available in the website of Bhubaneswar Municipal Corporation i.e. https://www.bmc.gov.in/. For any queries please contact Sri Keertiman Sarangi, Waste Management Expert-II, BMC (Contact No.:+91 9776256199/7978015044).

OIPR-13002/11/0071/2425 Sd./- Dy. Commissioner (Sanitation) Bhubaneswar Municipal Corporation

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୫ ସେପ୍ଟେମ୍ବର, ୨୦୨୪ Bhubaneswar, Sunday, 15 September, 2024

# ପାକିସ୍ତାନକୁ ୨-୧ରେ ହରାଇଲା ଭାରତ

**ହୁଲୁନବୁଇର୍,୧୪।୯(ପି.ଟି.)**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ଶନିବାର ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ୨-୧ରେ ପରାସ୍ତ କରିଛି। ଅଧିନାୟକ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ହରମନ୍‌ପ୍ରୀତ୍‌ଙ୍କ ଡବଲ ଗୋଲ୍**

ହରମନ୍‌ପ୍ରୀତ୍ ସିଂ ୧୩ ଓ ୧୯ତମ ମିନିଟରେ ଡବଲ୍ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ହରମନ୍‌ପ୍ରୀତ୍‌ଙ୍କ ନେତୃତ୍ୱାଧୀନ ଦଳ ଚାଇନାକୁ ୩-୦, ଜାପାନକୁ ୫-୧,ମାଲେସିଆକୁ ୮-୧ ଓ କୋରିଆକୁ ୩-୧ରେ ପରାସ୍ତ କରିଥିଲା। ୪ ମ୍ୟାଚ୍‌ରେ ଅପରାଜେୟ ରହିଥିବା ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପ୍ରଥମ କ୍ୱାର୍ଟରରୁ ହିଁ ଆକ୍ରମଣ



ଗୋଲ ସ୍କୋର ପରେ ଉଲ୍ଲସିତ ହରମନପ୍ରୀତ ସିଂ ଓ ଅନ୍ୟ ଖେଳାଳିମାନେ।

ଆରମ୍ଭ କରିଥିଲା। ଏହା ସହିତ ୨୦୧୬ ପରଠାରୁ ପାକିସ୍ତାନ ବିପକ୍ଷରେ ଅପରାଜେୟ ଧାରା ବଜାୟ ରଖିବାରେ ସମର୍ଥ ହୋଇଛି ଭାରତ। ଗତ ବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ଦଳ ପାକିସ୍ତାନକୁ ୧୦-୨ ଗୋଲରେ ହରାଇଥିଲା। ଏହା ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତ ୪-୦ରେ ବିଜୟୀ ହୋଇଥିଲା। ୨୦୨୨ ଏସିଆ କପ୍‌ରେ ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବ ମ୍ୟାଚ୍ ୧-୧ ଡ୍ରରେ ଶେଷ ହୋଇଥିବା ବେଳେ ୨୦୨୧ରେ ଢାକାରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିର ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପାକିସ୍ତାନକୁ ୪-୩ରେ ପରାସ୍ତ କରିଥିଲା।

ଉଭୟ ଭାରତ ଓ ପାକିସ୍ତାନ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ବେଳେ ପ୍ରଥମ କ୍ୱାର୍ଟରରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ ଟୁର୍ନାମେଣ୍ଟରେ ଭାରତୀୟ ଡିଫେନ୍ସକୁ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ହନ୍ନନ ଶାହିଦ୍ ଦଳ ପାଇଁ ପ୍ରଥମ ସୁଯୋଗ ସୃଷ୍ଟି କରିଥିଲେ। ୧୧ତମ ମିନିଟରେ ଶାହିଦଙ୍କ ପାଶ୍‌ରୁ ପ୍ରଥମ ଗୋଲ ସ୍କୋର କରିଥିଲେ ନଦୀମ୍। ଏହାର ଦୁଇ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ହରମନ୍‌ପ୍ରୀତ୍ ଏକ ଚମତ୍କାର ଡ୍ରାଗ ଫ୍ଲିକ ଜରିଆରେ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଭାରତକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରିବା ସହ ଭାରତକୁ ବିଜୟୀ କରିଥିଲେ ହରମନ୍‌ପ୍ରୀତ୍। ଅନ୍ତିମ ଦୁଇ କ୍ୱାର୍ଟରରେ ଭାରତର ବୃଦ୍ଧି ପାଇଥିଲେ ମଧ୍ୟ ଆଉ ଗୋଲ ହୋଇ ନ ଥିଲା। ସେହିପରି ଭାରତୀୟ ଅଧିନାୟକ ହରମନ୍‌ପ୍ରୀତ୍ ଓ ପାକିସ୍ତାନର ଅଶ୍ରଫ୍ ୱାହିଦ୍ ରାଣାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଶ୍ରଫ ଭାରତର ଯୁଗରାଜ ସିଂଙ୍କୁ ଧକ୍କା ମାରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଣାଙ୍କୁ ୟେଲୋ କାର୍ଡ ମିଳିବା ସହିତ ସେ ୧୦ ମିନିଟ ପଡ଼ିଆ ବାହାରେ ରହିଥିଲେ।

# ଚେନ୍ନାଇନ୍ ଠାରୁ ହାରିଲା ଓଏଫ୍‌ସି



ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୧୪।୯(ସରୋଜ ଜେନା)**

**ଇଣ୍ଡିଆନ୍ ସୁପର ଲିଗ୍**

**୧୩ ମ୍ୟାଚ୍ ବିଜୟ ଧାରାରେ ବ୍ରେକ୍**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ର ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଚେନ୍ନାଇନ୍ ଏଫ୍‌ସି ନିକଟରୁ ୨-୩ ଗୋଲରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଚଳିତ ସିଜନର ପ୍ରଥମ ମ୍ୟାଚ୍ ଖେଳୁଥିବା ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୯) ଓ ରୟ କ୍ରିଷ୍ଣା(୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଚେନ୍ନାଇନ୍ ପକ୍ଷରୁ ଫାରୁଖ ଚୌଧାରୀ(୪୮ଓ୫୧) ମିନିଟରେ ଡବଲ୍ ଗୋଲ ଦେଇଥିବା ବେଳେ ଡାନିଏଲ୍ ଚିମା ଚୁକୁ(୬୯) ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହା ସହିତ ଦୁଇ ବର୍ଷରେ ପ୍ରଥମ ଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ପରାଜିତ ହୋଇଛି ଓଏଫ୍‌ସି। ଗତ ସିଜନରେ ଓଏଫ୍‌ସି କଳିଙ୍ଗରେ ୧୩ ମ୍ୟାଚ୍‌ରେ ଅପରାଜେୟ ରହିଥିଲା। ୫୬୯ ଦିନ ପରେ ଚଳିତ ସିଜନରେ ଏଥିରେ ବ୍ରେକ୍ ଲଗାଇଛି ଚେନ୍ନାଇନ ଏଫ୍‌ସି।

ସମଗ୍ର ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚ୍‌ର ୬୦ ପ୍ରତିଶତ ସମୟ ଓଏଫ୍‌ସି ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଫାରୁଖ ମାତ୍ର ୩ ମିନିଟରେ ଖେଳର ମୋଡ ବଦଳାଇ ଦେଇଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧର ନବମ ମିନିଟରେ ଓଏଫ୍‌ସିକୁ ପେନାଲ୍ଟି କିକ୍ ମିଳିଥିଲା। ଡିଏଗୋ ମରିସିଓ ଏଥିରୁ ସ୍କୋର କରିବା ସହ ଘରୋଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଯାଏ ଓଡ଼ିଶା ଅଗ୍ରଣୀ ବଜାୟ ରଖିଥିଲା। ତେବେ ପ୍ରଥମାର୍ଦ୍ଧ ପରେ ଅଧିନାୟକ ଅମରିନ୍ଦର ସିଂଙ୍କ ସାମାନ୍ୟ ତ୍ରୁଟି କାରଣରୁ ୩ ମିନିଟରେ ଦୁଇଟି ଗୋଲ ବରଣ କରିଥିଲା ଓଏଫ୍‌ସି। ୪୮ ତମ ମିନିଟରେ ଫାରୁଖ ଏକ ଚମତ୍କାର ଶଟ୍ ଜରିଆରେ ଅମରିନ୍ଦରଙ୍କୁ ପରାସ୍ତ କରିବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ ପରେ ଅମରିନ୍ଦରଙ୍କ ତରବରିଆ ପାଶ ଫାରୁଖଙ୍କ ନିକଟକୁ ଯାଇଥିଲା। ଏହାକୁ ଗୋଲରେ ପରିଣତ କରିବା ସହ ଚେନ୍ନାଇନକୁ ୨-୧ରେ ଆଗୁଆ କରିଥିଲେ। ୬୫ ତମ ମିନିଟରେ ହ୍ୟୁଗୋ ବ୍ୟୁମୋସଙ୍କ ନିକଟରେ ସ୍କୋର କରିବାର ସୁଯୋଗ ରହିଥିଲେ ମଧ୍ୟ ଚେନ୍ନାଇନ୍ ଗୋଲକିପର ଏହାକୁ ଅଟକାଇ ଦେଇଥିଲେ। ୬୯ ତମ ମିନିଟରେ ଡାନିଏଲ୍ ଚିମା ଚୁକୁ ସ୍କୋର କରି ଭ୍ରମଣକାରୀ ଦଳର ଅଗ୍ରଣୀକୁ ୩-୧ରେ ପହଞ୍ଚାଇଥିଲେ। ଇଞ୍ଜୁରୀ ଟାଇମରେ ରୟ କ୍ରିଷ୍ଣା ଏକ ଚମତ୍କାର ଗୋଲ କରିଥିବା ବେଳେ ବ୍ୟବଧାନ ୩-୨କୁ ହ୍ରାସ ପାଇଥିଲା। ସେପ୍ଟେମ୍ବର ୨୦ ତାରିଖରେ ପଞ୍ଜାବ ଏଫ୍‌ସି ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଓଏଫ୍‌ସି।

# ଈଶ୍ୱରନ୍, ପ୍ରଥମ, ତିଳକଙ୍କ ଶତକ

**ବେଙ୍ଗାଲୁରୁ,୧୪।୯(ପି.ଟି.)**

ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଶତକ ହାସଲ କରିଛନ୍ତି ଅଭିମନ୍ୟୁ ଈଶ୍ୱରନ, ପ୍ରଥମ ସିଂ ଓ ତିଳକ ବର୍ମା। ଇଣ୍ଡିଆ ଡି ବିପକ୍ଷରେ ଇଣ୍ଡିଆ ଏ'ର ପ୍ରଥମ ସିଂ ଓ ତିଳକ ବର୍ମା ଶତକ ହାସଲ କରିଥିବା ବେଳେ ଦଳ ଦୃଢ଼ ସ୍ଥିତିରେ ରହିଛି। ଅନ୍ୟପକ୍ଷରେ ଇଣ୍ଡିଆ ସି ବିପକ୍ଷରେ ଅଭିମନ୍ୟୁ ଈଶ୍ୱରନ୍ ଲଢୁଆ ଶତକ ହାସଲ କରିଛନ୍ତି।

## ପ୍ରଥମ, ତିଳକଙ୍କ ଶତକ

ପ୍ରଥମ ଇନିଂସରେ ୧୦୭ ରନ୍‌ରେ ଆଗୁଆ ଥିବା ଇଣ୍ଡିଆ ଏ ପକ୍ଷରୁ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିଲେ ପ୍ରଥମ ସିଂ ଓ ତିଳକ ବର୍ମା। ପ୍ରଥମ ୧୨୨ ଓ ତିଳକ ଅପରାଜିତ ୧୧୧ ରନ୍‌ର ଇନିଂସ ଖେଳିବା କାରଣରୁ ଇଣ୍ଡିଆ ଏ ୩୮୦/୩ରେ ଇନିଂସ ଘୋଷଣା କରିଥିଲା। ପ୍ରଥମ ୧୮୯ ବଲ୍ ଖେଳି ୧୨ ଚୌକା ଓ ୧ ଛକା ମାରିଥିଲେ। ତିଳକ ୧୯୩ ବଲ୍ ଖେଳି ୯ ଚୌକା ମାରିଥିଲେ। ରିୟାନ ପରାଗ ୨୦ ରନ୍ କରି ଆଉଟ ହୋଇଥିବା ବେଳେ ଉଇକେଟ କିପର ଶାଶ୍ୱତ ରାୱତ ଅପରାଜିତ ୬୪ ରନ୍ କରିଥିଲେ। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଇଣ୍ଡିଆ ଡି ୧ ଉଇକେଟ ହରାଇ ୬୨ ରନ୍ କରିଛି। ଅଥର୍ବ ତାଇଡେ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିବା ବେଳେ ରିକି ଭୁଇ ୪୪ ଓ ୟଶ ଦୁବେ ୧୫ ରନ୍ କରି ବ୍ୟାଟିଂ କରୁଛନ୍ତି।

**ଦୁଲୀପ୍ ଟ୍ରଫି**

**ଅଂଶୁଲ କମ୍ବୋଜଙ୍କୁ ୫ ଉଇକେଟ ସଫଳତା**

## ଅଂଶୁଲଙ୍କୁ ୫ ଉଇକେଟ

ଇଣ୍ଡିଆ ବି ବିପକ୍ଷରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଇଣ୍ଡିଆ ସି'ର ଅଂଶୁଲ କମ୍ବୋଜ। ଇଣ୍ଡିଆ ସି ପ୍ରଥମ ଇନିଂସରେ ଈଶାନ କିଶନଙ୍କ ଶତକ ବଳରେ ୫୨୫ ରନ୍ କରିଥିଲା। ଅଭିମନ୍ୟୁ ଈଶ୍ୱରନଙ୍କ ଲଢୁଆ ୧୪୩* ରନ୍ ସତ୍ତ୍ୱେ ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଇଣ୍ଡିଆ ବି ୭ ଉଇକେଟ ହରାଇ ୩୦୯ ରନ୍ ସ୍କୋର କରିଛି। ହାତରେ ୩ ଉଇକେଟ ରହିଥିବା ବେଳେ ଦଳ ୨୧୬ ରନ୍ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଈଶ୍ୱରନ ୧୪୩ ଓ ରାହୁଲ ଚହର ୧୮ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଈଶ୍ୱରନ୍ ଓ ନାରାୟଣ ଜଗଦୀଶାନ(୭୦) ପ୍ରଥମ ଉଇକେଟରେ ୧୨୯ ରନ୍ ଯୋଡିଥିଲେ। ତେବେ ଜଗଦୀଶାନ ଆଉଟ ହେବା ପରେ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ମଧ୍ୟକ୍ରମରେ ମୁଶିର ଖାନ୍(୧), ସର୍ଫରାଜ ଖାନ୍(୧୬), ରିଙ୍କୁ ସିଂ(୬) ଓ ନୀତୀଶ ରେଡ୍ଡୀ(୨) ରନ୍ କରି ଆଉଟ ହେବାରୁ ଦଳ



ଶତକ ହାସଲ ପରେ ପ୍ରଥମ ସିଂ।

୨୩୭ ରନରେ ୬ ଉଇକେଟ ହରାଇଥିଲା। ଶେଷ ଭାଗରେ ସାଇ କିଶୋର(୨୧) ଓ ରାହୁଲ ଚହର(୧୮*)ଙ୍କୁ ସାଥୀ କରି ଈଶ୍ୱରନ ଲଢେଇ ଜାରି ରଖିଛନ୍ତି। ଈଶ୍ୱରନ୍ ୨୬୨ ବଲ ଖେଳି ୧୨ ଚୌକା ଓ ୧ ଛକା ମାରିଛନ୍ତି। ଇଣ୍ଡିଆ ସି ପକ୍ଷରୁ ଅଂଶୁଲ କମ୍ବୋଜ ୬୬ ରନ୍‌ରେ ୫ ଉଇକେଟ ନେଇ ମଧ୍ୟକ୍ରମରେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବ୍ୟଶକ ଓ ମୟଙ୍କ ମାର୍କଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

## ଆଜରବୈଜାନ ଗ୍ରାଁ ପ୍ରି

# ଲେକ୍‌ରେକ୍‌ଙ୍କୁ ପୋଲ୍ ପୋଜିଶନ

**ବାକୁ (ଆଜରବୈଜାନ), ୧୪।୯(ଏପି)**

ଫେରାରୀର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ୪ର୍ଥ ବର୍ଷ ଧରି ଆଜରବୈଜାନ ଗ୍ରାଁ ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂରେ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମାକ୍ସ ଭର୍ଷ୍ଟାପେନ୍ ଓ ମ୍ୟାକଲରେନର ଲାଣ୍ଡୋ ନୋରିସ ଯଥାକ୍ରମେ ୬ଷ୍ଠ ଓ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଭର୍ଷ୍ଟାପେନ୍‌ଙ୍କ ନିକଟତର ହେବାକୁ ଚାହୁଁଥିବା ନୋରିସଙ୍କୁ ପ୍ରଥମ ଫାଇନାଲ ଲାପ୍‌ରେ ୟେଲୋ ଫ୍ଲାଗ୍ ହୋଇଥିଲା। ରବିବାର ହୁଏତ ସେ ସମସ୍ୟାରେ ପଡ଼ିପାରନ୍ତି। ରେଡ୍‌ବୁଲର ଭର୍ଷ୍ଟାପେନ୍ ୬ଷ୍ଠ ସ୍ଥାନରେ ରହିଥିଲେ। ତାଙ୍କ ପାଇଁ ସମସ୍ୟା ହେଲା ତାଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ତାଙ୍କଠାରୁ ଦୁଇ ସ୍ଥାନ ଆଗରେ ୪ର୍ଥ ସ୍ଥାନରେ ଅଛନ୍ତି। ଏହା ନୋରିସଙ୍କ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଫେରାରୀର ଲାଣ୍ଡୋ ନୋରିସ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ନୋରିସଙ୍କ ବ୍ରିଟେନ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରି ଫେରାରୀର କାର୍ଲୋସ ସେଞ୍ଜଙ୍କ ଆଗରେ ଏବଂ ଲେକ୍‌ରେକଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଡେଭିସ୍ କପ୍: ସୁଇଡେନ୍ ବିପକ୍ଷରେ ଭାରତ ପଛୁଆ

**ଷ୍ଟକହୋମ୍,୧୪।୯(ପି.ଟି.)**

ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ଟାଇର ସୁଇଡେନ୍ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ୦-୨ରେ ପଛୁଆ ରହିଛି। ଭାରତର ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନ ପରାଜିତ ହୋଇଥିବା ବେଳେ ଭାରତ ପଛୁଆ ରହିଛି। ଡବଲ୍ସ ସ୍ପେସିଆଲିଷ୍ଟ ବାଲାଜୀ ପ୍ରଥମ ଟାଇର ସିଙ୍ଗଲ୍ସ ଖେଳିବାକୁ ଓହ୍ଲାଇଥିବା ବେଳେ ଏଲିଆସ୍ ୟେମରଙ୍କ ନିକଟରୁ ପରାଜିତ ହୋଇଥିଲେ। ୬-୪, ୬-୨ରେ ବାଲାଜୀ ହାରି ଯାଇଥିଲେ। ସିଙ୍ଗଲ୍ସ ଖେଳାଳି ସୁମିତ୍ ନାଗାଲ ପିଠି ସମସ୍ୟା କାରଣରୁ ଓହରି ଯିବା ଫଳରେ ବାଲାଜୀଙ୍କୁ ଖେଳାଇବାକୁ ବାଧ୍ୟ ହୋଇଥିଲା ଭାରତ। ଅନ୍ୟ ପକ୍ଷରେ ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ରାମନାଥନ ବିଶ୍ୱ ମାନ୍ୟତାର ୬୦୩ ନମ୍ବର ସ୍ଥାନରେ ଥିବା ଲିଓ ବର୍ଗଙ୍କ ନିକଟରୁ ୬-୩, ୬-୩ ସେଟରେ ପରାଜିତ ହୋଇଥିଲେ। ଟେନିସ୍ କିମ୍ବଦନ୍ତୀ ବ୍ୟୋନ ବର୍ଗଙ୍କ ପୁଅ ହେଉଛି ଲିଓ।




# ଓଡ଼ିଶା ବାଳିକା ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର,୧୪।୯(ସରୋଜ ଜେନା)**

**ଜାତୀୟ ସବ୍ ଜୁନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍**

ପୁଣେର ବଲେବାଡିସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ୨୨ ଦଳ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା ଓଡ଼ିଶା ବାଳିକା ଦଳ। ପୁଲ୍ ବିରେ ସ୍ଥାନ ପାଇଥିବା ଓଡ଼ିଶା ଗ୍ରୁପ୍ ପର୍ଯ୍ୟାୟରେ ଜମ୍ମୁ କଶ୍ମୀରକୁ ୩-୨, ମହାରାଷ୍ଟ୍ରକୁ ୨-୦, ତାମିଲନାଡୁକୁ ୨-୧ ଓ ଗୋଆକୁ ୧୧-୦ ଗୋଲରେ ପରାସ୍ତ କରି କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କର୍ନାଟକ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚକୁ ୫-୪ ଗୋଲରେ ଜିତି ନେଇଥିଲା ଓଡ଼ିଶା। ତେବେ ରାଜସ୍ଥାନ ବିପକ୍ଷ ସେମି ଫାଇନାଲକୁ ଦଳ ୧୧-୫ ରେ ପରାଜିତ ହୋଇଥିଲା। ଅଧିନାୟିକା ଅଶ୍ଳେଷା ପଣ୍ଡା ସର୍ବାଧିକ ୨୭ ଗୋଲ ସ୍କୋର କରିଥିଲେ।

ଭାରତୀୟ ରୋଲ୍ ବଲ୍ ଫେଡେରେଶନ(ଆରବିଏଫ୍ଆଇ) ସଭାପତି ତପନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଚେତନ ଭଣ୍ଡାଲକର ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ଆରବିଏଫ୍ଆଇର ସଦସ୍ୟ ପାର୍ଥ ସାରଥୀ ଜେନା, ବିଜୟ ବେହେରା, ପ୍ରୀତିଶ ଆର୍ଯ୍ୟନ ଜେନା ଓ ସୂର୍ଯ୍ୟସ୍ନାତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ବାଳିକା ଦଳର ଖେଳାଳିମାନେ ।

# ଆମେରିକାକୁ ଶୀର୍ଷ ସ୍ଥାନ

**ଝୁହାଇ (ଚାଇନା), ୧୪।୯ (ଏପି)**

ଜର୍ମାନୀକୁ ୨-୧ ଗୋଲ୍‌ରେ ପରାସ୍ତ କରିବା ଦ୍ୱାରା ଆମେରିକା ୮ଟି ଦଳକୁ ନେଇ ହେବାକୁଥିବା ଡେଭିସ୍‌କପ୍ ଫାଇନାଲ୍ସ ପାଇଁ ନିଜ ଗ୍ରୁପ୍‌ରେ ଟପ୍ ସିଡ୍ ମାନ୍ୟତା ପାଇଛି। ଉଭୟ ଦଳ ଅପରାଜିତ ରହି ପୂର୍ବରୁ ଫାଇନାଲ୍ସରେ ପ୍ରବେଶ କରି ସାରିଛନ୍ତି। ହେଲେ ମାଲାଗାଠାରେ ସିଡିଂ ପାଇଁ ଏହି ମ୍ୟାଚ ଖେଳାଯାଇଥିଲା। ଟୁର୍ନାମେଣ୍ଟ ନିୟମାନୁସାରେ ଟପ୍ ସିଡ ଦଳ ଚଳିତ ସପ୍ତାହରେ ମାଞ୍ଚେଷ୍ଟର, ବୋଲୋଗ୍ନା ଓ ଭାଲେନ୍‌ସିଆରେ ଅନୁଷ୍ଠିତ ହେଉଥିବା ଅନ୍ୟ ତିନୋଟି ଗ୍ରୁପ୍ ମ୍ୟାଚର ଗୋଟି ରନରଅପ୍ ବିପକ୍ଷରେ କ୍ୱାର୍ଟରଫାଇନାଲ ଖେଳିବ। ଚାଇନାର ଝୁହାଇଠାରେ ଆମେରିକା ଏହାର ଉଭୟ ସିଙ୍ଗଲ୍ସ ମ୍ୟାଚ ଜିତିଥିଲା। ରିଲି ଓପେଲ୍‌କା ୬-୭(୪),୭-୬(୯),୬-୩ରେ ହେନ୍‌ରୀ ସ୍କୁଇରିଙ୍କୁ ପରାସ୍ତ କରିଥିବା ବେଳେ ବ୍ରାଣ୍ଡନ ନାକାଶିମା ୬-୪, ୬-୨ରେ ମାକ୍ସିମିଲାନ ମାର୍ଟରରଙ୍କୁ ହରାଇ ଦେଇଛନ୍ତି।

**ଟାଟା ଫ୍ରେଣ୍ଡଶିପ୍ କପ୍ ଫୁଟ୍‌ବଲ**

# ଲିଡର୍ସ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)**

ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଶନିବାର ଟାଟା ଫ୍ରେଣ୍ଡଶିପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାର ଫାଇନାଲରେ ଅଫିସର୍ସ ଏକାଦଶକୁ ପେନାଲ୍ଟି ଶୁଟ୍‌ଆଉଟ ୩-୦ ଗୋଲରେ ହରାଇ ଲିଡର୍ସ ଏକାଦଶ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ନାଭାଲ ଟାଟା ହକି ଏକାଡେମୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍‌ଙ୍କ ନେତୃତ୍ୱାଧୀନ ଟାଟା ଷ୍ଟିଲ୍ ଏକାଦଶ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଲିଡର୍ସ ଏକାଦଶ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ନେତୃତ୍ୱରେ ଅଫିସର୍ସ ଏକାଦଶ ଏବଂ ସନ୍ଦୀପ ମିଶ୍ରଙ୍କ ନେତୃତ୍ୱରେ ମିଡିଆ ଏକାଦଶ ଏହି ପ୍ରତିଯୋଗିତାରେ ଖେଳିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପାର୍ଲାମେଣ୍ଟାରୀ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ବିଧାୟକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୩ ମହିଳା ବିଧାୟିକା ସୋଫିଆ ଫିରଦୋସ, ଉପାସନା ମହାପାତ୍ର ଓ ସଞ୍ଜଲି ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ମ୍ୟାଚରେ ଲିଡର୍ସ ଏକାଦଶର ଫକୀର ନାୟକ, ଦ୍ୱିତୀୟ ମ୍ୟାଚରେ ଅଫିସର୍ସ ଏକାଦଶର ମନୋଜ ଆହୁଜା ଏବଂ ଫାଇନାଲରେ ଲିଡର୍ସ ଏକାଦଶର ରମାକାନ୍ତ ଭୋଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମିଡିଆ ଏକାଦଶ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ଲାଭ କରିଥିଲା। ଲିଡର୍ସ ଏକାଦଶର ସିଦ୍ଧାନ୍ତ ମହାପାତ୍ର ଶ୍ରେଷ୍ଠ ଗୋଲକିପର, ରବି ନାରାୟଣ ନାୟକ ଶ୍ରେଷ୍ଠ ଡିଫେଣ୍ଡର, ଅରୁଣ ସାହୁ ଶ୍ରେଷ୍ଠ ଫରୱାର୍ଡ ଓ ଅଫିସର୍ସ ଏକାଦଶର ସୁରେଶ ମହାପାତ୍ର ଶ୍ରେଷ୍ଠ ହାଫ୍, ଧର୍ମା ହାଁସଦା ଟପ୍ ସ୍କୋରର ଓ ଶାଶ୍ୱତ ମହାପାତ୍ର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ପୁରସ୍କାର ପାଇଥିଲେ।



ଟାଟା ଫ୍ରେଣ୍ଡଶିପ୍ କପ୍ ଫୁଟବଲ ଚାମ୍ପିୟନ ଲିଡର୍ସ ଏକାଦଶ ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିଙ୍କ ଗହଣରେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ